# ଧରିତ୍ରୀ
# DHARITRI


ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୩/୨୦୨୪ (୨୦ ପୃଷ୍ଠା) | Bhubaneswar, Tuesday, February 13/2024 | Page 20 | ₹ 7.00

୫୦ଶ ଭାଗ ୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 81 | ମୂଲ୍ୟ ₹୭/-










**ଆଜିର ସମ୍ପାଦକୀୟ** ଅଙ୍ଗଦାନ







ଧରିତ୍ରୀ
DHARITRI
ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୩/୨୦୨୪ | Bhubaneswar, Tuesday, February 13/2024 | ₹ 7.00





ଭୁବନେଶ୍ୱରସ୍ଥିତ ସିଏସ୍ଆଇଆର୍ ଆଇଏମ୍ଏମ୍‌ଟି ପରିସରରେ ଆୟୋଜିତ ଦ୍ୱାଦଶ ପର୍ଯ୍ୟାୟ ରାଷ୍ଟ୍ରୀୟ ରୋଜଗାର ମେଳାରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜଣେ ଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରୁଛନ୍ତି।

# 'ବିକଶିତ ଭାରତର ସଂକଳ୍ପକୁ ସଶକ୍ତ କରୁଛି ଯୁବଶକ୍ତି'

ଭୁବନେଶ୍ୱର,୧୨।୨(ସୁନିତ୍ ମିଶ୍ର)

ସାମର୍ଥ୍ୟବାନ୍ ଯୁବଶକ୍ତି ବିକଶିତ ଭାରତର ସଂକଳ୍ପକୁ ସଶକ୍ତ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସୋମବାର ଭୁବନେଶ୍ୱରରେ ଦ୍ୱାଦଶ ପର୍ଯ୍ୟାୟ ରାଷ୍ଟ୍ରୀୟ ରୋଜଗାର ମେଳାର ଶୁଭାରମ୍ଭ କରିବା ଅବସରରେ ଧର୍ମେନ୍ଦ୍ର ୩୮୪ ଜଣ ନବନିଯୁକ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବିତରଣ କରି କହିଛନ୍ତି, କଠିନ ପରିଶ୍ରମ ପରେ ସଫଳତା ପାଇଥିବା କର୍ମଯୋଗୀ ବନ୍ଧୁମାନଙ୍କୁ ଶୁଭେଚ୍ଛା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରେରଣା ଓ ମାର୍ଗଦର୍ଶନରେ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ରୋଜଗାର ମେଳା ଯୁବତୀ, ଯୁବକମାନଙ୍କୁ ସଶକ୍ତୀକରଣ ଏବଂ ବିକଶିତ ଭାରତରେ ପ୍ରତ୍ୟକ୍ଷ ଭାବେ ସାମିଲ ହେବା ପାଇଁ ସୁଯୋଗ ଦେଉଛି। ନିଯୁକ୍ତି ପାଇଥିବା ଯୁବଶକ୍ତିଙ୍କ ପରିଶ୍ରମ ହିଁ ଦେଶକୁ ବିକଶିତ କରିବ। ଏହି ଗୁରୁ ଦାୟିତ୍ୱକୁ ସୁଚାରୁରୂପେ ପାଳନ କରିବା ପାଇଁ ନିଯୁକ୍ତି ପାଇଥିବା ପ୍ରାର୍ଥୀଙ୍କୁ ଧର୍ମେନ୍ଦ୍ର ପରାମର୍ଶ ଦେବା ସହ ଧନ୍ୟବାଦ ଜଣାଇଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତର ଅର୍ଥନୀତି ମଜଭୁତ ସ୍ଥିତିରେ ପହଞ୍ଚିଛି। ଦେଶ ବିଶ୍ୱର ୫ମ ବୃହତ୍ତମ ଅର୍ଥନୀତି ରାଷ୍ଟ୍ରରେ ପରିଣତ ହୋଇଥିବା ବେଳେ ଆଗାମୀ ୩ ବର୍ଷ ମଧ୍ୟରେ ୩ ନମ୍ବର ଅର୍ଥନୀତି ହେବ। ବର୍ତ୍ତମାନ ସମୟରେ ସ୍କିଲିଂ, ରି-ସ୍କିଲିଂ ଓ ଅପ୍-ସ୍କିଲିଂ ନିତିଦିନିଆ କାର୍ଯ୍ୟରେ ପରିଣତ ହେଲାଣି। ସମୟ ସହ ନୂଆ ନୂଆ ଟେକ୍ନୋଲୋଜି ଆସୁଛି। ☞ପୃଷ୍ଠା-୧୧

# ଗମନାଗମନ ଅସୁବିଧା ଦୂର କରିଛି 'ଲକ୍ଷ୍ମୀ'

## ଆଉ ୫ ଜିଲାରେ ଗଡ଼ିଲା ଲକ୍ଷ୍ମୀ ବସ୍

ଭୁବନେଶ୍ୱର,୧୨।୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବଲାଙ୍ଗୀର, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ୫ ଜିଲାର ୧୩୪୦ଟି ପଞ୍ଚାୟତରେ ୩୦୧ଟି ବସ୍ ଚାଲିଲା। ଏହାଦ୍ୱାରା ୮୩ ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇଛନ୍ତି। ବଲାଙ୍ଗୀରର ୩୧୩ଟି ପଞ୍ଚାୟତରେ ୪୪ଟି ବସ୍ ଦ୍ୱାରା୧୬.୫୦ ଲକ୍ଷ, ବରଗଡ଼ର ୨୪୩ ପଞ୍ଚାୟତରେ ୬୦ଟି ବସ୍ ଦ୍ୱାରା ୧୪ ଲକ୍ଷ ୨୨ ହଜାର ଲୋକ, କେନ୍ଦୁଝରର ୧୫୮ ପଞ୍ଚାୟତରେ ୨୫ଟି ବସ୍ ଦ୍ୱାରା ୧୦ ଲକ୍ଷ ୮୦ହଜାର ଲୋକ ଉପକୃତ ହୋଇଛନ୍ତି। ସେହିପରି ମୟୂରଭଞ୍ଜ ଜିଲାର ୩୮୬ ପଞ୍ଚାୟତରେ ୧୦୭ ବସ୍ ଦ୍ୱାରା ୨୪ ଲକ୍ଷ ୨୦ ହଜାର ଏବଂ ସୁନ୍ଦରଗଡ଼ର ୨୪୦ଟି ପଞ୍ଚାୟତରେ ୬୫ ବସ୍ ଚାଲିବା ଦ୍ୱାରା ୧୭ ଲକ୍ଷ ୨୦ ହଜାର ଲୋକ ଉପକୃତ ହେବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୋ ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କ ଇଚ୍ଛାକୁ ସମ୍ମାନ ଦେଇ ଓଡ଼ିଶା ସରକାର ଯୋଜନା କରନ୍ତି। ୫-ଟି ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲାଗସ୍ତ ପରେ ଲୋକଙ୍କ ଅସୁବିଧାକୁ ଅନୁଭବ କରିଥିଲୁ। ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କର ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଲକ୍ଷ୍ମୀ ବସ୍ ଆମ ଜୀବନକୁ ସହଜ କରିଛି। ଗାଁର ଅର୍ଥନୀତିକୁ ମଜଭୁତ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଆମର ଲକ୍ଷ୍ୟ ରହିଛି। ଲକ୍ଷ୍ମୀ ବସ୍ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଯୋଜନାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ ନେବା ପାଇଁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଆରମ୍ଭ କରାଯାଇଛି। ଏଥିରେ ମା'ମାନଙ୍କ ପାଇଁ ବସ୍ ଟିକେଟ ମୂଲ୍ୟ ଅଧା କରାଯାଇଛି।



- ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ଫେବୃଆରୀ ଶେଷ ସୁଦ୍ଧା ସବୁ ଜିଲାରେ ଚାଲିବ

ଗ୍ରାମାଞ୍ଚଳରେ ଗମନାଗମନର ବହୁ ସମସ୍ୟା ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲାଗସ୍ତ ପରେ ଏ ବିଷୟରେ ଜାଣି ନିଷ୍ପତ୍ତିକ୍ରମେ ଏହି ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ କରାଯାଇଛି। ଗ୍ରାମାଞ୍ଚଳ ଲୋକମାନେ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ତାଙ୍କର ଦୈନନ୍ଦିନ କାର୍ଯ୍ୟ ପାଇଁ ଘର ପାଖରୁ ଏହି ବସ୍‌କୁ ବ୍ୟବହାର କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ବଲାଙ୍ଗୀରଠାରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ସୁନ୍ଦରଗଡରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ, ମୟୂରଭଞ୍ଜଠାରେ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏବଂ ମହିଳା ଶିଶୁ ବିକାଶ ମନ୍ତ୍ରୀ ବାସନ୍ତି ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳ ପରିବାରର ଆର୍ଥିକ ସ୍ଥିତିକୁ ଅନୁଧ୍ୟାନ କରି ମୁଖ୍ୟମନ୍ତ୍ରୀ ଏହି ଲକ୍ଷ୍ମୀ ଯୋଜନା ଆରମ୍ଭ କରିଛନ୍ତି। ଗ୍ରାମାଞ୍ଚଳରେ ଭଲ ସଡ଼କ ନିର୍ମାଣ ହୋଇଛି। ଲକ୍ଷ୍ମୀ ବସ୍ ଦ୍ୱାରା ଗ୍ରାମାଞ୍ଚଳବାସୀଙ୍କର ଯାହା ଅଭାବ ଥିଲା ତାହା ପୂରଣ ହୋଇପାରିଛି ବୋଲି ମନ୍ତ୍ରୀମାନେ କହିଛନ୍ତି। କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ☞ପୃଷ୍ଠା-୧୧




# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୩/୨୦୨୪ | Bhubaneswar, Tuesday, February 13/2024 | ପୃଷ୍ଠା-୧




**ଦଶରଥଙ୍କ ଭୂମିକାରେ ନଜର ଆସିବେ ଅମିତାଭ**

ନୀତୀଶ ତିୱାରୀଙ୍କ 'ରାମାୟଣ'ରେ ଅମିତାଭ ବଚ୍ଚନ ରାଜା ଦଶରଥଙ୍କ ଭୂମିକାରେ ଅଭିନୟ କରିପାରନ୍ତି। ଏନେଇ ବିଗ୍ ବି'ଙ୍କୁ ଆପ୍ରୋଚ କରାଯାଇଛି।

୧୫

୧୬

**ଗୁ ବିଙ୍ଗଫେଙ୍ଗଙ୍କ ଡବଲ୍ ଗୋଲ୍**

ଗୁ ବିଙ୍ଗଫେଙ୍ଗଙ୍କ ଡବଲ୍ ଗୋଲ ବଳରେ ଚାଇନା ଏଫ୍ଆଇଏଚ୍ ପ୍ରୋ ଲିଗ୍ ହକିରେ ଭାରତକୁ ପରାସ୍ତ କରିଛି।






ମଙ୍ଗଳବାର କୃଷକଙ୍କ 'ଦିଲ୍ଲୀ ଚଲୋ' ଅଭିଯାନ ପୂର୍ବରୁ ସିଂଘୁ ସୀମାରେ ପୋଲିସ ପକ୍ଷରୁ ରାସ୍ତା ଅବରୋଧ କରାଯାଉଛି।

# ୮ ପୂର୍ବତନ ନୌସେନା ଅଧିକାରୀଙ୍କୁ ମୁକ୍ତ କଲା କାତାର

**ଗୁପ୍ତଚାରୀ ଅଭିଯୋଗରେ କାତାର ଦ୍ୱାରା ଫାଶୀ ଦଣ୍ଡରେ ଦଣ୍ଡିତ ହୋଇଥିବା ଭାରତର ୮ ଜଣ ପୂର୍ବତନ ନୌସେନା ଅଧିକାରୀଙ୍କୁ ମୁକ୍ତ କରାଯାଇଛି। ୧୬ ମାସ ଧରି ସେଠାକାର ଜେଲ୍‌ରେ ଥିବା ଏହି ଅଧିକାରୀମାନଙ୍କୁ ମୁକ୍ତ କରିବା ପାଇଁ ଭାରତ ପକ୍ଷରୁ ଚାଲିଥିବା ପ୍ରୟାସ ସଫଳ ହୋଇଛି। ଏହାକୁ ଭାରତର ବଡ଼ କୂଟନୈତିକ ବିଜୟ ବୋଲି କୁହାଯାଉଛି।**

## ଭାରତର ବଡ଼ କୂଟନୈତିକ ବିଜୟ

ନୂଆଦିଲ୍ଲୀ,୧୨।୨

୨୦୨୨ ଅକ୍ଟୋବରରୁ ଗିରଫ ହୋଇ କାତାରରେ ବନ୍ଦୀ ଥିବା ଭାରତୀୟ ନୌସେନାର ୮ ଜଣ ପୂର୍ବତନ ଅଧିକାରୀଙ୍କୁ ମୁକ୍ତ କରିଦିଆଯାଇଛି। ସାମୁଦ୍ରିକ କାର୍ଯ୍ୟକ୍ରମରେ ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତ ଥିବା ଅଭିଯୋଗରେ କାତାରର ଏକ ଅଦାଲତ ସେମାନଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ମୁକ୍ତ ହେବା ପରେ ସେମାନଙ୍କ ମଧ୍ୟରୁ ୭ ଜଣ ରବିବାର ରାତି ୨ଟାରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। କମାଣ୍ଡର ପୂର୍ଣ୍ଣେନ୍ଦୁ ତିୱାରୀ ଜେଲରୁ ମୁକ୍ତ ହୋଇଥିଲେ ମଧ୍ୟ ଏବେ ଦୋହାରେ ଅଛନ୍ତି। କାଗଜପତ୍ର କାମ ସରିବା ପରେ ସେ ଖୁବ୍‌ଶୀଘ୍ର ଫେରିବେ ବୋଲି ଜଣାପଡ଼ିଛି। ମୃତ୍ୟୁଦଣ୍ଡ ପାଇଥିବା ନୌସେନା ଭେଟେରାନମାନଙ୍କୁ ଫେରାଇଆଣିବା ଭାରତ ପାଇଁ ଏକ

### ୧୪ରେ କାତାର ଯିବେ ପ୍ରଧାନମନ୍ତ୍ରୀ

ବଡ଼ କୂଟନୈତିକ ବିଜୟ। କୋର୍ଟ ବାହାରେ ମାମଲାର ସମାଧାନ ହୋଇଯାଇଛି। ଏହାର ସମସ୍ତ ଶ୍ରେୟ ଭାରତୀୟ କୂଟନୈତିକ ମିଶନ ଏବଂ ସରକାରଙ୍କୁ ଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ କାତାର ଅମିରଙ୍କ ସହ କଥା ହୋଇଥିଲେ, ଯାହା କି କାମ ଦେଇଛି ବୋଲି ଏକ ସୂତ୍ରରୁ କୁହାଯାଇଛି। କାତାର ଜେଲରୁ ସେମାନଙ୍କୁ ମୁକ୍ତ କରାଇବା ଲାଗି ଦିଲ୍ଲୀର ଉଦ୍ୟମକୁ ନିଜେ ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବେ ତଦାରଖ କରୁଥିଲେ। ସେମାନେ ମୁକ୍ତ ହେବା ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱର ପ୍ରମାଣ ଏବଂ ଭାରତ-କାତାର ସମ୍ପର୍କର ଶକ୍ତିକୁ ପ୍ରତିଫଳନ କରୁଛି ବୋଲି ବହିର୍ବ୍ୟାପାର ସଚିବ ବିନୟ ମୋହନ କ୍ୱାତ୍ରା କହିଛନ୍ତି। ପ୍ରଧାନମନ୍ତ୍ରୀ ଦୁଇଦିନିଆ ୟୁଏଇ ଗସ୍ତ ଶେଷ କରି ଆସନ୍ତା ୧୪ ତାରିଖ ଅପରାହ୍ଣରେ କାତାର ଯିବେ ବୋଲି କ୍ୱାତ୍ରା ସୂଚନା ଦେଇଛନ୍ତି। ବୁଧବାର ଆବୁଧାବୀରେ ପ୍ରଧାନମନ୍ତ୍ରୀ ପ୍ରଥମ ହିନ୍ଦୁ ମନ୍ଦିର ଉଦ୍‌ଘାଟନ ☞ପୃଷ୍ଠା-୧୧

# ଦେବାଶିଷ, ସୁଭାଶିଷ ବିଜେଡିର ରାଜ୍ୟ ସଭା ପ୍ରାର୍ଥୀ

## ତୃତୀୟ ଆସନ ନେଇ ଚର୍ଚ୍ଚା ବଢ଼ିଲା

ଭୁବନେଶ୍ୱର,୧୨।୨(ସୁନିତ୍ ମିଶ୍ର)



ଦେବାଶିଷ ସାମନ୍ତରାୟ



ଶୁଭାଶିଷ ଖୁଣ୍ଟିଆ

ଓଡ଼ିଶାର ୩ ରାଜ୍ୟ ସଭା ସାଂସଦ ଅମର ପଟ୍ଟନାୟକ, ପ୍ରଶାନ୍ତ ନନ୍ଦ ଏବଂ ଅଶ୍ୱିନୀ ବୈଷ୍ଣବଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୩ ତାରିଖରେ ଶେଷ ହେଉଛି। ଏହି ୩ ଆସନ ଲାଗି ଆସନ୍ତା ୨୭ ତାରିଖରେ ନିର୍ବାଚନ ହେବ ବୋଲି ଗତ ୮ ତାରିଖରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ତେବେ ଏହି ୩ ଆସନ ଭିତରୁ ୨ଟି ଆସନ ଲାଗି ବିଜେଡି ପକ୍ଷରୁ ସୋମବାର ପ୍ରାର୍ଥୀ ଘୋଷଣା କରାଯାଇଛି। କଟକର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଏବଂ ପୁରୀର ଯୁବ ନେତା ଶୁଭାଶିଷ ଖୁଣ୍ଟିଆଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଏନେଇ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧିବଦ୍ଧ ଭାବେ ଦଳୀୟ ବିଜ୍ଞପ୍ତି ଜାରି କରିଛନ୍ତି। ରାଜ୍ୟ ସଭା ନିର୍ବାଚନ ଲାଗି ଆସନ୍ତା ୧୫ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରହିଛି। ଯଦି ୩ରୁ ଅଧିକ ପ୍ରାର୍ଥୀ ରୁହନ୍ତି ତେବେ ଆସନ୍ତା ୨୭ ତାରିଖରେ ଭୋଟ୍ ଗ୍ରହଣ କରାଯିବ। ☞ପୃଷ୍ଠା-୧୧

# ବ୍ୟାଗ୍‌କୁ ବିରୋଧ, ବ୍ୟାଗ୍ ଦେଲେ

## ରାଶନ ହିତାଧିକାରୀ ପରିବାରକୁ ୧୦୦୦ ଟଙ୍କା

ଭୁବନେଶ୍ୱର,୧୨।୨(ଅନିଲ ଦାସ)

ଫୁଲବାଣୀ ସହର ମାଷ୍ଟ୍ରପଡ଼ାଠାରେ ଏକ ରାଶନ ଦୋକାନରେ ୫-ଟି ଏବଂ ଶଙ୍ଖ ଚିହ୍ନ ଫଟୋ ଥିବା ବ୍ୟାଗ୍ ବଣ୍ଟନକୁ ଭାଜପା କର୍ମୀ ବିରୋଧ କରିବାର ଦୃଶ୍ୟ ରବିବାର ଦେଖିବାକୁ ମିଳିଥିଲା। ଏହାର ଦିନକ ପରେ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ସମସ୍ତ ହିତାଧିକାରୀ ପରିବାରକୁ ୧୦୦୦ ଟଙ୍କା ଲେଖାଏ ସହାୟତା ରାଶି ଏବଂ ୨ଟି ୧୦ ଓ ୨୦ କେଜିଆ ଝୋଟ ବ୍ୟାଗ ଦେବାକୁ ନିଷ୍ପତ୍ତି

### କ୍ୟାବିନେଟ ନିଷ୍ପତ୍ତି

- ଏମ୍ଏମ୍‌କେୱାଇରେ ଖର୍ଚ୍ଚ ହେବ ୪୪୮ କୋଟି
- ଉପକୃତ ହେବେ ୧୧ ହଜାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ
- ୨୭ ପ୍ରସ୍ତାବକୁ କ୍ୟାବିନେଟ ମୋହର

ନେଇଛନ୍ତି। ବଜାରରେ ଦରଦାମ୍ ବୃଦ୍ଧି ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରିବାରେ ଏହି ସହାୟତା ସାହାଯ୍ୟ କରିବ। ଏଥିସହିତ ଝୋଟ ବ୍ୟାଗ ସରକାରୀ ପାଇକାରୀ ଦୋକାନ(ପିଡିଏସ୍)ରୁ ଚାଉଳ ଆଣିବା ସହିତ ବଜାରରୁ ଅନ୍ୟାନ୍ୟ ସାମଗ୍ରୀ କ୍ରୟ କରିବାରେ ସହାୟକ ହେବ। ରାଜ୍ୟର ୯୫.୯୦ ଲକ୍ଷ ହିତାଧିକାରୀ ପରିବାରଙ୍କ ପାଇଁ ଖାଦ୍ୟ ଓ ପୁଷ୍ଟି ସୁରକ୍ଷା ସୁନିଶ୍ଚିତ କରିବା ପରେ ସେମାନଙ୍କ ସୁଗମ ଜୀବିକା ନିର୍ବାହ ନିମନ୍ତେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ଥିବା ୯୫.୯୦ ଲକ୍ଷ ହିତାଧିକାରୀ ପରିବାରଙ୍କୁ ୧,୯୧,୮୧,୦୫୨ ଝୋଟ ବ୍ୟାଗ ଦିଆଯିବ। ☞ପୃଷ୍ଠା-୧୧

## ବେକାରିଙ୍କ ପାଇଁ 'ସ୍ୱୟଂ'

### ବ୍ୟବସାୟ ପାଇଁ ମିଳିବ ବିନା ସୁଧରେ ୧ ଲକ୍ଷ ଟଙ୍କା ଋଣ

ଭୁବନେଶ୍ୱର,୧୨।୨(ଅନିଲ ଦାସ)

ବେକାରି ଯୁବତୀଯୁବକମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ରାଜ୍ୟ ସରକାର ନୂତନ ଯୋଜନା 'ସ୍ୱତନ୍ତ୍ର ଯୁବ ଉଦ୍ୟମୀ (ସ୍ୱୟଂ)' ଆରମ୍ଭ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ରାଜ୍ୟର ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବାସ କରୁଥିବା ବେକାରି ଯୁବତୀଯୁବକମାନଙ୍କୁ ରୋଜଗାରକ୍ଷମ କରିବା ନିମନ୍ତେ ୧ ଲକ୍ଷ ଟଙ୍କାର ଋଣ ବିନା ସୁଧରେ ଯୋଗାଇ ଦିଆଯିବ। ଏହାଦ୍ୱାରା ସେମାନେ ନିଜର ଦକ୍ଷତା ଅନୁଯାୟୀ କ୍ଷୁଦ୍ର, ଲଘୁ ଉଦ୍ୟୋଗ କିମ୍ବା ବ୍ୟବସାୟ ଆରମ୍ଭ କରିପାରିବେ। କ୍ରେଡିଟ ଗ୍ୟାରେଣ୍ଟି ଫଣ୍ଡ୍ ଟ୍ରଷ୍ଟ ଫର୍ ମାଇକ୍ରୋ ଆଣ୍ଡ୍ ସ୍ମଲ୍ ଇଣ୍ଟରପ୍ରାଇଜେସ୍ (ସିଜିଟିଏମ୍ଏସ୍ଇ) ☞ପୃଷ୍ଠା-୧୧

# ମହାରାଷ୍ଟ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ୍‌ଙ୍କ କଂଗ୍ରେସରୁ ଇସ୍ତଫା

## ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା

ମୁମ୍ବାଇ, ୧୨।୨



ଅଶୋକ ଚଭନ୍

ଲୋକ ସଭା ନିର୍ବାଚନ ପୂର୍ବରୁ ମହାରାଷ୍ଟ୍ରରେ କଂଗ୍ରେସକୁ ପୁଣି ବଡ଼ ଝଟ୍‌କା ଲାଗିଛି। ବରିଷ୍ଠ ନେତା ମିଲିନ୍ଦ ଦେଓରା ଓ ବାବା ସିଦ୍ଦିକୀଙ୍କ ପରେ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ୍। ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ମହା ବିକାଶ ଅଘାଡ଼ି ତରଫରୁ ସିଟ୍ ବୁଝାମଣା ବିଳମ୍ବ ହେଉଥିବା ନେଇ ଗତ କିଛିଦିନ ହେବ ଅଶୋକ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ସେ କେଉଁ ଦଳରେ ଯୋଗଦେବେ ସେନେଇ କୌଣସି ନିଷ୍ପତ୍ତି ନେଇ ନ ଥିବା ପ୍ରକାଶ କରିଛନ୍ତି। କୌଣସି ଦଳ ସହ ସମ୍ପର୍କ ସ୍ଥାପନ ହୋଇ ନ ଥିବା କହିବା ସହ ଆଗାମୀ କିଛି ଦିନ ମଧ୍ୟରେ ସେ ଏନେଇ ନିଷ୍ପତ୍ତି ନେବେ ବୋଲି ସୂଚନା ଦେଇଛନ୍ତି। ତେବେ ବିଭିନ୍ନ ରିପୋର୍ଟରୁ ମିଳୁଥିବା ଖବର ଅନୁଯାୟୀ ଅଶୋକ ଖୁବ୍‌ଶୀଘ୍ର ଭାଜପାରେ ଯୋଗ ଦେଇ ରାଜ୍ୟ ସଭା ଟିକେଟ ପାଇବାର ମଧ୍ୟ ସମ୍ଭାବନା ରହିଛି। ନିଜ ରାଜନୈତିକ କ୍ୟାରିଅରରେ ୪ ଥର ବିଧାୟକ ଓ ୨ ଥର ଏମ୍‌ପି ଭାବେ ☞ପୃଷ୍ଠା-୧୧

# ମୁଖାଗ୍ନି ପୂର୍ବରୁ ଜୁଇରେ ଆଖି ଖୋଲିଲେ ମହିଳା

## ପକ୍ଷାଘାତ ସ୍ତ୍ରୀଙ୍କୁ ବଞ୍ଚାଇବାକୁ ସ୍ୱାମୀଙ୍କ ନିବେଦନ

ବ୍ରହ୍ମପୁର,୧୨।୨(ତନୁଶ୍ରୀ ନାହାକ/ସ୍ମୃତି ରଞ୍ଜନ ମହାଲିକ)

କଥାରେ ଅଛି, ଦଣ୍ଡେ ନିମିଷେ ଥିଲେ ପ୍ରାଣ, ନେଇ ନ ପାରେ ଜନ୍ତୁରାଣ। ଠିକ୍ ଏମିତି ଏକ ସତ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ବ୍ରହ୍ମପୁରରେ। ଜୁଇରେ ନିଆଁ ଲାଗିବା ପୂର୍ବରୁ ମୃତ ମହିଳା ଜୀବିତ ହୋଇଛନ୍ତି। ବ୍ରହ୍ମପୁର ମହାନଗରର ୨୫ ନଂ. ୱାର୍ଡସ୍ଥିତ ବିଜିପୁର ଶ୍ମଶାନରେ ସୋମବାର ଏଭଳି ଅବିଶ୍ୱସନୀୟ ଘଟଣା ଘଟିଛି। ଜୁଇରୁ ମହିଳାଙ୍କୁ ଘରକୁ ନିଆଯାଇଛି। ସେ ପକ୍ଷାଘାତରେ ପୀଡ଼ିତ ଥିବାରୁ ତାଙ୍କୁ ବଞ୍ଚାଇ ଦେବାକୁ ଆର୍ଥିକ ଅନଟନରେ ଦିନ କାଟୁଥିବା ସ୍ୱାମୀ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ବ୍ରହ୍ମପୁର ମହାନଗରର ୨୮ନଂ ୱାର୍ଡସ୍ଥିତ ଗୁଡସରୋଡ ତ୍ରିନାଥ ମନ୍ଦିର ସାହିର ଶିବରାମ ପାଳ(୫୪) ଓ ସ୍ତ୍ରୀ ବୁଚି ଆମ୍ମା(୫୦) ରୁହନ୍ତି। ସେମାନଙ୍କର କୌଣସି ସନ୍ତାନ ନାହାନ୍ତି। ବୁଚି ଆମ୍ମା ୭ ବର୍ଷ ହେଲା ପକ୍ଷାଘାତରେ ପୀଡ଼ିତ। ଶିବରାମ ବ୍ରହ୍ମପୁର ରେଳ ଷ୍ଟେଶନରେ ଏକ ଜଳଖିଆ ଦୋକାନରେ ରୋଷେୟା ଭାବେ କାର୍ଯ୍ୟ କରନ୍ତି। ସେଠାରୁ ମିଳୁଥିବା ପ୍ରାପ୍ୟ ସ୍ତ୍ରୀଙ୍କ ଚିକିତ୍ସା ବାବଦରେ ଖର୍ଚ୍ଚ ହୋଇଯାଏ। ଗତ ୧ ତାରିଖ ସନ୍ଧ୍ୟାରେ ବୁଚି ଆମ୍ମା ବହୁ କଷ୍ଟରେ ଉଠି ରୋଷେଇ ଘରକୁ ଚା' କରିବାକୁ ଯାଇଥିବା ବେଳେ କୌଣସି ପ୍ରକାରେ ଗ୍ୟାସ୍‌ରୁ ନିଆଁ ଲାଗି ପୋଡି ହୋଇ ଯାଇଥିଲେ। ପଡୋଶୀମାନେ ତାଙ୍କ ପାଟି ଶୁଣି ଶିବରାମଙ୍କୁ ଖବର ଦେଇଥିଲେ। ପରେ ବୁଚି ଆମ୍ମାଙ୍କୁ ଏମ୍‌କେସିଜି ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କର ଚିକିତ୍ସା କରିବା ସହ ଇଞ୍ଜେକସନ ଦେଇଥିଲେ। ସାଲାଇନ ଲଗାଇବା ନିମନ୍ତେ ଶିରାପ୍ରଶିରା ଜଣା ନ ପଡ଼ିବାରୁ ଡାକ୍ତର ତାଙ୍କୁ ଘରକୁ ନେଇଯିବା ପାଇଁ କହିଥିଲେ। ତେଣୁ ଶିବରାମ ସ୍ତ୍ରୀଙ୍କୁ ଧରି ଘରକୁ ଆଣି ତାଙ୍କର ସମସ୍ତ ସେବା ଶୁଶ୍ରୂଷା କରୁଥିଲେ। ସୋମବାର ଭୋର ପ୍ରାୟ ସାଢ଼େ ୫ଟାରେ ☞ପୃଷ୍ଠା-୧୧






**ଦଶରଥଙ୍କ ଭୂମିକାରେ ନଜର ଆସିବେ ଅମିତାଭ**

ନୀତୀଶ ତିୱାରୀଙ୍କ 'ରାମାୟଣ'ରେ ଅମିତାଭ ବଚ୍ଚନ ରାଜା ଦଶରଥଙ୍କ ଭୂମିକାରେ ଅଭିନୟ କରିପାରନ୍ତି। ଏନେଇ ବିଗ୍ ବି'ଙ୍କୁ ଆପ୍ରୋଚ କରାଯାଇଛି। ୧୫

୧୬ **ଗୁ ବିଙ୍ଗଫେଙ୍ଗଙ୍କ ଡବଲ୍ ଗୋଲ୍**

ଗୁ ବିଙ୍ଗଫେଙ୍ଗଙ୍କ ଡବଲ୍ ଗୋଲ ବଳରେ ଚାଇନା ଏଫ୍ଆଇଏଚ୍ ପ୍ରୋ ଲିଗ୍ ହକିରେ ଭାରତକୁ ପରାସ୍ତ କରିଛି।





ମଙ୍ଗଳବାର କୃଷକଙ୍କ 'ଦିଲ୍ଲୀ ଚଲୋ' ଅଭିଯାନ ପୂର୍ବରୁ ସିଂଘୁ ସୀମାରେ ପୋଲିସ ପକ୍ଷରୁ ରାସ୍ତା ଅବରୋଧ କରାଯାଉଛି।

# ୮ ପୂର୍ବତନ ନୌସେନା ଅଧିକାରୀଙ୍କୁ ମୁକ୍ତ କଲା କାତାର

**ଗୁପ୍ତଚାରୀ ଅଭିଯୋଗରେ କାତାର ଦ୍ୱାରା ଫାଶୀ ଦଣ୍ଡରେ ଦଣ୍ଡିତ ହୋଇଥିବା ଭାରତର ୮ ଜଣ ପୂର୍ବତନ ନୌସେନା ଅଧିକାରୀଙ୍କୁ ମୁକ୍ତ କରାଯାଇଛି। ୧୬ ମାସ ଧରି ସେଠାକାର ଜେଲ୍‌ରେ ଥିବା ଏହି ଅଧିକାରୀମାନଙ୍କୁ ମୁକ୍ତ କରିବା ପାଇଁ ଭାରତ ପକ୍ଷରୁ ଚାଲିଥିବା ପ୍ରୟାସ ସଫଳ ହୋଇଛି। ଏହାକୁ ଭାରତର ବଡ଼ କୂଟନୈତିକ ବିଜୟ ବୋଲି କୁହାଯାଉଛି।**

## ଭାରତର ବଡ଼ କୂଟନୈତିକ ବିଜୟ

ନୂଆଦିଲ୍ଲୀ,୧୨।୨

୨୦୨୨ ଅକ୍ଟୋବରରୁ ଗିରଫ ହୋଇ କାତାରରେ ବନ୍ଦୀ ଥିବା ଭାରତୀୟ ନୌସେନାର ୮ ଜଣ ପୂର୍ବତନ ଅଧିକାରୀଙ୍କୁ ମୁକ୍ତ କରିଦିଆଯାଇଛି। ସାମୁଦ୍ରିକ କାର୍ଯ୍ୟକ୍ରମରେ ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତ ଥିବା ଅଭିଯୋଗରେ କାତାରର ଏକ ଅଦାଲତ ସେମାନଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ମୁକ୍ତ ହେବା ପରେ ସେମାନଙ୍କ ମଧ୍ୟରୁ ୭ ଜଣ ରବିବାର ରାତି ୨ଟାରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। କମାଣ୍ଡର ପୂର୍ଣ୍ଣେନ୍ଦୁ ତିୱାରୀ ଜେଲରୁ ମୁକ୍ତ ହୋଇଥିଲେ ମଧ୍ୟ ଏବେ ଦୋହାରେ ଅଛନ୍ତି। କାଗଜପତ୍ର କାମ ସରିବା ପରେ ସେ ଖୁବ୍‌ଶୀଘ୍ର ଫେରିବେ ବୋଲି ଜଣାପଡ଼ିଛି। ମୃତ୍ୟୁଦଣ୍ଡ ପାଇଥିବା ନୌସେନା ଭେଟେରାନମାନଙ୍କୁ ଫେରାଇଆଣିବା ଭାରତ ପାଇଁ ଏକ ବଡ଼ କୂଟନୈତିକ ବିଜୟ। କୋର୍ଟ ବାହାରେ ମାମଲାର ସମାଧାନ ହୋଇଯାଇଛି। ଏହାର ସମସ୍ତ ଶ୍ରେୟ ଭାରତୀୟ କୂଟନୈତିକ ମିଶନ ଏବଂ ସରକାରଙ୍କୁ ଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ କାତାର ଅମିରଙ୍କ ସହ କଥା ହୋଇଥିଲେ, ଯାହା କି କାମ ଦେଇଛି ବୋଲି ଏକ ସୂତ୍ରରୁ କୁହାଯାଇଛି। କାତାର ଜେଲରୁ ସେମାନଙ୍କୁ ମୁକ୍ତ କରାଇବା ଲାଗି ଦିଲ୍ଲୀର ଉଦ୍ୟମକୁ ନିଜେ ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବେ ତଦାରଖ କରୁଥିଲେ। ସେମାନେ ମୁକ୍ତ ହେବା ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱର ପ୍ରମାଣ ଏବଂ ଭାରତ-କାତାର ସମ୍ପର୍କର ଶକ୍ତିକୁ ପ୍ରତିଫଳନ କରୁଛି ବୋଲି ବହିର୍ବ୍ୟାପାର ସଚିବ ବିନୟ ମୋହନ କ୍ୱାତ୍ରା କହିଛନ୍ତି। ପ୍ରଧାନମନ୍ତ୍ରୀ ଦୁଇଦିନିଆ ୟୁଏଇ ଗସ୍ତ ଶେଷ କରି ଆସନ୍ତା ୧୪ ତାରିଖ ଅପରାହ୍ନରେ କାତାର ଯିବେ ବୋଲି କ୍ୱାତ୍ରା ସୂଚନା ଦେଇଛନ୍ତି। ବୁଧବାର ଆବୁଧାବୀରେ ପ୍ରଧାନମନ୍ତ୍ରୀ ପ୍ରଥମ ହିନ୍ଦୁ ମନ୍ଦିର ଉଦ୍‌ଘାଟନ ☞ପୃଷ୍ଠା-୧୧

### ୧୪ରେ କାତାର ଯିବେ ପ୍ରଧାନମନ୍ତ୍ରୀ

# ଦେବାଶିଷ, ସୁଭାଶିଷ ବିଜେଡିର ରାଜ୍ୟ ସଭା ପ୍ରାର୍ଥୀ

## ତୃତୀୟ ଆସନ ନେଇ ଚର୍ଚ୍ଚା ବଢ଼ିଲା

ଭୁବନେଶ୍ୱର,୧୨।୨(ସୁନିତ୍ ମିଶ୍ର)

ଓଡ଼ିଶାର ୩ ରାଜ୍ୟ ସଭା ସାଂସଦ ଅମର ପଟ୍ଟନାୟକ, ପ୍ରଶାନ୍ତ ନନ୍ଦ ଏବଂ ଅଶ୍ୱିନୀ ବୈଷ୍ଣବଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୩ ତାରିଖରେ ଶେଷ ହେଉଛି। ଏହି ୩ ଆସନ ଲାଗି ଆସନ୍ତା ୨୭ ତାରିଖରେ ନିର୍ବାଚନ ହେବ ବୋଲି ଗତ ୮ ତାରିଖରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ତେବେ ଏହି ୩ ଆସନ ଭିତରୁ ୨ଟି ଆସନ ଲାଗି ବିଜେଡି ପକ୍ଷରୁ ସୋମବାର ପ୍ରାର୍ଥୀ ଘୋଷଣା କରାଯାଇଛି। କଟକର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଏବଂ ପୁରୀର ଯୁବ ନେତା ଶୁଭାଶିଷ ଖୁଣ୍ଟିଆଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଏନେଇ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧିବଦ୍ଧ ଭାବେ ଦଳୀୟ ବିଜ୍ଞପ୍ତି ଜାରି କରିଛନ୍ତି। ରାଜ୍ୟ ସଭା ନିର୍ବାଚନ ଲାଗି ଆସନ୍ତା ୧୫ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରହିଛି। ଯଦି ୩ରୁ ଅଧିକ ପ୍ରାର୍ଥୀ ରୁହନ୍ତି ତେବେ ଆସନ୍ତା ୨୭ ତାରିଖରେ ଭୋଟ୍ ଗ୍ରହଣ କରାଯିବ। ☞ପୃଷ୍ଠା-୧୧



ଦେବାଶିଷ ସାମନ୍ତରାୟ



ଶୁଭାଶିଷ ଖୁଣ୍ଟିଆ

# ବ୍ୟାଗ୍‌କୁ ବିରୋଧ, ବ୍ୟାଗ୍ ଦେଲେ

## ରାଶନ ହିତାଧିକାରୀ ପରିବାରକୁ ୧୦୦୦ ଟଙ୍କା

ଭୁବନେଶ୍ୱର,୧୨।୨(ଅନିଲ ଦାସ)

ଫୁଲବାଣୀ ସହର ମାଷ୍ଟ୍ରପଡ଼ାଠାରେ ଏକ ରାଶନ ଦୋକାନରେ ୫-ଟି ଏବଂ ଶଙ୍ଖ ଚିହ୍ନ ଫଟୋ ଥିବା ବ୍ୟାଗ୍ ବଣ୍ଟନକୁ ଭାଜପା କର୍ମୀ ବିରୋଧ କରିବାର ଦୃଶ୍ୟ ରବିବାର ଦେଖିବାକୁ ମିଳିଥିଲା। ଏହାର ଦିନକ ପରେ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ସମସ୍ତ ହିତାଧିକାରୀ ପରିବାରକୁ ୧୦୦୦ ଟଙ୍କା ଲେଖାଏ ସହାୟତା ରାଶି ଏବଂ ୨ଟି ୧୦ ଓ ୨୦ କେଜିଆ ଝୋଟ ବ୍ୟାଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବଜାରରେ ଦରଦାମ୍ ବୃଦ୍ଧି ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରିବାରେ ଏହି ସହାୟତା ସାହାଯ୍ୟ କରିବ। ଏଥିସହିତ ଝୋଟ ବ୍ୟାଗ ସରକାରୀ ପାଇକାରୀ ଦୋକାନ(ପିଡିଏସ୍)ରୁ ଚାଉଳ ଆଣିବା ସହିତ ବଜାରରୁ ଅନ୍ୟାନ୍ୟ ସାମଗ୍ରୀ କ୍ରୟ କରିବାରେ ସହାୟକ ହେବ। ରାଜ୍ୟର ୯୫.୯୦ ଲକ୍ଷ ହିତାଧିକାରୀ ପରିବାରଙ୍କ ପାଇଁ ଖାଦ୍ୟ ଓ ପୁଷ୍ଟି ସୁରକ୍ଷା ସୁନିଶ୍ଚିତ କରିବା ପରେ ସେମାନଙ୍କ ସୁଗମ ଜୀବିକା ନିର୍ବାହ ନିମନ୍ତେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ଥିବା ୯୫.୯୦ ଲକ୍ଷ ହିତାଧିକାରୀ ପରିବାରଙ୍କୁ ୧,୯୧,୮୧,୦୫୨ ଝୋଟ ବ୍ୟାଗ ଦିଆଯିବ। ☞ପୃଷ୍ଠା-୧୧

**କ୍ୟାବିନେଟ ନିଷ୍ପତ୍ତି**

- ଏମ୍ଏମ୍‌କେୱାଇରେ ଖର୍ଚ୍ଚ ହେବ ୪୪୮ କୋଟି
- ଉପକୃତ ହେବେ ୧୧ ହଜାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ
- ୨୭ ପ୍ରସ୍ତାବକୁ କ୍ୟାବିନେଟ ମୋହର

## ବେକାରିଙ୍କ ପାଇଁ 'ସ୍ୱୟଂ'

### ବ୍ୟବସାୟ ପାଇଁ ମିଳିବ ବିନା ସୁଧରେ ୧ ଲକ୍ଷ ଟଙ୍କା ଋଣ

ଭୁବନେଶ୍ୱର,୧୨।୨(ଅନିଲ ଦାସ)

ବେକାରି ଯୁବତୀଯୁବକମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ରାଜ୍ୟ ସରକାର ନୂତନ ଯୋଜନା 'ସ୍ୱତନ୍ତ୍ର ଯୁବ ଉଦ୍ୟମୀ (ସ୍ୱୟଂ)' ଆରମ୍ଭ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ରାଜ୍ୟର ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବାସ କରୁଥିବା ବେକାରି ଯୁବତୀଯୁବକମାନଙ୍କୁ ରୋଜଗାରକ୍ଷମ କରିବା ନିମନ୍ତେ ୧ ଲକ୍ଷ ଟଙ୍କାର ଋଣ ବିନା ସୁଧରେ ଯୋଗାଇ ଦିଆଯିବ। ଏହାଦ୍ୱାରା ସେମାନେ ନିଜର ଦକ୍ଷତା ଅନୁଯାୟୀ କ୍ଷୁଦ୍ର, ଲଘୁ ଉଦ୍ୟୋଗ କିମ୍ବା ବ୍ୟବସାୟ ଆରମ୍ଭ କରିପାରିବେ। କ୍ରେଡିଟ ଗ୍ୟାରେଣ୍ଟି ଫଣ୍ଡ୍ ଟ୍ରଷ୍ଟ ଫର୍ ମାଇକ୍ରୋ ଆଣ୍ଡ୍ ସ୍ମଲ୍ ଇଣ୍ଟରପ୍ରାଇଜେସ୍ (ସିଜିଟିଏମ୍ଏସ୍‌ଇ) ☞ପୃଷ୍ଠା-୧୧

# ମହାରାଷ୍ଟ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ୍‌ଙ୍କ କଂଗ୍ରେସରୁ ଇସ୍ତଫା

## ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା

ମୁମ୍ବାଇ, ୧୨।୨

ଲୋକ ସଭା ନିର୍ବାଚନ ପୂର୍ବରୁ ମହାରାଷ୍ଟ୍ରରେ କଂଗ୍ରେସକୁ ପୁଣି ବଡ଼ ଝଟ୍‌କା ଲାଗିଛି। ବରିଷ୍ଠ ନେତା ମିଲିନ୍ଦ ଦେଓରା ଓ ବାବା ସିଦ୍ଦିକୀଙ୍କ ପରେ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ୍। ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ମହା ବିକାଶ ଅଘାଡ଼ି ତରଫରୁ ସିଟ୍ ବୁଝାମଣା ବିଳମ୍ବ ହେଉଥିବା ନେଇ ଗତ କିଛିଦିନ ହେବ ଅଶୋକ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ସେ କେଉଁ ଦଳରେ ଯୋଗଦେବେ ସେନେଇ କୌଣସି ନିଷ୍ପତ୍ତି ନେଇ ନ ଥିବା ପ୍ରକାଶ କରିଛନ୍ତି। କୌଣସି ଦଳ ସହ ସମ୍ପର୍କ ସ୍ଥାପନ ହୋଇ ନ ଥିବା କହିବା ସହ ଆଗାମୀ କିଛି ଦିନ ମଧ୍ୟରେ ସେ ଏନେଇ ନିଷ୍ପତ୍ତି ନେବେ ବୋଲି ସୂଚନା ଦେଇଛନ୍ତି। ତେବେ ବିଭିନ୍ନ ରିପୋର୍ଟରୁ ମିଳୁଥିବା ଖବର ଅନୁଯାୟୀ ଅଶୋକ ଖୁବ୍‌ଶୀଘ୍ର ଭାଜପାରେ ଯୋଗ ଦେଇ ରାଜ୍ୟ ସଭା ଟିକେଟ ପାଇବାର ମଧ୍ୟ ସମ୍ଭାବନା ରହିଛି। ନିଜ ରାଜନୈତିକ କ୍ୟାରିଅରରେ ୪ ଥର ବିଧାୟକ ଓ ୨ ଥର ଏମ୍‌ପି ଭାବେ ☞ପୃଷ୍ଠା-୧୧



ଅଶୋକ ଚଭନ୍

# ମୁଖାଗ୍ନି ପୂର୍ବରୁ ଜୁଇରେ ଆଖି ଖୋଲିଲେ ମହିଳା

## ପକ୍ଷାଘାତ ସ୍ତ୍ରୀଙ୍କୁ ବଞ୍ଚାଇବାକୁ ସ୍ୱାମୀଙ୍କ ନିବେଦନ

ବ୍ରହ୍ମପୁର,୧୨।୨(ତନୁଶ୍ରୀ ନାହାକ/ସ୍ମୃତି ରଞ୍ଜନ ମହାଲିକ)

କଥାରେ ଅଛି, ଦଣ୍ଡେ ନିମିଷେ ଥିଲେ ପ୍ରାଣ, ନେଇ ନ ପାରେ ଜନ୍ତୁରାଣ। ଠିକ୍ ଏମିତି ଏକ ସତ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ବ୍ରହ୍ମପୁରରେ। ଜୁଇରେ ନିଆଁ ଲାଗିବା ପୂର୍ବରୁ ମୃତ ମହିଳା ଜୀବିତ ହୋଇଛନ୍ତି। ବ୍ରହ୍ମପୁର ମହାନଗରର ୨୫ ନଂ. ୱାର୍ଡସ୍ଥିତ ବିଜିପୁର ଶ୍ମଶାନରେ ସୋମବାର ଏଭଳି ଅବିଶ୍ୱସନୀୟ ଘଟଣା ଘଟିଛି। ଜୁଇରୁ ମହିଳାଙ୍କୁ ଘରକୁ ନିଆଯାଇଛି। ସେ ପକ୍ଷାଘାତରେ ପୀଡ଼ିତ ଥିବାରୁ ତାଙ୍କୁ ବଞ୍ଚାଇ ଦେବାକୁ ଆର୍ଥିକ ଅନଟନରେ ଦିନ କାଟୁଥିବା ସ୍ୱାମୀ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ବ୍ରହ୍ମପୁର ମହାନଗରର ୨୮ନଂ ୱାର୍ଡସ୍ଥିତ ଗୁଡସରୋଡ ତ୍ରିନାଥ ମନ୍ଦିର ସାହିର ଶିବରାମ ପାଲ(୫୪) ଓ ସ୍ତ୍ରୀ ବୁଚି ଆମ୍ମା(୫୦) ରୁହନ୍ତି। ସେମାନଙ୍କର କୌଣସି ସନ୍ତାନ ନାହାନ୍ତି। ବୁଚି ଆମ୍ମା ୭ ବର୍ଷ ହେଲା ପକ୍ଷାଘାତରେ ପୀଡ଼ିତ। ଶିବରାମ ବ୍ରହ୍ମପୁର ରେଳ ଷ୍ଟେଶନରେ ଏକ ଜଳଖିଆ ଦୋକାନରେ ରୋଷେୟା ଭାବେ କାର୍ଯ୍ୟ କରନ୍ତି। ସେଠାରୁ ମିଳୁଥିବା ପ୍ରାପ୍ୟ ସ୍ତ୍ରୀଙ୍କ ଚିକିତ୍ସା ବାବଦରେ ଖର୍ଚ୍ଚ ହୋଇଯାଏ। ଗତ ୧ ତାରିଖ ସନ୍ଧ୍ୟାରେ ବୁଚି ଆମ୍ମା ବହୁ କଷ୍ଟରେ ଉଠି ରୋଷେଇ ଘରକୁ ଚା' କରିବାକୁ ଯାଇଥିବା ବେଳେ କୌଣସି ପ୍ରକାରେ ଗ୍ୟାସ୍‌ରୁ ନିଆଁ ଲାଗି ପୋଡି ହୋଇ ଯାଇଥିଲେ। ପଡୋଶୀମାନେ ତାଙ୍କ ପାଟି ଶୁଣି ଶିବରାମଙ୍କୁ ଖବର ଦେଇଥିଲେ। ପରେ ବୁଚି ଆମ୍ମାଙ୍କୁ ଏମ୍‌କେସିଜି ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କର ଚିକିତ୍ସା କରିବା ସହ ଇଞ୍ଜେକସନ ଦେଇଥିଲେ। ସାଲାଇନ ଲଗାଇବା ନିମନ୍ତେ ଶିରାପ୍ରଶିରା ଜଣା ନ ପଡ଼ିବାରୁ ଡାକ୍ତର ତାଙ୍କୁ ଘରକୁ ନେଇଯିବା ପାଇଁ କହିଥିଲେ। ତେଣୁ ଶିବରାମ ସ୍ତ୍ରୀଙ୍କୁ ଧରି ଘରକୁ ଆଣି ତାଙ୍କର ସମସ୍ତ ସେବା ଶୁଶ୍ରୁଷା କରୁଥିଲେ। ସୋମବାର ଭୋର ପ୍ରାୟ ସାଢ଼େ ୫ଟାରେ ☞ପୃଷ୍ଠା-୧୧




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାଷାବିତ୍ ପ୍ରୟାଗଦତ୍ତ ଜୋଷୀଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଏଏସିସିଆଇ ବିଜନେସ୍ ସମିଟ୍ ଆଣ୍ଡ ଏକ୍ସପୋ ଗ୍ରୀନ କନକ୍ଲେଭ୍, ସ୍ଥାନ: ମେ ଫେୟାର ଲାଗୁନ, ସମୟ: ପୂର୍ବାହ୍ନ ୧୧ଟା।
- ୧୦ମ ଅନ୍ତର୍ଜାତୀୟ ରେଡିଓ ମେଳା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଭାରତ ରଙ୍ଗ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

### ଆଜିର ମ୍ୟାଚ୍(ହକି)

- ଅଷ୍ଟ୍ରେଲିଆ ବନାମ ଆୟର୍ଲାଣ୍ଡ, ସମୟ: ଅପରାହ୍ନ ୫ଟା.୩୦
- ସ୍ପେନ୍ ବନାମ ନେଦରଲାଣ୍ଡ୍ସ, ସମୟ: ସନ୍ଧ୍ୟା ୭ଟା.୩୦, ଭେନ୍ୟୁ: କଳିଙ୍ଗ ଷ୍ଟାଡିୟମ।

## ପୁରୀ

- ବଡ଼ଦାଣ୍ଡ ସେବା ଅନୁଷ୍ଠାନ ପକ୍ଷରୁ ବିଶ୍ୱ ରେଡିଓ ଦିବସ ପାଳନ, ମରୀଚିକୋଟ ଛକ ବଡ଼ଦାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ଜିଆଣ୍ଟ ସ୍ପୋର୍ଟିଂ ପକ୍ଷରୁ କ୍ରିକେଟ୍ ପ୍ରତିଯୋଗିତା, ସ୍ଥାନ: ତାଳବଣିଆ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଭିତରଛ ମଧୁସୂଦନ ମହାପାତ୍ରଙ୍କ ଦ୍ୱାଦଶତମ ସ୍ମୃତି ସଭା, ସ୍ଥାନ: ଦୋଳମଣ୍ଡପ ସାହି, ସମୟ: ସନ୍ଧ୍ୟା ୬ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା' ନିମାପଡ଼ା ବ୍ଲକ ଅଧୀନ ପଞ୍ଚାୟତ ସ୍ତରୀୟ ସଚେତନ ଶିବିର, ସ୍ଥାନ: ବାହରଣା ପଞ୍ଚାୟତ, ମଠତୋଟା ମେଳଣ ପଡ଼ିଆ, ରେଞ୍ଚଶାସନ ପଞ୍ଚାୟତ, ପଞ୍ଚାୟତ କାର୍ଯ୍ୟାଳୟ, ତମ୍ପାଳୋ ପଞ୍ଚାୟତ, ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନବମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଅଲ୍ ଓଡ଼ିଶା ସର୍ବଭାରତୀୟ ଆମନ୍ତ୍ରିତ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ, ସ୍ଥାନ: ନିମାପଡ଼ା ବାରବାଟୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ସତ୍ୟବାଦୀ ବ୍ଲକର ବିଭିନ୍ନ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।

## କଟକ

- ରାମଲୀଳା ପ୍ରଚାର ସମିତିର ସଂକ୍ରାନ୍ତି ଉତ୍ସବ, ସ୍ଥାନ: ରାମଦାସପୁରସ୍ଥିତ ଭାରତ ମସଲା କମ୍ପାନୀ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଳିଙ୍ଗ ମାରିଟାଇମ୍ ଏକ୍ସପୋ ଉଦ୍‌ଯାପନୀ ସମାରୋହ, ସ୍ଥାନ: କଟକ ଉପର ବାଲିଯାତ୍ରା ପଡ଼ିଆ, ସମୟ : ସନ୍ଧ୍ୟା ୬ଟା।
- ଚିନ୍ମୟ ମିଶନ ଓ ଅରୁଣୋଦୟ ନଗର ନାଗରିକ ପରିଷଦ ପକ୍ଷରୁ ଗୀତା ପ୍ରବଚନର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଚନ୍ଦ୍ରଶେଖର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା

## ଖୋର୍ଦ୍ଧା

- ମା'ବଗେଇ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଦେଉଳଟାଙ୍ଗୀ, ଖୋର୍ଦ୍ଧା,ସମୟ: ପୂର୍ବାହ୍ନ ୧୦ଟା।
- ସିଦ୍ଧେଶ୍ୱର ଦେବଙ୍କ ପୀଠରେ ସଂକ୍ରାନ୍ତି ଯାତ୍ରା, ସ୍ଥାନ: ଲେମ୍ବୋସ୍ଥିତ ପୀଠ, ସମୟ: ସକାଳ ୬ଟା।
- କୋଲୁହାପାଟଣା ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୋଲୁହାପାଟଣା, ବେଗୁନିଆ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ବାଖରାବାଦ ୟୁଥ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ–ବାଖରାବାଦ ଖେଳ ପଡ଼ିଆ, ରୂପ୍‌ସା, ସମୟ: ପୂର୍ବାହ୍ନ ୧୧ଟା।
- ରାଉତପଡ଼ା ସମବାୟ ସମିତିର ବାର୍ଷିକ ସାଧାରଣ ସଭା, ସ୍ଥାନ: ସମବାୟ ସମିତି କାର୍ଯ୍ୟାଳୟ, ରୂପ୍‌ସା, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ

- ଆମ ଓଡ଼ିଶା ନବୀନ ଓଡ଼ିଶା ସହରୀ କାର୍ଯ୍ୟକ୍ରମ, ସ୍ଥାନ: ୱାର୍ଡ ନଂ, ୨୨ ସଡ଼କ ସାହି ଏବଂ ପ୍ରାକୃତିକ ବିପର୍ଯ୍ୟୟ ଆଶ୍ରୟସ୍ଥଳୀ, ବାରିପଦା, ସମୟ:ମଧ୍ୟାହ୍ନ ୧୨ଟା।
- ଜନଜାତି କ୍ରୀଡ଼ା ମହୋତ୍ସବ, ସ୍ଥାନ: ରାଇରଙ୍ଗପୁର କଚେରୀ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଲକ୍ଷ୍ମୀ ବସ୍ ଚଳାଚଳ ଶୁଭାରମ୍ଭ, ସ୍ଥାନ: ବେତନଟୀ ବସ୍ ଟର୍ମିନାଲ, ସମୟ: ସକାଳ ୬ଟା ।
- ନାରାୟଣ ସେବା ଟ୍ରଷ୍ଟ ପକ୍ଷରୁ ଅନ୍ନ ପ୍ରସାଦ ବଣ୍ଟନ, ସ୍ଥାନ: ବାରିପଦା ଲାଲବଜାରସ୍ଥିତ ମା' ତାରିଣୀଙ୍କ ମନ୍ଦିର, ସମୟ : ଅପରାହ୍ନ ୪ ଟା ୩୦।

## ଭଦ୍ରକ

- ଦୀଲିପ କୁମାର ମଲ୍ଲିକଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିସଭା, ସ୍ଥାନ: ଭଦ୍ରକ ବନ୍ତଛକସ୍ଥିତ ତୃପ୍ତିପ୍ଲାଜା, ସମୟ: ପୂର୍ବାହ୍ନ ୧୦ଟା।
- ଆଖଣ୍ଡଳମଣିଙ୍କ ଜାଗର ଯାତ୍ରା ପାଇଁ ଜିଲାସ୍ତରୀୟ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ଆଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ସଭା, ସ୍ଥାନ : ଦଇପୁର ପଞ୍ଚାୟତ, ଧାମନଗର, ସମୟ: ପୂର୍ବାହ୍ନ ୧୧ ଟା।
- ସରକାରୀ ଯୋଜନା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାସୁଦେବପୁରର ଚୁଡ଼ାମଣି , ଶାଶୁଭୁଆଶୁଣୀ ଓ କିଷ୍ଟତକୃଷ୍ଣପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ମୋ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଢେଙ୍କିକୋଟ୍ ହାଇସ୍କୁଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଜଙ୍ଗଲ ନିଆଁ ନିୟନ୍ତ୍ରଣ ସଚେତନତା ପାଇଁ ମିନି ମାରାଥନ, ସ୍ଥାନ: ରାୟଗଡ଼ା ରିଲାଏନ୍ସ ସପିଂ ମଲ୍‌ଠାରୁ ଫରେଷ୍ଟ ପାର୍କ, ସମୟ:ସକାଳ ୬ଟା।
- ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୪୫ ।

## ନବରଙ୍ଗପୁର

- ନିର୍ମାଣ ଶ୍ରମିକ ଶିବିର, ସ୍ଥାନ : ଚନ୍ଦାହାଣ୍ଡି, ସମୟ : ଅପରାହ୍ନ ୧ଟା ।

## କୋରାପୁଟ

- ସାଧାରଣ ନିର୍ବାଚନ ନେଇ କଲେଜ ଛାତ୍ରୀଛାତ୍ରଙ୍କୁ ସଚେତନ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା.୩୦।
- ଜିଲା ପରିଷଦର ସମୀକ୍ଷା ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ , ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ଆନ୍ତଃ ବିଦ୍ୟାଳୟ କ୍ରିକେଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ସମ୍ବଲପୁର ମହୋତ୍ସବ, ସ୍ଥାନ: ଅଇଁଠାପାଲି ବିର୍ସା ମଇଦାନ, ସମୟ: ସନ୍ଧ୍ୟା ସାଢେ ୬ଟା
- ବୌଦ୍ଧ, ସୋନପୁର, ଲାଞ୍ଜିଗଡ ଓ ସମ୍ବଲପୁର ବିଧାନସଭା ଅଞ୍ଚଳର ଭକ୍ତମାନଙ୍କ ମା' ସମଲେଇଙ୍କ ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ସମଲେଇ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ଦ୍ୱିତୀୟ ସିସିଏଫ୍ଏ ଅଲ୍ ଓଡ଼ିଶା ନକ୍‌ଆଉଟ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ମ୍ୟାଚ: ବରଗଡ ବନାମ ସମ୍ବଲପୁର,ସ୍ଥାନ: ମିଶନ୍ ହାଇସ୍କୁଲ ଖେଳପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା ୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଖପ୍ରାଖୋଲ ବ୍ଲକ ମହରାପଦର ଏବଂ ଓଡ଼ିଆପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଖପ୍ରାଖୋଲ ବ୍ଲକ କରୁଆଁଝର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।

## ରାଉରକେଲା

- ସୂର୍ଯ୍ୟକାନ୍ତ ମେମୋରିଆଲ ଟି–୨୦ କ୍ରିକେଟ, ସ୍ଥାନ: ଡିଏଭି ଖେଳ ପଡିଆ, ସମୟ: ସକାଳ ୯ଟା।
- ରାଜ୍ୟପାଳଙ୍କ ରାଉରକେଲା ଗସ୍ତ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ବିପିଯୁଟିରେ ସମାବର୍ତ୍ତନ ଦିବସ ପାଳନ, ସ୍ଥାନ: ଛେଣ୍ଡ, ସମୟ: ଅପରାହ୍ନ ୨ଟା ୧୫।
- ହକି ପ୍ରୋ ଲିଗ୍‌ର ଦ୍ୱିତୀୟ ଦିବସ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।
- ସିଆଇଟିୟୁର ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର ୧୬, ଶ୍ରମିକ ଭବନ, ସମୟ: ଅପରାହ୍ନ ୫ଟା ।

## ସୁନ୍ଦରଗଡ଼

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବଡ଼ଗାଁ ବ୍ଲକ ଫୁଲବାରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କର୍ମୀଟିକ୍ରା, ଲରାସରା, ସମୟ: ପୂର୍ବାହ୍ନ୧୦ଟା।
- ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ରୀଙ୍କ ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ୍, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ନୃସିଂହ ଓ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ରକ୍ଷିପାଲି–ଜଡ଼ା, ସମୟ: ପୂର୍ବାହ୍ନ ୧୧ଟା ୧୦।
- ଭେଡ଼େନ ପ୍ରିମିୟର ଲିଗ୍ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟନୀ, ସ୍ଥାନ: ରଞ୍ଜିତା ଷ୍ଟାଡ଼ିୟମ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କୋକସରା ବ୍ଲକ ମହିମା ପଞ୍ଚାୟତ ପରିସର ଏବଂ ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ପରିସର, ପୂର୍ବାହ୍ନ: ୧୧ଟା।
- ସାନ୍ଧୁଲ ବ୍ୟାରେଜ ପ୍ରକଳ୍ପର ଲୋକାର୍ପଣ ଉତ୍ସବ, ସାନ୍ଧୁଲ ୟୁଜି ପିଏଲ ପ୍ରକଳ୍ପର ଶିଳାନ୍ୟାସ, ସ୍ଥାନ–ଏମ୍ ରାମପୁର, ସମୟ: ଅପରାହ୍ନ ୪ ଟା୩୦।

## ନୂଆପଡ଼ା

- ସିନାପାଲି ସରସ୍ୱତୀ ଶିଶୁ ମନ୍ଦିର ରଜତ ଜୟନ୍ତୀ ଉତ୍ସବ, ସ୍ଥାନ: ଶିଶୁ ମନ୍ଦିର ପରିସର, ସମୟ: ସକାଳ ୯ ଟା।

## ବୌଦ୍ଧ

- ବୌଦ୍ଧ ବ୍ଲକରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଟିକରପଡା ଗ୍ରାମ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା
- ହରଭଙ୍ଗା ବ୍ଲକ ରାମଗଡ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରାମଗଡ ହାଟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା ।

## ଦେବଗଡ଼

- ବିଭିନ୍ନ ସମସ୍ୟା ନେଇ ଜିଲା ନାଗରିକ କମିଟି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା
- ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଆର୍‌ଆଇ ଅଫିସ୍ ଘେରାଉ, ସ୍ଥାନ: ବାରକୋଟ ବ୍ଲକ ଶିଙ୍ଗଶାଳ ଆର୍‌ଆଇ ଅଫିସ୍, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର

- ରାମଧୂନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଦ୍ୱିତୀୟ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ବୀରମହାରାଜପୁର ବ୍ଲକ ଚମ୍ପାପୁର ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ଚମ୍ପାପୁର, ସମୟ: ସକାଳ ୮ଟା।
- ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଭାଲୁଡୁଙ୍ଗୁରୀ ଖେଳପଡିଆ,ସମୟ: ପୂର୍ବାହ୍ନ ୧୧ଟା।
- ପାତଳୀ ମହୋତ୍ସବର ଚତୁର୍ଥ ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇସ୍ଥିତ ପାତାଳୀ ଶ୍ରୀକ୍ଷେତ୍ର, ସମୟ: ଅପରାହ୍ନ ୫ ଟା।
- ନୂତନ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ମୋ ପଞ୍ଚାୟତ ବିକାଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁବଳୟା ପଞ୍ଚାୟତ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ନବାହ୍ନ ପାରାୟଣ ଓ ଚଣ୍ଡିଯଜ୍ଞର ଉଦ୍‌ଯାପନୀ ସମାରୋହ, ସ୍ଥାନ: ବୀରମହାରାଜପୁର ବ୍ଲକ ଘିଚାପାଲି ( ମେଟାକାନି ଛକ), ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ରେଡିଓ ଢେଙ୍କାନାଳ ଲୋକାର୍ପଣ ଉତ୍ସବ, ସ୍ଥାନ: ଶୋଭା ଅନୁଷ୍ଠାନ ପରିସର, ଗେଙ୍ଗୁଟିଆ,ସମୟ:ମଧ୍ୟାହ୍ନ ୧୨ଟା।
- ରେଙ୍ଗାଳି ଦକ୍ଷିଣ କେନାଲ ପ୍ରକଳ୍ପର ୬ହଜାର ହେକ୍ଟର ଆୟକଟ, ଦର୍ପଣୀ ଓ ନରସିଂହପୁର ବ୍ରାଞ୍ଚ କେନାଲ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସଦର ବ୍ଲକ ଶଙ୍କରପୁର ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା୩୦।
- ଜିଲାସ୍ତରୀୟ ଆଶା, ଜିକେଏସ୍, ଜେଏଏସ୍ ଏବଂ ମାସ୍ କନଭେନଶନ, ସ୍ଥାନ:ପୁରୁଣା ଜିଲା ପରିଷଦ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ୱାର୍ଡ ନଂ ୧, ୧୭, ୧୮ ଓ ୨୧,ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଭିନ୍ନ ବିଭାଗର ସମୀକ୍ଷା,ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଘଟିକା।
- ଜାତୀୟ ରାଜପଥ କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ ଟା।

## ଗଞ୍ଜାମ

- ଭାଜପାର ଭାଟକୁମରଡା ମଣ୍ଡଳ ବୈଠକ,ସ୍ଥାନ–ଗାଙ୍ଗଦହଣୀ, ପୁରୁଷୋତ୍ତମପୁର ବ୍ଲକ,ସମୟ–ପୂର୍ବାହ୍ନ ୧୧ଟା।
- ସହରାଞ୍ଚଳ ନବୀନ ଓଡିଶା ସମାରୋହ,ସ୍ଥାନ–ବିଜୁ ମାର୍କେଟ କମ୍ପ୍ଲେକ୍ସ,ସମୟ–ଅପରାହ୍ନ ୫ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା, ସ୍ଥାନ–ବୁଗୁଡ଼ା ବ୍ଲକ ଗୌଡିଆବୋରଦା ପଞ୍ଚାୟତ, ସମୟ– ପୂର୍ବାହ୍ନ ୧୧ଟା
- ଶ୍ରୀରାମ ଚରିତ ମାନସ ପ୍ରବଚନ, ସ୍ଥାନ–ବୁଗୁଡା ତଳ ଓଡ଼ିଆ ସାହି, ସମୟ–ସନ୍ଧ୍ୟା ସାଢ଼େ ୭ଟା।
- ରାମଚରିତ ମାନସ ପାରାୟଣ, ସ୍ଥାନ– ଭଞ୍ଜନଗର ବ୍ଲକ ଲଣ୍ଡେଇସାହି ରଘୁନାଥ ମନ୍ଦିର, ସମୟ – ସନ୍ଧ୍ୟା ୬ଟା।

## କନ୍ଧମାଳ

- ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ। ସ୍ଥାନ:ଚଣାପଦର ଯଜ୍ଞ କମିଟି, କ. ନୂଆଗାଁ, ସମୟ: ଅପରାହ୍ନ ୩ଟା।

## ଗଜପତି

- ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ–କାଟାମା, ପଞ୍ଚାୟତ ପରିସର, ଗରଡ଼ମା, ପଞ୍ଚାୟତ ପରିସର, ୟୁବ, ପଞ୍ଚାୟତ ପରିସର, ମୋହନା, ସମୟ – ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତିର୍ତ୍ତୋଲ ଜଗନ୍ନାଥପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆ, କନକପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ବରୀ ବ୍ଲକ ବ୍ରହ୍ମବରଦା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ତ୍ରିବେଣୀ ମେଳା ଓ ଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ଆର୍ତ୍ତେଶ୍ୱର ପୀଠ, ନହଙ୍ଗ, ଡେରାବିଶ, ସମୟ: ରାତି ୮ଟା
- ମା' କ୍ଷେତ୍ରପାଳିନୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ସୂର୍ଯ୍ୟପୂଜା ଓ ଯଜ୍ଞୋତ୍ସବ, ସ୍ଥାନ: ମେଳଣ ପଡିଆ, ହରିଅଙ୍କ, ଡେରାବିଶ, ସମୟ: ଅପରାହ୍ନ ୪ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶାର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀନାରାୟଣପୁର, ଏଣ୍ଡର ପଞ୍ଚାୟତ କାର୍ଯ୍ୟାଳୟ,ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଡେରାବିଶ କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଡେରାବିଶ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: କଳାବୁଦା ପଞ୍ଚାୟତ କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ନଡ଼ିଆବରେଇଠାରୁ ନାରଣପୁର ରାସ୍ତା ଉନ୍ନତିକରଣ ଶିଳାନ୍ୟାସ, ସ୍ଥାନ: ନଡ଼ିଆବରେଇ, ଗରଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ପାଖଡ଼ଠାରୁ ଗରଦପୁର ରାସ୍ତା ଉନ୍ନତିକରଣ ଶିଳାନ୍ୟାସ, ସ୍ଥାନ: ଗରଦପୁର, ସମୟ: ମଧ୍ୟାହ୍ନ ୧୨ଟା।

## ନୟାଗଡ଼

- ସପ୍ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସୂର୍ଯ୍ୟପୂଜା, ସ୍ଥାନ : ବାବା ବିଶ୍ୱନାଥ ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ ନୟାଗଡ଼ ପୁରୁଣା ସହର କରଣସାହି ବଡ ମଠ, ସମୟ: ପୂର୍ବାହ୍ନ ୧୦ଟା ।
- ଭାଗବତ ସପ୍ତାହ ଉଦ୍‌ଘାଟନ, ସ୍ଥାନ: ନୟାଗଡ ପୁରୁଣା ସହରର ରାଧାନାଥ କଲୋନୀ, ସମୟ: ସକାଳ ୯ଟା।
- ଜିଲା କୃଷି ମହୋତ୍ସବର ୨ୟ ଦିବସ, ସ୍ଥାନ: ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଖଳିସାହି ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ: ଖଳିସାହି ବଡପଡ଼ିଆ, ଖଣ୍ଡପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦାରୀ କି ଡାଲି ଚାଉଳ,
ବ୍ରାହ୍ମଣକୁ ଜାବଡ଼ା।**

ବିଟିପୀ ବା ଦୁଶ୍ଚରିତ୍ରା ନାରୀଙ୍କ ପ୍ରତି ମନରେ ଦରଦ ଅଥଚ ଧର୍ମକର୍ମ କରୁଥିବା ବ୍ୟକ୍ତିଙ୍କ ପ୍ରତି ମନରେ ଘୃଣା, ହିଂସା ଭାବ। କାଳର ଓଲଟା ଗତି। ସମାଜରେ ଭଲ ବା ଉତ୍ତମ ବ୍ୟକ୍ତିଙ୍କୁ ଯେତେ ଆଦର ସମ୍ମାନ ମିଳି ନ ଥାଏ ତା' ଠାରୁ କାହିଁ କେତେ ଗୁଣ ପ୍ରାଧାନ୍ୟ ଖଳ ବା ଦୁଶ୍ଚରିତ୍ର ବ୍ୟକ୍ତିଙ୍କୁ ଦିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦୁଇ ନାଆରେ ଗୋଡ଼ ଦେଇ
ମଝି ନଈରେ ବୁଡ଼ି ମରିବା।**

ଦୁଇ ନାଆରେ ଯିଏ ଗୋଡ଼ ରଖେ, ସେ କୋଉ କୂଳର ହୋଇପାରି ନ ଥାଏ। କେଉଁ ପଟକୁ ଯାଇ ନ ପାରି ମଝି ଦରିଆରେ ବୁଡ଼ି ମରିବା ସାର ହୋଇଥାଏ। ତେଣୁ ଯେ କୌଣସି ଦ୍ୱନ୍ଦ୍ୱ ମଧ୍ୟରେ ନିଜକୁ ଜଡ଼ିତ ରଖିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅଶ୍ୱିନୀ ନକ୍ଷତ୍ର ସକାଶେ ବିଭିନ୍ନ ସମସ୍ୟା ସାଙ୍ଗକୁ ଅଯଥା ଅର୍ଥ ବ୍ୟୟ କରିବାକୁ ବାଧହେବେ। ଶତ୍ରୁତା କରୁଥିବା ବ୍ୟକ୍ତି ଅସୁବିଧାରେ ପକାଇବାକୁ ଚେଷ୍ଟାକରି ପାରନ୍ତି। କର୍ମକ୍ଷେତ୍ରରେ କିମ୍ବା ସଭାସମିତିରେ ପ୍ରଶଂସିତ ହେବେ। ରଚନାତ୍ମକ କାମ, ଆନୁଷ୍ଠାନିକ କ୍ଷେତ୍ର ତଥା ସଭାସମିତିରେ ବନ୍ଧୁଙ୍କ ସହ ଆଲୋଚନାରୁ ଆଶ୍ୱସ୍ତି ଲାଭ କରିବେ।

**ବୃଷ**
ଶାରୀରିକ ଅସୁସ୍ଥତା ସାଙ୍ଗକୁ ପାରିବାରିକ ଅଶାନ୍ତି ଓ ଅର୍ଥାଭାବ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିପାରେ। ରୋହିଣୀ ନକ୍ଷତ୍ର ସକାଶେ ବନ୍ଧୁ ସାମୟିକ ସୁଯୋଗକୁ ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। ଭୁଲ୍ ବୁଝାମଣାରୁ ଭାଇ କିମ୍ବା ଭଉଣୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ଆଜିର ଯାତ୍ରା, ପ୍ରକାଶନ ତଥା କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନାହିଁ।

**ମିଥୁନ**
କର୍ମକ୍ଷେତ୍ରରେ ଜିଦ୍‌ରେ ଅଟଳ ରହିବା କାରଣରୁ କଳହ ଲାଗିପାରେ। ଅର୍ଥ ସମ୍ବନ୍ଧୀୟ ଆଲୋଚନା, ଜମିଜମା, ଆନୁଷ୍ଠାନିକ କାମରେ ମାନସିକ ଆଘାତ ପାଇପାରନ୍ତି। ସମସ୍ୟା ସମାଧାନ କ୍ଷେତ୍ରରେ ଭଲ ସମ୍ପର୍କ ରହିଥିବା ବନ୍ଧୁମାନେ ସାହାଯ୍ୟ କରିବେ। ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇଲେ ମଧ୍ୟ ଫେରିବା ସମୟରେ ପୂର୍ବର ଆନନ୍ଦ ରହିବନାହିଁ।

**କର୍କଟ**
ବନ୍ଧୁଙ୍କ ସାହାଯ୍ୟ ଓ ବଦାନ୍ୟତା ଅର୍ଥଲାଭର ସୁବିଧା ଯୋଗାଇଦେବ। ପୁଷ୍ୟା ନକ୍ଷତ୍ର ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧହେବେ। ଅଭିମାନ କରିଥିବା ସନ୍ତାନ, ପଡ଼ୋଶୀଙ୍କ ଅଭିଯୋଗ ସକାଶେ ଦୁଃଖିତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂରହୋଇଯିବ।

**ସିଂହ**
ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ସବୁ କିଛି କ୍ଷଣିକେ ଅପସରିଯିବ। ପୂର୍ବାଫାଲ୍‌ଗୁନୀ ପଡ଼ୋଶୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ବ୍ୟବସାୟିକ କ୍ଷେତ୍ର ଓ ପ୍ରଶାସନିକ ସ୍ତରରେ ପରିସ୍ଥିତି ସେତେଟା ଭଲ ରହି ନ ପାରେ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇବେ।

**କନ୍ୟା**
କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟରୁ କାର୍ଯ୍ୟ ହାସଲ କରିବେ। ଚିତ୍ରା ନକ୍ଷତ୍ର ସାମୂହିକ କାମରେ ତଥା ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ସଭାସମିତିରେ ତଥା ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିଙ୍କ ସହାୟତା କରିବେ। ଶତ୍ରୁତା କରୁଥିବା ବ୍ୟକ୍ତି ପଛରେ ନାନାଦି କଥା କହିପାରନ୍ତି।

**ତୁଳା**
ଆତ୍ମୀୟଙ୍କ ସହଯୋଗରୁ ସମାଧାନର ସୂତ୍ର ବାହାର କରିବାରେ ସମର୍ଥ ହେବେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଦୀର୍ଘଦିନର ଅଭିଳାଷ ପୂରଣ ହେବ ଓ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ସ୍ୱାତୀ ନକ୍ଷତ୍ର ମାଲିମକଦ୍ଦମା, ଜମିଜମା ସମସ୍ୟା, ସମାଧାନ ଦିଗକୁ ମୁହାଁଇବ।

**ବିଛା**
ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବିଶାଖା ନକ୍ଷତ୍ର ଅଫିସ୍‌ରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସକରି ହଇରାଣରେ ପଡ଼ିପାରନ୍ତି। ବିବାହ ପାଇଁ ପ୍ରସ୍ତାବ ସମ୍ପର୍କିତ ଆଲୋଚନାକଲେ ଉପକୃତ ହେବେ। ବିଭିନ୍ନ ପ୍ରତିବନ୍ଧକ ହେତୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ଉତ୍ତରାଷାଢ଼ା ନକ୍ଷତ୍ର ଦୀର୍ଘଦିନ ପରେ ଆଜି ଶାରୀରିକ ସୁସ୍ଥତା ଫେରିପାଇବେ।

**ମକର**
ବିଭିନ୍ନ ଦିଗରୁ ପ୍ରତିବନ୍ଧକର ସାମ୍ନାକରି କାମ ହାସଲ କରିବାକୁ ପଡ଼ିବ। ଧନିଷ୍ଠା ନକ୍ଷତ୍ରର ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବା ଫଳରେ କିଛି ସମସ୍ୟା ଆସିବ। ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଦୂରେଇଯିବ। ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ।

**କୁମ୍ଭ**
ଅନ୍ୟମନସ୍କ ରହିବା କାରଣରୁ କିଛି ନା କିଛି ବ୍ୟତିକ୍ରମ ଅବଶ୍ୟ ସୃଷ୍ଟିହେବ। ଅଭିମାନକରି ରହିଥିବା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ସରକାରୀ କ୍ଷେତ୍ରରୁ ଆଶା କରିଥିବା କୌଣସି କାଗଜପତ୍ର ସମ୍ପର୍କିତ ଶୁଭ ସୂଚନା ପାଇବେ। ଶତଭିଷା ନକ୍ଷତ୍ରର ରାଜନୀତି କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ମୀନ**
ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହୋଇପାରନ୍ତି। ବନ୍ଧୁମାନଙ୍କ ଅନୁରୋଧକୁ ଉପେକ୍ଷା ନ କରି ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ଢଳିପାରେ। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ସାମାଜିକ ସ୍ତରରେ ଉନ୍ନତିମୂଳକ କାମ ସକାଶେ ଦିନଟି ବହୁତ ଭଲ।

ଆଜି ଫେବୃଆରୀ ୧୩ ତାରିଖ ମଙ୍ଗଳବାର, କୁମ୍ଭ ସଂକ୍ରାନ୍ତି, ମାଘ ଶୁକ୍ଳ ଚତୁର୍ଥୀଯୁକ୍ତ ୫ମୀ, ବିଶ୍ୱ ରେଡିଓ ଦିବସ, ଅହମଦିଆ ସମ୍ପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦଙ୍କ ଜନ୍ମଦିବସ। ରାଶି ନକ୍ଷତ୍ର–ଉତ୍ତରଭାଦ୍ରପଦ/ମୀନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ୫ମୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୧୦ ମି. ଗତେ, ଘ.୧୦।୫୨ ମଧ୍ୟେ, ଘ.୦୧।୦୯ ଗତେ, ଘ.୦୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୨।୫୧ ଗତେ, ଘ.୦୪।୧୬ ମ. ମଧ୍ୟେ ରାହୁକାଳ।

# ହାଇକୋର୍ଟରେ ମାମଲା ଖାରଜ

## ମାଟ୍ରିକ୍ ପରୀକ୍ଷାବେଳେ ଆନ୍ତଃସ୍କୁଲ୍ କ୍ରିକେଟ୍ ମ୍ୟାଚ୍‌କୁ ବିରୋଧ

**କଟକ,୧୨।୨ (କାର୍ତ୍ତିକ ସାହୁ)**

ମାଟ୍ରିକ୍ ପରୀକ୍ଷାବେଳେ ଆନ୍ତଃସ୍କୁଲ୍ କ୍ରିକେଟ୍ ମ୍ୟାଚ୍‌କୁ ବିରୋଧ କରି ରୁଜୁ ମାମଲାରେ ମ୍ୟାଚ୍ ଆୟୋଜନ ଉପରେ ରହିତାଦେଶ ପ୍ରଦାନ କରିବା ଆବେଦନକୁ ହାଇକୋର୍ଟ ମନା କରିଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ଅରିନ୍ଦମ୍ ସିହ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ମାମଲାର ଶୁଣାଣି କରି ତାହାକୁ ଖାରଜ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ଆସନ୍ତା ୨୦ରୁ ରାଜ୍ୟରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ। ଏହି ସମୟରେ ଆନ୍ତଃସ୍କୁଲ୍ କ୍ରିକେଟ୍ ମ୍ୟାଚ୍ ଆୟୋଜନ କରାଯାଇଛି। ଏହି ମ୍ୟାଚ୍ ଫେବୃଆରୀ ୭ରୁ ୨୫ ତାରିଖ ଯାଏ ଚାଲିବ। ଏଥିରେ ସପ୍ତମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଭାଗ ନେଉଛନ୍ତି। ଏଣୁ ମାଟ୍ରିକ୍ ପରୀକ୍ଷା ସମୟରେ ଛାତ୍ରମାନେ ପରୀକ୍ଷା ପ୍ରସ୍ତୁତି କରିବେ ନା ପ୍ରତିଯୋଗିତାରେ ଭାଗ ନେବେ ବୋଲି ଆବେଦନରେ ଦର୍ଶାଯାଇଛି। ତେଣୁ ମ୍ୟାଚ୍ ଆୟୋଜନକୁ ସ୍ଥଗିତ ରଖିବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରି ଆବେଦନକାରୀ ହରେରାମ୍ ସାହୁଙ୍କ ପକ୍ଷରୁ ହାଇକୋର୍ଟରେ ଏହି ମାମଲା ରୁଜୁ ହୋଇଥିଲା। ଏଥିରେ କଟକ ଜିଲା କ୍ରୀଡ଼ା ସଂଘ, ଓଡ଼ିଶା କ୍ରିକେଟ୍ ଆସୋସିଏଶନକୁ ପକ୍ଷଭୁକ୍ତ କରାଯାଇଥିଲା।

# ଜାହାଜ ମୁକୁଳାଇବା ପାଇଁ ୧୧୦ କୋଟି ଟଙ୍କା ସର୍ତ୍ତ

## ୨୨୦ କୋଟି ଟଙ୍କାର କୋକେନ ଜବତ ଘଟଣା

**କୁଜଙ୍ଗ,୧୨।୨ (ମନୋଜ ପ୍ରଧାନ)**

ପାରାଦୀପ ବନ୍ଦର ପିଆଇସିଟି ବର୍ଥରେ ଲାଗିଥିବା ଏମ୍‌ଭି ଦେବୀ ନାମକ ଜାହାଜରୁ ୨୦୨୩ ନଭେମ୍ବର ୩୦ରେ ୨୨୦ କୋଟି ଟଙ୍କାର କୋକେନ ଜବତ ହୋଇଥିଲା। ଏନେଇ ଜାହାଜକୁ ଜବତ କରିବା ପାଇଁ କଷ୍ଟମ୍ସ ବିଭାଗ କୁଜଙ୍ଗ କୋର୍ଟରେ ଆବେଦନ କରାଯାଇଥିଲା। ତାହାକୁ ଖାରଜ କରିବା ପାଇଁ ଜାହାଜ ମାଲିକଙ୍କ କମ୍ପାନୀ ଏସିଆ ପାଶିଫିକ୍ ଶିପିଂର ୨ ଜଣ ଭିଏତ୍‌ନାମ ପ୍ରତିନିଧି ଡିସେମ୍ବର ୨୭ରେ କୁଜଙ୍ଗ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ପହଞ୍ଚି ଆବେଦନ କରିଥିଲେ। ସୋମବାର କୋର୍ଟ ଏହି ମାମଲାର ଶୁଣାଣି କରି ୧୦କୋଟି ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟି ସହ ୧୦୦ କୋଟି ଟଙ୍କାର ଇଣ୍ଡେମ୍ନିଟି ବଣ୍ଡ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାଶିଫିକ୍ ଶିପିଂ ଲିମିଟେଡ୍ ପକ୍ଷରୁ ବରିଷ୍ଠ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ ମକଦ୍ଦମା ପରିଚାଳନା କରୁଥିବା ବେଳେ ଆଇନଜିବୀ ଆଶୁତୋଷ ମହାନ୍ତି, ସୌମ୍ୟଜିତ ବିଶ୍ୱାଳ ଓ ଯୁବ ଆଇନଜୀବୀ ବିକାଶ ନାଥ ସହାୟତା କରିଥିଲେ।

ସୂଚନାଯୋଗ୍ୟ, ଉକ୍ତ କୋକେନ ଘଟଣାରେ କଷ୍ଟମ୍ସ ବିଭାଗ ଏପର୍ଯ୍ୟନ୍ତ କୌଣସି ନାବିକଙ୍କୁ ଗିରଫ କରିନାହିଁ। ତେବେ ୨୮ ଜଣ ଭିଏତ୍‌ନାମ ନାଗରିକଙ୍କୁ ଅଟକ ରଖିଛି। ସେମାନଙ୍କ ମଧ୍ୟରେ ୨୧ ଜଣ ନାବିକ ରହିଛନ୍ତି। ଏଥିସହ ଜାହାଜ ଅଟକ ରଖି ମାମଲା ( ନଂ.୨୬/୨୩) ରୁଜୁ କରିଛି। ପ୍ରାୟ ୨ ମାସ ହେଲା ଏନେଇ ତଦନ୍ତ ଜାରିରହିଛି।

INSPIRED BY THE HON'BLE **PRIME MINISTER SHRI NARENDRA MODI'S** VISION OF

# AatmaNirbhar Bharat Abhiyan

## JSW GROUP, IN PARTNERSHIP WITH GOVERNMENT OF ODISHA, IS POISED TO REVOLUTIONISE THE MOBILITY SECTOR IN INDIA



**SHRI NARENDRA MODI**
HON'BLE PRIME MINISTER OF INDIA



**SHRI NAVEEN PATNAIK**
HON'BLE CHIEF MINISTER OF ODISHA

JSW
Better Everyday



One of The World's Largest Gigafactory (Battery) | Electric Vehicle Manufacturing | Auto Component Manufacturing | Copper Refinery | Lithium Refinery

Total investment of over **₹40,000 Cr**

Employment potential of **11,000**

ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି। -ଶ୍ରୀଅରବିନ୍ଦ

-କୁମ୍ଭ ସଂକ୍ରାନ୍ତି, ବରଦା ଚତୁର୍ଥୀ ଓ ହଳ ନିଷେଧ



# ଅଙ୍ଗଦାନ

ଜୀବନ ପାଇଁ ଉଭୟ ଅଙ୍ଗଦାନ ଓ ପ୍ରତିରୋପଣର ଗୁରୁତ୍ୱ ରହିଛି। ଜଣେ ବ୍ୟକ୍ତିର ଅଙ୍ଗଦାନ ଏକ କିମ୍ବା ଏକାଧିକ ଜୀବନ ବଞ୍ଚାଇଦେଇପାରେ। କିନ୍ତୁ ଭାରତରେ ଏହି କାର୍ଯ୍ୟକ୍ରମରେ ଶିଥିଳତା ଓ ଅସମାନତା ଦେଖାଯାଇଛି। ଗତ ସପ୍ତାହରେ ଲୋକ ସଭାରେ ଅଙ୍ଗଦାନ ଓ ପ୍ରତିରୋପଣ ସମ୍ପର୍କିତ ପ୍ରଶ୍ନଉତ୍ତରରୁ ଏହା ଜଣାପଡ଼ିଛି। ୱାଇଏସ୍ଆର କଂଗ୍ରେସ ପାର୍ଟି ସାଂସଦ କୁଡୁଭା ଗୋରାନ୍ତଲା ମାଧବଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଏସ୍.ପି.ସିଂ ବଘେଲଙ୍କ ପ୍ରଦତ୍ତ ତଥ୍ୟ ପୁରୁଷ ଓ ମହିଳାଙ୍କ ମଧ୍ୟରେ ପ୍ରତିରୋପଣ ଅସମାନତାକୁ ସ୍ପଷ୍ଟ କରିଛି। ବଘେଲ କହିଥିଲେ ଯେ, ୧୯୯୫ରୁ ୨୦୨୧ ମଧ୍ୟରେ କରାଯାଇଥିବା ସମସ୍ତ ଅଙ୍ଗ ପ୍ରତିରୋପଣର ୮୦ ପ୍ରତିଶତ ପୁରୁଷଙ୍କଠାରେ ହୋଇଛି। ତଥ୍ୟ ମୁତାବକ ଏହି ସମୟ ମଧ୍ୟରେ ପୁରୁଷଙ୍କଠାରେ ୨୯,୬୯୫ ଥର ଅଙ୍ଗ ପ୍ରତିରୋପଣ କରାଯାଇଥିବାବେଳେ ଏ ଦିଗରେ ମହିଳାଙ୍କ ସଂଖ୍ୟା ଥିଲା ୬୯୪୫, ଯାହାର ଅନୁପାତ ପ୍ରାୟ ୪:୧। ସରକାରଙ୍କ ଦ୍ୱାରା ନ୍ୟାଶନାଲ ଅର୍ଗାନ ଟ୍ରାନ୍ସପ୍ଲାଣ୍ଟ ପ୍ରୋଗ୍ରାମ ଆରମ୍ଭ କରାଯାଇ ଲୋକଙ୍କୁ ଅଙ୍ଗଦାନ ଉପରେ ସଚେତନ କରାଯାଉଥିବା ବୋଲି ବଘେଲ କହିଥିଲେ। ଅନ୍ୟ ଏକ ପରିସଂଖ୍ୟାନରୁ ଜଣାପଡ଼େ ଯେ, ଦେଶରେ ମୋଟ ଅଙ୍ଗଦାନ ମଧ୍ୟରୁ ୯୩ ପ୍ରତିଶତ ଜୀବିତ ବ୍ୟକ୍ତି କରିଥାନ୍ତି। ଗୁରୁତ୍ୱପୂର୍ଣ୍ଣ ହେଉଛି, ୫ ଜଣ ଅଙ୍ଗଦାତାଙ୍କ ମଧ୍ୟରେ ୪ ଜଣ ମହିଳା ଥିବାବେଳେ ଅଙ୍ଗ ପ୍ରତିରୋପଣ କରାଯାଉଥିବା ୫ ଜଣଙ୍କ ଭିତରେ ୪ ଜଣ ପୁରୁଷ ଅଛନ୍ତି। ଉଲ୍ଲେଖନୀୟ ଯେ, ଏହି ତଥ୍ୟକୁ ଆଧାରକରି ମାଧବ ପ୍ରଶ୍ନ ଉତ୍ଥାପନ କରିଥିଲେ। ତେବେ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଯେଉଁ ଅସମାନତା ତଥ୍ୟ ଦର୍ଶାଇଛନ୍ତି ତାହା କାରଣ ମଧ୍ୟ ବୁଝିବା କଷ୍ଟକର ନୁହେଁ। ଭାରତୀୟଙ୍କ ପରିବାରରେ ଯେ କେହି ଏହା ଅନୁଭବ କରିଥିବେ। ଉଦାହରଣସ୍ୱରୂପ ପରିବାରରେ ଯଦି କୌଣସି ପୁରୁଷଙ୍କର କିଡ୍ନୀ(ବୃକ୍କ) ଖରାପ ହୋଇଯାଇଥାଏ ତେବେ ସେ କ୍ଷେତ୍ରରେ ସେହି ବ୍ୟକ୍ତିଙ୍କର ଭାଇ କିମ୍ବା ପୁଅ କିଡ୍ନୀ ଦେବା ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ତାଙ୍କ ସ୍ତ୍ରୀ କିଡ୍ନୀ ଦାନ କରିବା ଦେଖାଯାଏ। ଅନେକ କ୍ଷେତ୍ରରେ ଭଉଣୀ କିମ୍ବା ମା' ମଧ୍ୟ ଅଙ୍ଗଦାନ କରିଥାନ୍ତି। ବିଶେଷକରି ଭାରତୀୟ ସମାଜ ପୁରୁଷପ୍ରାଧାନ୍ୟ। ପୁରୁଷ କେବଳ ପରିବାର ପ୍ରତିପୋଷଣ ଓ ରୋଜଗାରର ଉତ୍ସ ବୋଲି ଧରିନିଆଯାଏ। ସେହି କାରଣରୁ ଅଧିକାଂଶ ପରିବାରରେ ମହିଳାମାନେ ଅଙ୍ଗଦାନ କରିଥାନ୍ତି ଓ ପୁରୁଷମାନେ ତାହାକୁ ଗ୍ରହଣ କରନ୍ତି। କିନ୍ତୁ କୌଣସି ପରିସ୍ଥିତିରେ ପୁରୁଷମାନେ ପରିବାରର ମହିଳାଙ୍କ ପାଇଁ ଅଙ୍ଗଦାନ କରନ୍ତି ନାହିଁ। ଏଭଳି ମାନସିକତା ଯୋଗୁ ଅଙ୍ଗଦାନ ଓ ପ୍ରତିରୋପଣରେ ଅସମାନତା ଉପୁଜିଥାଏ।

ଭାରତରେ ଅଙ୍ଗଦାନ ସ୍ଥିତି ଅତି ପୁରୁଣା ସ୍ତରରେ ରହିଯାଇଛି। ଉତ୍ତରପୂର୍ବାଞ୍ଚଳରେ ଏହା ଅତି ନଗଣ୍ୟ। ଭାରତୀୟ ଅଙ୍ଗଦାନ ସମ୍ପର୍କିତ ନୀତିନିୟମ ଉପରେ ସଚେତନ ନୁହନ୍ତି। ଏହି ଆଇନଗୁଡ଼ିକ ଜଟିଳ ଓ ଅଙ୍ଗଦାନରେ ଦୁର୍ନୀତି ଜଡ଼ିତ ବୋଲି ଲୋକଙ୍କ ଧାରଣା ରହିଛି।

ଭାରତରେ ଅଙ୍ଗଦାନ ଓ ପ୍ରତିରୋପଣ ଅନୁପାତ କେବଳ ଚିନ୍ତାଜନକ ସ୍ଥିତିରେ ନାହିଁ, ବରଂ ଅଙ୍ଗଦାନ ଅପେକ୍ଷାରେ ଥିବା ବ୍ୟକ୍ତିଙ୍କ ତାଲିକାରେ ପ୍ରତି ୧୦ ମିନିଟ୍‌ରେ ଜଣେ ସାମିଲ ହେଉଛନ୍ତି ବୋଲି ବିଶେଷଜ୍ଞମାନେ ସତର୍କ କରିଦେଇଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରାଳୟର ତଥ୍ୟ ଅନୁଯାୟୀ ଅଙ୍ଗଦାନ ପାଇଁ ଏବେ ଭାରତରେ ୩ ଲକ୍ଷରୁ ଅଧିକ ଲୋକ ଅପେକ୍ଷାରେ ରହିଛନ୍ତି ଓ ସେମାନଙ୍କ ମଧ୍ୟରୁ ପ୍ରତିଦିନ ଅତିକମ୍‌ରେ ୨୦ ଜଣଙ୍କ ମୃତ୍ୟୁ ଘଟୁଛି। ୨୦୨୨ ସୁଦ୍ଧା ସଦ୍ୟ ମୃତ ତଥା ଜୀବିତ ଅଙ୍ଗଦାତାଙ୍କ ସଂଖ୍ୟା ୧୬,୦୪୧ରେ ପହଞ୍ଚିଥିଲା ଓ ଏବେ ଏହା ସାମାନ୍ୟ ବୃଦ୍ଧି ହୋଇଥାଇପାରେ। ତେବେ ଏଥିରେ ପ୍ରତିରୋପଣ ଅପେକ୍ଷାରେ ଥିବା ୧ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଚାହିଦା ପୂରଣ କରିବା ସମ୍ଭବପର ନୁହେଁ। ଉଲ୍ଲେଖନୀୟ ଯେ, ଗତ ଏକ ଦଶନ୍ଧି ହେଲା ଭାରତରେ ପ୍ରତି ୧୦ ଲକ୍ଷରେ ସଦ୍ୟମୃତ ବ୍ୟକ୍ତିଙ୍କ ଅଙ୍ଗଦାନ ପ୍ରତିଶତ ୧ରୁ କମ୍ ରହିଆସିଛି। ଏଣୁ ଦେଶରେ ଥିବା ସମସ୍ତ ସରକାରୀ ମେଡିକାଲ କଲେଜ ଓ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ(ଏଆଇଆଇଏମ୍ଏସ୍)ଗୁଡ଼ିକରୁ ବର୍ଷକୁ ଯଦି ଅତିକମ୍‌ରେ ଜଣେ ମୃତକଙ୍କ ଅଙ୍ଗଗୁଡ଼ିକ ପାଇପାରିବା ତେବେ ପରିସ୍ଥିତିରେ କିଛି ପରିବର୍ତ୍ତନ ଆସିପାରେ। କାରଣ ଜଣେ ମୃତକଙ୍କ ଅଙ୍ଗଦାନ ୮ ଜଣଙ୍କ ଜୀବନ ବଞ୍ଚାଇପାରିବ। ହେଲେ ଭାରତରେ ଅଙ୍ଗଦାନ ସ୍ଥିତି ଅତି ପୁରୁଣା ସ୍ତରରେ ରହିଯାଇଛି। ଉତ୍ତରପୂର୍ବାଞ୍ଚଳରେ ଏହା ଅତି ନଗଣ୍ୟ। ସଂଖ୍ୟାଧିକ ଭାରତୀୟ ଅଙ୍ଗଦାନ ସମ୍ପର୍କିତ ନୀତିନିୟମ ଉପରେ ସଚେତନ ନୁହନ୍ତି। ଏହି ଆଇନଗୁଡ଼ିକ ଜଟିଳ ଓ ଅଙ୍ଗଦାନରେ ଦୁର୍ନୀତି ଜଡ଼ିତ ବୋଲି ଲୋକଙ୍କ ଧାରଣା ରହିଛି। ଅବଶ୍ୟ ରକ୍ତଦାନରେ ବ୍ୟାବସାୟିକ ଦିଗ ରହିଛି ଏବଂ ଅନେକ ରକ୍ତଦାନ ଶିବିରରେ ଗ୍ରହଣ କରାଯାଉଥିବା ରକ୍ତ ବିକ୍ରି କରିଦିଆଯାଏ। ସେହିଭଳି ଅଙ୍ଗଦାନରେ ମଧ୍ୟ କିଡ୍‌ନୀ ଚୋରି ହେବାର ଖବର ସମସ୍ତେ ଜାଣିଛୁ, କାରଣ ସେହି ଅଙ୍ଗଗୁଡ଼ିକ ଉଚ୍ଚ ମୂଲ୍ୟରେ ବିକ୍ରି କରିହୁଏ। ଏହା ବ୍ୟତୀତ ସମାଜରେ ପୁନର୍ଜନ୍ମକୁ ନେଇ ରୂଢ଼ିବାଦୀ ଧର୍ମୀୟ ଚିନ୍ତାଧାରା ମଧ୍ୟ ଅଙ୍ଗଦାନରେ ବାଧକ ସାଜୁଛି। ଏସବୁ ଦୃଷ୍ଟିରୁ ନୀତିନିର୍ଦ୍ଧାରକ ଓ ବିଭିନ୍ନ ସଂସ୍ଥା ବ୍ୟାପକ ସଚେତନତା ସୃଷ୍ଟି କଲେ ଅଙ୍ଗଦାନ ଏବଂ ପ୍ରତିରୋପଣ ସ୍ଥିତିରେ ଉନ୍ନତି ଅଣାଯିବା ସହ ଅନେକାଂଶରେ ଅସମାନତା ଦୂର କରାଯାଇପାରିବ।



# ଅନୁପ୍ରାଣିତ ଜୀବନ

ଡ. ରଜନୀକାନ୍ତ ଖୁଣ୍ଟିଆ

ଦୈନନ୍ଦିନ ବ୍ୟସ୍ତବହୁଳ ଜୀବନରେ ଅସାଧାରଣକୁ ଅଣଦେଖା କରିବା ତଥା ଆମକୁ ଘେରି ରହିଥିବା ପ୍ରେରଣାର ସୂକ୍ଷ୍ମ ଉତ୍ସଗୁଡ଼ିକୁ ହରାଇବା ଆମର ନିତିଦିନିଆ ଅଭ୍ୟାସ। ତଥାପି, ଏହା ମଧ୍ୟରେ ପ୍ରେରଣାର ଏକ କ୍ଷୁଦ୍ର ଉତ୍ସର ଅପେକ୍ଷାରେ ଆମେ ସମସ୍ତେ ରହିଥାଉ। ଆଜି ଆମେମାନେ ବୃତ୍ତିଗତ ତଥା ଆର୍ଥିକ ମାଇଲଖୁଣ୍ଟ ହାସଲ କରିବାର ଦୌଡ଼ରେ ନିଜ କାର୍ଯ୍ୟର ପ୍ରକୃତ ମୂଲ୍ୟ ଏବଂ ଜୀବନର ଉଦ୍ଦେଶ୍ୟ ଉପରେ ପ୍ରଶ୍ନ କରିବାକୁ ଭୁଲିଯାଉ। ଦୀର୍ଘ ଦିନ ଓ କ୍ରମାଗତ ଭାବରେ ଗୋଟିଏ ପ୍ରକାର କାର୍ଯ୍ୟ ଓ ଅଟୋପାଇଲଟ ମୋଡରେ ସାରା ଜୀବନ ଚାଲିଯାଏ। ନିଜ ମୂଲ୍ୟ ଅପେକ୍ଷା ଆମେ ବାହ୍ୟ ଆଶା ଦ୍ୱାରା ପରିଚାଳିତ ହୋଇଥାଉ। ଏହି ଆତ୍ମ-ସଚେତନତା ଓ ଆତ୍ମ-ପ୍ରେରଣା ଉଦ୍ଦେଶ୍ୟମୂଳକ ତଥା ପ୍ରେରଣାଦାୟକ ଜୀବନର ପ୍ରଥମ ସୋପାନ।

ଆତ୍ମପ୍ରେରଣା ଏକ ଶକ୍ତିଶାଳୀ ଉତ୍ସ । ବାହ୍ୟ କାରଣ ଉପରେ ନିର୍ଭର କରିବା ପରିବର୍ତ୍ତେ ନିଜ ଭିତରୁ ପ୍ରେରଣା ଏବଂ ନିଷ୍ଠା ଖୋଜିବା ସହିତ ଏହା ଜଡିତ। ବାହ୍ୟ ପ୍ରେରଣାଦାତା, ଯେପରିକି ଅନ୍ୟମାନଙ୍କ ପ୍ରଶଂସା କିମ୍ବା ପୁରସ୍କାର, ଅସ୍ଥାୟୀ ହୋଇପାରେ। ମାତ୍ର ଆତ୍ମପ୍ରେରଣା ଅଧିକ ସ୍ଥାୟୀ ହେବାର ସମ୍ଭାବନା ଅଧିକ କାରଣ ଏହା ବ୍ୟକ୍ତିଗତ ମୂଲ୍ୟବୋଧ, ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟର ଭାବନାରୁ ଆସିଥାଏ। ଆତ୍ମପ୍ରେରିତ ବ୍ୟକ୍ତିମାନେ ସେମାନଙ୍କର ଲକ୍ଷ୍ୟ ଅନୁସରଣ ପ୍ରକ୍ରିୟାରେ ପ୍ରାୟତଃ ସନ୍ତୋଷ ପାଆନ୍ତି। ବ୍ୟକ୍ତିଗତ କୃତିତ୍ୱରୁ ଆସୁଥିବା ଅନ୍ତର୍ନିହିତ ପୁରସ୍କାର ବାହ୍ୟ ପୁରସ୍କାର ଅପେକ୍ଷା ଅଧିକ ଅର୍ଥପୂର୍ଣ୍ଣ ହୋଇପାରେ। ଆତ୍ମପ୍ରେରିତ ବ୍ୟକ୍ତିମାନେ ଆହ୍ୱାନର ସମ୍ମୁଖୀନ ହେଲେ ଅଧିକ ସ୍ଥିର ଭାବରେ ଏହାର ନିରାକରଣ ଖୋଜନ୍ତି। ବାଧାବିଘ୍ନକୁ ଦୂର କରିବା, ବିଫଳତାରୁ ଶିଖିବା ଏବଂ ଲକ୍ଷ୍ୟ ଅନୁସରଣରେ ଅବିରତ ରହିବା ପାଇଁ ଆଭ୍ୟନ୍ତରୀଣ ଶକ୍ତି ପ୍ରେରିତ କରେ। ଯେତେବେଳେ ବ୍ୟକ୍ତିମାନେ ନିଜର ଲକ୍ଷ୍ୟ ସ୍ଥିର କରନ୍ତି ଏବଂ ସେଗୁଡିକ ହାସଲ କରିବାକୁ ଚେଷ୍ଟା କରନ୍ତି, ସେମାନେ ନିରନ୍ତର ଶିକ୍ଷା ଏବଂ ଉନ୍ନତିରେ ନିୟୋଜିତ ହୁଅନ୍ତି। ବାହ୍ୟ ପରିସ୍ଥିତି ବଦଳିପାରେ ଏବଂ ବାହ୍ୟ ପ୍ରେରଣାଦାତା ସର୍ବଦା ଉପସ୍ଥିତ ନ ରହିପାରନ୍ତି କିନ୍ତୁ ପରିବର୍ତ୍ତିତ ପରିସ୍ଥିତି ସହିତ ଖାପ ଖୁଆଇବା ପାଇଁ ଆତ୍ମ-ପ୍ରେରିତ ବ୍ୟକ୍ତିମାନେ ଅଧିକ ସଜ୍ଜିତ ଥାନ୍ତି।

ଛୋଟ ଛୋଟ ସଫଳତା ଓ ବିଜୟରେ ସୌନ୍ଦର୍ଯ୍ୟ ଲୁଚି ରହିଥାଏ। ଆମେ ପ୍ରତିଦିନ ସାମ୍ନା କରୁଥିବା ଛୋଟ ଛୋଟ ବିଜୟ ମଧ୍ୟରେ ଏହା ବସା ବାନ୍ଧନ୍ତି। ଏହି ସୌନ୍ଦର୍ଯ୍ୟକୁ ଖୋଜି ପାରିଲେ ଜୀବନ ପ୍ରେରଣାଦାୟୀ ହୋଇଥାଏ। କାର୍ଯ୍ୟକ୍ଷେତ୍ରରେ ଏକ ଆହ୍ୱାନପୂର୍ଣ୍ଣ କାର୍ଯ୍ୟକୁ ଉତ୍ତମ ଭାବେ ସମ୍ପାଦନ କରିବା, ଅନ୍ୟମାନଙ୍କ ସହିତ ଏକ ସୁସ୍ଥ ସମ୍ପର୍କର ଅଭ୍ୟାସ ବଜାୟ ରଖିବା, କିମ୍ବା କେବଳ ଏକ



ବ୍ୟସ୍ତବହୁଳ ଦିନକୁ ଅନୁଗ୍ରହ ସହିତ ସମାପ୍ତ କରିବା ଇତ୍ୟାଦି ଇତ୍ୟାଦି। ସଫଳତା ଯେ ସର୍ବଦା ବଡ଼ କିମ୍ବା ସ୍ମରଣୀୟ ହେବ ତାହାର କିଛି ଆବଶ୍ୟକତା ନାହିଁ। ପ୍ରତ୍ୟେକ ସଫଳତା, ଯେତେ ନମ୍ର ହେଉନା କାହିଁକି, ସ୍ୱୀକୃତି ପାଇବାକୁ ଯୋଗ୍ୟ। ଏହି ଛୋଟ ବିଜୟକୁ ପାଳନ କରିବାକୁ କିଛି ସମୟ ନିଆଯିବା ଉଚିତ, କାରଣ ଏଗୁଡ଼ିକ ଏକ ପ୍ରେରିତ ଏବଂ ପୂର୍ଣ୍ଣ ଜୀବନର ନିର୍ମାଣକାରୀ ଶୃଙ୍ଖଳ। ଛୋଟ ବିଜୟଗୁଡିକ ପ୍ରେରଣା ଦିଏ ଯେ ପ୍ରତ୍ୟେକ ପଦକ୍ଷେପ, ଯେତେ ଛୋଟ ହେଲେ ମଧ୍ୟ ବ୍ୟକ୍ତିଗତ ସଫଳତା ଏବଂ ପୂର୍ଣ୍ଣତାର ବୃହତ କାହାଣୀର ଏକ ଅର୍ଥପୂର୍ଣ୍ଣ ଅଂଶ। ନିଜେ ସଫଳ ହେବା ତଥା ଅନ୍ୟମାନଙ୍କୁ ସଫଳତା ପାଇଁ ପ୍ରେରିତ କରିବା ଆଜିର ଦିନର ଅନୁଚିନ୍ତା।

ଅନୁପ୍ରାଣିତ ଜୀବନର ମୂଳରେ କୃତଜ୍ଞତା ରହିଥାଏ। ଆଜିର 'ମୁଁ' ସର୍ବସ୍ୱ ଦୁନିଆରେ କାର୍ଯ୍ୟ ହାସଲ ପରେ ଅନ୍ୟକୁ କୃତଜ୍ଞତା ଦେବାକୁ ଆମେ ପଛଘୁଞ୍ଚା ଦେଉ। ଆମ ଜୀବନର କପଡ଼ାରେ ବୁଣା ହୋଇଥିବା ଆଶୀର୍ବାଦକୁ ପ୍ରଶଂସା କରିବାର କ୍ଷମତା ଆମର ରହିବା ଉଚିତ। ମୋ ଜୀବନରେ କିଛି ନାହିଁ କହିବାର ପ୍ରବୃତ୍ତିରୁ ବିରତ ରହିବା ଉଚିତ। ଯେପରିକି ସକାଳୁ ଉଠି ପ୍ରଥମେ ଆଉ ଗୋଟିଏ ଦିନର ଜୀବନ ତଥା ପ୍ରତ୍ୟେକ ନୂତନ ଦିନ ଆଣିଥିବା ସୁଯୋଗ ପାଇଁ ଈଶ୍ୱରଙ୍କୁ କୃତଜ୍ଞତା। ଯାହା ପାଇଁ ଆମେ କୃତଜ୍ଞ, ପ୍ରତ୍ୟେକ ଦିନ ଚିନ୍ତା କରିବାକୁ କିଛି ସମୟ ନିଆଯିବା ଉଚିତ। କୃତଜ୍ଞତା ପ୍ରେରଣାର ଦ୍ୱାରକୁ ଉନ୍ମୁକ୍ତ କରିଥାଏ। କୃତଜ୍ଞତା ସୃଷ୍ଟି କରିବା ହେଉଛି ଏକ ଉତ୍କୃଷ୍ଟ ଅଭ୍ୟାସ ଯାହା ଆମର ସାମଗ୍ରିକ ସୁସ୍ଥତା ଏବଂ ଜୀବନର ଦୃଷ୍ଟିକୋଣ ଉପରେ ସକାରାତ୍ମକ ପ୍ରଭାବ ପକାଇପାରେ। କିନ୍ତୁ ପ୍ରଶ୍ନ ହେଉଛି କିପରି ? କାହାଠାରୁ ପାଇଥିବା କିଛି କୃତଜ୍ଞତାକୁ ଆମେ ନିଜସ୍ୱ ଡାଏରୀରେ ଲିପିବଦ୍ଧ କରି ରଖିପାରିବା। କୃତଜ୍ଞତା ଏକ ନିରନ୍ତର ପ୍ରକ୍ରିୟା ଯାହା ଅଭ୍ୟାସ ଏବଂ ମନୋବୃତ୍ତି ଆବଶ୍ୟକ କରେ। ଏହି କୌଶଳଗୁଡିକ ଜୀବନରେ ଅନ୍ତର୍ଭୁକ୍ତ କରି ଆମେ ଏକ ଅଧିକ ସକାରାତ୍ମକ ଏବଂ କୃତଜ୍ଞ ମାନସିକତା ବିକଶିତ କରିପାରିବା।

ସବୁକିଛିରେ ଭଲ ଖୋଜିବା ହେଉଛି ଏକ ଦୃଷ୍ଟିକୋଣ ଯାହା ସକାରାତ୍ମକତା, ସ୍ଥିରତା ଏବଂ ଜୀବନର ଅନୁଭୂତିକୁ ତ୍ୱରାନ୍ୱିତ କରିଥାଏ। ଅଧିକନ୍ତୁ, ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସକାରାତ୍ମକ ଦିଗଗୁଡ଼ିକୁ ସକ୍ରିୟ ଭାବରେ ଖୋଜିବା ଏବଂ ସ୍ୱୀକାର କରିବା ସହିତ ଏହା ଜଡିତ। ଏହି ମାନସିକତାକୁ ଗ୍ରହଣ କରି, ଆମେମାନେ କୃତଜ୍ଞତା ଏବଂ ଏକ ଅଧିକ ଆଶାବାଦୀ ଦୃଷ୍ଟିକୋଣ ସୃଷ୍ଟି କରନ୍ତି, ଯାହା ମାନସିକ ଏବଂ ଭାବପ୍ରବଣତାରେ ଉନ୍ନତି ଆଣିବାରେ ସହାୟକ ହୋଇପାରେ। ସବୁକିଛିରେ ଭଲ ଖୋଜିବା ଅର୍ଥ ଅସୁବିଧାକୁ ଅଣଦେଖା କରିବା କିମ୍ବା ବାସ୍ତବତାକୁ ଅସ୍ୱୀକାର କରିବା ନୁହେଁ; ବରଂ, ପ୍ରତିକୂଳ ପରିସ୍ଥିତିର ନିରାକରଣ ପାଇଁ ପ୍ରଚେଷ୍ଟା, ଉଦ୍ଦିଷ୍ଟ ଶିକ୍ଷା, କିମ୍ବା ଅଭିବୃଦ୍ଧିର ସୁଯୋଗକୁ ଚିହ୍ନଟ କରିବା ହିଁ ମୂଳ ଲକ୍ଷ୍ୟ ହେବା ଉଚିତ। ଏହି ମାନସିକତା ସଶକ୍ତୀକରଣର ଭାବନା ଏବଂ ଜୀବନର ଆଭିମୁଖ୍ୟ ବଢାଇଥାଏ।

ଉତ୍ସାହ ହେଉଛି ଏକ ଶକ୍ତିଶାଳୀ ଶକ୍ତି ଯାହା ଆମକୁ ଆଗକୁ ବଢାଇଥାଏ। ଯାହା ପ୍ରାଣକୁ ପୁଲକିତ କରେ, ସେଥିରେ ସମୟ ଉତ୍ସର୍ଗ କରିବା ଉଚିତ ଏବଂ ସେହି ଉତ୍ସାହକୁ ଜୀବନର ଅନ୍ୟାନ୍ୟ ଦିଗରେ ବିସ୍ତାର କରିବାକୁ ହେବ। ଆମେ ଯାହା ଭଲ ପାଉ ତାକୁ କରିବା ଓ ଯାହା କରୁ ତାକୁ ଭଲ ପାଇବା ଉଚିତ। ନୈତିକତା ସମ୍ପନ୍ନ କାର୍ଯ୍ୟରେ ନିୟୋଜିତ ହେବା ହିଁ ପ୍ରକୃତ ସନ୍ତୋଷ ପ୍ରଦାନ କରିଥାଏ । ଉତ୍ସାହରୁ ଉତ୍ପନ୍ନ ଶକ୍ତି ସୃଜନଶୀଳତା, ନୂତନତ୍ୱ ଏବଂ ବ୍ୟକ୍ତିଗତ ସନ୍ତୁଷ୍ଟିର ଏକ ଗଭୀର ଭାବନାକୁ ବୃଦ୍ଧି କରେ। ଏକ ଗତିଶୀଳ ଶକ୍ତି ଭାବରେ, ଉତ୍ସାହ କେବଳ ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ଲକ୍ଷ୍ୟ ଆଡକୁ ଗତି କରେ ନାହିଁ ବରଂ ସକାରାତ୍ମକତାକୁ ଆଲୋକିତ କରେ, ଯାହା ସେମାନଙ୍କ ଆଖପାଖରେ ଥିବା ଲୋକଙ୍କୁ ପ୍ରେରଣା ଦିଏ।

ଉଦ୍ଦେଶ୍ୟ ସହିତ ସମ୍ପୃକ୍ତ ଜୀବନ ହେଉଛି ଏକ ଗଭୀର ଯାତ୍ରା ଯାହା ଅର୍ଥପୂର୍ଣ୍ଣ, ଦିଗଯୁକ୍ତ ଏବଂ ପୂର୍ଣ୍ଣତାର ଭାବନା ଦ୍ୱାରା ଚିହ୍ନିତ। ଏହି ଉଦ୍ଦେଶ୍ୟ ଏକ ମାର୍ଗଦର୍ଶକ ଭାବରେ କାର୍ଯ୍ୟ କରେ ଏବଂ ନିଷ୍ପତ୍ତି ଓ ପ୍ରାଥମିକତା ଜୀବନର ସାମଗ୍ରିକ ଗତିପଥ ଗଠନ କରେ। ବାସ୍ତବରେ, ଏକ ଉଦ୍ଦେଶ୍ୟଚାଳିତ ଜୀବନ ହେଉଛି ପରିବର୍ତ୍ତନଶୀଳ ଏବଂ ପୂର୍ଣ୍ଣ ଯାତ୍ରା ଯାହା ଉଭୟ ବ୍ୟକ୍ତି ଏବଂ ସେମାନଙ୍କ ଚତୁର୍ପାର୍ଶ୍ୱରେ ଥିବା ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିଥାଏ। ଅନୁପ୍ରାଣିତ ଜୀବନ ଏକ ଲକ୍ଷ୍ୟସ୍ଥଳ ନୁହେଁ ବରଂ ଏକ ନିରନ୍ତର ଯାତ୍ରା – ସାଧାରଣରେ ପ୍ରେରଣା ଖୋଜିବା, କୃତଜ୍ଞତା ପ୍ରଦାନ କରିବା ଏବଂ ଉତ୍ସାହର ସହିତ ଜୀବନ ଯାତ୍ରାକୁ ଅନୁସରଣ କରିବା ପାଇଁ ଏକ ପ୍ରତିବଦ୍ଧତା।

**ସହକାରୀ ପ୍ରାଧ୍ୟାପକ,**
**ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ,**
**ମୋ: ୯୯୩୭୨୮୫୬୭୨**



# ସାମାଜିକ ଗଣମାଧ୍ୟମ ବିବର୍ତ୍ତନର ପ୍ରଭାବ

ସୌରଜିତ ପ୍ରଧାନୀ

ସୋସିଆଲ ମିଡିଆ ପରସ୍ପରକୁ ଯୋଡିବା, ଯୋଗାଯୋଗ କରିବା, ସୂଚନା ଆଦାନ ପ୍ରଦାନ କରିବା ଆଦିରେ ବୈପ୍ଳବିକ ପରିବର୍ତ୍ତନ ଆଣୁଛି। ବର୍ଷ ବର୍ଷ ଧରି ଏହାର ବିବର୍ତ୍ତନ ଯୁବବର୍ଗର ସାମାଜିକୀକରଣ ପ୍ରକ୍ରିୟା, ସେମାନଙ୍କ ସମ୍ପର୍କ, ଆତ୍ମଧାରଣା ଓ ବିଶ୍ୱଦୃଷ୍ଟିକୁ ବେଶ୍ ପ୍ରଭାବିତ କରିଛି। ସ୍ମାର୍ଟ ଫୋନର ଆଗମନ ଏବଂ ଇଣ୍ଟରନେଟ ସଂଯୋଗର ପ୍ରସାର ଦ୍ୱାରା ସାମାଜିକ ଗଣମାଧ୍ୟମର ଉତ୍ଥାନକୁ ସମର୍ଥନ ମିଳିଥିଲା।

ସ୍ମାର୍ଟ ଫୋନ ଏବଂ ଇଣ୍ଟରନେଟ ସଂଯୋଗ ଗାଁ ଏବଂ ଛୋଟ ସହରରେ ପହଞ୍ଚିଥିବାରୁ ଗ୍ରାମାଞ୍ଚଳରେ ରହୁଥିବା ସାଧାରଣ ଲୋକ ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ୍ ଆଦି ସୋସିଆଲ ମିଡିଆ ପ୍ଲାଟଫର୍ମ ସଂସ୍ପର୍ଶରେ ଆସିପାରିଛନ୍ତି। ୨୦୦୦ ଦଶକର ପ୍ରାରମ୍ଭରେ 'ସିକ୍ସ ଡିଗ୍ରୀ' ଏବଂ 'ଫ୍ରେଣ୍ଡଷ୍ଟର' ଭଳି ପ୍ଲାଟଫର୍ମ ଆସିବା ପରେ ଅନ୍‌ଲାଇନ ସାମାଜିକ ନେଟ୍‌ୱର୍କର ପରିକଳ୍ପନା ଆରମ୍ଭ ହୋଇଥିଲା। ଏହି ପ୍ଲାଟଫର୍ମଗୁଡ଼ିକ ବ୍ୟବହାରକାରୀଙ୍କୁ ପ୍ରୋଫାଇଲ ତିଆରି କରିବା, ଅନ୍ୟମାନଙ୍କ ସହ ସଂଯୋଗ କରିବା ଏବଂ ବିଷୟବସ୍ତୁ ବାଣ୍ଟିବା ପାଇଁ ସକ୍ଷମ କରିବା ଦ୍ୱାରା ସାମାଜିକ ଗଣମାଧ୍ୟମର ବିବର୍ତ୍ତନର ମୂଳଦୁଆ ପକାଇଥିଲା। ତେବେ ମାଇଁ ସ୍ପେସ୍ ଏବଂ ଫେସ୍‌ବୁକ ଭଳି ପ୍ଲାଟଫର୍ମର ଆବିର୍ଭାବ ହେବା ପର୍ଯ୍ୟନ୍ତ ସୋସିଆଲ ମିଡିଆ ବ୍ୟାପକ ଲୋକପ୍ରିୟତା ହାସଲ କରିପାରି ନ ଥିଲା। ୨୦୦୪ ରେ ଆରମ୍ଭ ହୋଇଥିବା ଫେସ୍‌ବୁକ ସୋସିଆଲ ମିଡିଆ ବିପ୍ଳବରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏହି ଯୁଗ ବ୍ୟକ୍ତିଗତ ବ୍ରାଣ୍ଡିଂର ଆରମ୍ଭକୁ ଚିହ୍ନିତ କରିଥିଲା, ଯେଉଁଠାରେ ବ୍ୟକ୍ତିମାନେ ନିଜ ସାଥୀଙ୍କୁ ଏକ ଆକାଂକ୍ଷିତ ଚିତ୍ର ଉପସ୍ଥାପନ କରିବାକୁ ଯତ୍ନର ସହିତ ସେମାନଙ୍କ ଅନ୍‌ଲାଇନ ବ୍ୟକ୍ତିବିଶେଷଙ୍କୁ ତିଆରି କରିଥିଲେ। ଯୁବକମାନଙ୍କର ସାମାଜିକୀକରଣ ପ୍ରକ୍ରିୟାରେ ଏହି ପରିବର୍ତ୍ତନର ପ୍ରଭାବ ଗଭୀର ଥିଲା।

ଇନ୍‌ଷ୍ଟାଗ୍ରାମ୍ ଏବଂ ସ୍ନାପଚାଟ ପରି ଦୃଶ୍ୟ କୈନ୍ଦ୍ରିକ ପ୍ଲାଟଫର୍ମର ଉତ୍ଥାନ ସହିତ ସୋସିଆଲ ମିଡିଆର ବିବର୍ତ୍ତନ ଜାରିରହିଲା। ଏହି ପ୍ଲାଟଫର୍ମଗୁଡ଼ିକ ଲେଖା ଉପରେ ଫଟୋ ଏବଂ ଭିଡିଓ ଭଳି ଦୃଶ୍ୟମାନ ବିଷୟବସ୍ତୁ ଉପରେ ଗୁରୁତ୍ୱ ଦେଇ ଯୋଗାଯୋଗରେ ପରିବର୍ତ୍ତନ ଆଣିଥିଲା। ଯୁବକମାନଙ୍କ ଆତ୍ମସମ୍ମାନ ଏବଂ ସ୍ୱଭାବ ପ୍ରକାଶ ଉପରେ ଭିଜୁଆଲ ମିଡିଆର ପ୍ରଭାବ ସ୍ପଷ୍ଟ ହୋଇଗଲା, ଯେହେତୁ ଲୋକମାନେ ସେମାନଙ୍କ ଅନ୍‌ଲାଇନ ଉପସ୍ଥିତି ବୃଦ୍ଧି କରିବା ପାଇଁ ସୌନ୍ଦର୍ଯ୍ୟ ଏବଂ 'ଫିଲ୍ଟର୍' ଉପରେ ଗୁରୁତ୍ୱ ଦେବା ଆରମ୍ଭ କରିଥିଲେ। ୨୦୦୬ ରେ ଆରମ୍ଭ ହୋଇଥିବା 'ଟୁଇଟର' ମାଇକ୍ରୋବ୍ଲଗିଂର ଧାରଣାକୁ ଲୋକପ୍ରିୟ କରିଥିଲା। ଏହି ପ୍ଲାଟଫର୍ମ ବାସ୍ତବ-ସମୟ ବାର୍ତ୍ତାଳାପ ଏବଂ ଟ୍ରେଣ୍ଡକୁ ପ୍ରୋତ୍ସାହିତ କରିଥିଲା। ସାମାଜିକୀକରଣ ପ୍ରକ୍ରିୟା ଉପରେ 'ଟୁଇଟର'ର ପ୍ରଭାବ ଜନମତ ଗଠନ ଏବଂ ସ୍ୱରର ବିସ୍ତାରରେ ସ୍ପଷ୍ଟ ହୋଇଥିଲା, ଯାହା ଯୁବକମାନଙ୍କୁ ବିଶ୍ୱସ୍ତରୀୟ ଆଲୋଚନା ଏବଂ ସକ୍ରିୟତାରେ ଅଂଶଗ୍ରହଣ କରିବାକୁ ସକ୍ଷମ କରିଥିଲା।

ସାମାଜିକ ଗଣମାଧ୍ୟମ ଅଭୂତପୂର୍ବ ସଂଯୋଗ ଆଣିଥିବା ବେଳେ ଏହା ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ବିଷୟରେ ଚିନ୍ତା ବଢ଼ାଇଛି। ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାରକୁ ଯୁବକମାନଙ୍କ ମଧ୍ୟରେ ଉଦ୍‌ବେଗ, ଅବସାଦ ଏବଂ



କମ୍ ଆତ୍ମସମ୍ମାନ ଭଳି ସମସ୍ୟା ସହିତ ଯୋଡ଼ାଯାଇଛି। ଏହା ଯୁବକଙ୍କ ସାମଗ୍ରିକ କଲ୍ୟାଣକୁ ପ୍ରଭାବିତ କରିଥାଏ। ଯୁବକମାନେ କ୍ରମାଗତ ଭାବେ ଫୋନକୁ 'ଲାଇକ' ଏବଂ 'କମେଣ୍ଟ' ପାଇଁ ଯାଞ୍ଚ କରୁଛନ୍ତି। ଏହା ଏକପ୍ରକାର ସାମାଜିକ ବୈଧତା, ଯାହା ସେମାନେ ସମାଜ ତଥା ସେମାନଙ୍କ ସାଥୀମାନଙ୍କଠାରୁ ଚାହୁଁଛନ୍ତି। କମ୍ ସଂଖ୍ୟକ 'ଲାଇକ' ପାଇଥିବା ଯେକୌଣସି ପୋଷ୍ଟ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ ଏବଂ ବାସ୍ତବରେ ଅବସାଦ ସୃଷ୍ଟି କରିପାରେ। ବଡ଼ ହୋଟେଲ, ବିଦେଶ ଆଦି ସ୍ଥାନକୁ ଯାଉଥିବା ସେମାନଙ୍କ ବନ୍ଧୁମାନଙ୍କ ଫଟୋ ଦେଖିଲେ ସେମାନେ ଏକ ନିମ୍ନମାନର 'କମ୍ପ୍ଲେକ୍ସ' ପାଇଥାନ୍ତି।

ସୋସିଆଲ ମିଡିଆର ଆଗମନ ସହିତ ଏକ ସୁଖୀ ବିବାହର ଅର୍ଥ ଭିନ୍ନ ରୂପ ନେଇଛି। ଫେସ୍‌ବୁକ୍ ଯୁଗରେ ଲୋକମାନେ ସ୍ୱୀକୃତି ଏବଂ ପ୍ରଶଂସା ପାଇବା ପାଇଁ ବିବାହ କରୁଛନ୍ତି। ଏଭଳି ମନୋବିଜ୍ଞାନ ବିଭିନ୍ନ ବୃତ୍ତି ଏବଂ ଉଦ୍ୟୋଗର ପୋଷଣରେ ସହାୟକ ହୋଇଛି। ପ୍ରତ୍ୟେକ ସାଧାରଣ ଲୋକ ଆଜି ଜଣେ ପେସାଦାର ଫଟୋଗ୍ରାଫର ଏବଂ ଇଭେଣ୍ଟ ପରିଚାଳକ ବୋଲି ଦାବି କରୁଛନ୍ତି।

ସୋସିଆଲ ମିଡିଆର ବିବର୍ତ୍ତନ ପ୍ରେମ ସମ୍ପର୍କର ପରିଦୃଶ୍ୟକୁ ପୁନଃ ପରିଭାଷିତ କରିଛି। ଅନ୍‌ଲାଇନ ବାର୍ତ୍ତାଳାପ ସାମ୍ନାସାମ୍ନି ଯୋଗାଯୋଗର ପରିପୂରକ, ଯାହା ବ୍ୟକ୍ତିବିଶେଷଙ୍କୁ ଭୌଗୋଳିକ ସୀମା ବାହାରେ ସଂଯୋଗ ରଖିବାକୁ ଅନୁମତି ଦେଇଥାଏ। ତଥାପି ଡିଜିଟାଲ କ୍ଷେତ୍ର ଆହ୍ୱାନ ସୃଷ୍ଟି କରେ। ସରକାରୀ ଏବଂ ବ୍ୟକ୍ତିଗତ ଜୀବନ ମଧ୍ୟରେ ପ୍ରକୃତ, ଅର୍ଥପୂର୍ଣ୍ଣ ସମ୍ପର୍କ ଗଠନ ଉପରେ ସୋସିଆଲ ମିଡିଆ ପ୍ରଭାବ ପକାଇଥାଏ।

'ୟୁଟ୍ୟୁବ୍', 'ଇନ୍‌ଷ୍ଟାଗ୍ରାମ୍' ଏବଂ 'ଟିକ୍‌ଟକ୍' ପରି ପ୍ଲାଟଫର୍ମରେ ପ୍ରଭାବଶାଳୀଙ୍କ ଉତ୍ଥାନ ଆକାଂକ୍ଷୀ ଜୀବନଶୈଳୀ ଉପରେ କେନ୍ଦ୍ରିତ ଏକ ସଂସ୍କୃତିକୁ ଜନ୍ମ ଦେଇଛି। ଯୁବକମାନେ ଅଧିକାଂଶ ପ୍ରଭାବଶାଳୀ ନିର୍ମାତାଙ୍କ ଦ୍ୱାରା ପ୍ରଭାବିତ ହୁଅନ୍ତି, ସେମାନଙ୍କର ଆକାଂକ୍ଷା, ଆଚରଣ ଏବଂ ଏପରିକି ବୃତ୍ତି ପସନ୍ଦକୁ ରୂପ ଦିଅନ୍ତି । ସାମାଜିକୀକରଣ ପ୍ରକ୍ରିୟା ଉପରେ ଏହି ପ୍ରଭାବଶାଳୀ ସଂସ୍କୃତିର ପ୍ରଭାବ ଯଥେଷ୍ଟ, କାରଣ ଏହାର ସାମାଜିକ ନିୟମ ଏବଂ ମୂଲ୍ୟବୋଧ ଗଠନରେ ଯୋଗଦାନ ରହିଥାଏ।

ଯୁବପିଢ଼ିଙ୍କ ମଧ୍ୟରେ ରାଜନୈତିକ ସଚେତନତା ସୃଷ୍ଟି କରିବାରେ ସାମାଜିକ ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଟୁଇଟର ଏବଂ ଇନ୍‌ଷ୍ଟାଗ୍ରାମ୍ ପରି ପ୍ଲାଟ୍‌ଫର୍ମ ରାଜନୈତିକ କାର୍ଯ୍ୟକଳାପ ପାଇଁ ଶକ୍ତିଶାଳୀ ଉପକରଣରେ ପରିଣତ ହୋଇଛି, ଯାହା ଯୁବକମାନଙ୍କୁ ସେମାନଙ୍କ ମତାମତ ପ୍ରକାଶ କରିବାକୁ, ଆନ୍ଦୋଳନକୁ ଏକତ୍ରିତ କରିବାକୁ ଏବଂ କର୍ତ୍ତୃପକ୍ଷଙ୍କୁ ଉତ୍ତରଦାୟୀ କରିବାକୁ ଅନୁମତି ଦେଇଥାଏ। ତଥାପି ସୋସିଆଲ ମିଡିଆ ଆମ ଯୁବପିଢ଼ିଙ୍କ ସାମାଜିକୀକରଣ ପ୍ରକ୍ରିୟାକୁ ବଦଳାଇ ଦେଇଛି, ଯାହା ଉଭୟ ସୁଯୋଗ ଏବଂ ଆହ୍ୱାନ ପ୍ରଦାନ କରୁଛି। ଯଦିଓ ଏହା ଅଭୂତପୂର୍ବ ସଂଯୋଗ ଏବଂ ସଶକ୍ତୀକରଣକୁ ସୁଗମ କରିଛି, ଏହା ମାନସିକ ସ୍ୱାସ୍ଥ୍ୟ ପ୍ରାମାଣିକତା ଏବଂ ପ୍ରଭାବଶାଳୀ ସଂସ୍କୃତିର ପ୍ରଭାବ ବିଷୟରେ ମଧ୍ୟ ଚିନ୍ତା ବଢ଼ାଇଛି। ଏହା ସାମାଜିକ ଏବଂ ଆବେଗିକ ଅବସାଦ ମଧ୍ୟ ସୃଷ୍ଟି କରିଛି। ପରିଶେଷରେ ଡିଜିଟାଲ ଯୁଗରେ ଦାୟିତ୍ୱବାନ ଏବଂ ସକାରାତ୍ମକ ଯୋଗଦାନ ଦିଗରେ ଯୁବକମାନଙ୍କୁ ମାର୍ଗଦର୍ଶନ କରିବା ପାଇଁ ସୋସିଆଲ ମିଡିଆର ବିବର୍ତ୍ତନକୁ ବୁଝିବା ଜରୁରୀ।

**ପ୍ଲଟ ନଂ. ୧୩୭, ଜିଲା କେନ୍ଦ୍ର,**
**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର,**
**ମୋ:୯୯୬୭୧୦୨୨୬୪**

## ଏଇ ଭାରତରେ

ପୁରୁଣା ଜିନ୍ସରେ ଆରାମଦାୟକ ସ୍ଲିପିଂ ବ୍ୟାଗ ତିଆରି କରି ତାହାକୁ ଗୃହହୀନ ଲୋକଙ୍କୁ ମାଗଣାରେ ଦେଉଛନ୍ତି ନିର୍ବାଣ ସୋମାନି। ପ୍ରତି ମିନିଟରେ ଅନେକ ଟନ ପୁରୁଣା କନାପଡ଼ି ପରିବେଶ ପ୍ରଦୂଷଣ ଭଳି ନକାରାତ୍ମକ ପ୍ରଭାବ ରୋକିବା ପାଇଁ ଉପାୟ ଚିନ୍ତା କରୁକରୁ ଏହି ବିକଳ୍ପ ପାଇପାରିଥିଲେ ନିର୍ବାଣ। ୨୦୨୨ରେ ନିର୍ବାଣ ମାତ୍ର ୧୫ ବର୍ଷ ବୟସରେ 'ପ୍ରୋଜେକ୍ଟ ଜିନ୍ସ-ବ୍ଲୁ ଟୁ ଗ୍ରୀନ'ଆରମ୍ଭ କରିଥିଲେ। ସେତେବେଳେ ଦିଲ୍ଲୀରେ ରାସ୍ତାକଡ଼ରେ ରହୁଥିବା ଲୋକଙ୍କୁ ପୁରୁଣା ଜିନ୍ସରୁ ସିପ୍ଲିଂ ବ୍ୟାଗ ତିଆରି କରି ବାଣ୍ଟିବା ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେ ଦିଲ୍ଲୀ-ଏନ୍‌ସିଆର୍, ହିମାଚଳ ପ୍ରଦେଶ, ବେଙ୍ଗାଲୁରୁ, ପୁଣେରେ ୨୦୦୦ ସ୍ଲିପିଂ ବ୍ୟାଗ୍ ବାଣ୍ଟିସାରିଛନ୍ତି। ଏପରି କି ତୁର୍କୀ ଓ ସିରିଆକୁ ୨୦୦ଟି ପଠାଇଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ସେ ୧୨,୦୦୦ ପୁରୁଣା ଜିନ୍ସକୁ ରିସାଇକ୍ଲିଂ କରିସାରିଲେଣି। ଶ୍ରୀରାମ ସ୍କୁଲ, ମୌଲସାରିର ଦ୍ୱାଦଶ ଶ୍ରେଣୀର ଛାତ୍ର ନିର୍ବାଣ ତାଙ୍କ ସାଙ୍ଗ ଓ ପରିବାରରୁ ପୁରୁଣା ଜିନ୍ସ ସଂଗ୍ରହ କରି ପ୍ରଥମ ସ୍ଲିପିଂ ବ୍ୟାଗ ତିଆରି କରିଥିଲେ। ଏବେ ଏହି କାର୍ଯ୍ୟରେ ୧୫ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ପ୍ରତ୍ୟେକ ବ୍ୟାଗ ତିଆରି କରିବା ପାଇଁ ୮୦୦ ଟଙ୍କା ଖର୍ଚ୍ଚ ହେଉଛି ଓ ଦାନରୁ ପାଉଥିବା ଅର୍ଥରେ ଏହା ଭରଣା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୩ ଫେବୃଆରୀ ୧୯୭୫**

- ସମ୍ପତ୍ତି କର ଦାଖଲ କରି ନ ଥିବା ସଂକ୍ରାନ୍ତରେ ରାଜସ୍ଥାନ ଜୟପୁରର ପୂର୍ବତନ ମହାରାଜାଙ୍କ ତିନୋଟି ପ୍ରାସାଦ ଉପରେ ଆୟକର କର୍ମଚାରୀଙ୍କ ଚଢ଼ାଉ।
- ଭାରତ ଓ ଯୁଗୋସ୍ଲୋଭିଆ ମଧ୍ୟରେ ବିଜ୍ଞାନ ଓ କାରିଗରୀ ସହଯୋଗିତା ନେଇ ଏକ ରାଜିନାମା ସ୍ୱାକ୍ଷରିତ।
- ଆତତାୟୀଙ୍କ ଗୁଳିରେ ମାଲାଗାସିର ନୂତନ ରାଷ୍ଟ୍ର-ପ୍ରଧାନ ୪୩ ବର୍ଷ ବୟସ୍କ କର୍ଣ୍ଣେଲ ରିଚାର୍ଡ ରତିସିମାନ୍ଦ୍ରାଭା ନିହତ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | 3 | 6 | | 9 |
| 5 | | | | | 2 | | | 8 |
| | | 1 | 7 | 4 | | | 5 | |
| | 7 | | | 2 | | | 8 | |
| | 5 | | | 8 | 7 | 3 | | |
| | | | 9 | | | | | |
| | | 7 | | | 5 | 9 | | |
| 1 | | | 8 | | | | | |
| | | | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏହି ସମାଧାନ କରିବାକୁ ହେବ, ଯେଉଁଥିରେ ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 6 | 2 | 5 | 3 | 7 | 1 | 8 |
| 1 | 2 | 5 | 9 | 8 | 7 | 4 | 6 | 3 |
| 3 | 7 | 8 | 4 | 6 | 1 | 9 | 5 | 2 |
| 6 | 1 | 7 | 5 | 9 | 8 | 3 | 2 | 4 |
| 8 | 3 | 9 | 1 | 4 | 2 | 5 | 7 | 6 |
| 2 | 5 | 4 | 7 | 3 | 6 | 1 | 8 | 9 |
| 9 | 4 | 2 | 8 | 7 | 5 | 6 | 3 | 1 |
| 7 | 8 | 3 | 6 | 1 | 9 | 2 | 4 | 5 |
| 5 | 6 | 1 | 3 | 2 | 4 | 8 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କଂଗ୍ରେସର ଦୁର୍ବଳତା

ମହାଶୟ,

ଭାରତୀୟ ଜାତୀୟ କଂଗ୍ରେସ ଦେଶର ସର୍ବପୁରାତନ ଦଳ। ଭାରତର ସ୍ୱାଧୀନତା ପ୍ରାପ୍ତି ଓ ଏହାକୁ ଏକ ଗଣତାନ୍ତ୍ରିକ ଧର୍ମନିରପେକ୍ଷ ଏବଂ ସମାଜବାଦୀ ରାଷ୍ଟ୍ରରେ ପରିଣତ କରିବାରେ ଏହି ଦଳ ଅବଦାନର ପଟାନ୍ତର ନାହିଁ। ଏହି ଦଳ ଦେଶକୁ ଶାସନ କରି ଏକତା ସୂତ୍ରରେ ବାନ୍ଧିରଖିଛି। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଥିଲେ ଆଧୁନିକ ଭାରତର ଆଦ୍ୟ ସ୍ଥପତି ଓ ପ୍ରମୁଖ ବିଧାଣି। ଇନ୍ଦିରା ଗାନ୍ଧୀ ଥିଲେ ବିଚକ୍ଷଣ ନେତ୍ରୀ ଓ ସବୁଜ ଏବଂ ଶ୍ୱେତବିପ୍ଳବର କର୍ଣ୍ଣଧାର। ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଥିଲେ ଭାରତର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ଓ ବିଜ୍ଞାନ, ବୈଷୟିକ ଶିକ୍ଷା ଓ ପ୍ରଯୁକ୍ତିବିଦ୍ୟାର ଯୁଗ ପ୍ରବର୍ତ୍ତକ। ପି.ଭି. ନରସିଂହରାଓ ଥିଲେ ମୁକ୍ତ ଅର୍ଥନୀତି ଓ ଉଦାରୀକରଣ ଅର୍ଥନୀତିର ଆବାହକ ଏବଂ ଡ. ମନମୋହନ ସିଂ ଏହି ଅର୍ଥନୀତିକୁ ସଫଳତାର ସହ ପ୍ରୟୋଗ କରିଥିଲେ । ଦୀର୍ଘ ଦଶନ୍ଧିର ଚମତ୍କାର ଉପଲବ୍ଧତାର ଅଧିକାରୀ ହୋଇ ମଧ୍ୟ ନିଜ ସଫଳତାର କାହାଣୀକୁ ଭାରତୀୟ ଭୋଟରଙ୍କ ସମ୍ମୁଖରେ ଉପସ୍ଥାପନ କରିବାରେ ବିଫଳତା କଂଗ୍ରେସ ପରାଜୟର ପ୍ରମୁଖ କାରଣ ହୋଇଛି।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ଚିରନ୍ତନୀ

ଘରଣୀ କଜିଆ କରି
ଆଜି ତାକୁ ପାଳି ଜ୍ୱର
ବରଷକ ପିଲାଟା ତ
କାନ୍ଥୁ କଫେ ସଡ ସଡ।
-(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ବାଟ ଓଗାଳିଲା ବାଘ

■ ଶିମିଳିପାଳରେ ଅଧ ଘଣ୍ଟା ଅଟକି ରହିଲା ପର୍ଯ୍ୟଟକଙ୍କ ଗାଡ଼ି

■ ବାର୍‌ହା ଶିକାର ବେଳର ଭିଡିଓ ଭାଇରାଲ୍

ବାରିପଦା,୧୨।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଏକ କଲରାପତରିଆ ବାଘ ପର୍ଯ୍ୟଟକଙ୍କ ବାଟ ଓଗାଳିବା ଚର୍ଚ୍ଚାର ବିଷୟ ହୋଇଛି। ପର୍ଯ୍ୟଟକଙ୍କ ଗାଡ଼ି ଆଗରେ ବାଘଟି ଅଧ ଘଣ୍ଟା ଘୁରି ବୁଲିବା ଓ ପରେ ବାର୍‌ହା ଶିକାର ପାଇଁ ଦୌଡିବା ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ସୂଚନା ଅନୁଯାୟୀ, ବାରିପଦା ସହର ମଧୁବନ ଅଞ୍ଚଳର ବାସିନ୍ଦା ଜୟନ୍ତ ନାୟକ ତାଙ୍କ ବନ୍ଧୁଙ୍କ ସହ ରବିବାର ଶିମିଳିପାଳ ଅଭୟାରଣ୍ୟ ବୁଲିବାକୁ ଯାଇଥିଲେ। ସନ୍ଧ୍ୟା ସମୟରେ ସେମାନେ ଚହଲା ବିଟ୍ ଅଞ୍ଚଳରୁ ପିଠାବଟା ଫେରିବା ବାଟରେ ଭଞ୍ଜମ ଗେଟ ନିକଟରେ ପହଞ୍ଚିବାର ୩ କି.ମି. ପୂର୍ବରୁ ବାଘ ଦେଖିଥିଲେ। କଲରାପତରିଆ ବାଘଟି ହଠାତ୍ ତାଙ୍କ ଗାଡ଼ି ଆଗକୁ ଚାଲି ଆସିଥିଲା। ଏହା ଦେଖି ସମସ୍ତେ ଭୟଭୀତ ହୋଇ ପଡ଼ିଥିଲେ। ଘାଟି ରାସ୍ତାରେ ବାଘଟି ପ୍ରାୟ ଅଧଘଣ୍ଟା ଗାଡ଼ି ଆଗରେ ଚାଲିଥିଲା। ଏହି ସମୟରେ ଏକ ବାର୍‌ହା ଶିକାର କରିବାକୁ ବାଘ ଜଙ୍ଗଲ ମଧ୍ୟକୁ ପଳାଇବାରୁ ପର୍ଯ୍ୟଟକମାନେ ସୁରକ୍ଷିତ ଭାବେ ଫେରିଥିଲେ।


ବାର୍‌ହା ଶିକାର ପାଇଁ ଦୌଡୁଥିବା ବାଘ।

# ଆଜିର ପିଲା ସଶକ୍ତ ଓଡ଼ିଶାର ସାରଥି ହେବେ: ମୁଖ୍ୟମନ୍ତ୍ରୀ

**୫-ଟି ସ୍କୁଲ ରୂପାନ୍ତରଣ**

■ ଚତୁର୍ଥ ପର୍ଯ୍ୟାୟର ଶେଷଦିନରେ ୮୭ ସ୍କୁଲ ଲୋକାର୍ପିତ

■ ୪ ପର୍ଯ୍ୟାୟରେ ୮,୬୮୧ ସ୍କୁଲର ଲୋକାର୍ପଣ

ଭୁବନେଶ୍ୱର, ୧୨।୨ (ଅସମାପିକା ସାହୁ)




୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟର ଶେଷଦିନରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାଜପୁର ଜିଲାର ୮୭ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ଜିଲାର ବିଧାୟକ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟି, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକଙ୍କୁ ଏହି କାର୍ଯ୍ୟକ୍ରମରେ ସହଯୋଗ ପାଇଁ ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ, ରୂପାନ୍ତର କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଶ୍ରେଷ୍ଠ ହେଉଛି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ। ସ୍କୁଲରୁ ହିଁ ଗୋଟିଏ ଜାତିର ଭବିଷ୍ୟତ ନିର୍ମାଣ ହୋଇଥାଏ। ରୂପାନ୍ତରିତ ସ୍କୁଲରେ ପିଲାଙ୍କ ସଫଳ ଭବିଷ୍ୟତ ପାଇଁ ସବୁ ସୁଯୋଗ ରହିଛି। ଆଜିର ପିଲାମାନେ ଆଗାମୀ ଦିନରେ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶାର ସାରଥି ହେବେ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶା ଓ ବିଶ୍ୱାସ ପ୍ରକଟ କରିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ, ଏବେ ଓଡ଼ିଶାରେ ରୂପାନ୍ତରର ଯୁଗ ଚାଲିଛି। ଶିକ୍ଷା ହିଁ ଆମ ସମାଜର ସାମୂହିକ ଚିନ୍ତାଧାରକୁ ଉଚ୍ଚସ୍ତରକୁ ନେଇଥାଏ। ସ୍କୁଲ ରୂପାନ୍ତର ଓଡ଼ିଆ ଜାତିରେ ନୂଆ ଜାଗରଣର ମାର୍ଗ ପ୍ରଶସ୍ତ କରିଛି।

ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ୫-ଟିର ଗୁରୁତ୍ୱ ବୁଝାଇଥିଲେ। ପିଲାମାନେ ନିଜ ଜୀବନରେ ଏହାକୁ ପ୍ରୟୋଗ କଲେ ନିଶ୍ଚୟ ସଫଳ ହେବେ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଆହ୍ୱାନ ଦେଇ କହିଥିଲେ, ତୁମେମାନେ ତୁମ ଜୀବନରେ ୫-ଟି ନୀତିର ପ୍ରୟୋଗ କର। ଏହା ତୁମମାନଙ୍କୁ ସଫଳତା ଆଣିଦେବ। ତୁମେମାନେ ନୂଆ ନୂଆ ବୈଷୟିକ ଜ୍ଞାନକୌଶଳ ବିଷୟରେ ଜାଣିବାକୁ ଚେଷ୍ଟା କର। ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ବାଚସ୍ପତି ପ୍ରମିଳା ମଲ୍ଲିକ ଯୋଗଦେଇ କହିଲେ, ଗୋଟିଏ ସାଧାରଣ ଗରିବ ପିଲା ଏବେ ଭଲ ପାଠ ପଢ଼ିବା ପାଇଁ ଆଉ ସହରକୁ ଯିବାକୁ ପଡ଼ିବ ନାହିଁ। ଘର ପାଖରେ ମୁଖ୍ୟମନ୍ତ୍ରୀ ସବୁ ପ୍ରକାର ବ୍ୟବସ୍ଥା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଏବଂ ୫-ଟି ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତର ଆସିଛି ବୋଲି ସେ କହିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ବିଜ୍ଞାନ ଓ ବୈଷୟିକ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍ତମ ଶିକ୍ଷାଦାନ ଦେଇ ଭଲ ମଣିଷ ତିଆରି କରିବା ପାଇଁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଲେ, ୫-ଟି ରୂପାନ୍ତରଣ ସରକାରୀ ସ୍କୁଲଗୁଡ଼ିକର ଗୁରୁତ୍ୱ ବୃଦ୍ଧି କରିଛି। ଯାଜପୁରର ୮୭ଟି ବିଦ୍ୟାଳୟ ସହିତ ରାଜ୍ୟର ୩୦ଟି ଜିଲାରେ ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଶେଷ ହୋଇଛି। ୨୦୨୧ ଫେବୃଆରୀ ମାସରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହା ଏକ କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ନ ରହି ଏକ ଆନ୍ଦୋଳନରେ ପରିଣତ ହୋଇଥିଲା। ସମସ୍ତଙ୍କ ସହଯୋଗରେ ରାଜ୍ୟର ୮,୬୮୧ଟି ସ୍କୁଲ ରୂପାନ୍ତରଣ ହୋଇଛି। ଏଗୁଡ଼ିକ ଆପଣମାନଙ୍କ ସମ୍ପତ୍ତି। ଏହାକୁ ନିଜର ସମ୍ପତ୍ତି ଭାବି ଏହାର ରକ୍ଷଣାବେକ୍ଷଣ ଆପଣମାନେ କରିବେ। ପିଲାମାନଙ୍କୁ ଏହି ରୂପାନ୍ତରିତ ସ୍କୁଲରେ ଭଲ ପାଠ ପଢ଼ି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ ପାଣ୍ଡିଆନ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ସ୍ୱାଗତ ଭାଷଣ ଦେଇ କହିଥିଲେ, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ରୂପାନ୍ତରଣ ହେଉଛି ନୂଆ ଓଡ଼ିଶା ଗଠନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦିଗ। ୫-ଟିର ଉପଯୋଗରେ ଏହି ଦୁଇଟିଯାକ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସି ଆଜି ଓଡ଼ିଶା ଏକ ଉଦାହରଣୀୟ ସ୍ଥାନରେ ପହଞ୍ଚିଛି ବୋଲି ସେ କହିଥିଲେ। ଏହି ଅବସରରେ ୫-ଟି ସ୍କୁଲ ରୂପାନ୍ତର ସମ୍ପର୍କରେ ଯାଜପୁର ଜିଲାର ଦଶମ ଶ୍ରେଣୀ ଛାତ୍ରୀ ସାଇକ୍ରିଷ୍ଟା ପଣ୍ଡା ତାଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଅଶ୍ୱଥୀ ଏସ୍ ଧନ୍ୟବାଦ ଦେଇଥିଲେ ଏବଂ ବିଭାଗୀୟ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଆଜି ପ୍ରକାଶ ପାଇବ ସରକାରୀ ହସ୍ପିଟାଲ ର୍ୟାଙ୍କିଙ୍ଗ

**ଡା. ନିରଞ୍ଜନ ମିଶ୍ରଙ୍କୁ ମିଳିବ ମୁଖ୍ୟମନ୍ତ୍ରୀ ସମ୍ମାନ**

ଭୁବନେଶ୍ୱର, ୧୨।୨ (ଅସମାପିକା ସାହୁ)

ରାଜ୍ୟରେ ପ୍ରଥମ ଥର ପାଇଁ ସରକାରୀ ହସ୍ପିଟାଲ ର୍ୟାଙ୍କିଙ୍ଗ ପ୍ରକାଶ ପାଇବ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ର୍ୟାଙ୍କିଙ୍ଗ ପ୍ରକାଶ କରିବେ। ରାଜ୍ୟର ମେଡିକାଲ କଲେଜ, ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଜିଲା ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ର୍ୟାଙ୍କିଙ୍ଗ ପ୍ରକାଶ ପାଇବ। ହସ୍ପିଟାଲ ମ୍ୟାନେଜମେଣ୍ଟ ଇନଫର୍ମେଶନ ସିଷ୍ଟମ (ଏଚ୍‌ଏମ୍‌ଆଇଏସ୍) ବେଞ୍ଚ୍ ମାର୍କ ଅନୁସାରେ ରୋଗୀସେବା, ରୋଗୀ ସନ୍ତୁଷ୍ଟୀକରଣ, ବେଡ୍ ଆକ୍ୟୁପାନ୍ସି, ସର୍ଜରି ସୁବିଧା, ଗୁଣବତ୍ତା ପରି ୩୨ଟି ବର୍ଗରେ ବିଭିନ୍ନ ମାନଦଣ୍ଡ ଆଧାରରେ ଏହି ର୍ୟାଙ୍କିଙ୍ଗ ପ୍ରସ୍ତୁତ ହୋଇଛି। ୨୦୨୦-୨୧, ୨୦୨୧-୨୨, ୨୦୨୨-୨୩ ବର୍ଷ ପାଇଁ ର୍ୟାଙ୍କିଙ୍ଗ ପ୍ରକାଶ ପାଇବ। ସେହିପରି ସ୍ୱାସ୍ଥ୍ୟସେବାରେ ଉତ୍କର୍ଷତା ପାଇଁ ମୁଖ୍ୟମନ୍ତ୍ରୀ ପୁରସ୍କାର ମିଳିବ। ମଙ୍ଗଳବାର ଲୋକସେବା ଭବନରେ ଆୟୋଜିତ ହେବାକୁଥିବା ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ଏହି ପୁରସ୍କାର ପ୍ରଦାନ କରିବେ। ଏହି କ୍ରମରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ରଙ୍କୁ ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀ ସମ୍ମାନରେ ସମ୍ମାନିତ କରାଯିବ ବୋଲି ଜଣାପଡ଼ିଛି। କୋଭିଡ୍ ସମୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍ତମ ସେବା ଯୋଗାଇଥିବା ଡାକ୍ତର, ନର୍ସ, ଲାବ୍ ଟେକ୍ନିସିଆନ, ହସ୍ପିଟାଲ ସମେତ ବିଭିନ୍ନ ବର୍ଗରେ ମୋଟ ୧୫୩ଟି ପୁରସ୍କାର ଦିଆଯିବ। ଏହା ପରଠାରୁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି।

॥ श्रद्धांजलि ॥



Smt. Sumitra Talapatra
09/03/1945 - 04/02/2024

We are deeply saddened to inform you of the passing away of our beloved mother Smt. Sumitra Talapatra on 4th Feb 2024. You will always be part of us in our hearts and in our prayers, we will miss you and fondly remember you in every moment of our life.

Deeply Mourned by:
Satyabrata Talapatra (Husband)
Col. Abhijeet Talapatra (Retd.) (Son),
Arijeet Talapatra (Son),
Sudipta Talapatra (Daughter in-law),
Gargy Talapatra (Daughter in -law),
Tiasha Talapatra (Grand daughter),
Tanistha Talapatra (Grand daughter)

इंजीनियर्स इंडिया लिमिटेड (भारत सरकार का उपक्रम)
ENGINEERS INDIA LIMITED (A Govt. of India Undertaking)

ଭୁବନେଶ୍ୱର, ଓଡ଼ିଶାଠାରେ ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଆଣ୍ଡ ସାଇବରସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ସ୍ଥାପନ ପାଇଁ ଘରୋଇ ପ୍ରତିଯୋଗିତାମୂଳକ ବିଡିଂ

ଇଆଇଏଲ୍, ଭାରତ ସରକାର (ଗ୍ରାହକ)ଙ୍କ ମାଲିକାନାଧୀନ ଏକ ଅଗ୍ରଣୀ ବିତ୍ତୀୟ ନିୟାମକ ସରକାରୀ ନିକାଶ ତରଫରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟ ବିଡରମାନଙ୍କଠାରୁ ଇ-ବିଡ୍ ଆହ୍ୱାନ କରାଯାଉଛି:

| ବର୍ଣ୍ଣନା | ୱେବ୍‌ସାଇଟ୍‌ରେ ବିଡିଂ ଦସ୍ତାବିଜ | ବିଡ୍ ଧାର୍ଯ୍ୟ ତାରିଖ ଏବଂ ସମୟ |
|---|---|---|
| କାର୍ଯ୍ୟର ନାମ: ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଏବଂ ସାଇବରସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ କମ୍ପ୍ଲେକ୍ସ ପାଇଁ ଏମ୍‌ଇପି ଏବଂ ଆଇବିଏମ୍‌ଏସ୍ କାର୍ଯ୍ୟ<br>ବିଡିଂ ଦସ୍ତାବିଜ ନଂ.: ଆର୍‌ସି/ବି୫୭୧-୦୦୧-ପିକେ-ଟି-୦୦୨୦/୧୦୦୫ | ତା୧୩।୦୨।୨୦୨୪ରିଖରୁ ତା୦୪।୦୩।୨୦୨୪ରିଖ। | ତା୦୪।୦୩।୨୦୨୪ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ |

ସବିଶେଷ ଆଇଏଫ୍‌ବି ଏବଂ ବିଡିଂ ଦସ୍ତାବିଜ ସମେତ ଅଣ-ପ୍ରଘଟନ ରାଜିନାମା (ଏନ୍‌ଡିଏ) ଇ-ଟେଣ୍ଡର ସାଇଟ୍ http://eprocure.gov.in/eprocure/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ। ସବିଶେଷ ଆଇଏଫ୍‌ବି ଏବଂ ବିଡିଂ ଦସ୍ତାବିଜ ଡାଉନ୍‌ଲୋଡ୍ କରିବା ପାଇଁ ବିଡରମାନେ ଏନ୍‌ଡିଏକୁ କାର୍ଯ୍ୟକାରୀ କରିବା ଆବଶ୍ୟକ। ସମସ୍ତ ସଂଶୋଧନ, ସମୟ ବିସ୍ତାରଣ, ସ୍ପଷ୍ଟୀକରଣ ଇତ୍ୟାଦି କେବଳ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହେବ ଏବଂ ତାହାକୁ ଖବରକାଗଜରେ ପ୍ରକାଶନ କରାଯିବ ନାହିଁ। ସଦ୍ୟତମ ସୂଚନା ପାଇବା ପାଇଁ ବିଡରମାନେ ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ନିୟମିତ ଭାବେ ପରିଦର୍ଶନ କରିବା ଆବଶ୍ୟକ।

ଏସ୍‌ଜିଏମ୍ (ଏସ୍‌ସିଏମ୍-ସି ଆଣ୍ଡ ପି), ଇଆଇଏଲ୍

यूनियन बैंक ऑफ इंडिया Union Bank of India — भारत सरकार का उपक्रम / A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୯.୦୨.୨୦୨୪ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ହଳଦିଆପଦର ଶାଖା, ରାଳଭ ରୋଡ, ହଳଦିଆପଦର ସ୍କୋୟାର, ହଳଦିଆପଦର, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୩, ମୋ.: ୭୩୭୯୧୬୬୦୦୧** | | |
| ୧. | ରଘୁନାଥ ମହାରଣା, ପିତା: ଲବ କୁମାର ମହାରଣା, ସା: ଲକ୍ଷ୍ମୀ ନଗର, ପୋ: ହଳଦିଆପଦର, ଗଞ୍ଜାମ / ୧୯୮୮୧୬୫୩୦୦୦୦୫୭୧ | ୯.୮୦ | ୧୩.୫୧ |
| ୨. | ସବିତା କୁମାରୀ ସାହୁ, ସ୍ୱାମୀ: ଗୋପାଳ କୃଷ୍ଣ ପଣିଗ୍ରାହୀ, ସା: ଲିଙ୍ଗରାଜ ନଗର, ଗୋସାଣୀନୂଆଗାଁ, ବ୍ରହ୍ମପୁର, ଗଞ୍ଜାମ / ୧୯୮୮୧୬୫୩୦୦୦୦୬୧୨ | ୧୮.୫୦ | ୨୦.୪୧ |
| | **ବେଲଗୁଣ୍ଠା ଶାଖା, ମେନ୍ ରୋଡ୍, ହାଟପଦା, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ-୭୬୧୧୧୯, ମୋ.: ୮୮୪୭୮୯୧୫୪୭** | | |
| ୧. | ଶାନ୍ତିଲତା ବିଶୋୟୀ, ସ୍ୱାମୀ: କବିରାଜ ବିଶୋୟୀ, ସା: ନିମପଦର, ବୁଗୁଡା, ଗଞ୍ଜାମ / ୧୮୫୨୩୦୧୦୦୦୬୬୯୨୪ | ୧୮.୫୬ | ୨୩.୫୦ |
| ୨. | ଝୁନୁ ଦଳେଇ, ସ୍ୱାମୀ: ପାଣ୍ଡବ ଦଳେଇ, ସା: ବେଲଗୁଣ୍ଠା, ଭାଗବତପାଟଣା, ଗଞ୍ଜାମ / ୧୮୫୨୩୦୧୦୦୦୮୦୧୧୯ | ୩୭.୭୦ | ୫୩.୭୦ |
| | **ବାଉଁଶିଆପଡା ଶାଖା, ସା/ପୋ: ବାଉଁଶିଆପଡା, ଥାନା: ଇଟାମାଟି, ଜିଲ୍ଲା: ନୟାଗଡ଼-୭୫୨୦୬୮, ମୋ.: ୯୮୧୯୪୧୦୯୫୧** | | |
| ୧. | ସୁଶାନ୍ତ ମଣ୍ଡଳ, ସା: ପାଟବେରଣା, ପୋ: ସାରଙ୍ଗଧରପୁର, ଥାନା: ରଣପୁର, ନୟାଗଡ଼ / ୦୭୫୩୧୬୬୩୦୦୦୦୨୦୩ | ୬.୪୦ | ୧୧.୧୦ |
| | **ଏସ୍‌ଏମ୍‌ଆଇଟି ଚଣ୍ଡିପଦର ଶାଖା, ଏସ୍‌ଏମ୍‌ଆଇଟି ଡିଗ୍ରୀ କଲେଜ କ୍ୟାମ୍ପସ୍, ଚଣ୍ଡିପଦର, ଭାୟା: ଭାଟକୁମରଡା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩, ମୋ.: ୯୦୪୦୨୬୨୪୨୧** | | |
| ୧. | ପାଟ ପିତାୟର, ସା: ମାର୍ଥାପଲ୍ଲୀ, ପୋ: ହୁଗୁଳାପଟା, ଗଞ୍ଜାମ / ୧୪୯୪୩୦୧୦୦୦୩୨୦୯୭ | ୧୪.୦୦ | ୧୯.୦୦ |
| ୨. | ପାଟ ପିତାୟର, ସା: ମାର୍ଥାପଲ୍ଲୀ, ପୋ: ହୁଗୁଳାପଟା, ଗଞ୍ଜାମ / ୧୪୯୪୧୬୫୪୦୦୦୦୦୯୬ | ୪.୦୦ | ୫.୪୦ |
| ୩. | ପାଟ ପିତାୟର, ସା: ମାର୍ଥାପଲ୍ଲୀ, ପୋ: ହୁଗୁଳାପଟା, ଗଞ୍ଜାମ / ୧୪୯୪୧୬୫୪୦୦୦୦୦୯୭ | ୧୧.୦୦ | ୧୩.୪୦ |
| | **ଆସ୍କା ରୋଡ଼ ଶାଖା, ବିଷ୍ଣୁ ନଗର ସ୍କୋୟାର, ଆସ୍କା ରୋଡ଼, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧, ମୋ.: ୯୮୬୧୧୬୩୦୩୨** | | |
| ୧. | ଲିପ୍ସା ପାତ୍ର, ସ୍ୱାମୀ: ଶ୍ରୀତମ ପତି, ସା: ଗେଟ୍ ବଜାର, ବୃନ୍ଦାବତୀ ନଗର, ଆସ୍କା ରୋଡ଼, ଗଞ୍ଜାମ / ୨୯୩୧୧୬୫୪୦୦୦୦୦୮୭ | ୪.୫୦ | ୫.୩୦ |
| | **ଭାବିନିପୁର ଶାଖା, ସିଦ୍ଧାର୍ଥ ନଗର ସ୍କୋୟାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୪, ମୋ.: ୭୮୯୪୧୧୯୯୧୦** | | |
| ୧. | ଶ୍ରଦ୍ଧା ଭଞ୍ଜ, ସ୍ୱାମୀ: ସଂଗ୍ରାମ କିଶୋର ଭଞ୍ଜ, ସା: ଜ୍ୟୋତି ନଗର, ୧ମ ଲେନ୍, ବ୍ରହ୍ମପୁର, ଗଞ୍ଜାମ / ୨୧୭୧୩୦୧୦୦୦୨୫୨୭୩ | ୪୦.୦୦ | ୪୪.୯୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC)ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରିପାରିବ।

**ସ୍ଥାନ: ବ୍ରହ୍ମପୁର, ତାରିଖ: ୧୨.୦୨.୨୦୨୪** — ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଏମ୍‌କେସିଜି ମେଡିକାଲ କଲେଜରେ ର୍ୟାଗିଂ

ବ୍ରହ୍ମପୁର,୧୨।୨(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜରେ ଗତ ୯ ତାରିଖ ରାତିରେ ଜଣେ ପ୍ରଥମ ବର୍ଷର ଏମ୍‌ବିବିଏସ୍ ଛାତ୍ରଙ୍କୁ ର୍ୟାଗିଂ କରାଯାଇଥିବା ଅଭିଯୋଗ ହୋଇଛି। ଛାତ୍ର ଜଣଙ୍କ ହଷ୍ଟେଲକୁ ଫେରୁଥିବା ବେଳେ ମେଡିକାଲ ପରିସରରେ ତାଙ୍କୁ ୨ ଜଣ ସିନିୟର ଛାତ୍ର ଆକ୍ରମଣ କରିଛନ୍ତି। ଆକ୍ରମଣର ଶିକାର ହୋଇଥିବା ଛାତ୍ରଜଣଙ୍କ ଏ ନେଇ ବୈଦ୍ୟନାଥପୁର ଥାନା ଓ ଦିଲ୍ଲୀସ୍ଥିତ ଆଣ୍ଟି ର୍ୟାଗିଂ ସେଲର ମୁଖ୍ୟାଳୟରେ ପୃଥକ୍ ଭାବେ ଅଭିଯୋଗ କରିବା ପରେ ଆଣ୍ଟି ର୍ୟାଗିଂ ସେଲ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ବୈଦ୍ୟନାଥପୁର ଥାନା ପକ୍ଷରୁ ମଧ୍ୟ ୨ ଛାତ୍ରଙ୍କ ବିରୋଧରେ ନଂ.୯୬/୨୪ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସେମାନଙ୍କୁ ଧାରା ୪୧ ସିଆରପିସିରେ ନୋଟିସ କରିଛି। ଉଭୟଙ୍କୁ ଥାନାରେ ହାଜର ହେବାକୁ କୁହାଯାଇଥିବା ବେଳେ ଘଟଣାର ତଦନ୍ତ ଚାଲିଥିବା ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ସେହିପରି ଏମ୍‌କେସିଜି ଆଣ୍ଟି ର୍ୟାଗିଂ ସେଲ୍ ଘଟଣାର ତଦନ୍ତ କରିବାକୁ ପୋଲିସ ପକ୍ଷରୁ କଲେଜର ପ୍ରିନ୍ସିପାଲଙ୍କୁ ଚିଠି ହୋଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ପ୍ରଥମ ବର୍ଷ ଛାତ୍ରଙ୍କୁ ହୋଇଥିବା ର୍ୟାଗିଂ ଅଭିଯୋଗର ତଦନ୍ତ ହେବ। ଏଥିପାଇଁ ଉଭୟ ପକ୍ଷ ଲିଖିତ ଭାବେ ସେମାନଙ୍କ ପକ୍ଷ ରଖିବେ ବୋଲି ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ଡା.ସନ୍ତୋଷ କୁମାର ମିଶ୍ର କହିଛନ୍ତି।

यूनियन बैंक ऑफ इंडिया Union Bank of India — भारत सरकार का उपक्रम / A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ରାୟଗଡା**
୧ମ ମହଲା, ଶ୍ରୀ ବିନାୟକ ହାଉସ, ଏମ.ଆଇ. ଡିଭିଜନ ନିକଟ, ନିଉ କଲୋନୀ, ରାୟଗଡ଼ା-୭୬୫୦୦୧

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିକୁ (ସମ୍ପତ୍ତି ବିବରଣୀ ସ୍ତମ୍ଭରେ ଦର୍ଶିତ) ଗଠନାତ୍ମକ/ସାଙ୍କେତିକ (ଯେଉଁଟି ପ୍ରଯୁଜ୍ୟ) ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ **ତା.୨୮.୦୨.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / କୋ-ଆପ୍ଲିକାଣ୍ଟ / କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ / ଦଖଲ ତାରିଖ | ସମୁଦାୟ ବକେୟା ଦେୟ (ଟଙ୍କାରେ) | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ସେମିଳିଗୁଡା ଶାଖା/** **ଋଣଗ୍ରହୀତା: ଶ୍ରୀମତୀ ଇନ୍ଦିରା ସାହୁ,** ସ୍ୱାମୀ: ଶ୍ରୀ ନବୀନ ସାହୁ, ସା: ନେତାଜୀ ନଗର, କଲେଜ ରୋଡ୍‌ର ବିପରୀତ, ସେମିଳିଗୁଡା, ଜିଲ୍ଲା: କୋରାପୁଟ, ଓଡ଼ିଶା - ୭୬୪୦୩୬ | ଶ୍ରୀମତୀ ଇନ୍ଦିରା ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଗୃହ ଯାହାର ପ୍ଲଟ୍ ନଂ.: ୧୩୬୭/୧୮୮୪, ଖାତା ନଂ.: ୧୩୦/୪୮୬, ମୌଜା: କାକି ସେମିଳିଗୁଡା, ଜିଲ୍ଲା: କୋରାପୁଟ, ଓଡ଼ିଶା -୭୬୪୦୩୬, କ୍ଷେତ୍ର: ୧୨୪୮ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ମ୍ୟୁନିସିପାଲ ରୋଡ୍, ପଶ୍ଚିମ: ଡ୍ରେନ୍, ଉତ୍ତର: ବିକ୍ରେତାଙ୍କ ଜମି, ଦକ୍ଷିଣ: ହରପ୍ରିୟା ପାଢୀଙ୍କ ଜମି / **୦୭.୦୩.୨୦୨୩** | ୩୧.୦୩.୨୦୨୩ ସୁଦ୍ଧା ଟ.୯,୯୯,୮୧୬/- + ସେବାବଦ ସୁଧ ଓ ଦେୟ | ଟ.୩୫,୧୭,୦୦୦/- / ଟ.୩,୫୧,୭୦୦/- / ଟ.୩୫,୧୭୦/- |
| ୨. | **ମୁନିଗୁଡ଼ା ଶାଖା /** **ଋଣଗ୍ରହୀତା: ଶ୍ରୀ ଜଗତାର ସିଂହ,** ପିତା: କୁଲୱନ୍ତ ସିଂହ, ସା: ଗୁଣ୍ଡିଚା ନଗର, ମେନ୍ ରୋଡ, ମୁନିଗୁଡ଼ା, ଥାନା: ମୁନିଗୁଡ଼ା, ଜିଲ୍ଲା: ରାୟଗଡ଼ା, ଓଡ଼ିଶା, ପିନ୍ - ୭୬୫୦୨୦/ **ଗ୍ୟାରେଣ୍ଟିଦାତା: ଶ୍ରୀ ବିଚିତ୍ର ଜେନା,** ପିତା: ରଘୁନାଥ ଜେନା, ସା: କିନାରିକୋଟା (ସୁନାରି ଗୁଡ଼ା), ପୋ.: ହାଟମୁନିଗୁଡ଼ା, ଥାନା: ମୁନିଗୁଡ଼ା, ଜିଲ୍ଲା: ରାୟଗଡ଼ା, ଓଡ଼ିଶା, ପିନ୍ - ୭୬୫୦୨୦ | **ଶ୍ରୀ ଜଗତାର ସିଂହଙ୍କ ନାମରେ ଥିବା ବାସୋପଯୋଗୀ ଗୃହ ଯାହାର** ପ୍ଲଟ୍ ନଂ.: ୩୧୯/୨୯୮୩, ଖାତା ନଂ.: ୪୨/୨୯୪୦, ମୌଜା: ଗୋବର୍ଦ୍ଧନ, ଗୁଣ୍ଡିଚା ନଗର, ପୋ./ଥାନା/ତହସିଲ: ମୁନିଗୁଡ଼ା, ଜିଲ୍ଲା: ରାୟଗଡ଼ା, କ୍ଷେତ୍ର: ୦.୦୩ ସେଣ୍ଟସ୍, ଏହାର ଚାରିପାର୍ଶ୍ୱରେ ପୂର୍ବ: ଗନ୍ତ ସୋଭା, ପଶ୍ଚିମ: ବିକ୍ରେତା, ଉତ୍ତର: ବିକ୍ରେତା, ଦକ୍ଷିଣ: ରାସ୍ତା / **୨୮.୦୨.୨୦୨୩** | ୨୯.୧୧.୨୦୨୨ ସୁଦ୍ଧା ଟ.୭,୪୯,୧୦୧.୩୮ + ସେବାବଦ ସୁଧ ଓ ଦେୟ | ଟ.୮,୭୭,୦୦୦/- / ଟ.୮୭,୭୦୦/- / ଟ.୧୦,୦୦୦/- |
| ୩. | **ଟିଟିଲାଗଡ ଶାଖା/** **ଋଣଗ୍ରହୀତା: ମେସର୍ସ ରାଧାରମଣ କଟଗିନ୍ ପ୍ରାଇଭେଟ୍ ଲିମିଟେଡ୍, ନିର୍ଦ୍ଦେଶକମାନେ: ୧) ଶ୍ରୀ ଆଦର୍ଶ ଅଗ୍ରୱାଲ, ୨) ଶ୍ରୀ ମନୋଜ କୁମାର ବିଶ୍ୱାଳ,** ପଞ୍ଜିକୃତ କାର୍ଯ୍ୟାଳୟ: ରୋଡ୍ ନଂ.: ୩, ସା/ପୋ.: କଣ୍ଟାବାଞ୍ଜି, ଜିଲ୍ଲା: ବଲାଙ୍ଗିର, ଓଡ଼ିଶା - ୭୬୭୦୩୯ / **ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନେ: ୧) ଶ୍ରୀ ଆଦର୍ଶ ଅଗ୍ରୱାଲ,** ପିତା: ଶ୍ରୀ ବିନୋଦ କୁମାର ଅଗ୍ରୱାଲ, **୨) ଶ୍ରୀ ମନୋଜ କୁମାର ବିଶ୍ୱାଳ,** ପିତା: ଶ୍ରୀ ବିକଳ ବିଶ୍ୱାଳ, ଉଭୟ (୧ ଏବଂ ୨)ଙ୍କ ଠିକଣା ସା: ରୋଡ୍ ନଂ.: ୩, କଣ୍ଟାବାଞ୍ଜି, ଜିଲ୍ଲା: ବଲାଙ୍ଗିର - ୭୬୭୦୩୯, **୩) ଶ୍ରୀ ମହେନ୍ଦ୍ର ଅଗ୍ରୱାଲ,** ପିତା: ଶ୍ରୀ ତାରାଚାନ୍ଦ ଅଗ୍ରୱାଲ, **୪) ଶ୍ରୀମତୀ ମୀନା ଅଗ୍ରୱାଲ,** ସ୍ୱାମୀ: ମହେନ୍ଦ୍ର ଅଗ୍ରୱାଲ, ଉଭୟ (୩ ଏବଂ ୪)ଙ୍କ ଠିକଣା ସା: ଶିବ ମନ୍ଦିର ଗଳି, ଗଳି ନଂ.: ୨, ଫାଫାଡି ନାକା, ଜିଲ୍ଲା: ରାଏପୁର, ଛତିଶଗଡ଼, **୫) ଶ୍ରୀ ବିନୋଦ କୁମାର ଅଗ୍ରୱାଲ,** ପିତା: ଶ୍ରୀ କୁଞ୍ଜଲାଲ୍ ଅଗ୍ରୱାଲଙ୍କ ସମସ୍ତ ଆଇନଗତ ଉତ୍ତରାଧିକାରୀମାନେ - **କ) ଆଦର୍ଶ ଅଗ୍ରୱାଲ,** ପିତା: ବିନୋଦ କୁମାର ଅଗ୍ରୱାଲ, ସା: ରୋଡ୍ ନଂ.: ୩, କଣ୍ଟାବାଞ୍ଜି, ଜିଲ୍ଲା: ବଲାଙ୍ଗିର - ୭୬୭୦୩୯, **ଖ) ସାରିକା ଅଗ୍ରୱାଲ,** ସ୍ୱାମୀ: ସଞ୍ଜିବ ଅଗ୍ରୱାଲ, ହାଉସ୍ ନଂ.: ୧୨୬, ୱାର୍ଡ ନଂ.: ୧୩, ଗୁଡାଖୁ ଲାଇନ୍, ରାଜନନ୍ଦଗାଁଓ, ଛତିଶଗଡ - ୪୯୧୪୪୧, **ଗ) ଶୀତଲ ନିକେଶ ଲୋହିୟା,** ସ୍ୱାମୀ: ନିକେଶ ଲୋହିୟା, ରାମଦେବ ବାବା ମନ୍ଦିର ନିକଟ, ସାଉଣ୍ଡାଡ ତହ, ସଡକ ଅର୍ଜୁନି ସାଉଣ୍ଡାଡ, ଗୋଡିଆ ସାଉଣ୍ଡାଡ୍, ମହାରାଷ୍ଟ୍ର - ୪୪୧୮୦୬, **ଘ) ଅରବିନ୍ଦ ଅଗ୍ରୱାଲ,** ପିତା: ବିନୋଦ କୁମାର ଅଗ୍ରୱାଲ, ଏ-୧୫, ସରକାରୀ କ୍ୱାର୍ଟର, ଭିଆପି କଲୋନୀ, ଆଇଆରସି ଭିଲେଜ୍, ପୁରୁଣା କୃଷି ଉଦ୍ୟାନ ନିର୍ଦ୍ଦେଶାଳୟ ପଛପାର୍ଶ୍ୱ, ସିଆର୍‌ପିଏଫ୍ ନିକଟ, ନୟାପଲ୍ଲୀ, ଖୋର୍ଦ୍ଧା, ଓଡିଶା - ୭୫୧୦୧୫, **ଙ) ସୀତାଦେବୀ ଅଗ୍ରୱାଲ,** ସ୍ୱାମୀ: ବିନୋଦ କୁମାର ଅଗ୍ରୱାଲ, ସା: ରୋଡ୍ ନଂ.: ୩, କଣ୍ଟାବାଞ୍ଜି, ଜିଲ୍ଲା: ବଲାଙ୍ଗିର - ୭୬୭୦୩୯, **ଚ) ବର୍ଷା ଅଗ୍ରୱାଲ,** ପିତା: ବିନୋଦ କୁମାର ଅଗ୍ରୱାଲ, ସା: ରୋଡ୍ ନଂ.: ୩, କଣ୍ଟାବାଞ୍ଜି, ଜିଲ୍ଲା: ବଲାଙ୍ଗିର - ୭୬୭୦୩୯ | **୧) ଗ୍ୟାରେଣ୍ଟିଦାତା ଶ୍ରୀ ବିନୋଦ କୁମାର ଅଗ୍ରୱାଲଙ୍କ ନାମରେ** ବନ୍ଧକ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୬୨, ଖାତା ନଂ.: ୨୨୭/୬୦୪, ପରିମିତ କ୍ଷେତ୍ର: ଏକର୦.୦୨୧ ଡିସିମିଲି (କିମ୍ବା ୯୧୪.୭୬ ବର୍ଗଫୁଟ), ମୌଜା: କଣ୍ଟାବାଞ୍ଜି 'କ', ଲେନ୍ - ୩, ପୋ.: କଣ୍ଟାବାଞ୍ଜି, ଜିଲ୍ଲା: ବଲାଙ୍ଗିର, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ରଦିପ କୁମାର ଅଗ୍ରୱାଲ, ପଶ୍ଚିମ: ବଳଦେବ ଅଗ୍ରୱାଲ, ଉତ୍ତର: ଏନ୍.ଏ.ସି. ରାସ୍ତା, ଦକ୍ଷିଣ: ସାଗରମଲ ଅଗ୍ରୱାଲ / **୦୫.୦୧.୨୦୨୨**<br>**୨) ଗ୍ୟାରେଣ୍ଟିଦାତା ଆଦର୍ଶ ଅଗ୍ରୱାଲଙ୍କ ନାମରେ ଥିବା ଆଇନଗତ** ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ସହିତ ପାଚେରୀ ଯାହାର ପ୍ଲଟ୍ ନଂ.: ୮୯୨, ମାର୍କ ଏଫ୍/୧, ପରିମିତ କ୍ଷେତ୍ର: ଏକର୦.୦୯୪ ଡ଼ିସିମିଲି, ପ୍ଲଟ୍ ନଂ.: ୮୯୨/୧୨୮୬, ମାର୍କ ଡି/୧, ପରିମିତ କ୍ଷେତ୍ର: ଏକର୦.୨୧୭ ଡ଼ିସିମିଲି, ପ୍ଲଟ୍ ନଂ.: ୮୯୨/୧୨୮୬, ମାର୍କ ଇ/୧, ପରିମିତ କ୍ଷେତ୍ର: ଏକର୦.୨୯୫ ଡ଼ିସିମିଲି, ପ୍ଲଟ୍ ନଂ.: ୮୯୨/୧୨୮୬, ମାର୍କ ଏଫ୍/୨ ପରିମିତ କ୍ଷେତ୍ର: ଏକର୦.୨୦୨ ଡ଼ିସିମିଲି, ପ୍ଲଟ୍ ନଂ.: ୮୯୨, ମାର୍କ ଏଚ୍/୧, ପରିମିତ କ୍ଷେତ୍ର: ଏକର୦.୨୪୬ ଡ଼ିସିମିଲି, (**ସମୁଦାୟ କ୍ଷେତ୍ର: ଏକର୧.୦୫୪ ଡ଼ିସିମିଲି**), ଖାତା ନଂ.: ୧୭୦, ମୌଜା: କଣ୍ଟାବାଞ୍ଜି (ଗ), ଥାନା: କଣ୍ଟାବାଞ୍ଜି, ଜିଲ୍ଲା: ବଲାଙ୍ଗିର, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ପ୍ରସ୍ତାବିତ ରାସ୍ତା, ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ପ୍ରସ୍ତାବିତ ରାସ୍ତା / **୦୫.୦୧.୨୦୨୨** | ୨୬.୧୦.୨୦୨୩ ସୁଦ୍ଧା ଟ.୫,୨୬,୩୨,୦୦୦/- + ସେବାବଦ ସୁଧ ଓ ଦେୟ | (୧) ଟ.୧,୨୫,୮୮,୦୦୦/- / ଟ.୧୨,୫୮,୮୦୦/- / ଟ.୧,୨୫,୮୮୦/-<br>(୨) ଟ.୫,୨୩,୪୦,୦୦୦/- / ଟ.୫୨,୩୪,୦୦୦/- / ଟ.୫,୨୩,୪୦୦/- |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତି ତନଖି କରିବାର ତାରିଖ ଏବଂ ସମୟ : ତା.୨୭.୦୨.୨୦୨୪ରିଖ ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ

ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ୍ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: https://www.mstcecommerce.com/auctionhome/ibapi/index.jsp, www.unionbankofindia.co.in ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

**ସ୍ଥାନ: ରାୟଗଡା, ତାରିଖ: ୧୨.୦୨.୨୦୨୪** — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଭିଜିଲାନ୍ସ ଫରେଷ୍ଟ ୱିଙ୍ଗରେ ମାନବ ସମ୍ବଳ ଅଭାବ

## ଜଙ୍ଗଲ ମାଫିଆଙ୍କ ବିରୋଧରେ ମନ୍ଥର ହେଉଛି କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୨।୨ (ସତ୍ୟଜିତ୍ ରାଉତ)

ଓଡ଼ିଶା ଭିଜିଲାନ୍ସ ନିର୍ଦ୍ଦେଶାଳୟରେ ୧୯୭୯ ମସିହାରୁ ସ୍ୱତନ୍ତ୍ର ୱିଙ୍ଗ୍ ଭାବେ ଫରେଷ୍ଟ ୱିଙ୍ଗ୍ କାର୍ଯ୍ୟ କରୁଛି। ରାଜ୍ୟରେ ଜଙ୍ଗଲଜାତ ଦ୍ରବ୍ୟ, ଖଣିଜ ସମ୍ପଦ ଚୋରାଚାଲାଣ ରୋକିବା ଏହି ୱିଙ୍ଗ୍‌ର ମୂଳ କାମ। ଏଥିସହ ଜଙ୍ଗଲ, କୃଷି ଆଦି ସଂକ୍ରାନ୍ତୀୟ ମାମଲାରେ ଭିଜିଲାନ୍ସକୁ ଏହି ୱିଙ୍ଗ୍ ବୈଷୟିକ ପରାମର୍ଶ ମଧ୍ୟ ଦେଇଥାଏ। ତେବେ ଏହି ୱିଙ୍ଗ୍ ଏବେ ମାନବ ସମ୍ବଳ ସମସ୍ୟା ଦେଇ ଗତି କରୁଥିବା ଜଣାପଡ଼ିଛି। ଫଳରେ ଜଙ୍ଗଲ ମାଫିଆଙ୍କ ବିରୋଧରେ ଆବଶ୍ୟକ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁ ନ ଥିବା ଅଭିଯୋଗ ହେଉଛି।

ବନ ବିଭାଗ ପକ୍ଷରୁ ଏହି ୱିଙ୍ଗ୍ ପାଇଁ ଅଫିସର ଓ କର୍ମଚାରୀଙ୍କୁ ଡେପୁଟେଶନ୍‌ରେ ପଠାଯାଇଥାଏ। ଭିଜିଲାନ୍ସ ନିର୍ଦ୍ଦେଶାଳୟ ଅଧୀନରେ ଦକ୍ଷିଣାଞ୍ଚଳ ରେଞ୍ଜ ଓ ଉତ୍ତରାଞ୍ଚଳ ରେଞ୍ଜ ରହିଛି। ଦକ୍ଷିଣାଞ୍ଚଳ ରେଞ୍ଜ ଅଧୀନରେ କଟକ, ଭୁବନେଶ୍ୱର, ବ୍ରହ୍ମପୁର ଡିଭିଜନ ରହିଥିବାବେଳେ ଉତ୍ତରାଞ୍ଚଳ ରେଞ୍ଜ ଅଧୀନରେ ସମ୍ବଲପୁର, ବାଲେଶ୍ୱର, କୋରାପୁଟ ଓ ରାଉରକେଲା ଡିଭିଜନ କାର୍ଯ୍ୟ କରୁଛି। ପ୍ରଥମେ କଟକରେ ଏହି ୱିଙ୍ଗ ସ୍ଥାପନ କରାଯିବା ସହ ଜଣେ ଡିଏସ୍‌ପି ର୍‍ୟାଙ୍କ ଅଧିକାରୀଙ୍କୁ ଏହାର ମୁଖ୍ୟ ପଦରେ ଅବସ୍ଥାପିତ କରାଯାଇଥିଲା। ସେହି ସମୟରେ ୱିଙ୍ଗ୍ ୟୁନିଟ୍‌ରେ ଜଣେ ଲେଖାଏ ରେଞ୍ଜର୍, ଫରେଷ୍ଟର ଓ ଗାର୍ଡ ରହିଥିଲେ। ଏହାର କିଛିବର୍ଷ ପରେ ଭିଜିଲାନ୍ସ ଏବଂ ବନ ବିଭାଗ ନିଷ୍ପତ୍ତିକ୍ରମେ, ୱିଙ୍ଗ୍‌ର ରୂପରେଖ ବଦଳାଯାଇ ଜଣେ ଡିସିଏଫ୍‌ଙ୍କ ଅଧୀନରେ ଜଣେ ଫରେଷ୍ଟରଙ୍କ ସମେତ ଦୁଇଜଣ ଗାର୍ଡଙ୍କୁ ନିଯୁକ୍ତି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସବୁ ଡିଭିଜନ୍‌ରେ ଏହି ୱିଙ୍ଗ୍‌ର ୟୁନିଟ୍ ଖୋଲାଯାଇଥିଲା। ପ୍ରତ୍ୟେକ ୟୁନିଟ୍‌ରେ ଜଣେ ଏସିଏଫ୍ କିମ୍ବା ରେଞ୍ଜର୍, ଜଣେ ଫରେଷ୍ଟର ଓ ଦୁଇଜଣ ଗାର୍ଡଙ୍କୁ ନିଯୁକ୍ତି ଦେବାକୁ ନିଷ୍ପତ୍ତି ହୋଇଥିଲା। ତେବେ ବଡ଼ କଥା ହେଉଛି, ୬ଟି ଡିଭିଜନ୍ ୟୁନିଟରେ ୱିଙ୍ଗ୍ କେତେକାଂଶରେ କାର୍ଯ୍ୟକ୍ଷମ ଥିବାବେଳେ ରାଉରକେଲାରେ ଏବେ ୟୁନିଟ୍ ନାହିଁ। ଏଥିସହ ସମ୍ବଲପୁର, ବ୍ରହ୍ମପୁର ଓ କୋରାପୁଟ ଡିଭିଜନର ୟୁନିଟ୍‌ରେ ଏସିଏଫ୍ କିମ୍ବା ରେଞ୍ଜର ନାହାନ୍ତି। ବାଲେଶ୍ୱର ଏବଂ କଟକ ୟୁନିଟ୍‌ରେ ଫରେଷ୍ଟ ଗାର୍ଡ ନ ଥିବାବେଳେ ଭୁବନେଶ୍ୱର ୟୁନିଟରେ ଫରେଷ୍ଟର ଓ ଗାର୍ଡ ନାହାନ୍ତି। ସେହିପରି ବ୍ରହ୍ମପୁର ଏବଂ କୋରାପୁଟ ୟୁନିଟ୍‌ରେ ଜଣେ ଲେଖାଏ ଫରେଷ୍ଟର ଓ ଗାର୍ଡ ଥିବାବେଳେ ସମ୍ବଲପୁର ୟୁନିଟରେ କେବଳ ଜଣେ ଫରେଷ୍ଟର ଅଛନ୍ତି। ସୂଚନା ଅନୁଯାୟୀ, ଜଙ୍ଗଲଜାତ ଦ୍ରବ୍ୟ ଓ ଖଣିଜ ସମ୍ପଦ ଚୋରା ଚାଲାଣ ଘଟଣାରେ ପ୍ରତିବର୍ଷ ୧୮୦ ମାମଲା ରୁଜୁ କରିବାକୁ ଫରେଷ୍ଟ ୱିଙ୍ଗ୍‌ର ସମସ୍ତ ୟୁନିଟକୁ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ତେବେ ଆବଶ୍ୟକ ସଂଖ୍ୟକ କର୍ମଚାରୀଙ୍କ ଅଭାବ ଯୋଗୁ ୱିଙ୍ଗ୍ ସେହି ପରିମାଣରେ ମାମଲା ରୁଜୁ କରିପାରୁନାହିଁ। ଏପରିକି ଏହି ସମସ୍ୟା ଲାଗି କଟକ ୟୁନିଟ୍‌ରେ କାର୍ଯ୍ୟରତ ଅଫିସର ଓ କର୍ମଚାରୀମାନେ ବାଲେଶ୍ୱର, ବ୍ରହ୍ମପୁର ଏବଂ ଭୁବନେଶ୍ୱର ୟୁନିଟର ଚଢ଼ାଉ ପ୍ରକ୍ରିୟାରେ ସହଯୋଗ କରୁଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ, ଏହି ୱିଙ୍ଗ୍ ୨୦୧୭ରେ ୯୦, ୨୦୧୮ରେ ୧୨୨, ୨୦୧୯ରେ ୧୪୬, ୨୦୨୦ରେ ୯୬ ଏବଂ ୨୦୨୧ରେ ୮୮ଟି ମାମଲା ରୁଜୁ କରିଥିଲା। ସେହିପରି ଏହି ୱିଙ୍ଗ୍ ୨୦୨୨ରେ ସର୍ବାଧିକ ୧୪୦ ଏବଂ ୨୦୨୩ରେ ୧୧୪ଟି ମାମଲା ରୁଜୁ କରିଛି। ଏ ନେଇ ଭିଜିଲାନ୍ସ ନିର୍ଦ୍ଦେଶକ ଯଶୋୱନ୍ତ ଜେଠ୍‌ୱା କହିଛନ୍ତି, ଏହି ୱିଙ୍ଗରେ ପଦବୀ ପୂରଣ ଏକ ନିରନ୍ତର ପ୍ରକ୍ରିୟା। ଏ ସଂକ୍ରାନ୍ତରେ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଯେଉଁ ସ୍ଥାନରେ କର୍ମଚାରୀଙ୍କ ଅଭାବ ରହିଛି, ତାହା ଆଗକୁ ପୂରଣ ହୋଇଯିବ ବୋଲି ଜେଠ୍‌ୱା ପ୍ରକାଶ କରିଛନ୍ତି।

# ବାଣ ଚୋବାଇ ଶିଶୁକନ୍ୟା ଗୁରୁତର

ଘସିପୁରା(ନିରଞ୍ଜନ ସାହୁ)/ ଠାକୁରମୁଣ୍ଡା (ତାରାକାନ୍ତ ପଟ୍ଟନାୟକ)/୧୨।୨

କେନ୍ଦୁଝର ଜିଲା ଆନନ୍ଦପୁର ସୀମାନ୍ତ ମହୁଲଡ଼ିହା ଥାନା ଦୁଆରଶୁଣି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଜଣେ ଶିଶୁ କନ୍ୟା ଖେଳୁଥିବା ସମୟରେ ବାଣକୁ ଚୋବାଇ ଦେବାରୁ ଗୁରୁତର ହୋଇଛନ୍ତି। ଶିଶୁ କନ୍ୟା ଜଣଙ୍କ ହେଲେ ଗ୍ରାମର ପାକନ କୁଦଡ଼ାଙ୍କ ୬ ବର୍ଷର ଝିଅ ଯମୁନା।

ସୂଚନା ଅନୁଯାୟୀ, ଶିଶୁକନ୍ୟା ଜଣଙ୍କ ସାଙ୍ଗମାନଙ୍କ ସହିତ ଘର ଆଗରେ ଖେଳୁଥିଲେ। ସେହି ସମୟରେ ତଳେ ପଡ଼ିଥିବା ଏକ ଅଫୁଟା ବାଣକୁ ପାଟିରେ ଭର୍ତ୍ତି କରି ଚୋବାଇ ଦେଇଥିଲେ। ଫଳରେ ବାଣଟି ପାଟିରେ ଫୁଟିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଛି।



ଆନନ୍ଦପୁର ଚିକିତ୍ସାଳୟରେ ଶିଶୁକନ୍ୟା।

# ଷ୍ଟ୍ରେଚରରେ ବୁହାହେଲେ ରୋଗୀ

- ରାସ୍ତା ନ ଥିବାରୁ ଆସିପାରିଲାନି ଆମ୍ବୁଲାନ୍ସ
- ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁ

କୁଚିଣ୍ଡା,୧୨।୨(ବିରଞ୍ଚି ଦର୍ଶୀ)

ରାସ୍ତା ନ ଥିବାରୁ ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ। ପ୍ରାୟ ଅଧ କି.ମି. ଦୂର ଷ୍ଟ୍ରେଚରରେ ରୋଗୀଙ୍କୁ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଗଲା। ପରେ ତାଙ୍କୁ ମେଡିକାଲ ନିଆଯାଇଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ନିକ୍ତିମାଲ ପଞ୍ଚାୟତ ନାଏକଡିହି ଗ୍ରାମର ଓରାମପଡ଼ାରେ।

ମିଳିଥିବା ସୂଚନା ଅନୁଯାୟୀ, ନାଏକଡିହି ଗ୍ରାମର ଓରାମପଡ଼ା ହେଉଛି ବଣଜଙ୍ଗଲ ଘେରାରେ ଥିବା ଏକ ଛୋଟ ପଡ଼ା। ନାଏକଡିହିରୁ ଓରାମପଡ଼ା ପ୍ରାୟ ୧କି.ମି. ଦୂର ହୋଇଥିଲେ ହେଁ ଏଠାକୁ ଭଲ ରାସ୍ତାଟିଏ ନାହିଁ। ଏହି ପଡ଼ାରେ ପ୍ରାୟ ୮/୧୦ଗୋଟି ଓରାମ ପରିବାର ବସବାସ କରନ୍ତି। ରାସ୍ତା ପାଇଁ ପଡ଼ାବାସୀ ପଞ୍ଚାୟତଠାରୁ ବ୍ଲକ ଓ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅନେକବାର ଗୁହାରି କରିଛନ୍ତି। ହେଲେ ତାଙ୍କ କଥା କେହି ଶୁଣିନାହାନ୍ତି। ଏହି ପଡ଼ାର କୁନୁ ଓରାମ (୪୫)ଙ୍କ ଗୋଡ ଭାଙ୍ଗିଯାଇଥିବାରୁ ଦୀର୍ଘ ୧ବର୍ଷ ହେବ ସେ ରୋଗଗ୍ରସ୍ତ ହୋଇ ଘରେ ପଡିରହିଥିଲେ। ହଠାତ୍ ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ରବିବାର ୧୦୮ ଆମ୍ବୁଲାନ୍ସକୁ ଫୋନ କରି ଡାକିଥିଲେ। ମାତ୍ର ଓରାମପଡାକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସଟି ଅଧାବାଟରେ ଅଟକି ରହିଥିଲା। ପରେ ଆମ୍ବୁଲାନ୍ସ ଷ୍ଟାଫ୍ ଓ ପରିବାର ଲୋକେ ମିଶି ଷ୍ଟ୍ରେଚରରେ କୁନୁଙ୍କୁ ଅଧକି.ମି. ବୋହି ଆଣିଥିଲେ। ସେଠାରୁ ଅପରାହ୍ନରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଝାରସୁଗୁଡ଼ା ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୮ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ କୁନୁଙ୍କ ବିଧବା ସ୍ତ୍ରୀ ଓ ୫ ସନ୍ତାନ ଅଛନ୍ତି। ସୂଚନାଯୋଗ୍ୟ, କିଛିବର୍ଷ ତଳେ ଓରାମପଡ଼ାକୁ ରାସ୍ତା ପାଇଁ ଏକ କଲଭର୍ଟ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲେ ହେଁ କୌଣସି କାରଣରୁ ତାହା ସେହି ଅବସ୍ଥାରେ ପଡିରହିଛି। ରାସ୍ତା ଭଲ ରହିଥିଲେ କୁନୁ ଠିକ୍ ସମୟରେ ଚିକିତ୍ସାସେବା ପାଇଥାନ୍ତେ ଓ ତାଙ୍କ ଜୀବନ ବଞ୍ଚିଯାଇଥାନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।



ଷ୍ଟ୍ରେଚରରେ ରୋଗୀଙ୍କୁ ବୋହି ନିଆଯାଉଛି।

# ଚାଲାଣକାରୀ ଗିରଫ, ବାଘଛାଲ ସହ ବନ୍ଧୁକ ଜବତ

## ଦାରିଙ୍ଗବାଡ଼ିରେ ଏସ୍‌ଟିଏଫ୍ ଚଢ଼ାଉ



**ଭୁବନେଶ୍ୱର/ଦାରିଙ୍ଗବାଡ଼ି, ୧୨।୨(ସତ୍ୟଜିତ୍ ରାଉତ/ଅରୁଣ ସାହୁ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ଦାସିଙ୍ଗିବାଡ଼ି ଘାଟି ନିକଟରେ ସୋମବାର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କଠାରୁ ବାଘଛାଲ ସହ ଦେଶୀ ବନ୍ଧୁକ ଜବତ କରିଛି। ଏହି ଘଟଣାରେ ତାଙ୍କୁ ଏସ୍‌ଟିଏଫ୍ ଗିରଫ କରିଛି। ସେ ହେଲେ ଦାରିଙ୍ଗବାଡ଼ି ଥାନା ଅଧୀନ ଗୋହିବାଡ଼ି ଗ୍ରାମର ଘନେଶ୍ୱର ପ୍ରଧାନ। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଘନେଶ୍ୱରଙ୍କୁ କୋର୍ଟକୁ ଚାଲାଣ କରାଯାଇଥିଲା। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ପମ୍ପ ହାଉସ୍‌ରୁ ୨ ମୃତଦେହ ଜବତ, ପ୍ରେମ ସମ୍ପର୍କ ଚର୍ଚ୍ଚା

ଉମରକୋଟ, ୧୨।୨ (ସନ୍ତୋଷ ଶତପଥୀ)

ପାଣି ଆସିବାରେ ବିଳମ୍ବ ହେଲା। ଏହାର କାରଣ ଜାଣିବାକୁ ଗାଁ ଲୋକେ ପମ୍ପ ହାଉସ୍ ନିକଟକୁ ଯାଇଥିଲେ। କିନ୍ତୁ ସେଠାରେ ପହଞ୍ଚି ଦେଖିବା ବେଳକୁ କବାଟ ଭିତରୁ ବନ୍ଦ ଥିଲା। ଝରକା ବାଟେ ଦେଖିବାରୁ ପମ୍ପ ହାଉସ୍ ଭିତରେ ୨ଟି ମୃତଦେହ ଝୁଲୁଥିଲା। ସୋମବାର ଏପରି ଘଟଣା ନବରଙ୍ଗପୁର ଜିଲା ଉମରକୋଟ ଥାନା ବୁର୍ଜା ଗାଁରେ ଘଟିଛି। ବୁର୍ଜା ପମ୍ପ ହାଉସ୍‌ରୁ ଜଣେ ନାବାଳକ ଓ ଜଣେ ଯୁବତୀଙ୍କ ମୃତଦେହ ମିଳିଛି। ନାବାଳକ ଜଣଙ୍କ ପୂଜାରିଗୁଡ଼ା ଗାଁର ଓ ଯୁବତୀଜଣଙ୍କ ସ୍ଥାନୀୟ ପ୍ରିୟଙ୍କା ଗଣ୍ଡ(୨୦)। ନାବାଳକ ଜଣକ ବୁର୍ଜା ପମ୍ପ ହାଉସ୍‌ରେ ପାଣି ଛାଡ଼ିବା ଦାୟିତ୍ୱରେ ଥିଲେ। ସୂଚନାନୁଯାୟୀ, ସୋମବାର ସକାଳେ ପାଣି ଛଡ଼ାଯିବାରେ ବିଳମ୍ବ ହୋଇଥିଲା। ଘଟଣା ବିଷୟରେ ଜାଣିବାକୁ ଗ୍ରାମବାସୀ ପମ୍ପ ହାଉସ୍‌ରେ ପହଞ୍ଚି ଥିଲେ। କବାଟ ଭିତର ପଟୁ ବନ୍ଦ ଥିଲା, ଗ୍ରାମବାସୀ ଝରକା ଦେଖିଥିଲେ। ପମ୍ପ ହାଉସ୍‌ରେ ୨ଟି ମୃତଦେହ ଝୁଲୁଥିବା ଦେଖି ଉମରକୋଟ ପୋଲିସକୁ ଖବର ଦେଇଥିଲେ। ଏସ୍‌ଆଇ ନୀଳିମା ପାଣିଗ୍ରାହୀ, ଅକ୍ଷୟ ମିଶ୍ର ଓ ସୌମେନ୍ଦ୍ର ସେଠ ପହଞ୍ଚି ଉମରକୋଟ ତହସିଲଦାର ମେଘବନ ବାଗଙ୍କ ଉପସ୍ଥିତିରେ ଉମରକୋଟ ପୋଲିସ ଓ ସାଇଣ୍ଟିଫିକ ଟିମ୍ ପମ୍ପ ହାଉସ୍ କବାଟ ଭାଙ୍ଗି ମୃତଦେହ ତଳକୁ ଓହ୍ଲାଇଥିଲେ। ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ଉଭୟ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି। ଉଭୟ ପରିବାର ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ନଂ.୯/୨୪ ଓ ୧୦/୨୪ ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ କରାଯାଉଛି ବୋଲି ଏଏସ୍‌ଆଇ ଅକ୍ଷୟ ମିଶ୍ର ଓ ସୌମେନ୍ଦ୍ର ସେଠ୍ କହିଛନ୍ତି।

# ସ୍ତ୍ରୀଙ୍କ ଧକ୍କାରେ ସ୍ୱାମୀଙ୍କ ମୃତ୍ୟୁ

## ପାରିବାରିକ କଳହର କରୁଣ ପରିଣତି

ଢେଙ୍କିକୋଟ,୧୨।୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ଥାନା ବାଲିପୋଖରୀ ପଞ୍ଚାୟତ ଛୋଟରାୟପୁର ଗ୍ରାମରେ ରବିବାର ରାତିରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ହୋଇଥିବା ବେଳେ ସ୍ତ୍ରୀଙ୍କ ଧକ୍କାରେ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜେନ ମୁଣ୍ଡା(୩୮)।

ସୂଚନା ଅନୁଯାୟୀ, ରାଜେନ ଏବଂ ତାଙ୍କ ସ୍ତ୍ରୀ ଜେମା ମୁଣ୍ଡା(୩୬) ଗ୍ରାମର ଜଣେ ବ୍ୟକ୍ତିଙ୍କ ଶୁଦ୍ଧି କ୍ରିୟା କାର୍ଯ୍ୟକୁ ଯାଇଥିଲେ। ଜେମା ଘରକୁ ଫେରି ଆସିଥିବା ବେଳେ ରାଜେନ ଡେରିରେ ଫେରିଥିଲେ। ସେତେବେଳକୁ ଜେମା ଶୋଇପଡ଼ିଥିଲେ। ରାଜେନ ଆସି ଜେମାଙ୍କୁ ଗାଳିଗୁଲଜ କରିବା ସହ ମାରପିଟ୍ କରିଥିଲେ। ଏଥିରେ ଜେମା ଉତ୍ତ୍ୟକ୍ତ ହୋଇ ରାଜେନଙ୍କୁ ମାଡ଼ ମାରିବା ସହ ଧକ୍କା ମାରିଥିଲେ। ଫଳରେ ଘରର କାନ୍ଥରେ ରାଜେନଙ୍କ ମୁଣ୍ଡ ବାଡ଼େଇ ହୋଇ କାନ ଫାଟି ରକ୍ତସ୍ରାବ ହୋଇ ମୃତ୍ୟୁବରଣ କରିଥିଲେ। ଖବର ପାଇ ଘଟଗାଁ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ, ଥାନା ଆଇଆଇସି ଅଞ୍ଜନ କୁମାର ପାତ୍ର ସାଇଣ୍ଟିଫିକ୍ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ଘଟଗାଁ ଥାନାରେ ଏକ ମାମଲା(ନଂ.୧୦୯/୨୪) ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରାଯାଇ କୋର୍ଟଚାଲାଣ କରାଯାଇଛି। ଜେମାଙ୍କ ୩ ଝିଅ ଓ ଗୋଟିଏ ପୁଅ ଥିବା ଜଣାପଡ଼ିଛି।

## ଜନ୍ମ ଦିବସ ଉପଲକ୍ଷେ

# ନାଇଟିଙ୍ଗଲ ସରୋଜିନୀ



**ସ**ରୋଜିନୀ ନାଇଡୁ, ନାରୀନେତ୍ରୀ, କବୟିତ୍ରୀ ଓ ବାଗ୍ମୀ ଭାବେ ଥିଲେ ବେଶ ପରିଚିତା। ପୁଣି ସେ ଥିଲେ ଦେଶର ପ୍ରଥମ ମହିଳା ରାଜ୍ୟପାଳ ଓ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ମହିଳା ଅଧ୍ୟକ୍ଷ। ତାଙ୍କୁ ଭାରତୀୟ ନାଇଟିଙ୍ଗଲ ବୋଲି ଆଖ୍ୟାୟିତ କରାଯାଏ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଗାନ୍ଧିଜୀଙ୍କ ସହଯୋଗୀ ରୂପେ ସରୋଜିନୀଙ୍କ ଅବଦାନ ଅତୁଳନୀୟ। ଜଣେ ଇଂରାଜୀ କବି ରୂପେ ଭାରତୀୟ ଇଂରାଜୀ ସାହିତ୍ୟର ଇତିହାସରେ ତାଙ୍କ ସ୍ଥାନ ସ୍ୱତନ୍ତ୍ର। ୧୮୭୯ ଫେବୃଆରୀ ୧୩ରେ ହାଇଦ୍ରାବାଦରେ ଜନ୍ମ ଗ୍ରହଣ କରିଥିଲେ ସରୋଜିନୀ। ଡ. ଅଘୋରନାଥ ଚଟ୍ଟୋପାଧ୍ୟାୟ ଓ ତାଙ୍କ ସ୍ତ୍ରୀ ବରଦା ସୁନ୍ଦରୀ ଦେବୀଙ୍କ ୮ ସନ୍ତାନ ମଧ୍ୟରୁ ସେ ଥିଲେ ଜ୍ୟେଷ୍ଠ। ବ୍ରାହ୍ମଣ ପରିବାରରେ ଜନ୍ମହୋଇଥିଲେ ମଧ୍ୟ ହାଇଦ୍ରାବାଦ ସହରରେ ବଢ଼ିଥିବାରୁ ସେ ନିଜକୁ ଅଧା ହିନ୍ଦୁ ଅଧା ମୁସଲମାନ ମନେ କରୁଥିଲେ । ପିତା ଅଘୋରନାଥ ଜଣେ ଜ୍ଞାନୀ,ଗୁଣୀ ଓ ପ୍ରକୃତିପ୍ରେମୀ ବ୍ୟକ୍ତି। ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟରେ ସେ ପାରଦର୍ଶିତା ହାସଲ କରିଥିଲେ। ମାତା ବରଦା ସୁନ୍ଦରୀ ମଧ୍ୟ ଜଣେ ଶିକ୍ଷିତା ମହିଳା ଥିଲେ। ସେ ବଙ୍ଗଳା ଭାଷାରେ କବିତା ରଚନା କରୁଥିଲେ। ଉଭୟଙ୍କର ପ୍ରତିଭା ସରୋଜିନୀଙ୍କ ପାଖରେ ଦେଖିବାକୁ ମିଳିଥିଲା।

ଉର୍ଦ୍ଦୁ, ତେଲୁଗୁ, ଇଂରାଜୀ, ପାର୍ସୀ ଓ ବଙ୍ଗଳା ଭାଷାରେ ସେ ଦକ୍ଷତା ହାସଲ କରିଥିଲେ। ୧୯୧୫ରୁ ୧୯୧୮ ପର୍ଯ୍ୟନ୍ତ ସେ ଯୁବଶକ୍ତିକୁ ଜାଗ୍ରତ କରାଇବା ସହ ମହିଳା ସଶକ୍ତୀକରଣ ଉପରେ ସମଗ୍ର ଦେଶ ବୁଲି ବକ୍ତୃତା ଦେଇଥିଲେ। ୧୯୧୬ରେ ଜବାହରଲାଲ ନେହେରୁଙ୍କ ସମ୍ପର୍କରେ ଆସିବାପରେ, ଚମ୍ପାରନ ଆନ୍ଦୋଳନରେ ସାମିଲ ହୋଇଥିଲେ। ୧୯୧୯ ଜୁଲାଇରେ ନାଇଡୁ ହୋମ୍‌ରୁଲ୍ ଲିଗ୍‌ର ଇଂଲଣ୍ଡ ଦୂତଭାବେ ଅବସ୍ଥାପିତ ହେଲେ। ୧୯୨୦ରେ ଭାରତ ଫେରିଲେ ଓ ଅଗଷ୍ଟ ୧ରେ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା। ୧୯୨୫ରେ କଂଗ୍ରେସର ଅଧ୍ୟକ୍ଷ ଭାବେ ନିର୍ବାଚିତ ହେଲେ । ୧୯୩୦ ଜାନୁୟାରୀ ୨୬ରେ ମହାତ୍ମା ଗାନ୍ଧୀ ଗିରଫ ହେବାର କିଛି ସମୟ ପରେ ସରୋଜିନୀ ନାଇଡୁଙ୍କୁ ମଧ୍ୟ ଗିରଫ କରାଗଲା ଓ ତାଙ୍କୁ ୧୯୩୧ ଜାନୁୟାରୀ ୩୧ପର୍ଯ୍ୟନ୍ତ ଜେଲରେ ରହିବାକୁ ପଡ଼ିଥିଲା । ଭାରତ ସ୍ୱାଧୀନ ହେବାପରେ ସରୋଜିନୀ ଉତ୍ତର ପ୍ରଦେଶ ତଥା ଭାରତର ପ୍ରଥମ ମହିଳା ରାଜ୍ୟପାଳ ହେଲେ। ଅଧିକାର ପାଇଁ ସଂଗ୍ରାମ ହେଉ କିମ୍ବା ହିନ୍ଦୁ-ମୁସଲମାନ ଏକତା ପ୍ରସଙ୍ଗ ହେଉ ସେ ସର୍ବଦା ନିଷ୍ଠା ଓ ସାହସିକତା ଦେଖାଇଥିଲେ। ସେଥିପାଇଁ ଗାନ୍ଧିଜୀ ତାଙ୍କୁ ଶ୍ରଦ୍ଧାରେ 'ଆଜିର ମୀରାବାଈ' ବୋଲି ଡାକୁଥିଲେ। ୧୯୩୧ରେ ଲଣ୍ଡନ ଗୋଲ ଟେବୁଲ ବୈଠକରେ ଭାରତୀୟ ମହିଳାଙ୍କର ପ୍ରତିନିଧିତ୍ୱ କରିଥିବା ସରୋଜିନୀଙ୍କର ୧୯୪୯ ମସିହା ମାର୍ଚ୍ଚ ୩ରେ ପରଲୋକ ଘଟିଥିଲା। ସରୋଜିନୀଙ୍କ ଇଂରାଜୀ କବିତା ଗ୍ରନ୍ଥ 'ଇଣ୍ଡିଆନ ଡ୍ୟାନ୍‌ସର୍ସ', 'ଦି ଇଣ୍ଡିଆନ ଜିପ୍ସି', 'ଦ କୁଇନ୍ସ ରାଇଭାଲ', 'ନାଇଟ ଫଲ୍ ଇନ୍ ଦ ସିଟ୍ ଅଫ୍ ହାଇଦ୍ରାବାଦ', 'ଟୁ ଇଣ୍ଡିଆ' ଏବଂ 'ଗୁରେଦାନ' ବେଶ ପ୍ରଭାବଶାଳୀ। ଏଥିସହ ତାଙ୍କ ରଚିତ ଦ ଗୋଲ୍ଡନ ଥ୍ରେସ୍ ହୋଲ୍ଡ – ୧୯୦୫,ଦ ବାର୍ଡ ଅଵ୍ ଟାଇମ–୧୯୧୨,ଦ ବ୍ରୋକନ୍ ଉଇଙ୍ଗ୍–୧୯୧୭ ଇତ୍ୟାଦି ପୁସ୍ତକ ପ୍ରେରଣାଦାୟୀ ହୋଇ ରହିଛି।

# କମ୍ୟୁନିଟି ରେଡିଓ : ଓଡ଼ିଶା ଉଦାହରଣ

## ଆଜି ବିଶ୍ୱ ରେଡିଓ ଦିବସ

ଭୁବନେଶ୍ୱର, ୧୨।୨(ବନ୍ଦନା ସେଠୀ)



ଶବ୍ଦ, ସ୍ୱର, ସଙ୍ଗୀତ ଏବଂ ସୃଜନଶୀଳତା ଆଦିର ସଙ୍ଗମ ହେଉଛି ରେଡିଓ। ମଣିଷ ଏବଂ ରେଡିଓ ମଧ୍ୟରେ ବହୁ ପୁରୁଣା ସମ୍ପର୍କ ରହିଆସିଛି। ଦିନ ଥିଲା, ଲୋକଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନର ଏକମାତ୍ର ମାଧ୍ୟମ ସାଜିଥିଲା ରେଡିଓ। ମାତ୍ର ସମୟ ସହିତ ତାଳଦେଇ ଜ୍ଞାନକୌଶଳର ପରିସୀମା ବଢ଼ିବା ସହ ସମ୍ପର୍କ ସ୍ଥାପନ ତଥା ମନୋରଞ୍ଜନର ଅନେକ ମାଧ୍ୟମ ଉପଲବ୍ଧ ହେଉଛି। ଆଜିର ପ୍ରଚାର ପ୍ରସାର ଯୁଗରେ ରେଡିଓର ଚାହିଦା କିଛିମାତ୍ରାରେ ହ୍ରାସ ପାଇଥିଲେ ବି ଏହାର ଗୁରୁତ୍ୱ କିନ୍ତୁ କମିନାହିଁ। ଏବେ ବି ରାଜ୍ୟର ଅନେକ ଅଞ୍ଚଳ ରହିଛି, ଯେଉଁଠାରେ ଅତ୍ୟାଧୁନିକ ଜ୍ଞାନକୌଶଳ ପହଞ୍ଚି ପାରିନାହିଁ। ସେଭଳି ସ୍ଥାନଗୁଡ଼ିକ ପାଇଁ ରେଡିଓ ହିଁ ଏକମାତ୍ର ଭରସା। ତେବେ ଓଡ଼ିଶାରେ କମ୍ୟୁନିଟି ରେଡିଓ ଷ୍ଟେଶନର ଚାହିଦା ବଢ଼ିବାରେ ଲାଗିଛି। ଦେଶରେ ପ୍ରାୟ ୪୫୦ରୁ ଊର୍ଦ୍ଧ୍ୱ କମ୍ୟୁନିଟି ରେଡିଓ ଥିବାବେଳେ ଓଡ଼ିଶାରେ ୩୦ରୁ ଅଧିକ କମ୍ୟୁନିଟି ରେଡିଓ ଷ୍ଟେଶନ ରହିଛି। କମ୍ୟୁନିଟି ରେଡିଓ ମ୍ୟାପ୍ ଦେଖିଲେ, ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଅଧିକ କମ୍ୟୁନିଟି ରେଡିଓ ଷ୍ଟେଶନ ରହିଛି। ପଡ଼ୋଶୀ ପଶ୍ଚିମବଙ୍ଗରେ ମାତ୍ର ୫/୬ଟି ହାତଗଣତି କମ୍ୟୁନିଟି ଷ୍ଟେଶନ ଥିବାବେଳେ ଓଡ଼ିଶାର ପ୍ରତ୍ୟେକ ଜିଲାରେ ଷ୍ଟେଶନ ରହିବା ନିହାତି ପକ୍ଷେ ପ୍ରଶଂସନୀୟ। କେବଳ ରାଜ୍ୟ ମଧ୍ୟରେ ନୁହେଁ, ବରଂ ସମଗ୍ର ଦେଶ ପାଇଁ ଓଡ଼ିଶା ଏକ ଉଦାହରଣ ସାଜିଛି ବୋଲି କହିବା ଅତ୍ୟୁକ୍ତି ହେବନାହିଁ। ମୁଖ୍ୟତଃ ୩ ପ୍ରକାରର ରେଡିଓ ବ୍ରଡ୍‌କାଷ୍ଟିଙ୍ଗ୍ ସିଷ୍ଟମ ରହିଛି। ସେଗୁଡ଼ିକ ହେଉଛି ପବ୍ଲିକ୍ ସର୍ଭିସ ବ୍ରଡ୍‌କାଷ୍ଟିଙ୍ଗ୍ ବା ସରକାରୀ ରେଡିଓ ଷ୍ଟେଶନ୍ (ଅଲ୍ ଇଣ୍ଡିଆ ରେଡିଓ), ପ୍ରାଇଭେଟ୍ କମର୍ସିଆଲ ଏଫ୍‌ଏମ୍ ରେଡିଓ ବା ବେସରକାରୀ ଏଫ୍‌ଏମ୍ ରେଡିଓ ଏବଂ କମ୍ୟୁନିଟି ରେଡିଓ। କମ୍ୟୁନିଟି ରେଡିଓ ସବୁଠାରୁ କମ୍ ଜାଗାରେ ଏବଂ କମ୍ ଲୋକଙ୍କୁ ନେଇ କାର୍ଯ୍ୟକ୍ଷମ ହୋଇପାରେ, ଯାହା ଏଫ୍‌ଏମ୍ ମୋଡ୍‌ରେ ବାଜିଥାଏ। ଓଡ଼ିଶାରେ ସର୍ବପ୍ରଥମ କମ୍ୟୁନିଟି ରେଡିଓ ଷ୍ଟେଶନ 'ରେଡିଓ ନମସ୍କାର'। ଏହା ୨୦୧୦ ଫେବୃଆରୀ ୧୨ରେ ସ୍ଥାପନ ହୋଇଥିଲା। ପରେ ପରେ ଭଦ୍ରକରେ ରେଡିଓ ବୁଲ୍‌ବୁଲ୍, ଯାଜପୁରରେ ରେଡିଓ ସ୍ୱରାଜ, କୋରାପୁଟରେ ରେଡିଓ ଢେମ୍‌ସା, ଜଗତସିଂହପୁରରେ ରେଡିଓ ଆଉଟ୍‌ରିଚ୍, ଭୁବନେଶ୍ୱରରେ କଳିଙ୍ଗ ଭାରତୀ ଏବଂ ସୋଆ ଏଫ୍‌ଏମ୍, କଟକରେ ରେଭେନ୍‌ଶା ରେଡିଓ, ଢେଙ୍କାନାଳରେ ରେଡିଓ ବସୁଧା, ବରଗଡ଼ରେ ରେଡିଓ ଗୁଞ୍ଜନ ଭଳି ବହୁ କମ୍ୟୁନିଟି ରେଡିଓ ଷ୍ଟେଶନ ଗଢ଼ିଉଠିଛି। କମ୍ୟୁନିଟି ରେଡିଓ ସାଧାରଣତଃ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା କମ୍ୟୁନିଟି ଏବଂ ଅଞ୍ଚଳ ପାଇଁ ବ୍ରଡକାଷ୍ଟ କରିଥାଏ। କମ୍ ପାୱାର ଟ୍ରାନ୍ସମିଶନ୍ ଥିବାରୁ ଏହା ମାତ୍ର ୧୫ କି.ମି ଦୂର ପର୍ଯ୍ୟନ୍ତ ଶୁଣାଯାଇପାରିବ। ଅଧିକ ଦୂରତାରେ ଏହା କାମ କରେନାହିଁ। ଭାରତରେ ୩ ପ୍ରକାର ସଂସ୍ଥାକୁ କମ୍ୟୁନିଟି ରେଡିଓ ପାଇଁ ଲାଇସେନ୍ସ ମିଳେ। ସେଗୁଡ଼ିକ ହେଲା କୃଷି ବିଜ୍ଞାନ କେନ୍ଦ୍ର ବା କୃଷି ବିଶ୍ୱବିଦ୍ୟାଳୟ। ଶିକ୍ଷାନୁଷ୍ଠାନ ବା ଶିକ୍ଷା ସଂସ୍ଥା (ଉଭୟ ସରକାରୀ ଓ ବେସରକାରୀ) ଏବଂ ବେସରକାରୀ ସ୍ୱେଚ୍ଛାସେବୀ ସଙ୍ଗଠନ। ଏହା ସମ୍ପୂର୍ଣ୍ଣ ଭାବେ ଅଣଲାଭଦାୟକ ସଂସ୍ଥା ହୋଇଥିବାରୁ ବ୍ୟବସାୟିକ ଉଦ୍ଦେଶ୍ୟରେ ବା ଲାଭ ପାଇଁ କାମ କରି ନ ଥାଏ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଅନ୍ଧବିଶ୍ୱାସ ଦୂରୀକରଣ, ସରକାରୀ କାର୍ଯ୍ୟକ୍ରମ ଏବଂ ଯୋଜନା ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସଚେତନ କରାଇବା ଆଦି କମ୍ୟୁନିଟି ରେଡିଓର ମୁଖ୍ୟ ଲକ୍ଷ୍ୟ। ଏହାର ଲାଇସେନ୍ସ ପାଇଁ ବର୍ଷର ଯେକୌଣସି ସମୟରେ ଆବେଦନ କରାଯାଇପାରିବ। ଆଞ୍ଚଳିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଷ୍ଟେଶନ୍ ସ୍ଥାପନ ହେଉଥିବାରୁ ସମୟକ୍ରମେ ଏହାର ଲୋକପ୍ରିୟତା ବଢ଼ିବାରେ ଲାଗିଛି। ରେଡିଓକୁ ଅଧିକ ଜନାଦୃତ କରିବା ପାଇଁ ପ୍ରତିବର୍ଷ ଫେବୃଆରୀ ୧୩କୁ ବିଶ୍ୱ ରେଡିଓ ଦିବସ ଭାବେ ପାଳନ କରାଯାଉଛି।

### ଏମାନେ କୁହନ୍ତି...

#### ଲୋକପ୍ରିୟତା ବଢ଼ିଚାଲିଛି



ଭାରତରେ କମ୍ୟୁନିଟି ରେଡିଓ କ୍ଷେତ୍ରରେ ଏବେ ଓଡ଼ିଶା ଆଗରେ ରହିଛି। କମ୍ୟୁନିଟି ରେଡିଓରେ ଗ୍ରାମାଞ୍ଚଳକୁ ପ୍ରାଥମିକତା ଦିଆଯାଉଥିବାରୁ ଏହାର ଲୋକପ୍ରିୟତା ବଢ଼ିଚାଲିଛି। ଏଥିରେ ଗୋଷ୍ଠୀ ସହଭାଗିତା ରହୁଛି। ଏହାବ୍ୟତୀତ ଓଡ଼ିଶାର କମ୍ୟୁନିଟି ରେଡିଓ ବିଭିନ୍ନ ଅସୁବିଧା ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। କୋଭିଡ୍ ସମୟରେ ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। କମ୍ୟୁନିଟି ରେଡିଓରେ ଏବେ କୃଷି ଓ ପାଣିପାଗ ସୂଚନା ମଧ୍ୟ ଦିଆଯାଉଛି। ସରକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଓ ସ୍ଥାନୀୟ ସମସ୍ୟା ସମାଧାନ କରିବାରେ ଏହା ଏକ ପ୍ରମୁଖ ମାଧ୍ୟମ ପାଲଟିଛି।

**–ନୀହାର ରଞ୍ଜନ ପଣ୍ଡା, କେନ୍ଦ୍ର ନିର୍ଦ୍ଦେଶକ, ରେଡିଓ ଗୁଞ୍ଜନ, ବରଗଡ଼**

#### ସ୍ଥାନୀୟ ଭାଷାକୁ ଗୁରୁତ୍ୱ ଦିଆଯାଉଛି



କମ୍ୟୁନିଟି ରେଡିଓ କ୍ଷେତ୍ରରେ ଓଡ଼ିଶା ଏକ ଉଦାହରଣ ସାଜିପାରିଛି। ଏହା ଏକ ଅଣଲାଭଦାୟକ ଏବଂ ସମ୍ପୂର୍ଣ୍ଣରୂପେ ଜନସେବା ପାଇଁ ଉତ୍ସର୍ଗୀକୃତ ସଂସ୍ଥା। ଶିକ୍ଷାଠାରୁ ସ୍ୱାସ୍ଥ୍ୟ ଏବଂ ସରକାରୀ ଯୋଜନାଠାରୁ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ନେଇ ଅଞ୍ଚଳବାସୀଙ୍କୁ ସଚେତନ କରାଇବା ସହିତ ସେମାନଙ୍କ ସାମଗ୍ରିକ ବିକାଶ ଏହାର ଲକ୍ଷ୍ୟ। ମୋଟାମୋଟି ଭାବେ କହିବାକୁ ଗଲେ ସରକାର ଏବଂ ସମୁଦାୟ ମଧ୍ୟରେ ଏକ ବଳିଷ୍ଠ ମାଧ୍ୟମ ହେଉଛି କମ୍ୟୁନିଟି ରେଡିଓ। ଏଥିସହ କମ୍ୟୁନିଟି ରେଡିଓରେ ସ୍ଥାନୀୟ ଭାଷାକୁ ଗୁରୁତ୍ୱ ଦିଆଯାଉଥିବାରୁ ଏହା ଅଧିକ ଲୋକାଭିମୁଖୀ ହୋଇପାରୁଛି।

**–ସୁବ୍ରତ କୁମାର ପତି, ସେକ୍ରେଟାରି, ଓଡ଼ିଶା କମ୍ୟୁନିଟି ରେଡିଓ ଆସୋସିଏଶନ୍, ଭୁବନେଶ୍ୱର।**

## ସଂକ୍ଷେପରେ

### ବୋଲେରୋ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

**ନିରାକାରପୁର,୧୨।୨(ମାନସ ଚନ୍ଦ୍ର ପଟ୍ଟନାୟକ):** ୧୬ନମ୍ବର ଜାତୀୟ ରାଜପଥର ନିରାକାରପୁର ଥାନା ଅଧୀନ ବଡ଼ପୋଖରୀଆ ଓଭରବ୍ରିଜ ନିକଟରେ ରବିବାର ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବୋଲେରୋ ଧକ୍କାରେ ୨ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବଡ଼ପୋଖରୀଆ ଗ୍ରାମର ଅକ୍ଷୟ ବଳିୟାରସିଂ(୨୪) ଓ ଜଙ୍କିଆ ଥାନା ଅଧୀନ ନାଳସିଂ ଗ୍ରାମର ପ୍ରଶାନ୍ତ ମାନସିଂ। ସୂଚନା ମୁତାବକ, ବଡ଼ପୋଖରୀଆ ଗ୍ରାମର ଅକ୍ଷୟ ଓ ସାଙ୍ଗ ପ୍ରଶାନ୍ତ ଏକ ବାଇକରେ ବଡ଼ପୋଖରୀଆ ଛକରୁ ରାମେଶ୍ୱର ଅଭିମୁଖେ ଯାଉଥିଲେ। ଜାତୀୟ ରାଜପଥର ବଡ଼ପୋଖରୀଆ ଓଭରବ୍ରିଜ ନିକଟରେ ଏକ ବୋଲେରୋ ସେମାନଙ୍କ ବାଇକକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଅକ୍ଷୟଙ୍କ ବାପା ବିଜୟ କୁମାର ବଳିୟାରସିଂ ଜଙ୍କିଆ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୬୭/୨୪) ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

### ୧୬ରେ ରାଜ୍ୟବ୍ୟାପୀ ଭେଣ୍ଡିଂଜୋନ୍, ଉଠାଦୋକାନ ବନ୍ଦ

**ଭୁବନେଶ୍ୱର, ୧୨।୨(ବନ୍ଦନା ସେଠୀ):** ଆସନ୍ତା ୧୬ ତାରିଖରେ ହେବାକୁ ଥିବା ସର୍ବଭାରତୀୟ ଧର୍ମଘଟକୁ ସମର୍ଥନ ଜଣାଇ ସମ୍ପୃକ୍ତ ଦିନ ପ୍ରାତଃ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଭେଣ୍ଡିଂଜୋନ୍ ଓ ଉଠାଦୋକାନ ବନ୍ଦ ରହିବ। ଏନେଇ ନ୍ୟାଶନାଲ ହକର୍ ଫେଡେରେଶନ ପକ୍ଷରୁ ସୋମବାର ଇନ୍ଦିରାଗାନ୍ଧୀ ପାର୍କ ନିକଟରେ ଆୟୋଜିତ ରାଜ୍ୟ କମିଟି ବୈଠକରେ ସୂଚନା ଦିଆଯାଇଛି। ଏଥିରେ ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନମାନଙ୍କ ସଂଯୁକ୍ତ ମୋର୍ଚ୍ଚା, ସ୍ୱାଧୀନ ଫେଡ଼େରେଶନ ଆଦି ପକ୍ଷରୁ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ବନ୍ଦକୁ ସମର୍ଥନ ଓ ସଫଳ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିସହ ସଭା, ଶୋଭାଯାତ୍ରା ଓ ପିକେଟିଂ ମାଧ୍ୟମରେ ପ୍ରତିବାଦ ଜାରି ରହିବ ବୋଲି ନ୍ୟାଶନାଲ୍ ହକର୍ ଫେଡେରେଶନର ରାଷ୍ଟ୍ରୀୟ ଅତିରିକ୍ତ ସାଧାରଣ ସମ୍ପାଦକ ଜୟନ୍ତ ଦାସ ଏବଂ ଜାତୀୟ ସମ୍ପାଦକ ତଥା ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ କୁମାର ସାହୁ କହିଛନ୍ତି। ବୈଠକରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ, ଓଡ଼ିଶା ପଥ ବିକ୍ରେତା ସଂଘ, ରାଉରକେଲା ଉଠାଦୋକାନୀ ମହାସଂଘ, କଟକ ଉଠାଦୋକାନୀ ମହାସଂଘ, ସମ୍ବଲପୁର ଉଠାଦୋକାନୀ ମହାସଂଘ, ବ୍ରହ୍ମପୁର ଉଠାଦୋକାନୀ ମହାସଂଘ, କୋଣାର୍କ ଉଠାଦୋକାନୀ ଓ କ୍ଷୁଦ୍ର ବ୍ୟବସାୟୀ ସଂଘ, ଅଲ୍ଇଣ୍ଡିଆ ମହିଳା ଉଠାଦୋକାନୀ ସଂଘ ଏବଂ ଅଲ୍ଇଣ୍ଡିଆ ଯୁବ ଉଠାଦୋକାନୀ ସଂଘର କର୍ମକର୍ତ୍ତା ଯୋଗଦେଇଥିଲେ।

# ପ୍ରଥମ ଥର ହେବ ମତ୍ସ୍ୟ-ପ୍ରାଣୀ ସମାବେଶ

## ଯୋଗଦେବେ ୬ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଚାଷୀ, ପ୍ରାଣୀପାଳକ

**ଭୁବନେଶ୍ୱର, ୧୨।୨(ଅସମାପିକା ସାହୁ)**


ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୂଚନା ଦେଉଛନ୍ତି।

ମତ୍ସ୍ୟ ଓ ପ୍ରାଣୀପାଳନ କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି କୃଷକଙ୍କୁ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ବିଷୟରେ ସଚେତନ କରାଇବା ପାଇଁ ରାଜ୍ୟ ସରକାର ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪ ଆୟୋଜନ କରୁଛନ୍ତି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଭୁବନେଶ୍ୱର ଜନତା ମଇଦାନଠାରେ 'କଲେ ମତ୍ସ୍ୟ- ପ୍ରାଣୀପାଳନ, ଆୟ ହୋଇବ ବହୁଗୁଣ' ଥିମ୍‌କୁ ନେଇ ଏହି ସମାବେଶ ଆସନ୍ତା ୧୬ରୁ ୧୮ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସମାବେଶରେ ପ୍ରତି ବ୍ଲକ୍‌ରୁ ୨୦ଜଣ ଚାଷୀଙ୍କୁ ମିଶାଇ ୬,୦୦୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଚାଷୀ, ପ୍ରାଣୀପାଳକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ ଉଦ୍ୟୋଗୀ ଯୋଗଦେବେ। ଏହି ଅବସରରେ ପ୍ରାୟ ୨୦୦ ଚାଷୀ ଏବଂ ଉଦ୍ୟୋଗୀଙ୍କୁ ମତ୍ସ୍ୟ ଓ ପ୍ରାଣୀପାଳନ କ୍ଷେତ୍ରରେ ସେମାନଙ୍କ ସଫଳତା ପାଇଁ ଚାମ୍ପିୟନ ଭାବେ ପୁରସ୍କୃତ କରାଯିବ। ଶ୍ରେଷ୍ଠ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ କ୍ଷେତ୍ରର ବିକାଶରେ ଅବଦାନ ପାଇଁ ସମ୍ମାନିତ କରାଯିବ। ରାଜ୍ୟର ୨୪୦୦ ଅଗ୍ରଣୀ କୃଷକ/ଉଦ୍ୟୋଗୀ/ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ମତ୍ସ୍ୟ, ପ୍ରାଣୀସମ୍ପଦ ଏବଂ କୃଷି ଉପରେ ୧୨ଟି ଇଣ୍ଟରାକ୍ଟିଭ୍ ପ୍ୟାନେଲ୍ ଆଲୋଚନାରେ ଅଂଶଗ୍ରହଣ କରିବେ। ଏକ ନୂତନ କାର୍ଯ୍ୟକ୍ରମ 'ଆସ୍କ ଦି ମିନିଷ୍ଟର'ର ପରିକଳ୍ପନା କରାଯାଇଛି। ଏଥିରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ମନ୍ତ୍ରୀ କୃଷକଙ୍କ ବିଭିନ୍ନ ପ୍ରଶ୍ନର ସିଧାସଳଖ ଉତ୍ତର ରଖିବେ। ପ୍ରାୟ ୪୦୦ ଷ୍ଟଲ୍ ପଡ଼ିବ। ୨ଟି ଖୋଲା ହ୍ୟାଙ୍ଗରରେ ଜୀବନ୍ତ ପ୍ରାଣୀ ଏବଂ ମତ୍ସ୍ୟ ପ୍ରଦର୍ଶନୀ କରାଯିବ। ସମାବେଶର ଖୋଲା ସ୍ଥାନରେ ପ୍ରଦର୍ଶିତ ହେବାକୁ ଯାଉଥିବା ଯୁବରାଜ ବୋଫାଲୋ ବୁଲ୍, ଏଲ୍ଇଡି ଟନେଲ୍ ଆକ୍ୱାରିୟମ୍, ଭର୍ଚ୍ଚୁଆଲ ରିଅଲିଟି ଫାର୍ମ ଟୁର୍, ଡଗ୍ ଶୋ ଆଦି ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷିତ କରିବ। ହରିୟାଣାର 'ବୋଫାଲୋ ବୁଲ୍ ଯୁବରାଜ' ମୁରା ପ୍ରଜାତିର ଏବଂ ଏହା ଓଡ଼ିଶାର ଦୁଗ୍ଧଚାଷୀଙ୍କ ମଧ୍ୟରେ ଉନ୍ନତ ଦୁଗ୍ଧ ଉତ୍ପାଦନ ପାଇଁ ମଇଁଷିଙ୍କ ମୁରା ସହିତ ପ୍ରଜନନ କରିବାକୁ ସଚେତନତା ସୃଷ୍ଟି କରିବ। ୧୬ ତାରିଖ ସକାଳ ୬ଟାରେ ଏକ ୱାକାଥନ୍ ଆୟୋଜନ ହେବ। ଏହି ଉପଲକ୍ଷେ ଭେଟେରିନାରି, ଫିଶରିଜ୍ ଏବଂ ମ୍ୟାନେଜ୍‌ମେଣ୍ଟ କଲେଜ/ପଲିଟେକ୍‌ନିକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତବ୍ୟ ଓ କୁଇଜ୍ ପ୍ରତିଯୋଗିତା ଆୟୋଜିତ କରାଯାଉଛି। ଏହି ପ୍ରତିଯୋଗିତାର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ସମାବେଶରେ ପୁରସ୍କୃତ କରାଯିବ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଏ ନେଇ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୂଚନା ଦେଇଛନ୍ତି। ସୋମବାର କୃଷି ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଏହି ସୂଚନା ଦେବା ସହିତ ମତ୍ସ୍ୟ-ପ୍ରାଣୀ ସମାବେଶର ଲୋଗୋ, ମାସ୍କଟ, ଥିମ୍ ଏବଂ ଥିମ୍ ସଙ୍ଗ୍‌ର ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ ଆଲାମ୍, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା, ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିମଳେନ୍ଦୁ ରାୟ ପ୍ରମୁଖ ଉପସ୍ଥିତ ଥିଲେ।



ବିଶ୍ୱ ରେଡିଓ ଦିବସ ଉପଲକ୍ଷେ ସୋମବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

### ଦାବି ପୂରଣ ନ ହେଲେ ଭୋଟ ବର୍ଜନ କରିବେ ରଙ୍ଗତୂଳୀ କଳାକାର

**ଭୁବନେଶ୍ୱର,୧୨।୨(ଶର୍ମିଷ୍ଠା ପାଣିଗ୍ରାହୀ):** ବିଭିନ୍ନ ଦାବି ନେଇ ଅଲ୍ଓଡ଼ିଶା ପେଣ୍ଟିଂ ଆର୍ଟିଷ୍ଟ ୱାର୍କର୍ସ ଆସୋସିଏଶନ ରାସ୍ତାକୁ ଓହ୍ଲାଇଛି। ସଂଘର ସାଧାରଣ ସମ୍ପାଦକ ରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ପେଣ୍ଟିଂ କଳାକାର ଏକାଠି ହୋଇ ସୋମବାର ଲୋୟର ପିଏମଜିରେ ଧାରଣା ଦେବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ୱତନ୍ତ୍ର ରଙ୍ଗତୂଳୀ କଳାକାର କଲ୍ୟାଣ ବୋର୍ଡ ଗଠନ, ବୋର୍ଡ ମାଧ୍ୟମରେ କାମ ଓ ସାମାଜିକ ସୁରକ୍ଷା, ଠିକାଦାର ପ୍ରଥା ସମ୍ପୂର୍ଣ୍ଣ ବାତିଲ, ୬୦ ବର୍ଷରୁ ଅଧିକ ବୟସର ରଙ୍ଗତୂଳୀ କଳାକାରଙ୍କୁ ପେନସନ ଦେବା, ବିଶ୍ୱକର୍ମା ଯୋଜନାରେ ସାମିଲ କରିବା ଆଦି ୧୨ ଦଫା ଦାବି ନେଇ ସଂଘ ଧାରଣା ଦେଇଛି। ଦାବି ପୂରଣ ନ ହେଲେ କଳାକାର ସପରିବାର ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସରକାର ହାଇସିକ୍ୟୁରିଟି ନମ୍ବର୍ ପ୍ଲେଟ ଆଳରେ ଜୀବିକା ଛଡ଼ାଇ ନେଇଛନ୍ତି। ରଙ୍ଗତୂଳୀ ଦ୍ୱାରା ପାରମ୍ପରିକ ପଦ୍ଧତିରେ ବିବାହ, ବ୍ରତ ଆଦି ମାଙ୍ଗଳିକ କାର୍ଯ୍ୟରେ ଚିତ୍ର କରିବା ସହିତ ସାଇନ ବୋର୍ଡ, କପଡ଼ା ବ୍ୟାନର, ସୌନ୍ଦର୍ଯ୍ୟକରଣ ଆଦି କାର୍ଯ୍ୟ କରି ଗୁଜରାଣ ମେଣ୍ଟାଉଥିବାବେଳେ ଅଦ୍ୟାବଧି କୌଣସି ଆଇନ ପ୍ରଣୟନ ହେଲା ନାହିଁ କି ମଜୁରି ବ୍ୟବସ୍ଥା ଓ ସାମାଜିକ ସୁରକ୍ଷା କାର୍ଯ୍ୟକାରୀ ହେଲା ନାହିଁ। ସଂସ୍କୃତି ବିଭାଗ ବିପୁଳ ଟଙ୍କା ଖର୍ଚ୍ଚ କରୁଥିବାବେଳେ ଠିକ ନୀତି ଅଭାବ ଯୋଗୁ ଏମାନେ କୌଣସି ସୁଫଳ ପାଇପାରୁ ନାହାନ୍ତି। ୨୦୧୫ରୁ ସଂଘ କଳାକାରଙ୍କ ସମସ୍ୟା ଓ ଦାବି ଉପସ୍ଥାପନ କରିଆସୁଛି। ଇତିମଧ୍ୟରେ ୮ବର୍ଷ ବିତିଯାଇଥିଲେ ହେଁ ସରକାର ଦାବି ଗୁରୁତ୍ୱ ଦେଉନାହାନ୍ତି ବୋଲି ସଂଘ ଅଭିଯୋଗ କରିଛି।

# ଅଭିନେତା ଚକ୍ରଧର ଜେନାଙ୍କ ପରଲୋକ

**ଭୁବନେଶ୍ୱର,୧୨।୨(ଶର୍ମିଷ୍ଠା ପାଣିଗ୍ରାହୀ)**

## ଖଳନାୟକ ଚରିତ୍ର ପାଇଁ ଘରେ ଘରେ ପରିଚିତ



ବରିଷ୍ଠ ଅଭିନେତା ଚକ୍ରଧର ଜେନାଙ୍କ ସୋମବାର ସନ୍ଧ୍ୟାରେ ପରଲୋକ ଘଟିଛି। ସେ କିଛିଦିନ ଧରି ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ରେ ଚିକିତ୍ସିତ ହେଉଥିଲେ। ଶରୀରର ବିଭିନ୍ନ ଅଙ୍ଗ ଅକାମୀ ଲାଗି ଚିକିତ୍ସାଧୀନ ଅବସ୍ଥାରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଜଗତ ସ୍ତବ୍ଧ ହୋଇଯାଇଛି।

୧୯୮୩ରେ ଜାତୀୟ ନାଟ୍ୟ ବିଦ୍ୟାଳୟ(ଏନ୍ଏସ୍ଡି)ରୁ ଶିକ୍ଷାପ୍ରାପ୍ତ କରିଥିବା ଅଭିନେତା ଜେନା ହଲିଉଡ୍ ସିନେମା 'ସିଟି ଅଫ ଜୟ' ଏବଂ 'ଇଲେକ୍ଟ୍ରିକ୍ ମୁନ'ରେ ଅଭିନୟ କରିଛନ୍ତି। ତାଙ୍କର ପ୍ରଥମ ଅଭିନୀତ ସିନେମା ଥିଲା 'ପଥର ଖସୁଛି ବଡ଼ ଦେଉଳୁ'। ଏହାଛଡ଼ା ସେ ଅନେକ ଓଡ଼ିଆ ସିନେମା, ଟେଲି ଧାରାବାହିକରେ ନିଖୁଣ ଅଭିନୟର ଛାପ ଛାଡ଼ିଛନ୍ତି। ସେ 'ରଣଭୂମି', 'ମାୟା', 'ଅର୍ଜୁନ', 'ପ୍ରେମ ୱେଡ୍ସ ପ୍ରିୟା', 'ରଙ୍ଗିଲା ବାବା', 'ଭଉଁରୀ', 'ଓମ୍ ନମଃ ଶିବାୟ', 'କଥାନ୍ତର' ଭଳି ଅନେକ ସିନେମା ଓ ଟେଲି ଧାରାବାହିକ 'ମହାଯଜ୍ଞ'ରେ ଅଭିନୟ କରିଛନ୍ତି। ଖଳନାୟକ ଭୂମିକାରୁ ଆରମ୍ଭ କରି ଚରିତ୍ର ଅଭିନୟ ପର୍ଯ୍ୟନ୍ତ ବିଭିନ୍ନ ଭୂମିକାରେ ସେ ଯେଉଁ କୀର୍ତ୍ତି ରଚିଯାଇଛନ୍ତି, ତାହା ଚିରକାଳ ଓଡ଼ିଆ ସିନେ ଇତିହାସ ପୃଷ୍ଠାରେ ସ୍ମୃତି ହୋଇରହିବ। ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ନାଟକ ଚୟନ କ୍ଷେତ୍ରରେ ବି ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ଏଥିପାଇଁ ସେ ବହୁ ପ୍ରଶଂସା ଓ ପୁରସ୍କାର ପାଇଛନ୍ତି। ଜଣେ ଭଲ କଳାକାର ଭାବେ ସେ ଯେତିକି ପରିଚିତ ଥିଲେ ଜଣେ ମେଳାପୀ, ମିଷ୍ଟଭାଷୀ ମଣିଷ ଭାବେ ବେଶ୍ ଆପଣାର ଥିଲେ।

# ଦ୍ୱନ୍ଦ୍ୱ ଦୂର ହେଲା: ୧୪ରେ ଶ୍ରୀମନ୍ଦିରରେ ପଣା ସଂକ୍ରାନ୍ତି

**ପୁରୀ,୧୨।୨(ଅଜିତ୍ ମହାନ୍ତି)**


ବୈଠକରେ ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ଏବଂ ଅନ୍ୟମାନେ।

## ପାଞ୍ଜି ସମୀକ୍ଷା ବୈଠକ

- ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ହେବ ଉଭାଯାତ୍ରା, ନେତ୍ରୋତ୍ସବ
- ନବଯୌବନ ଦର୍ଶନ ହେବ ନାହିଁ

ଆସନ୍ତା ୧୪ ତାରିଖରେ ଶ୍ରୀମନ୍ଦିରରେ ପାଳନ ହେବ ପଣା ସଂକ୍ରାନ୍ତି। ଏନେଇ ପାଞ୍ଜି ସମୀକ୍ଷା ବୈଠକରେ ନିଷ୍ପତ୍ତି ହୋଇଛି। ସୋମବାର ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ସଭାକକ୍ଷଠାରେ ନୀତି ପ୍ରଶାସକ ଜିତେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ୨୦୨୪-୨୫ ବର୍ଷର ପଞ୍ଜିକା ସମନ୍ୱୟ କମିଟିର ଦ୍ୱିତୀୟ ତଥା ଚୂଡ଼ାନ୍ତ ବୈଠକରେ ପଞ୍ଜିକାରେ ଥିବା ଦ୍ୱନ୍ଦ୍ୱଗୁଡ଼ିକର ସମାଧାନ କରାଯାଇଛି। ସେହିପରି ଚଳିତବର୍ଷ ଅନବସର ୧୩ ଦିନ ପଡୁଥିବା ହେତୁ ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ଉଭା ଯାତ୍ରା ଓ ନେତ୍ରୋତ୍ସବ ଗୋଟିଏ ଦିନରେ ହେବ। କେବଳ ନବଯୌବନ ନୀତି ହେବ ମାତ୍ର ଚଳିତବର୍ଷ ନବଯୌବନ ଦର୍ଶନ ହେବ ନାହିଁ ବୋଲି ସୂଚନା ମିଳିଛି। ତେବେ ଏପ୍ରିଲ ୧୪ ପରିବର୍ତ୍ତେ ଏପ୍ରିଲ ୧୩ ତାରିଖରେ ପଣା ସଂକ୍ରାନ୍ତି ପାଳନ କରିବାକୁ କିଛି ପଞ୍ଜିକାର ଜିଦ୍‌ରେ ଅଟଳ ରହିଛନ୍ତି। ଶ୍ରୀମନ୍ଦିରରେ ଚଳିତବର୍ଷ ଓ ଆସନ୍ତାବର୍ଷ ପାଳନ ହେବାକୁ ଥିବା ପର୍ବପର୍ବାଣି ଓ ଯାନିଯାତ୍ରାକୁ ନେଇ ବିଭିନ୍ନ ପାଞ୍ଜିରେ ଅମେଳକ ଓ ଦ୍ୱନ୍ଦ୍ୱ ଦେଖାଯାଇଥିଲା, ଯାହାକୁ ନେଇ ନୀତି ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ଥର ପାଇଁ ବୈଠକ କରାଯାଇ ପାଞ୍ଜି ସମୀକ୍ଷା ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି। ଏଥିସହ ୧୩ ଦିନିଆ ଅଣସର ପକ୍ଷ, ୪ଦିନିଆ ପଞ୍ଚୁକ ଓ ଲକ୍ଷ୍ମୀନୃସିଂହ ବେଶ ନ ହେବା ନେଇ ପାଞ୍ଜି ସମୀକ୍ଷା ବୈଠକରେ ନିଷ୍ପତ୍ତି ହୋଇଛି। ତେବେ ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ହିଁ ନେତ୍ରୋତ୍ସବ ଓ ଉଭା ଯାତ୍ରା ହେବାକୁ ଥିବାରୁ ପହଣ୍ଡି ଓ ରଥଟଣାରେ ବିଳମ୍ବ ହେବା ନେଇ ଆଶଙ୍କା ଦେଖାଯାଇଛି। ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡା କହିଛନ୍ତି, ମୁଖ୍ୟତଃ ପଣାସଂକ୍ରାନ୍ତି, ଅନବସର ଓ ଶ୍ରୀପଞ୍ଚମୀକୁ ନେଇ କିଛିଟା ସମସ୍ୟା ରହିଥିଲା ଯାହା ଉପରେ ଆଲୋଚନା ହୋଇ ସମାଧାନ କରାଯାଇଛି। ମୁକ୍ତି ମଣ୍ଡପକୁ ପାଣ୍ଡୁଲିପି ଆସିଥାଏ। ମୁକ୍ତି ମଣ୍ଡପ ପଣ୍ଡିତମାନେ ଉକ୍ତ ପାଣ୍ଡୁଲିପିକୁ ସଂଶୋଧନ କରି ତିଥି ନିର୍ଣ୍ଣୟ କରିଥାନ୍ତି। ତେବେ ମୁକ୍ତିମଣ୍ଡପର ମତ ଅନୁଯାୟୀ ୧୪ ତାରିଖରେ ପଣା ସଂକ୍ରାନ୍ତି ହେବ। ଦ୍ୱିତୀୟରେ ଚଳିତ ଥର ଅନବସର ସମୟରେ ୧୩ ଦିନିଆ ପକ୍ଷ ପଡୁଛି। ତେଣୁ ଗୁଣ୍ଡିଚାକୁ ମିଶାଇଲେ ୧୫ ଦିନ ହେବ। ତେଣୁ ଗୁଣ୍ଡିଚା ଯାତ୍ରା ଦିନ ଉଭା ଅମାବାସ୍ୟା, ନେତ୍ରୋତ୍ସବ ପାଳନ କରାଯିବ ଓ ନବଯୌବନ ଦର୍ଶନ ହେବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ତେବେ ନୀତି କିପରି ହେବ ସେନେଇ ଦଇତାପତି ନିଯୋଗ ସହ ଅନ୍ୟାନ୍ୟ ନିଯୋଗ ଓ ଶ୍ରୀମନ୍ଦିର ନୀତି ସବ୍ କମିଟି ବସି ନିଷ୍ପତ୍ତି ନେବେ। ଚଳିତବର୍ଷ ୪ ଦିନ ପଞ୍ଚୁକ ପଡୁଛି। ୪ ଦିନ ପଡୁଥିବାରୁ ଲକ୍ଷ୍ମୀ ନୃସିଂହ ବେଶ ମହାପ୍ରଭୁଙ୍କର ଅନୁଷ୍ଠିତ ହେବ ନାହିଁ ବୋଲି ପୂଜାପଣ୍ଡା ସୂଚନା ଦେଇଛନ୍ତି। ତେବେ କେତେକ ପଞ୍ଜିକାର ସାମନ୍ତ ଚନ୍ଦ୍ରଶେଖରଙ୍କ ସିଦ୍ଧାନ୍ତ ଦର୍ପଣ ଗଣନା ଅନୁଯାୟୀ, ଏପ୍ରିଲ ୧୩ ହିଁ ପଣା ସଂକ୍ରାନ୍ତି। ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ଉପସ୍ଥାପନ କରାଯାଇଥିବା ଗଣନାକୁ ସେମାନେ ଗ୍ରହଣ କରିନାହାନ୍ତି। ଏପ୍ରିଲ ୧୩ ପଣା ସଂକ୍ରାନ୍ତି ବୋଲି ଅନେକ ପାଞ୍ଜିରେ ଉଲ୍ଲେଖ ରହିଛି। ତେବେ ପାଣ୍ଡୁଲିପି ଓ ସମସ୍ତ ଗଣନା ଆଧାରରେ ୧୩ ତାରିଖ ନୁହେଁ, ବରଂ ୧୪ ତାରିଖ ହିଁ ପଣା ସଂକ୍ରାନ୍ତି ବୋଲି ମୁକ୍ତିମଣ୍ଡପ ପଣ୍ଡିତ ସଭା ସ୍ପଷ୍ଟ କରିଛନ୍ତି। କିଛି ପଞ୍ଜିକାର ଓ ଗଣନାକାରୀ ମନଇଚ୍ଛା ପାଞ୍ଜି ପ୍ରସ୍ତୁତ କରି ଶ୍ରୀଜଗନ୍ନାଥ ସଂସ୍କୃତି ପରମ୍ପରାକୁ କଳୁଷିତ କରୁଥିବା ଅଭିଯୋଗ ହୋଇଛି। ବୈଠକ ସମ୍ପର୍କରେ ନୀତି ପ୍ରଶାସନ ଜିତେନ୍ଦ୍ର ସାହୁ କହିଛନ୍ତି, ଶ୍ରୀମନ୍ଦିରରେ ବର୍ଷ ସାରା ଅନୁଷ୍ଠିତ ହେଉଥିବା ପର୍ବପର୍ବାଣି ଅନୁଷ୍ଠିତ ହେବ, ସେନେଇ ପଞ୍ଜିକା ସମୀକରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଗତ ୭ ତାରିଖରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା, ସେଥିରେ କିଛି ଦ୍ୱନ୍ଦ୍ୱ ରହିଥିବାରୁ ତାହାର ସମାଧାନ ପାଇଁ ପୁନଶ୍ଚ ମଙ୍ଗଳବାର ବୈଠକ ଅନୁଷ୍ଠିତ ହୋଇଥିଲା। ଜୁଲାଇ ୭ରେ ରଥଯାତ୍ରା ଓ ନବଯୌବନ ନୀତି କରାଯିବ। ପଞ୍ଚକକୁ ୪ ଦିନ କରାଯିବ। ପଞ୍ଜିକାଗୁଡ଼ିକରେ ଅସମାନ ରହୁଥିବାରୁ ପ୍ରତ୍ୟେକ ବର୍ଷ ପଞ୍ଜିକା ସମୀକ୍ଷା ବୈଠକ କରାଯାଉଛି। ପଞ୍ଜିକାରମାନେ ପଠାଉଥିବା ପାଣ୍ଡୁଲିପିକୁ ସମୀକ୍ଷା କରାଯାଇ ମୁକ୍ତିମଣ୍ଡପ ପଣ୍ଡିତ ସଭା, ତଢଉ କରଣ ଓ ପୂଜାପଣ୍ଡା ନିଯୋଗ ବସି ସମୀକ୍ଷା କରିବା ପରେ ବୈଠକରେ ତାହାର ସମୀକରଣ କରାଯାଉଛି। ଶ୍ରୀମନ୍ଦିର ନୀତି ନିର୍ଘଣ୍ଟ ଅନୁଯାୟୀ ଯେଉଁ ପଞ୍ଜିକା ପ୍ରକାଶ କରୁଛି, ଉକ୍ତ ପଞ୍ଜିକାକୁ ଆମ ପାଇଁ ଗ୍ରହଣୀୟ ଓ ଚୂଡ଼ାନ୍ତ ବୋଲି ସାହୁ କହିଛନ୍ତି। ବୈଠକରେ ମୁକ୍ତିମଣ୍ଡପ ପଣ୍ଡିତ ସଭା, ବିଭିନ୍ନ ପାଞ୍ଜିର ପଞ୍ଜିକାର ଓ ଗଣନାକାର, ପରିଚାଳନା କମିଟି ସଦସ୍ୟ, ଦଇତାପତି ନିଯୋଗ, ପୂଜାପଣ୍ଡା ନିଯୋଗ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ମାନସ


@ ଦିଲୀପ


@ ପୂଜା


@ ସତ୍ୟ


@ ଖୁସି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଜୀ-ସାର୍ଥକର 'ପାର୍ବଣରେ ସୁନାର ବର୍ଷା'

**ଭୁବନେଶ୍ୱର,୧୨।୨(ଅନୁରାଧା ମହାରଣା)**

## ବିଜେତା ପାଇଲେ ୨୦ ଗ୍ରାମ୍ ସୁନା




ଗତ ପାର୍ବଣ ମହୋତ୍ସବରେ ଲୋକପ୍ରିୟ ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ ଜୀ-ସାର୍ଥକରେ 'ପାର୍ବଣରେ ସୁନାର ବର୍ଷା' ପ୍ରତିଯୋଗିତା ହୋଇଥିଲା। ଲାଲ୍‌ଚାନ୍ଦ ଜୁଏଲର୍ସ ପ୍ରାୟୋଜିତ ଏହି ମେଗା ପ୍ରତିଯୋଗିତା ଅକ୍ଟୋବର ୫ରୁ ନଭେମ୍ବର ୨୦ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ୬.୩୦ରୁ ରାତି ୯.୩୦ ମଧ୍ୟରେ ପ୍ରସାରିତ ଧାରାବାହିକ ଦେଖୁଥିବା ସମୟରେ ଟିଭି ସ୍କ୍ରିନରେ ପଚରାଯାଇଥିବା ପ୍ରଶ୍ନର ପ୍ରତିଦିନ ଠିକ୍ ଉତ୍ତର ଦେଇଥିବା ୪୦ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ଲାଲଚାନ୍ଦ ଜୁଏଲର୍ସ ପକ୍ଷରୁ ପ୍ରତ୍ୟେକଙ୍କୁ ୧ ଗ୍ରାମ୍ ଓଜନର ସ୍ୱର୍ଣ୍ଣମୁଦ୍ରା ମିଳିଛି। ଏଥିସହ ଜଣେ ମେଗା ବିଜେତାଙ୍କୁ ୨୦ ଗ୍ରାମ ଓଜନର ସ୍ୱର୍ଣ୍ଣମୁଦ୍ରା ଉପହାର ଦିଆଯାଇଛି। ସୋମବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଉପହାର ପ୍ରଦାନ କରାଯାଇଛି। ଜଗତ୍‌ସିଂପୁରର ଲଲାଟ କିଶୋର ସ୍ୱାଇଁ ମେଗା ବିଜେତା ହୋଇ ୨୦ ଗ୍ରାମର ସ୍ୱର୍ଣ୍ଣମୁଦ୍ରା ଉପହାର ପାଇଛନ୍ତି। ଉତ୍ସବରେ ଜୀ ସାର୍ଥକ ଚ୍ୟାନେଲ ହେଡ୍ ପ୍ରତୀକ ସିଲ୍‌ଙ୍କ ସମେତ ଲାଲଚାନ୍ଦ ଜୁଏଲର୍ସର ଡାଇରେକ୍ଟର ଅଜିତ ହଂସ, ସାଇନାଥ ପଣ୍ଡା ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ମନୋରଞ୍ଜନ ସହ ପରିବାର ଦାୟିତ୍ୱ ମଧ୍ୟରେ ସବୁବେଳେ ଛନ୍ଦିହୋଇ ରହୁଥିବା ମହିଳାମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବାରେ ଏପରି ପ୍ରତିଯୋଗିତା ଏକ ମାଧ୍ୟମ ହେବ ବୋଲି ପ୍ରତୀକ ସିଲ୍ ମତ ଦେଇଥିଲେ।

**ଥାନା ସାମ୍ନାରୁ ଯୁବତୀଙ୍କଠୁ ଝାମ୍ପିନେଲେ ମୋବାଇଲ**

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ): ରାଜଧାନୀରେ ଲୁଟେରାଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ମହିଳା ଓ ଯୁବତୀଙ୍କୁ ଟାର୍ଗେଟ୍ କରି ସୁନା ଅଳଙ୍କାର, ମୋବାଇଲ ଫୋନ୍ ଆଦି ଝାମ୍ପି ନେଉଛନ୍ତି। ବଡ଼ କଥା ହେଉଛି ଥାନା ସାମ୍ନାରୁ ମଧ ଲୁଟ୍ କରିବାକୁ ପଛାଉନାହାନ୍ତି। ସୋମବାର ୨ ଜଣ ଲୁଟେରା ମଞ୍ଚେଶ୍ୱର ଥାନା ସାମ୍ନାରେ ଜଣେ ଯୁବତୀଙ୍କଠାରୁ ମୋବାଇଲ ଝାମ୍ପିନେଇଛନ୍ତି। କଟକର ସସ୍ମିତା ଖଟୁଆ ଲୁଟ୍‌ର ଶିକାର ହୋଇଛନ୍ତି। ଏ ନେଇ ସେ ମଞ୍ଚେଶ୍ୱର ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ପଞ୍ଚଭୂତରେ ଲୀନ ହେଲେ ସାହିତ୍ୟିକ ସାତକଡ଼ି ହୋତା

ପୁରୀ ୧୨।୨ (ଅଜିତ୍ ମହାନ୍ତି)

ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ, ପୂର୍ବତନ ପ୍ରଶାସନିକ ଅଧିକାରୀ, ଦୈନିକ ଖବରକାଗଜ ସମୟର ସମ୍ପାଦକ ତଥା ସମାଜ ସଂସ୍କାରକ ୯୫ ବର୍ଷୀୟ ସାତକଡି ହୋତାଙ୍କ ଅନ୍ତେଷ୍ଟିକ୍ରିୟା ପୁରୀ ସ୍ୱର୍ଗଦ୍ୱାରଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସୋମବାର ଶେଷ ହୋଇଛି। ସାତକଡି ହୋତା ଅମର ରହେ ଧ୍ୱନି ଓ ତୋପ ସଲାମୀ ମଧ୍ୟରେ ବଡ଼ପୁଅ ସଞ୍ଜୀବ ହୋତା ଶବାଧାରରେ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗଦ୍ୱାରଠାରେ ଜିଲାପାଳ ବିଜୟ ଦାଶ, ଉପଜିଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଏସ୍‌ପି ସୁଶିଲ ମିଶ୍ର, ପୌର ନିର୍ବାହୀ ଅଧିକାରୀ ମନୋଜ ବେହେରା, ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ସି ବିଚ୍ ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର, ସାମାଜିକ କର୍ମୀ ବଦ୍ରି ମିଶ୍ର ଓ ଅନ୍ୟାନ୍ୟ ବରିଷ୍ଠ ନାଗରିକ, ସାହିତ୍ୟିକଙ୍କ ସମେତ ପୁରୀର ଅନେକ ଖବରଦାତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ହୋତାଙ୍କ ପରିବାରର ସଦସ୍ୟ, ଆତ୍ମୀୟ ସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ।

# ପୁଣି ଶ୍ରୀମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍

ପୁରୀ,୧୨।୨(ଅଜିତ୍ ମହାନ୍ତି)

## ଭିଡିଓରେ ଭିତର ବେଢ଼ାର ଦୃଶ୍ୟ ଉତ୍ତୋଳନ



ଜଣେ ବ୍ୟକ୍ତି ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡାଇ ଶ୍ରୀମନ୍ଦିର ଏବଂ ଆଖପାଖ ଅଞ୍ଚଳର ଭିଡିଓ ଶୁଟ୍ କରି ସୋସିଆଲ ମିଡିଆରେ ଅପଲୋଡ କରିଥିବା ଦେଖିବାକୁ ମିଳିଛି, ଫଳରେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଇବା ଉପରେ କଟକଣା ରହିଛି। ଏହାସତ୍ତ୍ୱେ ଶ୍ରୀମନ୍ଦିର ଉପରେ ବେସରକାରୀ ଡ୍ରୋନ ଉଡାଯାଇ ଶ୍ରୀମନ୍ଦିର ଭିତରର ଭିଡିଓ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରାଯାଉଛି। ଏପରିକି ଭିଡିଓ ଭାଇରାଲ ମଧ ହେଉଛି।

ଜଣେ ଯୁବକ ଶ୍ରୀମନ୍ଦିର ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଦୃଶ୍ୟ ଡ୍ରୋନ୍ ମାଧ୍ୟମରେ ଦେଖାଇଛନ୍ତି, ଯାହା ସମ୍ପୂର୍ଣ୍ଣ ଭାବେ ବେଆଇନ। ତେବେ କେମିତି ଜଣେ ଯୁବକ ଡ୍ରୋନ ଉଡ଼ାଇ ଭିଡିଓ ନେଲେ, ତାହା ପୁଣି ପୁରୀ ପୋଲିସ ଜାଣି ପାରିଲାନାହିଁ ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଘଟଣା ଜଣାପଡ଼ିବା ପରେ ଭକ୍ତଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଦାବି ହୋଇଛି। ଅପରପକ୍ଷେ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ପ୍ରସଙ୍ଗ ନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ କହିଛନ୍ତି, ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡିବା ନେଇ ସେପରି କିଛି ସୂଚନା ତାଙ୍କ ପାଖରେ ନାହିଁ। ଏପରି ଘଟଣା ନଜରକୁ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରତି ବିପଦ ଥିବାରୁ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବା ସହ ଶ୍ରୀମନ୍ଦିର ବାହାରେ ଓ ଭିତରେ ବ୍ୟାପକ ପୋଲିସ ମୁତୟନ ରହିଛନ୍ତି। ସିସିଟିଭି ଫୁଟେଜ୍‌ରେ ମଧ ଶ୍ରୀମନ୍ଦିର ଚାରିପାଖ ଓ ଆଖପାଖ ଅଞ୍ଚଳ ରହିଛି। ତଥାପି ଜଣେ ଯୁବକ ଅନେକ ସମୟ ଧରି ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଇ ଶ୍ରୀମନ୍ଦିର ଭିତର ଓ ଆଖପାଖ ଅଞ୍ଚଳର ଭିଡିଓ ରେକର୍ଡିଂ କଲେ, ମାତ୍ର ପୋଲିସ ପାଖରେ ଖବର ପହଞ୍ଚିପାରିଲା ନାହିଁ। ତେବେ ଭିଡିଓରେ ଦେଖିବାକୁ ମିଳୁଛି, ଜଣେ ଯୁବକ ଶ୍ରୀମନ୍ଦିରର ଚିତ୍ର ପାଖରୁ ଦେଖାଇବାକୁ କହୁଛନ୍ତି। ପରେ ବଡ଼ଦାଣ୍ଡର ଏକ କୋଠା ଉପରୁ ଡ୍ରୋନ୍‌ଟିକୁ ଉଡାଉଛନ୍ତି। ଡ୍ରୋନଟି ଶ୍ରୀମନ୍ଦିର ନିକଟରେ ଉଡ଼ିବା ସହ ନୀଳଚକ୍ର ନିକଟକୁ ଆସୁଛି। ଏହି ସମୟରେ ନୀଳଚକ୍ରରେ ବାନା ବନ୍ଧାଯାଉଥିବା ଦେଖିବାକୁ ମିଳୁଛି। ଏହି ଭିଡିଓରେ ଶ୍ରୀମନ୍ଦିର ଭିତର ବେଢାର ଦୃଶ୍ୟ ମଧ ରହିଛି।

ସେହିପରି ଭିଡିଓରେ ଶ୍ରୀମନ୍ଦିର ଚାରିପାଖ ଓ ଆଖପାଖ ଅଞ୍ଚଳ ରହିଛି। ତେବେ ଯୁବକ ଜଣଙ୍କୁ ଡ୍ରୋନ ଉଡାଇବାକୁ କିଏ ଅନୁମତି ଦେଲା ତାହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସାଧାରଣରେ ଦାବି ହେଉଛି। ତେବେ ଏପରି ଘଟଣା ପ୍ରଥମଥର ନୁହେଁ। ଗତବର୍ଷ ମଧ ଜଣେ ୟୁଟ୍ୟୁବର ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡାଇ ଭିଡିଓ ଉତ୍ତୋଳନ କରିବା ସହ ଭିଡିଓକୁ ବିକ୍ରି କରିବାକୁ ଟଙ୍କା ମଧ ଦାବି କରିଥିଲେ। ପୋଲିସ ଖବରପାଇ ଉକ୍ତ ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲା ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ



ଭୁବନେଶ୍ୱର, ୧୨।୨(ଅସମାପିକା ସାହୁ)

## ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି

ଦୀର୍ଘ ବର୍ଷ ପରେ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ଦାବି ପୂରଣ ହୋଇଥିବାରୁ କେଶୁରାସ୍ଥିତ ଦୁର୍ଗାପଡ଼ିଆରେ ବରିଷ୍ଠ ନାଗରିକମାନଙ୍କୁ ନେଇ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୂୟସୀ ପ୍ରଶଂସା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରାଜ୍ୟରେ ଥିବା ସମସ୍ତ ବରିଷ୍ଠ ନାଗରିକଙ୍କ ବାର୍ଦ୍ଧକ୍ୟ ଭତ୍ତାକୁ ସର୍ବନିମ୍ନ ୫୦୦ ଟଙ୍କାରୁ ୧୦୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ସେହିପରି ବିଭିନ୍ନ ଭତ୍ତା ବୃଦ୍ଧି ପାଇଁ ମହାସଂଘର ସଦସ୍ୟମାନେ ସନ୍ତୋଷ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଉକ୍ତ ସଭାରେ ମହାସଂଘର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଉପଦେଷ୍ଟା ଦୁର୍ଗା ପ୍ରସାଦ ସାମନ୍ତରାୟ ଯୋଗଦେଇ ନବୀନ ବାବୁଙ୍କ ଶାସନ ସମୟରେ ଓଡ଼ିଶାର ବିକାଶ ଶୀର୍ଷସ୍ଥାନରେ ପହଞ୍ଚିଥିବା ପ୍ରକାଶ କରିଥିଲେ। ସଭାରେ ସରପଞ୍ଚ ବିକ୍ରମ ସେଠୀ ବକ୍ତବ୍ୟ ରଖିଥିଲେ। ଶ୍ରୀନିବାସ ସାହୁ, ଆର୍ତ୍ତବନ୍ଧୁ ପରିଡ଼ା, ନାରାୟଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସଭ୍ୟ କ୍ଷୀରୋଦ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ହୃଷୀକେଶ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଭୁବନେଶ୍ୱର,୧୨।୨(ଅନୁରାଧା ମହାରଣା)

ୟୁକୋ ବ୍ୟାଙ୍କ ଏମ୍ପ୍ଲୋଇଜ୍ ଆସୋସିଏଶନ ଓଡ଼ିଶା ଶାଖାର ପୂର୍ବତନ ରାଜ୍ୟ ସମ୍ପାଦକ ସ୍ୱର୍ଗତ ହୃଷିକେଶ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ୟୁକୋ ବ୍ୟାଙ୍କ ୟୁନିଅନ୍ ଅଫିସଠାରେ ଆୟୋଜିତ ଏହି ସଭାରେ ନରେନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ୨ମିନିଟ୍ ନୀରବ ପ୍ରାର୍ଥନା ପୂର୍ବକ ସ୍ୱର୍ଗତ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ଗୌତମ ପାତ୍ର, ଉପମହାପ୍ରବନ୍ଧକ ଚିନ୍ମୟ ସାହୁ ଓ ସହାୟକ ମହାପ୍ରବନ୍ଧକ ଲିଙ୍ଗରାଜ ନାୟକ ଏହି ସଭାକୁ ଉଦଘାଟନ କରିଥିଲେ। ୟୁକୋ ବ୍ୟାଙ୍କ ଏମ୍ପ୍ଲୋଇଜ୍ ଆସୋସିଏଶନ ଓଡ଼ିଶା ଶାଖାର ରାଜ୍ୟ ସମ୍ପାଦକ ପ୍ରକାଶ ରାୟ ସ୍ୱାଗତ ଭାଷଣ ରଖିଥିଲେ। ସର୍ବଭାରତୀୟ ସାଧାରଣ ସମ୍ପାଦକ ଦିଶଙ୍କର ସେନଗୁପ୍ତା ଓ ଉପସଭାପତି କମଳ ଚାଟାର୍ଜୀ ସ୍ୱର୍ଗତ ମହାନ୍ତିଙ୍କ ଗୁଣାବଳୀ ବିଷୟରେ ଆଲୋକପାତ କରିଥିଲେ। ଏହି ସଭାରେ ସାରା ଓଡ଼ିଶାରୁ ୟୁସିବିଇଏର ସାଥୀ ତଥା ଅନ୍ୟ କର୍ମଚାରୀ ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ସବୁ କଳା ମଧ୍ୟରେ ସମନ୍ୱୟ ଆବଶ୍ୟକ



ଚତୁର୍ଦ୍ଧା ସାହିତ୍ୟ ଉତ୍ସବ ସମାରୋହରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଭୁବନେଶ୍ୱର,୧୨।୨(ଶର୍ମିଷ୍ଠା ପାଣିଗ୍ରାହୀ)

## ଚତୁର୍ଦ୍ଧା ସାହିତ୍ୟ ଉତ୍ସବ ସମାରୋହ

ସବୁକଳା ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି। ସଙ୍ଗୀତ, ନୃତ୍ୟ, ନାଟକ ପରସ୍ପର ସହଯୋଗୀ ଭାବରେ ଉପସ୍ଥିତ ହେବା ଏକାନ୍ତ ଜରୁରୀ ବୋଲି ପୂର୍ବତନ ବୈଦେଶିକ ବ୍ୟାପାର ବିଭାଗ ସଚିବ ଲଳିତ ମାନସିଂହ କହିଛନ୍ତି। ସୋମବାର ଗୀତଗୋବିନ୍ଦ ସଦନରେ ଅଙ୍କୁର ଫାଉଣ୍ଡେଶନ ପକ୍ଷରୁ ଚତୁର୍ଦ୍ଧା ଉତ୍ସବ ଆୟୋଜିତ ହୋଇଯାଇଛି। ମାନସିଂହ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, କଳାର ବିଭିନ୍ନ ବିଭାଗକୁ ଗୋଟିଏ ଉତ୍ସବରେ ଆଲୋଚନା କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଉତ୍ସବ ନିର୍ଦ୍ଦେଶକ କେଦାର ମିଶ୍ରଙ୍କ ଅଧକ୍ଷତାରେ ଅତିଥି ଭାବେ ସଂସ୍କୃତି ବିଭାଗର ଅତିରିକ୍ତ ସଚିବ ମଧୁସୂଦନ ଦାସ, ପଦ୍ମଶ୍ରୀ ଅରୁଣା ମହାନ୍ତି, କବି ଆଶୁତୋଷ ପରିଡ଼ା, ଅଶ୍ୱିନୀ କୁମାର, ଅଂଶୁମାନ କର ଯୋଗଦେଇଥିଲେ। ଫାଉଣ୍ଡେଶନର ସମ୍ପାଦିକା ଚିନ୍ମୟୀ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷାର ଅନେକ କାଳଜୟୀ କବିତା ଅଜୟ ସ୍ୱାଇଁ, ବିୟତପ୍ରଜ୍ଞା ତ୍ରିପାଠୀ, ଚିରଶ୍ରୀ ଇନ୍ଦ୍ର ସିଂ, ମନୁଆ ଦାସ, ଅପୂର୍ଣ୍ଣା ମହାନ୍ତି ପ୍ରମୁଖ ପରିବେଷଣ କରିଥିଲେ। କବିତାରେ ସଙ୍ଗୀତ ଏବଂ ନୃତ୍ୟର ଭାଷା ବିଷୟରେ ଉପସ୍ଥାପନ କରିଥିଲେ ପ୍ରତୀକ ପଟ୍ଟନାୟକ ଓ ଅରୁଣା ମହାନ୍ତି। ଗାୟକ ବିଭୁ କିଶୋର ଆଧୁନିତ କବିତାକୁ ସଙ୍ଗୀତ ମାଧ୍ୟମରେ ପରିବେଷଣ କରିଥିଲେ। ସଚ୍ଚିଦାନନ୍ଦ ରାଉତରାୟଙ୍କ କବିତା 'ଭାନୁମତିର ଦେଶ'ର ନାଟ୍ୟରୂପ ଦେବଦତ୍ତ ପତି ଓ ସାଥୀ ପ୍ରସ୍ତୁତ କରିଥିଲେ। ଡ. ନିଧି ଗର୍ଗ ଓ ବେଦପ୍ରକାଶ ଉତ୍ସବ ପରିଚାଳନା କରିଥିଲେ।

# ଖବରଦାତାଙ୍କୁ ଆକ୍ରମଣ ଘଟଣା: ୩ ଗିରଫ

ଭୁବନେଶ୍ୱର,୧୨।୨ (ସତ୍ୟଜିତ୍ ରାଉତ)



ଭୁବନେଶ୍ୱରରେ କାର୍ଯ୍ୟରତ ଖବରଦାତା ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଘଟଣାରେ ସୋମବାର ମଞ୍ଚେଶ୍ୱର ଥାନା ପୋଲିସ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ପଥରବନ୍ଧ ବସ୍ତିରେ ରହୁଥିବା ନୟାଗଡ଼ ଟାଉନର ସଞ୍ଜୟ ନାୟକ, ୟୁନିଟ-୬ ତାରିଣୀ ବସ୍ତିରେ ରହୁଥିବା ନୟାଗଡ଼ ଜିଲା ବଡ଼ଗାଁ ଅଞ୍ଚଳର ଶରତ ନାୟକ ଏବଂ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରଙ୍ଗମାଟିଆ ତଳସାହିର ଚେତନ କୁମାର ପରିଡା । ସେମାନଙ୍କ ପାଖରୁ ଗୋଟିଏ ବାଇକ ଜବତ ହୋଇଛି। ସଞ୍ଜୟଙ୍କ ବିରୋଧରେ ଚନ୍ଦକା ଥାନାରେ ୨୦୧୯ରେ ଏବଂ ଶହୀନଗର ଥାନାରେ ୨୦୨୨ରେ ଗୋଟିଏ ଲେଖାଏ ମାମଲା ରହିଛି। ସେହିପରି ଶରତଙ୍କ ବିରୋଧରେ ମଧ ଚନ୍ଦକା ଥାନା ଗୋଟିଏ ମାମଲା ରହିଛି।

ସମସ୍ତଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ ସିଂ କହିଛନ୍ତି, ଆକ୍ରମଣ ପଛର ପ୍ରକୃତ କାରଣ ଏଯାଏ ଜଣାପଡିନାହିଁ। ଅଭିଯୁକ୍ତଙ୍କ ଅନ୍ୟ ସହଯୋଗୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସିଂ କହିଛନ୍ତି। ସୂଚନାଯୋଗ୍ୟ, ଶନିବାର ରାତି ପ୍ରାୟ ୧୨ଟା ବେଳେ ଜ୍ୟୋତିରଞ୍ଜନ ତାଙ୍କ ସାଙ୍ଗଙ୍କ ସହ ବାଇକରେ ଭୁବନେଶ୍ୱରରୁ ବାଙ୍କି ଯାଉଥିଲେ। ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଦେଇ ଭିଏସ୍‌ଏସ୍‌ନଗର ରେଳ ଫାଟକ ହୋଇ ଉଭୟ ଯାଉଥିବା ବେଳେ ୪ଜଣ ଯୁବକ ତାଙ୍କୁ ସୈନିକ ସ୍କୁଲ ପଛପାର୍ଶ୍ୱ ଅଳିଆଗଦା ନିକଟ ରାସ୍ତାରେ ଅପରାଧୀମାନେ ବାଇକ୍‌କୁ ଅଟକାଇ ଜ୍ୟୋତିରଞ୍ଜନଙ୍କୁ ଗାଳିଗୁଲଜ ଦେବା ସହ ଆକ୍ରମଣ କରିଥିଲେ। ଏନେଇ ଜ୍ୟୋତିରଞ୍ଜନଙ୍କ ଏତଲାକୁ ଭିତ୍ତି କରି ରବିବାର ଥାନା ପକ୍ଷରୁ ମାମଲା (ନଂ.୬୦/୨୦୨୩) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଭିକାରିମୁକ୍ତ ଭୁବନେଶ୍ୱର ପାଇଁ ବିଏମ୍‌ସିର ପ୍ରୟାସ

ଭୁବନେଶ୍ୱର, ୧୨।୨ (ବନ୍ଦନା ସେଠୀ)

ଭିକାରିମୁକ୍ତ ଭୁବନେଶ୍ୱର ପାଇଁ ବିଏମ୍‌ସି ପକ୍ଷରୁ ନିରନ୍ତର ଉଦ୍ୟମ ଜାରି ରହିଛି। ଭୁବନେଶ୍ୱରକୁ ବିଭିନ୍ନ ଆଡୁ ଭିକାରିମାନେ ଆସି ଭିକ୍ଷାବୃତ୍ତି କରିବା ସହ ରାସ୍ତାକଡରେ ଦିନ ଦ୍ୱିପ୍ରହରେ ବୁଲୁଛନ୍ତି। ଫଳରେ ସହରର ବିକାଶ ଓ ଟ୍ରାଫିକ୍ ସମସ୍ୟାରେ ବାଧକ ସୃଷ୍ଟି ହେଉଛି। ଏପରିକି ବାହାର ରାଜ୍ୟରୁ ନିୟମିତଭାବେ କିଛି ଗୋଷ୍ଠୀ ଆସି ସହରରେ ଭିକ୍ଷାବୃତ୍ତି କରୁଛନ୍ତି। ଏହା ଜାଣିବା ପରେ ଟିମ୍ ବିଏମ୍‌ସି, ପୋଲିସ୍ ପ୍ରଶାସନ ଏବଂ ସହଭାଗୀ ଅନୁଷ୍ଠାନଙ୍କ ମିଳିତ ପଦକ୍ଷେପରେ ଲଗାତର ଭିକାରି ଉଦ୍ଧାର କାର୍ଯ୍ୟ ଚାଲୁରହିଛି। ଓଡ଼ିଶା ସରକାରଙ୍କ ସହାୟତାରେ ବିଏମ୍‌ସି ପକ୍ଷରୁ ୫ଟି ଆଶ୍ରୟ କେନ୍ଦ୍ର ବା ବେଗର୍ସ ହୋମ୍ ନିର୍ମାଣ ହୋଇଛି। ସେଠାରେ ଭିକାରୀମାନଙ୍କୁ ନେଇ ଥଇଥାନ କରାଯାଉଛି। ଶୀତଋତୁରେ ଭିକାରି ଉଦ୍ଧାର କାର୍ଯ୍ୟକୁ ଜୋରଦାର କରିବା ଦ୍ୱାରା ଶନି ମନ୍ଦିର, ରାମ ମନ୍ଦିର ଓ ଲିଙ୍ଗରାଜ ମନ୍ଦିର ଅଞ୍ଚଳକୁ ଭିକାରିଶୂନ୍ୟ କରାଯାଉଛି।

ପ୍ରତ୍ୟେକ କେନ୍ଦ୍ରରେ ୧୦୦ ଜଣ ଲେଖାଏ ଅନ୍ତେବାସୀ ରହିବା ପାଇଁ ବ୍ୟବସ୍ଥା ରହିଛି। ଏବେ ସୁଦ୍ଧା କେନ୍ଦ୍ରରେ ୩୩୨ ଜଣ ଭିକାରି ଅଛନ୍ତି। ୨୦୨୩ ନଭେମ୍ବର ୨୦ରୁ ଜାନୁଆରୀ ୨୦୨୪ ମଧ୍ୟରେ ରେକର୍ଡ ସଂଖ୍ୟକ ଭିକାରିଙ୍କୁ ଉଦ୍ଧାର କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱରରେ ୫ଟି ଭିକାରି ଥଇଥାନ କେନ୍ଦ୍ର ଥିବାବେଳେ ୭ଟି ସହରାଞ୍ଚଳ ଆଶ୍ରୟସ୍ଥଳୀ ରହିଛି। ଏଥିରେ ୩୫୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ରହିବା ଓ ଖାଇବାର ବ୍ୟବସ୍ଥା ରହିଛି। ଏହାବାଦ୍ ସରକାରଙ୍କ ନିୟମ ଅନୁସାରେ ସହଭାଗୀ ଅନୁଷ୍ଠାନଗୁଡିକ ମାଧ୍ୟମରେ ଅନ୍ତେବାସୀଙ୍କୁ ବିଭିନ୍ନ ବ୍ୟାୟାମ, ଦିବସ ପାଳନ ଇତ୍ୟାଦି କରାଯାଇ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ଚେଷ୍ଟା କରାଯାଉଛି। ଭିକାରିମାନେ କିପରି ଭିକ୍ଷାବୃତ୍ତି ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ସେ ନେଇ କାର୍ଯ୍ୟ କରାଯାଉଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି।

# ମେଣ୍ଢାଶାଳ ଚାମ୍ପିୟନ

ବାରଙ୍ଗ,୧୨।୨(ଲିଙ୍ଗରାଜ ରାଉତ)

ଦାରୁଠେଙ୍ଗ ପିଣ୍ଡିକ ପଡ଼ିଆରେ ଚାଲିଥିବା ଭୁବନେଶ୍ୱର ବ୍ଲକସ୍ତରୀୟ ପଞ୍ଚାୟତ କପ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଇଞ୍ଜଣାକୁ ହରାଇ ମେଣ୍ଢାଶାଳ ଚାମ୍ପିୟନ ହୋଇଛି। ପ୍ରଥମେ ଟସ୍ ଜିତି ମେଣ୍ଢାଶାଳ ବ୍ୟାଟିଂ କରି ୧୯.୩ ଓଭରରେ ୧୦ ଉଇକେଟ ହରାଇ ୧୬୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଇଞ୍ଜଣା ୧୬.୫ ଓଭରରେ ୧୦ ଉଇକେଟ ହରାଇ ୧୧୮ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ପୁରସ୍କାର ବିତରଣୀ ସଭାରେ ୨୦ ପଞ୍ଚାୟତର ଲୋକପ୍ରତିନିଧିମାନେ ଯୋଗଦେଇ ବିଜୟୀ ମେଣ୍ଢାଶାଳକୁ ଟ୍ରଫିସହ ୩୦ ହଜାର ଟଙ୍କା ଓ ରନର୍ସ ଅପ୍ ଇଞ୍ଜଣାକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଅଜିତ୍ କୁମାର କ୍ରୀଡ଼ା ବିବରଣୀ ପ୍ରଦାନ ଓ ଡ୍ୟାମ୍ପିଂ ଅମ୍ପାୟର ମନୋଜ କୁମାର କ୍ରୀଡ଼ା ପରିଚାଳନା କରିଥିଲେ।

# ରେରା ଆଇନ ସମ୍ପର୍କିତ ସେମିନାର




ସେମିନାର୍‌ରେ ଯୋଗ ଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୧୨।୨(ଅନୁରାଧା ମହାରଣା)

ଚାର୍ଟାଡ ଆକାଉଣ୍ଟାଣ୍ଟ ପ୍ରତିଷ୍ଠାନ ପକ୍ଷରୁ ପ୍ରଥମ ଥର ପାଇଁ ରେରା ଆଇନ ସମ୍ପର୍କିତ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ସଭାପତି ପ୍ରଦୀପ କୁମାର ସାହୁ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ରେରା ଅଧକ୍ଷ ସିଦ୍ଧାନ୍ତ ଦାସ ଉଦ୍‌ଘାଟନ କରି ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନେ ରେରା ଆଇନ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ପ୍ରଦୀପ କୁମାର ବିଶ୍ୱାଳ ରେରା ଆଇନରେ ଚାର୍ଟାର୍ଡ ଏକାଉଣ୍ଟାଣ୍ଟମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ଅର୍ଥନୈତିଜ୍ଞ ରାଜୀବ ଶେଖର ସାହୁ ପ୍ରତିଷ୍ଠାନର ସଦସ୍ୟମାନେ ରେରା ଆଇନର ସଫଳ ଉପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରତିଷ୍ଠାନର କେନ୍ଦ୍ରୀୟ କମିଟି ସଦସ୍ୟ ବିନୟ ତ୍ୟାଗରାଜ ଆଇନର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

# ଉଦ୍ଧାର ଶାଗୁଣା ନନ୍ଦନକାନନ ଆସିଲା

ବାରଙ୍ଗ,୧୨।୨(ଲିଙ୍ଗରାଜ ରାଉତ)

ବାଲେଶ୍ୱରରୁ ଉଦ୍ଧାର ହୋଇଥିବା ଗୋଟିଏ ଶାଗୁଣା ରବିବାର ବିଳମ୍ବିତ ରାତିରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଆସିଛି। ସୂଚନାଯୋଗ୍ୟ, ବାଲେଶ୍ୱର ଡିଭିଜନ ଜଳେଶ୍ୱର ରେଞ୍ଜରେ ଗୋଟିଏ ଗାଁ ଭିତରେ ଏହି ଶାଗୁଣା ଉଡ଼ି ଆସି ରାସ୍ତାରେ ପଡ଼ିଥିଲା। ଗାଁ ଲୋକେ ଶାଗୁଣାକୁ ଦେଖି ବନ ବିଭାଗକୁ ଖବର ଜଣାଇଥିଲେ। ବନବିଭାଗ ଏହି ଶାଗୁଣାକୁ ଆଣି ରବିବାର ରାତିରେ ନନ୍ଦନକାନନ ହସ୍ତାନ୍ତର କରିଛି। ଏଠାକୁ ଶାଗୁଣାଟି ଆସିବା ପରେ ପ୍ରାଣୀ ଉଦ୍ୟାନର ପଶୁ ଚିକିତ୍ସକ ପ୍ରାଥମିକ ଚିକିତ୍ସା କରି ଉଦ୍ୟାନର ଆଇସୋଲେଶନ ୱାର୍ଡରେ ରଖିଥିବା ସୂଚନା ମିଳିଛି। ଏହି ପ୍ରଜାତିର ଶାଗୁଣା ନନ୍ଦନକାନନରେ ୬କୁ ବୃଦ୍ଧି ପାଇଛି।




ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦାବିରେ ଆଶାୟୀ ସ୍ୱତନ୍ତ୍ର ଶିକ୍ଷକ ମହାମଞ୍ଚ ପକ୍ଷରୁ ଲୋୟର ପିଏମ୍‌ଜିରେ ଧାରଣାସ୍ଥଳରେ ଅଣ୍ଡା ବିକ୍ରି କରାଯାଉଛି।




ଅନ୍‌ଏମ୍ପ୍ଲୋୟେଡ୍ ଡିପ୍ଲୋମା ଇଞ୍ଜିନିୟର୍ସ ଆସୋସିଏଶନ୍ ପକ୍ଷରୁ ସେବା ସଦନ ସମ୍ମୁଖରେ ସାର୍ଟିଫିକେଟ୍ ପୋଡ଼ି ପ୍ରତିବାଦ କରାଯାଉଛି।

## ସ୍କୁଟି, ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

କଟକ, (କାର୍ତ୍ତିକ ସାହୁ): ବାଇକ୍ ଚୋରି ଅଭିଯୋଗରେ କ୍ୟାଣ୍ଟନମେଣ୍ଟ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ମାନସିଂହପାଟଣାରେ ରହୁଥିବା ବାଙ୍କୀ ଥାନା ଅନ୍ତର୍ଗତ ବାରପୁଟର ଜଗନ୍ନାଥ ପଣ୍ଡା। ତାଙ୍କ ନିକଟରୁ ଏକ ସ୍କୁଟି ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ ହୋଇଛି। ସୂଚନାନୁସାରେ, ଅରିଲୋର ସାରଦା ପ୍ରସନ୍ନ ନନ୍ଦ ନାମକ ବ୍ୟକ୍ତି କ୍ୟାଣ୍ଟନମେଣ୍ଟ ଅଞ୍ଚଳରେ ଥିବା ତାଙ୍କ ଅଫିସ୍‌ର ପାର୍କିଂରେ ସ୍କୁଟି ରଖି ଭିତରକୁ ଯାଇଥିଲେ। ହେଲେ କାମ ସାରି ବାହାରକୁ ଆସିବାବେଳେକୁ ସ୍କୁଟି ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

# ୨୦ରେ ଆଂଶିକ ବକ୍ସଡ୍ରେନ୍ ଉଦ୍‌ଘାଟନ

### ହାଇକୋର୍ଟରେ କଟକ ସହର ସମସ୍ୟା

କଟକ,୧୨।୨ (କାର୍ତ୍ତିକ ସାହୁ)

କଟକ ସହର ସମସ୍ୟା ନେଇ ବକ୍ସଡ୍ରେନ୍ ପ୍ରସଙ୍ଗରେ ସୋମବାର ହାଇକୋର୍ଟରେ ଶୁଣାଣି ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆମିକସ୍‌କ୍ୟୁରି ଏନ୍.କେ. ମହାନ୍ତି ସତ୍ୟପାଠ ଦାଖଲ କରି ଆସନ୍ତା ୨୦ ତାରିଖରେ ଆଂଶିକ ବକ୍ସଡ୍ରେନ୍ ଉଦ୍‌ଘାଟନ ହେବ ବୋଲି ଅବଗତ କରାଇଛନ୍ତି। ସତ୍ୟପାଠ ଅନୁଯାୟୀ, ବକ୍ସଡ୍ରେନ୍ କାମ ପ୍ରଫେସରପଡ଼ା ଯାଏ ସମ୍ପୂର୍ଣ୍ଣ ହୋଇଛି। ପ୍ରଥମ ପର୍ଯ୍ୟାୟ ଉଦ୍‌ଘାଟନ ଶେଷ ହେବା ପରେ ପୁଣି ଆସନ୍ତା ୩୧ ସୁଦ୍ଧା ଛତ୍ରବଜାର ଯାଏ ବକ୍ସଡ୍ରେନ୍ କାମ ସମ୍ପୂର୍ଣ୍ଣ କରାଯାଇ ଉଦ୍‌ଘାଟନ କରାଯିବ। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ଅରିନ୍ଦମ୍ ସିହ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି।



ଆସନ୍ତା ଏପ୍ରିଲ ୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନା ଅନୁସାରେ, ଛତ୍ରବଜାର ପର୍ଯ୍ୟନ୍ତ ବକ୍ସଡ୍ରେନ୍ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା। ସେଇଠୁ ମାତୃଭବନ ଯାଏ ହେବାକୁ ଥିବା ୮୧୦ ମିଟର ବକ୍ସଡ୍ରେନ୍ କାର୍ଯ୍ୟ ଆଉ କରା ନ ଯାଇ ଖୋଲା ଛାଡ଼ିଦିଆଯିବ। ଏହା ଉପରେ ଆବେଦନକାରୀ ଆଇନଜୀବୀ ସତ୍ୟବ୍ରତ ମହାନ୍ତିଙ୍କ ଫାଇନାନ୍ସିଆଲ ଓ ଟେକ୍ନିକାଲ ପରାମର୍ଶକୁ ନଗର ଉନ୍ନୟନ ମନ୍ତ୍ରୀ ଏବଂ ସଚିବଙ୍କ ସହ ଆଲୋଚନା କରାଯାଇଛି ବୋଲି ଆମିକସ୍‌କ୍ୟୁରି ମହାନ୍ତି ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ତେବେ ସୋମବାର ଶୁଣାଣିବେଳେ ଆବେଦନକାରୀ ମହାନ୍ତି ଯୁକ୍ତି ଦର୍ଶାଇ କହିଥିଲେ, ଆଇଆଇଟି ଖଡ଼ଗପୁର ୧୦ ବର୍ଷ ପୂର୍ବରୁ ଦେଇଥିବା ବୈଷୟିକ କାର୍ଯ୍ୟ ଏପର୍ଯ୍ୟନ୍ତ ଚାଲିଛି। ଛତ୍ରବଜାରରୁ ମାତୃଭବନ ଯାଏ ବକ୍ସଡ୍ରେନ୍ ନିର୍ମାଣ ପାଇଁ ସବୁ ଫିଜିବିଲିଟି ରିପୋର୍ଟ ସେତେବେଳେ ଥିଲା, ଏବେ କାହିଁକି ହେବ ନାହିଁ। ଛତ୍ରବଜାର ଯାଏ ବକ୍ସଡ୍ରେନ୍ ହୋଇ ମାତୃଭବନ ପର୍ଯ୍ୟନ୍ତ ଖୋଲା ରହିଲେ ଯେଉଁ ଅସ୍ୱାସ୍ଥ୍ୟକର ପରିବେଶ ରହିଛି ତାହା ସେହିପରି ରହିବ। ମଶା, ମାଛି ବଂଶ ବୃଦ୍ଧି ପାଇବା ସହ ଉତ୍କଟ ଦୁର୍ଗନ୍ଧରେ ଲୋକେ ଘାଣ୍ଟି ହେବେ। ଏସବୁ ପ୍ରତିକୂଳ ପ୍ରଭାବ ମଧ୍ୟ ପଡ଼ିବ। ବକ୍ସଡ୍ରେନ୍ ନ ହୋଇପାରିଲେ ଖୋଲା ଡ୍ରେନ୍ ରଖା ନ ଯାଇ ତାହାକୁ ଘୋଡ଼ଣୀ ଦ୍ୱାରା ବନ୍ଦ କରାଯାଉ। ଏଭଳି ଯୁକ୍ତିକୁ ନେଇ ଲୋକଙ୍କର ଅସନ୍ତୋଷ ରହିଥିବା ହାଇକୋର୍ଟ ହୃଦୟଙ୍ଗମ କରିଛନ୍ତି। ପରବର୍ତ୍ତି ଶୁଣାଣିରେ ଏହି ପ୍ରସଙ୍ଗକୁ ଉପସ୍ଥାପନ ନିମନ୍ତେ ରଖାଯାଇଥିବା ଆବେଦନକାରୀ ମହାନ୍ତି କହିଛନ୍ତି।

ସୂଚନାଯୋଗ୍ୟ, ସର୍ବପ୍ରଥମେ ଓଡ଼ିଶା ହାଇକୋର୍ଟର ରେଜିଷ୍ଟ୍ରାର ଜୁଡିସିଆଲ ବକ୍ସଡ୍ରେନ୍‌କୁ ନେଇ ୨୦୨୦ ମସିହାରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏଥିରେ ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରାଯାଇଥିଲା।



ସରସ୍ୱତୀ ପୂଜାର ଅବ୍ୟବହିତ ପୂର୍ବରୁ କଟକ ଗୌରୀଶଙ୍କର ପାର୍କ ରୋଡ଼ ଅଞ୍ଚଳରେ ବିକ୍ରି ପାଇଁ ରଖାଯାଇଥିବା ମା'ଙ୍କ ମୃଣ୍ମୟୀ ପ୍ରତିମା।

## ସଂକ୍ଷେପରେ

### ପରମହଂସ ମନ୍ଦିର ପ୍ରକଳ୍ପର ଶିଳାନ୍ୟାସ

କଟକ ସଦର, ୧୨।୨ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ମନ୍ଦିର ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଏହାର ଶିଳାନ୍ୟାସ କରିଥିଲେ। ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ ୪ କୋଟି ୯୬ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟ ଅଟକଳରେ ମନ୍ଦିରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯିବ। ପରମହଂସ ସରପଞ୍ଚ ତ୍ରିଲୋଚନ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ପ୍ରଫୁଲ୍ଲ କୁମାର ସିଂହ, ଜିଲାପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ମହାଳି, ସମବାୟବିତ୍ ସମର ବେହେରା, ବିଭୁତି ଭୂଷଣ ପରିଡ଼ା, ଶରତ କୁମାର ରାୟ, ସମିତି ସଭ୍ୟା ବବିତା ବେହେରା, ଅକ୍ଷୟ ପରିଡ଼ା, ପୂଜକ ଜଗନ୍ନାଥ ପଣ୍ଡା, ଅରୁଣ ଦାଶ, ସାଧୁଚରଣ ପଣ୍ଡା, ଦୈତାରୀ ବେହେରା, ହିମାଂଶୁ ଦାସ, ଯୁବନେତା ସୁଧାଂଶୁ ଶେଖର ପାତ୍ର, ସୁବୋଧ ବେହେରା ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୪ ମାସ ମଧ୍ୟରେ କାର୍ଯ୍ୟ ସରିବ ବୋଲି ଚୁକ୍ତିନାମାରେ ଉଲ୍ଲେଖ ରହିଛି।

### ସାରସ୍ୱତ ସାଧକ ହରିହର ରଣାଙ୍କ ପରଲୋକ

ଚୌଦ୍ୱାର, ୧୨।୨ (ଆଶୁତୋଷ ଦାସ)

ସାରସ୍ୱତ ସାଧକ, ସୁସଙ୍ଗଠକ, ଭାଜପାର ପୂର୍ବତନ ମଣ୍ଡଳ ସଭାପତି, କବି ହରିହର ରଣା(୮୩)ଙ୍କର ରବିବାର ହୃଦ୍‌ରୋଗରେ ପରଲୋକ ହୋଇଯାଇଛି। କିଛିଦିନ ହେଲା ଭୁବନେଶ୍ୱରସ୍ଥିତ ଏକ ଘରୋଇ



ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିଲେ। ତାଙ୍କ ମରଶରୀରକୁ ପ୍ରଥମେ ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡର ନୂଆସାହିସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ଚୌଦ୍ୱାର ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସ, ସମ୍ପାଦକ ଦିବ୍ୟଜ୍ୟୋତି ପାଣି, ଚନ୍ଦ୍ରପ୍ରକାଶ ପଟ୍ଟନାୟକ, ବୈରାଗୀ ଚରଣ ପ୍ରଧାନଙ୍କ ସମେତ ଅଞ୍ଚଳର ବହୁ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ମରଶରୀରକୁ ସତ୍କାର ପାଇଁ ତାଙ୍କ ଜନ୍ମସ୍ଥାନ ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ମୃଦଙ୍ଗା ଗ୍ରାମକୁ ନିଆଯାଇଥିଲା। ସୋମବାର ମରଶରୀର ଗ୍ରାମ ପରିକ୍ରମା କରିବା ପରେ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ପୁଅ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ହୀନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ଉତ୍କଳ ସାହିତ୍ୟ ସମାଜ ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଶିଶୁ ସାହିତ୍ୟିକ ମହେଶ୍ୱର ମହାନ୍ତି, ଶିକ୍ଷାବିତ୍ ସୁକାନ୍ତ କୁମାର ମହାନ୍ତି ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ରଣା ଚୌଦ୍ୱାର ଅଞ୍ଚଳରେ ବହୁ ସାରସ୍ୱତ, ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ସେ ୨୦ରୁ ଊର୍ଦ୍ଧ୍ୱ କବିତା ପୁସ୍ତକ ଓ ଅନେକ ଉଚ୍ଚକୋଟିର ଶିଶୁ ସାହିତ୍ୟ ରଚନା କରିଛନ୍ତି।

### କ୍ୟାରମ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଚୌଦ୍ୱାର, ୧୨।୨ (ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ରାହାସ ବିହାରୀଜୀଉ କ୍ଲବ୍ ଆନୁକୂଲ୍ୟରେ ୩ ଦିନିଆ କ୍ୟାରମ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ୍ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲା। ଚୌଦ୍ୱାର ରାହାସ ବିହାରୀଜୀଉ ଟିମ୍ ଓ ପୀର ବଜାରର ତ୍ରିରଙ୍ଗା ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ରାହାସ ବିହାରୀଜୀଉ ଟିମ୍ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୫୦୦୦ ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଟିମ୍‌କୁ ୩୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଏଥିରେ ଅତିଥି ଭାବେ କାଉନ୍ସିଲର ଅଜୟ କୁମାର ବେହେରା ଓ ବିଜେଡି ନଗର କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା ଯୋଗଦେଇଥିଲେ। କ୍ଲବ୍ ସଦସ୍ୟ ସୌମ୍ୟ ସାହୁ, ଅଶୋକ ସାହୁ, ଗିରିଶ ସାହୁ, ରାଜନ୍ ସାହୁଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିଳ୍ପ ପ୍ରତିଷ୍ଠା ପାଇଁ ୧୭ରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିବେ



ଜିଲାପାଳ ବିନୀତ ଭରଦ୍ୱାଜ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

### ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ

ଚୌଦ୍ୱାର, ୧୨।୨ (ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ଓଟିଏମ୍ ଭିତ୍ତିଭୂମି ଉପରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୭ ତାରିଖରେ ଚୌଦ୍ୱାର ଗସ୍ତକରି ୱେଲ୍ ସ୍ପନ୍ କମ୍ପାନୀର ଶିଳ୍ପ ପ୍ରତିଷ୍ଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏଥିପାଇଁ ପ୍ରସ୍ତୁତି ଜୋର୍‌ସୋର୍‌ରେ ଆଗେଇ ଚାଲିଛି। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ନେତୃତ୍ୱରେ ପ୍ରଶାସନର ଏକ ଟିମ୍ ସୋମବାର ଚୌଦ୍ୱାରରେ ପହଞ୍ଚି ବଧୀକୁଦ ନିକଟ ପଡ଼ିଆରେ ହେବାକୁ ଥିବା ସଭା ଆୟୋଜନ ସ୍ଥଳ, ସଭାସ୍ଥଳକୁ ସଂଯୋଗ କରୁଥିବା ରାସ୍ତାଘାଟର ସ୍ଥିତି, ହେଲିପ୍ୟାଡ୍ ସ୍ଥଳ ବୁଲି ଦେଖିବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ତଦାରଖ କରିଥିଲେ। ବିଧାୟକ ସୌଭିକ୍ ବିଶ୍ୱାଳ, ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଧାୟକଙ୍କ ପ୍ରତିନିଧି ବିଷ୍ଣୁଚରଣ ପରିଡ଼ା, ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ରହି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଉପ ଜିଲାପାଳ କମଳଜିତ ଦାସ, ଏଡ଼ିଏମ୍ ଉମାକାନ୍ତ ରାଜ, ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ, ଚୌଦ୍ୱାର ଥାନାଧିକାରୀ ବିଶ୍ୱରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଚାକିରି ଦେବା ନାଁରେ ଠକେଇ, ଅଭିଯୁକ୍ତ ଗିରଫ

କଟକ, ୧୨।୨ (କାର୍ତ୍ତିକ ସାହୁ)

ଏସ୍‌ସିବି ମେଡିକାଲରେ ଚାକିରି କରାଇ ଦେବାକୁ କହି ଅର୍ଥ ଠକିନେବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚୌଦ୍ୱାର ଥାନା ଅନ୍ତର୍ଗତ ଚାର୍‌ବାଟିଆ ଅଞ୍ଚଳର ପ୍ରକାଶ ମହାପାତ୍ର। ତାଙ୍କଠାରୁ ନକଲି ପରିଚୟପତ୍ର ସହ ୧୪,୦୦୦ ଟଙ୍କା ଜବତ କରାଯାଇଛି। ସୂଚନାନୁସାରେ, ପ୍ରକାଶ ନିଜକୁ ଏସ୍‌ସିବି ମେଡିକାଲ କଲେଜର ଜଣେ କର୍ମଚାରୀ ଭାବେ ପରିଚୟ ଦେଇ ବାରଙ୍ଗ ଥାନା ଅନ୍ତର୍ଗତ କୁହ୍ନେଇପଡ଼ାର ପ୍ରଭାତୀ ସ୍ୱାଇଁଙ୍କ ନିକଟରେ ପହଞ୍ଚିଥିଲେ। ତାଙ୍କ ପୁଅଙ୍କୁ ଏସ୍‌ସିବି ମେଡିକାଲରେ ଡାଟାଏଣ୍ଟ୍ରି ଅପରେଟର ଚାକିରି କରାଇଦେବାର ପ୍ରଲୋଭନ ଦେଖାଇ ୪୫,୦୦୦ ଟଙ୍କା ଦେବାକୁ କହିଥିଲେ। ପୁଅ ବେକାର ଥିବାରୁ ପ୍ରଭାତୀ ତାଙ୍କ କଥାରେ ବିଶ୍ୱାସ କରି ପ୍ରାଥମିକ ଅବସ୍ଥାରେ ୧୫,୦୦୦ ଟଙ୍କା ଦେଇଥିଲେ। ଏହାପରେ ପ୍ରକାଶ ଏକ ନକଲି ପରିଚୟ ପତ୍ର ଦେଇ ସମ୍ପୂର୍ଣ୍ଣ ଟଙ୍କା ଦେବା ପରେ ଚାକିରି ଦେବେ ବୋଲି ପ୍ରଭାତୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇଥିଲେ। ଏହା ପରଠାରୁ ଏକ ମାସ ହେବ ସେ ତାଙ୍କ ମୋବାଇଲ୍ ଫୋନ୍ ସୁଇଚ୍ ଅଫ୍ କରିଦେଇଛନ୍ତି। ଫଳରେ ପ୍ରଭାତୀ ଏନେଇ ମଙ୍ଗଳାବାଗ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ. ୫୫/୨୪) ରୁଜୁ କରିଛନ୍ତି।

# ଶିଳାନ୍ୟାସ ଫଳକରେ ସରପଞ୍ଚ, ସମିତି ସଭ୍ୟାଙ୍କ ନାଁ ନାହିଁ

### ସମର୍ଥକ ଅସନ୍ତୁଷ୍ଟ

କଟକ ସଦର, ୧୨।୨ (ସୁଶାନ୍ତ କୁମାର ଜେନା)

କିଶନ ନଗର ଗ୍ରାମ୍ୟ ଉନ୍ନୟନ ସେକ୍ସନ ଅନ୍ତର୍ଗତ ଯଶପଡ଼ା ପଞ୍ଚାୟତରେ ସୋମବାର ଏକ ରାସ୍ତାର ଶିଳାନ୍ୟାସ କରାଯାଇଥିଲା। ବିଧାୟକ ଚନ୍ଦ୍ରସାରଥି ବେହେରା ଏହାର ଶିଳାନ୍ୟାସ କରିଥିଲେ। ନାଥସାହି-ଶଗଡ଼ି ପାଟଣା ଭାୟା ସାମଲ ସାହି ରାସ୍ତାର ଶିଳାନ୍ୟାସ ଫଳକରେ କେବଳ ବିଧାୟକଙ୍କ ନାମ ଲେଖାଯାଇଥିଲା। ହେଲେ ଫଳକରେ ସରପଞ୍ଚ ଓ ସମିତି ସଭ୍ୟାଙ୍କ ନାମ ଲେଖାଯାଇ ନ ଥିବାରୁ ସେମାନଙ୍କ



ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯଶପଡ଼ା ସରପଞ୍ଚ ମିନତି ସେଠୀ ଯୋଗଦେଇଥିବାବେଳେ ସମିତି ସଭ୍ୟା ପୁଷ୍ପଲତା ପଣ୍ଡା ଉପସ୍ଥିତ ନ ଥିଲେ। ଫଳକରେ ନାମ ନ ଲେଖାଯିବା ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠଯନ୍ତ୍ରୀ ଶଶିକାନ୍ତ ମାଝୀଙ୍କୁ ପଚାରିବାରୁ ଫଳକ ଆମ ବିଭାଗ ଲଗାଇ ନାହିଁ ବୋଲି କହିଥିଲେ। ମାତ୍ର କାମ ସମ୍ପର୍କିତ ସୂଚନାଫଳକ ନ ଲାଗିବା ସମ୍ପର୍କରେ କୌଣସି ସୂଚନା ସେ ଦେଇ ନ ଥିଲେ।

# 'ପରୀକ୍ଷାବେଳେ ସମୟର ସଦୁପଯୋଗ କର'




### ଆଶୀର୍ବାଦ ଉତ୍ସବ

କଟକ, ୧୨।୨ (ଶିଳ୍ପା ପ୍ରିୟଦର୍ଶିନୀ)

ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ବାର୍ଷିକୀ ଅବସରରେ ଗଣ୍ଡରପୁରସ୍ଥିତ ଲଜ୍‌ପତ୍ ରାୟ ଡିଏଭି ପବ୍ଲିକ ସ୍କୁଲରେ ଦଶମ ଓ ଦ୍ୱାଦଶ ଶ୍ରେଣୀର ସିବିଏସ୍‌ସି ବୋର୍ଡ ପରୀକ୍ଷାର୍ଥୀମାନଙ୍କୁ ନେଇ ଆଶୀର୍ବାଦ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ୱାମୀ ସମର୍ପଣାନନ୍ଦ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ସ୍ୱାଇଁ ପରୀକ୍ଷାବେଳେ ସମୟର ସଦୁପଯୋଗ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଆର୍ଯ୍ୟ ସମାଜର ଅଗ୍ନିହୋତ୍ରୀ ପୁରୋଧା ଭାବେ ଯୋଗ ଦେଇଥିଲେ। ଡିଏଭି ଏସ୍‌ସିବିର ସଭାପତି ରବି ନାରାୟଣ ମହାନ୍ତି ଏଥିରେ ଉପସ୍ଥିତ ଥିଲେ। ମାତୃଭୂମି, ମାତୃଭାଷା ଓ ସଂସ୍କୃତି ସହିତ ଜଡ଼ିତ ରହିବା ପାଇଁ ମତପ୍ରକାଶ ପାଇଥିଲା। ପ୍ରାରମ୍ଭରେ ୧୦୮ ଜଣ ଛାତ୍ରୀଛାତ୍ର ପ୍ରଭାତ ଫେରିରେ ଦୟାନନ୍ଦଙ୍କ ବେଶରେ ଆର୍ଯ୍ୟ ସମାଜର ବାର୍ତ୍ତା ପ୍ରଚାର କରିଥିଲେ। ୪ର୍ଥ ଶ୍ରେଣୀର ଛାତ୍ରୀଛାତ୍ରମାନେ ସ୍ୱାମିଜୀଙ୍କ ଜୀବନୀ ଉପରେ ନାଟକ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକମାନେ ଆଶୀର୍ବାଦ ସଙ୍ଗୀତ ଗାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କୁ ଆଶୀର୍ବାଦ ଦିଆଯାଇଥିଲା।

# ମହାବୀର ଇଲେଭେନ୍ ଚାମ୍ପିୟନ



### ଗୁହାଳି ପ୍ରିମିୟର ଲିଗ୍

ଭୁବନେଶ୍ୱର, ୧୨।୨ (ଅନୁରାଧା ମହାରଣା)

ପ୍ରତିବର୍ଷ ଭଳି ଚଳିତବର୍ଷ ୟୁଜିସିସି ଗୁହାଳି ଦ୍ୱାରା ପରିଚାଳିତ ଗୁହାଳୀ ପ୍ରିମିୟର ଲିଗ୍‌ର ଚତୁର୍ଥ ସଂସ୍କରଣ ଗୁହାଳି ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ମୋଟ୍ ୬ଟି ଟିମ୍ ଅଂଶଗ୍ରହଣ କରିଥିଲା। ସେଥିମଧ୍ୟରୁ ମହାବୀର ଇଲେଭେନ୍ ଚାମ୍ପିୟନ ଓ ପଦାସାହି ଟିମ୍ ରନର୍ସ ଅପ୍ ହୋଇଥିଲ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଫ୍ରିଡମ୍ ଖାଇବା ତେଲର ଓଡ଼ିଶା ହେଡ୍ ଅମିୟ କୁମାର ଧଳ ମୁଖ୍ୟ ଅତିଥି ଓ ଗୁହାଳି ପଞ୍ଚାୟତ ସମିତିସଭ୍ୟ ସ୍ମୃତି ରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୧୨୦୦୦ ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ୍ ଟିମ୍‌କୁ ୮୦୦୦ ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ମା' ତାରିଣୀ ଏଣ୍ଟର ପ୍ରାଇଜର୍ସ ଏହି ଟୁର୍ନାମେଣ୍ଟର ପ୍ରଯୋଜନା ଭାର ତୁଲାଇଥିଲେ।

# 'ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରନ୍ତୁ ଛାତ୍ରୀ'

କଟକ, ୧୨।୨ (ଶିଳ୍ପା ପ୍ରିୟଦର୍ଶିନୀ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ପ୍ରତିନିଧି ସେଲ୍ ଓ ନାଟ୍ୟ ସଂସଦର ବାର୍ଷିକ ଉତ୍ସବ ମଧୁସୂଦନ ପ୍ରେକ୍ଷାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଗାୟତ୍ରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ମୋ କଲେଜ ଅଭିଯାନ ପରିଚାଳନା ସଙ୍ଗଠନର ଅଧ୍ୟକ୍ଷ ଆକାଶ ଦାସନାୟକ ଯୋଗଦେଇ କହିଛନ୍ତି, ଛାତ୍ରୀମାନେ ଲକ୍ଷ୍ୟ ସ୍ଥିର କରିବା ସହ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରନ୍ତୁ। ସମ୍ମାନିତ ଅତିଥି କଣ୍ଠଶିଳ୍ପୀ ପ୍ରଫେସର ଅନସୂୟା ନାଥ ଓ ସୁଧାକର ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ। ଛାତ୍ରୀ ପ୍ରତିନିଧି ସେଲ୍‌ର ଅଧିକାରୀ ଇନ୍ଦୁରେଖା ମହାପାତ୍ର ସମାଜସେବା ମୂଳକ କାର୍ଯ୍ୟକ୍ରମର



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିଙ୍କ ସହ ଅନ୍ୟମାନେ।

ବିବରଣୀ ପାଠ କରିଥିବାବେଳେ ଶିବାନୀ ଦାଶ ନାଟ୍ୟ ସଂସଦର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଡ. ସଞ୍ଜୀତା ମିଶ୍ର ଅତିଥି ପରିଚୟ ଏବଂ ଡ. ଦୀପ୍ତି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

୨୦୨୩-୨୪ ଶିକ୍ଷାବର୍ଷରେ ବିଭିନ୍ନ ବିଭାଗରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଛି। ପ୍ରାଣୀବିଜ୍ଞାନ ବିଭାଗର କରିସ୍ମା ବେହେରା, ଦର୍ଶନ ବିଭାଗର ଛାତ୍ରୀ ନାଜିଆ ଜାକିର କଳାରେ ସର୍ବାଧିକ ନମ୍ବର ରଖି ଶ୍ରେଷ୍ଠ ସ୍ନାତକ ବିବେଚିତ ହୋଇଛନ୍ତି। ସେହିପରି ଇଂଲିଶ ସମ୍ମାନରେ ସର୍ବୋଚ୍ଚ ନମ୍ବର ରଖିଥିବା ସୁପ୍ରଭା ସାହୁଙ୍କୁ ଚନ୍ଦନ ଦାସ ସ୍ମାରକୀ ପୁରସ୍କାର, ପଦାର୍ଥ ବିଜ୍ଞାନରେ ବୈଶାଳିନୀ ପାତ୍ର ମିଷ୍ଟର ଫିଲିପ ଆର୍‌ମିଟ୍ ସ୍ମାରକୀ ପୁରସ୍କାର, ରାଜନୀତି ବିଜ୍ଞାନରେ ଇତିଶ୍ରୀ ସ୍ୱରଣିକାଙ୍କୁ ପ୍ରଫେସର ବିଜୟିନୀ ମହାନ୍ତି ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଛି। ସ୍ନାତକୋତ୍ତର ଗୃହବିଜ୍ଞାନ ବିଭାଗର ଲିଜାଲିନ ରାଉଳ, ଅର୍ଥନୀତି ବିଭାଗର ଋତୁପର୍ଣ୍ଣା ସାହୁ ଓ ସ୍ନାତକରେ ସର୍ବୋଚ୍ଚ ନମ୍ବର ରଖିଥିବା ଦିବ୍ୟାଙ୍ଗ ଛାତ୍ରୀ ତୁଳସୀ ସାହୁଙ୍କୁ ସମ୍ମାନିତ କରାଯାଇଛି। ଡ. ସଂଘମିତ୍ରା ପଣ୍ଡା, ଗୋପା ଦାସ, ମେନକାରାଣୀ ସାହୁ, ପ୍ରୀତିପ୍ରଜ୍ଞା ରାୟ, ଆରାଧନା ନାୟକ ସାଂସ୍କୃତିକ କାର୍ଯ୍ୟକ୍ରମ 'କଳାଞ୍ଜଳି' ପରିଚାଳନା କରିଥିଲେ। ଡ. ଅନିରୁଦ୍ଧ ଖିଲାର, ବିଚିତ୍ରା ପାଣି, ଡ. ବନ୍ଦନା ପାଠକ, ପୁଷ୍ପଲତା ପାଲଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡ. ମମତାରାଣୀ ସାହୁ ଧନ୍ୟବାଦ ଦେଇଥିଲେ।




ସାହିତ୍ୟିକ ସାତକଡ଼ି ହୋତାଙ୍କ ପରଲୋକରେ କଟକ ବକ୍ସିବଜାର ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଅନୁଷ୍ଠିତ ଶୋକସଭା।




କଟକ ଖ୍ରୀଷ୍ଟିଆନ ସାହି ଗ୍ରାଉଣ୍ଡରେ ଅନୁଷ୍ଠିତ ଖଦୀ ମହୋତ୍ସବରେ କଳାକାରଙ୍କ ଦ୍ୱାରା ପରିବେଷିତ ଗୋଟିପୁଅ ନୃତ୍ୟ।

# ପୁଣି ଶ୍ରୀମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍

**ପୁରୀ,୧୨।୨(ଅଜିତ୍ ମହାନ୍ତି):**

ଜଣେ ବ୍ୟକ୍ତି ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡାଇ ଶ୍ରୀମନ୍ଦିର ଏବଂ ଆଖପାଖ ଅଞ୍ଚଳର ଭିଡିଓ ଶୁଟ୍ କରି ସୋସିଆଲ ମିଡିଆରେ ଅପଲୋଡ କରିଥିବା ଦେଖିବାକୁ ମିଳିଛି, ଫଳରେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଇବା ଉପରେ କଟକଣା ରହିଛି। ଏହାସତ୍ତ୍ୱେ ଶ୍ରୀମନ୍ଦିର ଉପରେ ବେସରକାରୀ ଡ୍ରୋନ ଉଡାଯାଇ ଶ୍ରୀମନ୍ଦିର ଭିତରର ଭିଡିଓ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରାଯାଉଛି। ଏପରିକି ଭିଡିଓ ଭାଇରାଲ ମଧ୍ୟ ହେଉଛି। ଜଣେ ଯୁବକ ଶ୍ରୀମନ୍ଦିର ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଦୃଶ୍ୟ ଡ୍ରୋନ୍ ମାଧ୍ୟମରେ ଦେଖାଇଛନ୍ତି, ଯାହା ସମ୍ପୂର୍ଣ୍ଣ ଭାବେ ବେଆଇନ। ତେବେ କେମିତି ଜଣେ ଯୁବକ ଡ୍ରୋନ ଉଡ଼ାଇ ଭିଡିଓ ନେଲେ, ତାହା ପୁଣି ପୁରୀ ପୋଲିସ ଜାଣି ପାରିଲାନାହିଁ ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଘଟଣା ଜଣାପଡ଼ିବା ପରେ ଭକ୍ତଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଦାବି ହୋଇଛି। ଅପରପକ୍ଷେ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ପ୍ରସଙ୍ଗ ନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ କହିଛନ୍ତି, ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡିବା ନେଇ ସେପରି କିଛି ସୂଚନା ତାଙ୍କ ପାଖରେ ନାହିଁ। ଏପରି ଘଟଣା ନଜରକୁ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରତି ବିପଦ ଥିବାରୁ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବା ସହ ଶ୍ରୀମନ୍ଦିର ବାହାରେ ଓ ଭିତରେ ବ୍ୟାପକ ପୋଲିସ ମୁତୟନ ରହିଛନ୍ତି। ସିସିଟିଭି ଫୁଟେଜ୍‌ରେ ମଧ୍ୟ ଶ୍ରୀମନ୍ଦିର ଚାରିପାଖ ଓ ଆଖପାଖ ଅଞ୍ଚଳ ରହିଛି। ତଥାପି ଜଣେ ଯୁବକ ଅନେକ ସମୟ ଧରି ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଇ ଶ୍ରୀମନ୍ଦିର ଭିତର ଓ ଆଖପାଖ ଅଞ୍ଚଳର ଭିଡିଓ ରେକର୍ଡିଂ କଲେ, ମାତ୍ର ପୋଲିସ ପାଖରେ ଖବର ପହଞ୍ଚିପାରିଲା ନାହିଁ। ତେବେ ଭିଡିଓରେ ଦେଖିବାକୁ ମିଳୁଛି, ଜଣେ ଯୁବକ ଶ୍ରୀମନ୍ଦିରର ଚିତ୍ର ପାଖରୁ ଦେଖାଇବାକୁ କହୁଛନ୍ତି। ପରେ ବଡ଼ଦାଣ୍ଡର ଏକ କୋଠା ଉପରୁ ଡ୍ରୋନ୍‌ଟିକୁ ଉଡାଉଛନ୍ତି। ଡ୍ରୋନଟି ଶ୍ରୀମନ୍ଦିର ନିକଟରେ ଉଡ଼ିବା ସହ ନୀଳଚକ୍ର ନିକଟକୁ ଆସୁଛି। ଏହି ସମୟରେ ନୀଳଚକ୍ରରେ ବାନା ବନ୍ଧାଯାଉଥିବା ଦେଖିବାକୁ ମିଳୁଛି। ଏହି ଭିଡିଓରେ ଶ୍ରୀମନ୍ଦିର ଭିତର ବେଢ଼ାର ଦୃଶ୍ୟ ମଧ୍ୟ ରହିଛି। ସେହିପରି ଭିଡିଓରେ ଶ୍ରୀମନ୍ଦିର ଚାରିପାଖ ଓ ଆଖପାଖ ଅଞ୍ଚଳ ରହିଛି। ତେବେ ଯୁବକ ଜଣଙ୍କୁ ଡ୍ରୋନ ଉଡାଇବାକୁ କିଏ ଅନୁମତି ଦେଲା ତାହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସାଧାରଣରେ ଦାବି ହେଉଛି। ତେବେ ଏପରି ଘଟଣା ପ୍ରଥମଥର ନୁହେଁ। ଗତବର୍ଷ ମଧ୍ୟ ଜଣେ ୟୁଟ୍ୟୁବର ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡାଇ ଭିଡିଓ ଉତ୍ତୋଳନ କରିବା ସହ ଭିଡିଓକୁ ବିକ୍ରି କରିବାକୁ ଟଙ୍କା ମଧ୍ୟ ଦାବି କରିଥିଲେ। ପୋଲିସ ଖବରପାଇ ଉକ୍ତ ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।



### ଭିଡିଓରେ ଭିତର ବେଢ଼ାର ଦୃଶ୍ୟ ଉତ୍ତୋଳନ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୨।୨।୨୦୨୪

| | |
|---|---|
| ୫,୭୫,୩୦୬ ଟଙ୍କା | |
| ସୁନା | .୩୦୦ ଗ୍ରାମ୍ |
| ରୁପା | ୮୫.୭୦୦ ଗ୍ରାମ୍ |

## ସଂକ୍ଷେପରେ

### ନୂତନ ଅଙ୍ଗନୱାଡି ଗୃହ ପ୍ରତିଷ୍ଠା

**ପୁରୀ,୧୨।୨(ଅଜିତ୍ ମହାନ୍ତି):**

ପୁରୀ ପୌରପାଳିକା ଅଧୀନସ୍ଥ ୧ ନଂ. ୱାର୍ଡର ମାଟିତୋଟାରେ ନୂତନ ଅଙ୍ଗନୱାଡି ଗୃହ ସୋମବାର ପ୍ରତିଷ୍ଠା କରାଯାଇଛି। ମାଟିତୋଟା ଅଙ୍ଗନୱାଡି କେନ୍ଦ୍ର ଏକ ଭଙ୍ଗା ପକ୍କା ଘରେ ଦୀର୍ଘ ଦିନ ଧରି ଚାଲିଥିଲା। ଗୋଟିଏ ଘରେ ପିଲାମାନେ ବସିବା ସହିତ ରୋଷେଇ ମଧ୍ୟ ହେଉଥିଲା। ଷ୍ଟୋର ଘର ନ ଥିବା କାରଣରୁ ପିଲାଙ୍କ ପାଇଁ ମିଳୁଥିବା ଖାଦ୍ୟ ମୂଷା ଖାଇ ନଷ୍ଟ କରିଦେଉଥିଲା। ପିଲାଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା ନ ଥିବାରୁ ସେମାନେ ବାହାରେ ମଳ ମୂତ୍ର ତ୍ୟାଗ କରିବା ପାଇଁ ବାଧ୍ୟ ହେଉଥିଲେ। ଏହି ସବୁ ଅସୁବିଧା ଭିତରେ ସ୍ଥାନୀୟ ଲୋକେ ନୂତନ ଅଙ୍ଗନୱାଡି ପାଇଁ ଅଣ୍ଟା ଭିଡ଼ିଥିଲେ। ପିଲାମାନଙ୍କ ଅଧିକାର ପାଇଁ କାର୍ଯ୍ୟାଳୟରୁ କାର୍ଯ୍ୟାଳୟ ବାରମ୍ବାର ଦୌଡ଼ି ଏବେ ସଫଳ ହୋଇଛନ୍ତି। ତେବେ ନୂତନ ଅଙ୍ଗନୱାଡିରେ ରୋଷେଇ ଘର ସହିତ ବାଳିକା ବାଳକଙ୍କ ପାଇଁ ୨ଟି ଶୌଚାଳୟର ବ୍ୟବସ୍ଥା ରହିଛି। ଗ୍ରାମର ଏହି କାର୍ଯ୍ୟ ପାଇଁ ସ୍ଥାନୀୟ ଦୁର୍ଯ୍ୟୋଧନ ଦାସ ଅଧିକ ପ୍ରଚେଷ୍ଟା କରିଥିଲେ। ଉଦ୍‌ଘାଟନ ଅବସରରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅଙ୍ଗନୱାଡି ଦିଦି ଅନସୂୟା ମହାପାତ୍ର, ସ୍ଥାନୀୟ ଅଭିଭାବକଙ୍କ ସମେତ ଆସୋସିଏଶନ ଅଫ ଏକ୍ସ' ଆର୍କିଭିଷ୍ଟସ- ଆଟାର ସଦସ୍ୟମାନେ ଉପସ୍ଥିତ ଥିଲେ।

### ବାଇକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

**ଖୋର୍ଦ୍ଧା,୧୨।୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଏସ୍‌ପି ଅଫିସ ନିକଟରେ ସୋମବାର ସନ୍ଧ୍ୟାରେ ବାଇକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଣିଆଟାଙ୍ଗୀର ତ୍ରିନାଥ ଭଞ୍ଜ। ସୂଚନା ମୁତାବକ, ତ୍ରିନାଥ ସାଇକେଲରେ ଯାଉଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସଦର ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ମେଡିକାଲ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

## ବିଶିଷ୍ଟ ସାହିତ୍ୟିକ ସାତକଡ଼ି ହୋତାଙ୍କୁ ଶ୍ରଦ୍ଧାଞ୍ଜଳି

**ପୁରୀ୧୨।୨(ଅଜିତ୍ ମହାନ୍ତି):**

ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ, ଦୈନିକ ଖବରକାଗଜ ସମୟର ସମ୍ପାଦକ ତଥା ସମାଜ ସଂସ୍କାରକ ୯୫ ବର୍ଷୀୟ ସାତକଡି ହୋତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ପୁରୀ ସ୍ୱର୍ଗଦ୍ୱାରଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସୋମବାର ଶେଷ ହୋଇଛି। ସାତକଡି ହୋତା ଅମର ରହେ ଧ୍ୱନି ଓ ତୋପ ସଲାମୀ ମଧ୍ୟରେ ବଡ଼ପୁଅ ସଞ୍ଜୀବ ହୋତା ଶବାଧାରରେ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗଦ୍ୱାରଠାରେ ଜିଲାପାଳ ବିଜୟ ଦାଶ, ଉପଜିଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଏସ୍‌ପି ସୁଶିଲ ମିଶ୍ର, ପୌର ନିର୍ବାହୀ ଅଧିକାରୀ ମନୋଜ ବେହେରା, ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ସି ବିଟ୍ ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର, ସାମାଜିକ କର୍ମୀ ବଦ୍ରି ମିଶ୍ର ଓ ଅନ୍ୟାନ୍ୟ ବରିଷ୍ଠ ନାଗରିକ, ସାହିତ୍ୟିକଙ୍କ ସମେତ ପୁରୀର ଅନେକ ଖବରଦାତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ହୋତାଙ୍କ ପରିବାରର ସଦସ୍ୟ, ଆତ୍ମୀୟ ସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ।

# 'ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କୁ ଏ ଜାତି ସ୍ମରଣ ରଖିବ'



ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବରେ ଉପସ୍ଥିତ ଅତିଥି ।

**ପୁରୀ,୧୨।୨(ଅଜିତ୍ ମହାନ୍ତି):**

ସୁସ୍ଥ ଓ ଶୃଙ୍ଖଳିତ ଭାରତବର୍ଷ ପାଇଁ ଶିକ୍ଷା, ଦେଶାତ୍ମବୋଧ ଓ ନୈତିକ ଚରିତ୍ର ଗଠନର କଥା କହୁ ବୋଲି ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ସୋମବାର ଆୟୋଜିତ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ପୁରୀ ବୀରପ୍ରତାପପୁରଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ କୃପାସିନ୍ଧୁ ସ୍ମୃତି ସମିତିର ମିଳିତ ସହଯୋଗରେ କଥାକାର ତଥା ଗୀତିକାର ବଦ୍ରି ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଡା, ଦେବେନ୍ଦ୍ର ମାନସିଂ, ମୁଖ୍ୟବକ୍ତା ଭାବେ ପ୍ରାବନ୍ଧିକ ତଥା ସମାଲୋଚକ ଡ. ବିରଞ୍ଚି ସାହୁ, ସମ୍ମାନିତ ବକ୍ତା ଭାବେ ସାହିତ୍ୟିକ ବିପିନ ବିହାରୀ ଦଳାଇ ଉପସ୍ଥିତ ଥିଲେ। ଏକ ସୀମିତ ବୟସ ଭିତ୍ତିରେ ଓଡ଼ିଶାର ଶିକ୍ଷା ବିକାଶରେ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ବନବିଦ୍ୟାଳୟ ସମୟକୁ ଏ ଜାତି କାଳକାଳ ଧରି ସ୍ମରଣ ରଖିବ ବୋଲି ଅତିଥିମାନେ କହିଥିଲେ। ଏଥିରେ ସଭାପତୀୟ ଅଭିଭାଷଣ ରଖି କଥାକାର ବଦ୍ରି ମିଶ୍ର, ପ୍ରାଚୀନ ଭୂଖଣ୍ଡର ଅଭ୍ୟୁଥାନ, କୋଣାର୍କ ଓ ପ୍ରାଚୀନ ଉତ୍କଳର ଇତିହାସ ରଚନା ଓ ସହସମ୍ପାଦକ ଭାବେ ଦୈନିକ ଖବରକାଗଜ ସମାଜ ମାଧ୍ୟମରେ ସାଧାରଣ ମଣିଷର ସମସ୍ୟା ଉପସ୍ଥାପନାରେ ପଣ୍ଡିତ କୃପାସିନ୍ଧୁଙ୍କ ଅବଦାନକୁ ଓଡ଼ିଶାବାସୀ ମନେ ରଖିଛନ୍ତି। ଏକାଡେମୀର ଅଧିକାରୀ ରବି ରାୟ, ସ୍ମୃତି ସମିତିର କୈଳାଶଚନ୍ଦ୍ର ମିଶ୍ର, ମଧୁସୂଦନ ନନ୍ଦ, ସରପଞ୍ଚ ମମତାଞ୍ଜଳି ମହାନ୍ତି, ମନୋରଞ୍ଜନ ମିଶ୍ରଙ୍କ ମିଳିତ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆତ୍ମ ରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବଳଙ୍ଗା,୧୨।୨(କେଦାରେଶ୍ୱର ନନ୍ଦ):**

ବଳଙ୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷର ଶିକ୍ଷାର୍ଥୀଙ୍କ ଓଡ଼ିଶା ସରକାରଙ୍କ ଦ୍ୱାରା ବାଳିକାଙ୍କ ଆତ୍ମରକ୍ଷା କୌଶଳ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ବଳଙ୍ଗା ଥାନା ଭାରପ୍ରାପ୍ତ ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା ଯୋଗଦେଇଥିଲେ। ଛାତ୍ରୀଙ୍କ ବର୍ତ୍ତମାନ ସମୟରେ ସୁରକ୍ଷା ବିଷୟରେ ସେ ଆଲୋକପାତ କରିଥିଲେ। ଉଦ୍‌ଯାପନ ଉତ୍ସବରେ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାତ ସାହୁ ଛାତ୍ରୀଙ୍କୁ ଶିଖିଥିବା ସମସ୍ତ ଆତ୍ମରକ୍ଷା କୌଶଳଗୁଡ଼ିକ କିଭଳି ସାମାଜିକ ଅସୁବିଧାର କାର୍ଯ୍ୟକାରୀ କରିପାରିବେ, ନିଜକୁ ସଚେତନ କରି ଅସୁବିଧାର ସାମ୍ନା କରିବେ ଆଲୋକପାତ କରିଥିଲେ। ଉତ୍ସବରେ ବରିଷ୍ଠ ଅଧାପକ ହରମୋହନ ମହାନ୍ତି ଏବଂ ସଂଯୋଜକ ନୀଳକଣ୍ଠ ମିଶ୍ର ପ୍ରମୁଖ ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ଦେବା ସହିତ ଆଗ୍ରହୀ କୃତୀ ଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏଥିରେ ପ୍ରତ୍ୟେକ ଗ୍ରୁପର ୩୦ ଜଣ ଛାତ୍ରୀ ଭାଗ ନେଇଥିଲେ।

# କୃଷକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର




**ପୁରୀ,୧୨।୨(ଅଜିତ୍ ମହାନ୍ତି):**

ଜିଲା ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ପକ୍ଷରୁ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଓ କ୍ୟାଡର ପୁନଃଗଠନ ପରି ଦାବିଗୁଡ଼ିକ ପୂରଣ କରିବାକୁ ଦାବି କରି ଜିଲାପାଳଙ୍କୁ ସେମାବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଦୀର୍ଘ ମାସ ଧରି ଅବହେଳିତ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଉଦାସୀନ ରହି ଆସୁଛନ୍ତି। ଏପରିକି କ୍ୟାଡର ପୁନର୍ଗଠନ ଭଳି ବହୁ ପ୍ରତିକ୍ଷିତ ଦାବି ପ୍ରତି ଅଣଦେଖା କରୁଛନ୍ତି। ତେଣୁ ଓଡ଼ିଶା ରାଜ୍ୟ ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ଆହ୍ୱାନ ତଥା ନିଷ୍ପତି କ୍ରମେ ଜିଲାର ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ ଗତ ୮ ରୁ ୧୨ ତାରିଖ ପର୍ଯ୍ୟନ୍ତ କର୍ମଚାରୀ ମୋବାଇଲ ଯୋଗେ ବିଭାଗୀୟ ସେବାରୁ ନିବୃତ୍ତ ରହିଥିଲେ। ତେବେ ଉକ୍ତ ଦିନ ମଧ୍ୟରେ କ୍ୟାଡର ପୁନର୍ଗଠନ ଦାବି ପୂରଣ ନ ହେବାରୁ ୧୩ ରୁ ୧୯ ତାରିଖ ପର୍ଯ୍ୟନ୍ତ ମୋବାଇଲ ଯୋଗେ ପ୍ରଦତ୍ତ ସେବା ବନ୍ଦ ସହ ମୁଖ୍ୟ ଜିଲା କୃଷିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବ। ସେହିଭଳି ୨୦ ତାରିଖଠାରୁ ରାଜ୍ୟ ମୁଖ୍ୟ ଦପ୍ତର କୃଷି ଭବନ ସମ୍ମୁଖରେ ସମୂହ ଗଣଧାରଣା ଦିଆଯିବ। ଏନେଇ ସଂଘ ପକ୍ଷରୁ ବିଭାଗୀୟ ଜିଲା ମୁଖ୍ୟ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ତେବେ ଯଦି କୃଷି ଓ କୃଷକଙ୍କ କୌଣସି କ୍ଷତି ଘଟେ ତେବେ ବିଭାଗ ଓ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ମାନବ ଶୃଙ୍ଖଳା ଦ୍ୱାରା ସଚେତନତା କାର୍ଯ୍ୟକ୍ରମ

**ସାକ୍ଷୀଗୋପାଳ,୧୨।୨ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର):**

ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ସାକ୍ଷୀଗୋପାଳ ପକ୍ଷରୁ ସୋମବାର ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ପରିସର ଓ ବ୍ଲକ ସମ୍ମୁଖ ଜାତୀୟ ରାଜପଥ ପାର୍ଶ୍ୱରେ କିଶୋରୀ ଓ କିଶୋରଙ୍କୁ ସଶକ୍ତିକରଣ ପାଇଁ ରାଜ୍ୟ ସରକାରଙ୍କ ଅଦ୍ୱିକା କାର୍ଯ୍ୟକ୍ରମ ମାଧ୍ୟମରେ ଏକ ମାନବ ଶୃଙ୍ଖଳ ଚେନ ପ୍ରସ୍ତୁତ କରାଯାଇ ଜାତୀୟ ରାଜପଥରେ ଯାତ୍ରୀଙ୍କୁ ସଚେତନତା କରାଯାଇଥିଲା। ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନିଲ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଲିପ୍ସା ରାୟ ଓ ଅନ୍ୟତମ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ସାମାଜିକ କର୍ମୀ ବିଜୟ ପରିଡ଼ା, ଶିଶୁ ସୁରକ୍ଷା କାଉନସିଲର ରୋଜାଲିନ ପରିଡ଼ା ଓ ସତ୍ୟବାଦୀ ବ୍ଲକ ସହଶିକ୍ଷା ଅଧିକାରୀ କୁମୁଦିନି ମିଶ୍ର, ଶିଶୁ ସୁରକ୍ଷା କମିଟି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ସତ୍ୟବାଦୀ ବ୍ଲକ ପରିସରରୁ ୨ଶହରୁ ଉର୍ଦ୍ଧ୍ୱ (ଏଲ୍‌ଏସ୍) କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତା, ଆଶା, ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ଶିଶୁ ସୁରକ୍ଷା କମିଟି ସଦସ୍ୟ, ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ସହ କିଶୋରୀ କିଶୋର ଯୋଗଦେଇଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ କିଶୋରୀଙ୍କୁ ସଶକ୍ତକରଣ, ଶିଶୁ ଶ୍ରମିକ ଉଚ୍ଛେଦ, ବାଲ୍ୟବିବାହ ବନ୍ଦ କରିବା, ପୁଅ ଝିଅ ସମସ୍ତେ ସମାନ, କନ୍ୟା ରତ୍ନ ଟିଏ, ପରିବେଶ ସଫା ରଖିବା, ରକ୍ତ ହୀନତା ଦୂର ପାଇଁ ଲୌହ ବଟିକା ଖାଇବା ସହ ଝିଅଙ୍କୁ ନମଣିବ ହୀନ ଝିଅ ପରା ଲକ୍ଷ୍ମୀ ସମାନ ଭଳି ସ୍ଲୋଗାନ ଲେଖାଥିବା ଫ୍ଲା କାର୍ଡ ଧରି ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଯାତ୍ରୀଙ୍କୁ ସଚେତନ କରାଇଥିଲେ। ଅଙ୍ଗନୱାଡି ସୁପରଭାଇଜର ପିୟୁସ ମୟୀ ପଣ୍ଡା, ମିତା ନାଗ, ରାଧାରାଣୀ ଦାସଙ୍କ ସମେତ ମିଶନ ଶକ୍ତିରୁ ସୁପ୍ରିୟା ସୁବୁଦ୍ଧି ଓ ମମତାରୁ ରଶ୍ମିତା ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ସଂଯୋଜକ ଦେବାଶିଷ ଜେନା, ରୁମୁକି ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।



ମାନବ ଶୃଙ୍ଖଳ କାର୍ଯ୍ୟକ୍ରମରେ ସଚେତନତା ସୃଷ୍ଟି କରାଯାଉଛି।

# ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

**ପୁରୀ,୧୨।୨(ଅଜିତ୍ ମହାନ୍ତି):**

ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଜିଲାପାଳ ବିଜୟ ଦାଶଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୭୯ ଗୋଟି ଅଭିଯୋଗ ମିଳିଥିଲା। ଏଥିରେ ୭୬ ଗୋଟି ବ୍ୟକ୍ତିଗତ ଓ ୩ ଟି ଗ୍ରାମ ସମସ୍ୟା ସମ୍ପର୍କରେ ଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୫ ଗୋଟି ଆବେଦନ ମିଳିଥିଲା। ତତ୍କାଳୀନ ୨ଗୋଟି ଅଭିଯୋଗର ସମାଧାନ ହୋଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ପ୍ରିୟଦର୍ଶିନୀ ମଲ୍ଲିକ, ପୌରନିର୍ବାହୀ ଅଧିକାରୀ ମନୋଜ ବେହେରା, ସଦର ବିଡିଓ ସମ୍ମିତ ଶତପଥୀ, ତହସିଲଦାର ଅଭିଷେକ ଦାଶ, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଏହି ଶୁଣାଣିରେ ଯୋଗଦେଇଥିଲେ।

# ଜିଅାଁଟ ସ୍ପୋର୍ଟିଂକୁ ହରାଇ ବାଲି ନୋଳିଆ ସାହି ବିଜୟୀ

### ସ୍ପୋର୍ଟିଂ ପ୍ରିମିୟର ଲିଗ ୨୦୨୪ ଉଦ୍‌ଘାଟିତ

**ପୁରୀ,୧୨।୨(ଅଜିତ୍ ମହାନ୍ତି):**

ପ୍ରତିବର୍ଷ ପରି ଚଳିତବର୍ଷ ଜିଅାଁଟ ସ୍ପୋର୍ଟିଂ ପ୍ରିମିୟର ଲିଗ ୨୦୨୪ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗିତା ତାଳବଣିଆସ୍ଥିତ ପୁରୁଣା ବସଷ୍ଟାଣ୍ଡଠାରେ ଜିଲାସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ଜିଅାଁଟ ସ୍ପୋର୍ଟିଂ ଓ ବାଲି ନୋଳିଆ ସାହି ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ଜିଅାଁଟ ସ୍ପୋର୍ଟିଂ ବ୍ୟାଟିଂ କରି ୧୦ ଓଭରରେ ୭ ଉଇକେଟ ହରାଇ ୧୩୩ ରନ୍ ସଂଗ୍ରହ କରିଥିଲା। ବିପକ୍ଷ ବାଲି ନୋଳିଆ ସାହି ଟିମ୍ ନିର୍ଦ୍ଧାରିତ ଓଭରରେ ୧୩୫ ରନ୍ କରି ବିଜୟୀ ହୋଇଛି। ମୁଖ୍ୟ ଅତିଥି ଭାବରେ ବିଜେଡିର ରାଜ୍ୟ ଉପସଭାପତି ସୁନିଲ ମହାନ୍ତି ଓ ଏମ୍‌ପିଙ୍କ ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବାପିନ ଶତପଥୀ, ଲୋକନାଥ ମହାପାତ୍ର ଓ ଓମ୍‌ପ୍ରକାଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମ୍ୟାଚ୍‌ରେ ଅମ୍ପାୟାର ଭାବେ କ୍ରିଷ୍ଣା ରାଓ ଓ ସୁନିଲ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଅାଁଟ ସ୍ପୋର୍ଟିଂର ସଭାପତି ବଶିଷ୍ଟ ମହାନ୍ତି ପରିଚାଳନା କରିଥିଲେ।



ଜିଅାଁଟ ସ୍ପୋର୍ଟିଂ ପ୍ରିମିୟର ଲିଗ ଉଦ୍‌ଘାଟନୀ ମ୍ୟାଚରେ ଅତିଥିଙ୍କ ସହ ଖେଳାଳିମାନେ ।

# ୧୫ରୁ ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

### ଭାଗନେବେ ୩୮ ବିଶ୍ୱବିଦ୍ୟାଳୟର ୧ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ

**ଭୁବନେଶ୍ୱର, ୧୨।୨(ଅସମାପିକା ସାହୁ)**

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏବଂ ଓଡ଼ିଶା ଉଚ୍ଚ ଶିକ୍ଷା ପରିଷଦର ପ୍ରୋତ୍ସାହନ ଓ ଆର୍ଥିକ ଅନୁଦାନରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଆୟୋଜନ ହେବ। ଏହି ପ୍ରତିଯୋଗିତାରେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ଭବନରେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। କୁଳପତି କହିଛନ୍ତି, ଆସନ୍ତା ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟରେ ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା-୨୦୨୪ ଆୟୋଜନ ହେବ। ଏଥିରେ ଓଡ଼ିଶାର ୩୮ଟି ବିଶ୍ୱବିଦ୍ୟାଳୟ ଭାଗନେବେ। ୧୦୦, ୨୦୦, ୪୦୦, ୮୦୦ ଓ ୧୫୦୦ ମିଟର ଦୌଡ଼, ଲମ୍ୱ ଡିଆଁ ଓ ଉଚ୍ଚ ଡିଆଁ, ଜାଭଲିନ ଥ୍ରୋ, ଡିସ୍କସ୍ ଥ୍ରୋ, ଶଟ୍‌ପୁଟ ଥ୍ରୋ, ହର୍ଡଲ୍ସ ଓ ରିଲେ ରେସ୍ ଆଦି ୧୩ ବିଭାଗରେ କ୍ରୀଡ଼ା ପ୍ରତିଯୋଗିତା ହେବ। ଉତ୍କଳ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ାଙ୍ଗନ ଏବଂ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉଦ୍‌ଘାଟନ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ଅଲିମ୍ପିକ କ୍ରୀଡ଼ାବିତ୍ ଅନୁରାଧା ବିଶ୍ୱାଳ ଯୋଗଦେବେ। ଉଦ୍‌ଯାପନ ଦିବସରେ ମେୟର ସୁଲୋଚନା ଦାସଙ୍କ ସମେତ ବହୁ ବିଶିଷ୍ଟ କ୍ରୀଡ଼ାବିତ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି କୁଳପତି ପ୍ରକାଶ କରିଥିଲେ। ସେହିପରି କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ଡ. ବିଜୟ କୁମାର ସୁନ୍ଦରରାୟ କହିଛନ୍ତି, ପ୍ରତିଯୋଗୀଙ୍କ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ସମସ୍ତ ବ୍ୟବସ୍ଥା କରାଯାଇଛି। ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିବା ପ୍ରତିଯୋଗୀଙ୍କୁ ୩୦ ହଜାର, ଦ୍ୱିତୀୟଙ୍କୁ ୧୫ହଜାର ଓ ତୃତୀୟଙ୍କୁ ୧୦ହଜାର ଟଙ୍କା ସହିତ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯିବ। ଶାନ୍ତିଶୃଙ୍ଖଳାର ସହ ପ୍ରତିଯୋଗିତା ଆୟୋଜନ ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି ବୋଲି ସେ ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ସବିତା ଆଚାର୍ଯ୍ୟ ଓ ଅନ୍ୟମାନେ ।

## ସଂକ୍ଷେପରେ

### ନିଶା ବେପାରୀଙ୍କୁ ୩୦ କି.ମି. ଗୋଡ଼ାଇ ଧରିଲା ପୋଲିସ



ଭୁବନେଶ୍ୱର,୧୨।୨ (ସୂର୍ଯ୍ୟକାନ୍ତ ବେହେରା): ଦାମୀ କାର୍‌ରେ ଗଞ୍ଜେଇ ଚାଲାଣବେଳେ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ୩୦ କି.ମି ପିଛା କରି ୩ ଆନ୍ତଃରାଜ୍ୟ ନିଶାବେପାରୀଙ୍କୁ ଭୁବନେଶ୍ୱର ଉପକଣ୍ଠ ପାହାଳରୁ କାବୁ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରବି ଶଙ୍କର ଦାସ, ରାଜେଶ କିଶୋର ଦାସ, ଲବ କିଶୋର ପ୍ରସାଦ ସହଦେବ। ସେମାନଙ୍କ ଘର ଝାଡଖଣ୍ଡର ପଶ୍ଚିମ ସିଂହଭୂମ ଅଞ୍ଚଳରେ। ସେମାନଙ୍କଠାରୁ ୩୦୦ କେଜି ଗଞ୍ଜେଇ, ୨ କାର୍, ୩ ମୋବାଇଲ ଫୋନ, ୧୪ ହଜାର ଟଙ୍କା ଏବଂ ଭିନ୍ନ ଭିନ୍ନ ଗାଡ଼ି ନମ୍ବର ପ୍ଲେଟ୍ ଜବତ ହୋଇଛି। ଜବତ ଗଞ୍ଜେଇର ମୂଲ୍ୟ ୩୦ ଲକ୍ଷ ହେବ। ଅଭିଯୁକ୍ତମାନେ ଧରା ନ ପଡ଼ିବା ଲାଗି ଗାଡ଼ିରେ ପ୍ରେସ୍ ଲେଖିବା ସହ ନମ୍ବର ପ୍ଲେଟ୍ ବଦଳାଇ ମାଲକାନଗିରି ଚିତ୍ରକୋଣ୍ଡାରୁ ଭୁବନେଶ୍ୱର ଦେଇ କୋଲକାତାକୁ ଗଞ୍ଜେଇ ଚାଲାଣ କରୁଥିଲେ ବୋଲି ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଆନ୍ତଃରାଜ୍ୟ ନିଶା କାରବାରର ଚେର କେଉଁଆଡେ ଲମ୍ବିଛି ତାହା ଜାଣିବା ପାଇଁ ପୋଲିସ ଅଭିଯୁକ୍ତମାନଙ୍କୁ ୩ ଦିନିଆ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିଛି। ଅଭିଯୁକ୍ତ ରବି ଜଣେ ପେସାଦାର ନିଶାବେପାରୀ। ତାଙ୍କର ଅନେକ ଦାମୀ ଗାଡ଼ି ରହିଛି। ଏପରି କି ସେ ପୂର୍ବରୁ ଝାଡଖଣ୍ଡ ପୋଲିସ ଦ୍ୱାରା ଗିରଫ ହୋଇଥିଲେ।

ଅଭିଯୁକ୍ତମାନେ ଚିତ୍ରାକୋଣ୍ଡାରୁ ଗଞ୍ଜେଇ ଆଣି ମାଲକାନଗିରି, ଭାଇଜାଗ, ଭୁବନେଶ୍ୱର ହୋଇ ପଶ୍ଚିମବଙ୍ଗ ଯାଉଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଗଞ୍ଜେଇ ଚାଲାଣକାରୀମାନେ ନମ୍ବରପ୍ଲେଟ୍ ବଦଳାଉଥିବାରୁ ସେମାନଙ୍କୁ ଚିହ୍ନଟ କରିବା ମୁସ୍କିଲ ଥିଲା।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

ଝାଁଳା, ୧୨।୨(ବୁଲା ବାରିକ): ଭୁବନେଶ୍ୱର ଉପକଣ୍ଠ ମହୁରା ଜାଭିୟର୍ସ ସ୍କୁଲର ବାର୍ଷିକ ଉତ୍ସବ ବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ ,ଜାଭିୟର୍ସ ଗ୍ରୁପ ଚେୟାରମ୍ୟାନ ପ୍ରଭାତ କୁମାର ମିଶ୍ର ମୁଖ୍ୟ ବକ୍ତା, ସମ୍ମାନିତ ଅତିଥିଭାବେ ନଂପୁଟ ସରପଞ୍ଚ ସୁଚିତ୍ରା ପାତ୍ର, ରମାବଲ୍ଲଭ ପରିଡା ଯୋଗଦେଇଥିଲେ। ୨୦୧ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ସହିତ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସେହିପରି ୨୪ଜଣ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ତପସ୍ୱିନୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଅନୁପୂର୍ଣ୍ଣା ଜେନା ଧନ୍ୟବାଦ ଦେଇଥିଲେ।

# ସମାଧାନ ନ ହେଲେ ଭୋଟ ବର୍ଜନ

## ୮ଦଫା ଦାବିରେ ଗର୍ଜିଲେ କୁଷ୍ଠ ପୀଡ଼ିତ ପରିବାର

ଖୋର୍ଦ୍ଧା,୧୨।୨(ପ୍ରଭାତ ପାଣିଗ୍ରାହୀ)

୮ଦଫା ଦାବିରେ ସୋମବାର ଖୋର୍ଦ୍ଧା ଜିଲାର ୫ଟି କୁଷ୍ଠ କଲୋନୀ ବାସିନ୍ଦା ମିଳିତଭାବେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଖୋର୍ଦ୍ଧା ସ୍ଥିତ ଶାନ୍ତିଦାନ ଓ ଭାଗବତ କୁଷ୍ଠ କଲୋନୀ ସମେତ ଜଟଣୀ ସ୍ଥିତ ବାପୁଜୀ ଓ ଧାରାବତୀ କୁଷ୍ଠ କଲୋନୀ, ଝାଁଳା ଶାନ୍ତି ନିବାସ କୁଷ୍ଠ କଲୋନୀ ବାସିନ୍ଦା ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ପୀଡ଼ିତ ପରିବାରଙ୍କୁ ସ୍ଥାୟୀ ଜମିପଟ୍ଟା, ସରକାରୀ ଯୋଜନାରେ ପକ୍କା ଘର, ମାଗଣା ବିଜୁଳି, ପାନୀୟଜଳ ବ୍ୟବସ୍ଥା, ପ୍ରତ୍ୟେକ ପରିବାରଙ୍କୁ ଘରବାରି ପଟ୍ଟା, ଅନ୍ତୋଦୟ ଯୋଜନାରେ ପ୍ରତ୍ୟେକ ପରିବାରକୁ ୩୫କେଜି ଚାଉଳ, ପୀଡିତ ପରିବାର ଚଳିବା ପାଇଁ ମାସିକ ୫ହଜାର ଟଙ୍କା ପେନସନ, ଝିଅ ବାହାଘର ସମସ୍ତ ଖର୍ଚ୍ଚ ସହାୟତା ରାଶି ୫ଲକ୍ଷ ଟଙ୍କା ବୃଦ୍ଧି, ପିଲାଙ୍କ ଶିକ୍ଷା, ଚାକିରୀ ଓ ଆତ୍ମନିଯୁକ୍ତି ପାଇଁ ୫ଲକ୍ଷ ଟଙ୍କାର ୫୦% ରିହାତିରେ ବିନା ସୁଧରେ ଋଣ, ତାଲିମପ୍ରାପ୍ତ କୁଷ୍ଠ କର୍ମୀ ଏବଂ ଡ୍ରେସର ନିଯୁକ୍ତି ଦେଇ କୁଷ୍ଠ ରୋଗୀଙ୍କ ଚିକିତ୍ସା ସୁନିଶ୍ଚିତ କରାଯାଉ। ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ ୪୦% ଉପରକୁ ବିକଳାଙ୍ଗ ପ୍ରମାଣପତ୍ର ପ୍ରଦାନ କରିବାକୁ ଦାବିରେ ଉଲ୍ଲେଖ ରହିଛି। ବାରମ୍ବାର ଦାବି ସତ୍ତ୍ୱେ ସରକାର ଗୁରୁତ୍ୱ ଦେଉନାହାନ୍ତି। ମାସକ ମଧ୍ୟରେ ଉପରୋକ୍ତ ଦାବିପ୍ରତି ଗୁରୁତ୍ୱ ଦିଆ ନ ଗଲେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବୁ ବୋଲି ଚେତାବନୀ ଦେଇଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ପ୍ରତିଶ୍ରୁତି ମିଳୁଛି, ମିଳୁନି ସୁବିଧା

ଖୋର୍ଦ୍ଧାସ୍ଥିତ ଶାନ୍ତିଦାନ ଓ ଭାଗବତ କୁଷ୍ଠ କଲୋନୀ ସମେତ ଜଟଣୀ ସ୍ଥିତ ବାପୁଜୀ ଓ ଧାରାବତୀ କୁଷ୍ଠ କଲୋନୀ, ଝାଁଳା ଶାନ୍ତି ନିବାସ କୁଷ୍ଠ କଲୋନୀର ଅନ୍ତେବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଫଳରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ସାଧାରଣ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ କୁଷ୍ଠ ପୀଡିତଙ୍କ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ପରିବାର ଦୟନୀୟ ଭାବେ ଜୀବନ ସହ ସଂଘର୍ଷ କରୁଛନ୍ତି। ଜିଲା ପ୍ରଶାସନ, ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଦାବି ପରେ ପ୍ରତିଶ୍ରୁତି ମିଳୁଛି, ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅନ୍ତେବାସୀଙ୍କୁ ଆବାସପତ୍ର, ଜାତିଗତ ପ୍ରମାଣପତ୍ର, ଆୟ ପ୍ରମାଣ ପତ୍ର ଦିଆଯାଉନାହିଁ। ଭୂମିହୀନଙ୍କୁ ସରକାର ଜାଗା ମିଶନରେ ଥଇଥାନ କରୁଥିବା ବେଳେ କୁଷ୍ଠ ପୀଡିତଙ୍କ କ୍ଷେତ୍ରରେ କାହିଁକି ଅବହେଳା କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି।

# ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ଅଭିଯାନ



କାର୍ଯ୍ୟକ୍ରମରେ ଶ୍ରୀମୟୀ ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

ବୋଲଗଡ଼/ଧଳାପଥର,୧୨।୨ (ଦେବବ୍ରତ ହୋତା/ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଣିବନ୍ଧ, ଗେଡିଆପଲ୍ଲୀ ଓ ଧଳାପଥର ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ସୋମବାର ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ରଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ। ଏହି ସମ୍ପର୍କ ଅଭିଯାନ ପଦଯାତ୍ରା ପରେ କୋଦୁଅବେରେଣି ଖେଳପଡିଆରେ ବିଧାୟକ ରାଜେନ୍ଦ୍ର ସାହୁଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅଧ୍ୟକ୍ଷା ମିଶ୍ର ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଲୋକଙ୍କ ବିକାଶ ପାଇଁ ବିଜୁ ଜନତା ଦଳ ସବୁବେଳେ ତତ୍ପର ବୋଲି କହିଥିଲେ। ଆୟୋଜିତ ସଭାରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ବୁଟୁ କୈଳାସ ପାତ୍ର, ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ କୁମାର ସାହୁ, ବିଜେଡି ପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର, ବିଜେଡି ଖୋର୍ଦ୍ଧା ଜିଲା ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝି, ସ୍ଥାନୀୟ ସରପଞ୍ଚ ନାରାୟଣ ସାହୁ, ସମିତିସଭ୍ୟ ବିଜୟ କୁମାର ସୁବୁଦ୍ଧି, ପୂର୍ବତନ ସରପଞ୍ଚ ସୁରଜ ପ୍ରସାଦ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ବହୁ ମିଶନ ଶକ୍ତି ମହିଳା ଯୋଗଦେଇଥିଲେ।

# ଅଯୋଧାରେ ପହଞ୍ଚିଲା ଗୁରୁଜଙ୍ଗ ସୋଲଫୁଲ




ଖୋର୍ଦ୍ଧା,୧୨।୨(ପ୍ରଭାତ ପାଣିଗ୍ରାହୀ)

## ଶ୍ରୀରାମଲାଲାଙ୍କ ମନ୍ଦିରରେ ଶୋଭାପାଇବ

ଅଯୋଧାର ଶ୍ରୀରାମଲାଲାଙ୍କ ମନ୍ଦିରରେ ଶୋଭାପାଇବ ଖୋର୍ଦ୍ଧା ଗୁରୁଜଙ୍ଗର ସୋଲଫୁଲ। ଏହି ଫୁଲକୁ ପ୍ରସ୍ତୁତ କରିଛନ୍ତି ଗୁରୁଜଙ୍ଗ ଭୋଇସାହିର ରାଜକିଶୋର ଓ ବୀରକିଶୋର ଭୋଇଙ୍କ ପରିବାର। ନିଷ୍ଠାର ସହ ଏହାକୁ ସପରିବାର ପ୍ରସ୍ତୁତ କରିଛନ୍ତି। ସୋଲରେ ପ୍ରସ୍ତୁତ ହୋଇଛି କଦମ୍ବ ସେବତୀ ଆଦି ଭଳିକି ଭଳି ଫୁଲ। ଶ୍ରୀରାମଲାଲାଙ୍କ ମନ୍ଦିର ପାଇଁ ସୋଲ ଫୁଲ ପ୍ରସ୍ତୁତ କରି ଚର୍ଚ୍ଚାରେ ରହିଛନ୍ତି। ବୀରକିଶୋର ଏହି ଫୁଲ ଧରି ଅଯୋଧ୍ୟା ଅଭିମୁଖେ ବାହାରିଥିବା ସ୍ୱତନ୍ତ୍ର ଟ୍ରେନରେ ଯାଇଥିଲେ। ସୋମବାର ଶ୍ରୀରାମଲାଲାଙ୍କ ମନ୍ଦିରରେ ପହଞ୍ଚି ଏହି ସୋଲଫୁଲ ପ୍ରଦାନ କରିଛନ୍ତି। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ମହାସଚିବ ଚମ୍ପତ ରାୟଜୀଙ୍କୁ ଏହି ସୋଲଫୁଲ ପ୍ରଦାନ ବେଳେ ଖୋର୍ଦ୍ଧା ସଂଘ ପରିବାର ବେଲେଶ୍ୱର ସାହୁ, ପ୍ରଶାନ୍ତ ବେହେରା, ଆଦିତ୍ୟ ମହାରଣା ଏବଂ ହିନ୍ଦୁ ଜାଗରଣ ମଞ୍ଚର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରକାଶ ଯେ, ଦୀର୍ଘ ୨୩ବର୍ଷ ଧରି ଶ୍ରୀକ୍ଷେତ୍ରରେ ଗୁଣ୍ଡିଚା ଯାତ୍ରା ସମୟରେ ୩ରଥ ସୋଲଫୁଲରେ ସଜାଇଥାନ୍ତି ଏହି ପରିବାର।

## କୃଷକ କଲ୍ୟାଣ ଯୋଜନା ପ୍ରଚାର ପାଇଁ ଗାଁ ବୁଲିବ ଭାଜପା

ବୋଲଗଡ଼,୧୨।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସଦର ମୁଖ୍ୟାଳୟ ସ୍ଥିତ କୁଞ୍ଜବନ ମାର୍କେଟ କମ୍ପ୍ଲେକ୍ସ ପରିସରରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ କୃଷକ କଲ୍ୟାଣ ଗ୍ରାମ ପରିକ୍ରମା ସୋମବାର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସରକାର ଚାଷୀଙ୍କ ପାଇଁ ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରସାଦ ନଡ୍ଡା ଭର୍ଚୁଆଲ ମାଧ୍ୟମରେ ଚାଷୀମାନଙ୍କୁ ଅବଗତ କରିଥିଲେ। ନିର୍ବାଚନମଣ୍ଡଳୀ ଭାଜପା ସଂଯୋଜକ ଶିବ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ଚାଷୀ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ରାଜ୍ୟ କୃଷକ ମୋର୍ଚ୍ଚା କୋଷାଧ୍ୟକ୍ଷ ବିଶ୍ୱଜିତ ସ୍ୱାଇଁ, ମୁଖ୍ୟ ବକ୍ତାଭାବେ ଭାଜପା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ସମ୍ମାନୀତ ଅତିଥି ବୋଲଗଡ଼ ମଣ୍ଡଳ ସଭାପତି ରଘୁନାଥ ଷଡ଼ଙ୍ଗୀ, ଜିଲା ଭାଜପା ଓବିସି ସାଧାରଣ ସମ୍ପାଦକ ସତ୍ୟନାରାୟଣ ପରିଡା, ସ୍ଥାନୀୟ ବିଧାନସଭା ବିସ୍ତାରକ ଚିତ୍ତରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ। କୃଷକ କଲ୍ୟାଣ ଗ୍ରାମ ପରିକ୍ରମା କାର୍ଯ୍ୟକ୍ରମ ଆସନ୍ତା ୧୨ ମାର୍ଚ୍ଚ ପର୍ଯ୍ୟନ୍ତ ଜାରି ରହିବ ବୋଲି ମୋର୍ଚ୍ଚା କୋଷାଧ୍ୟକ୍ଷ ସ୍ୱାଇଁ କହିଛନ୍ତି। ଅଶୋକ ରାଉତ ଧନ୍ୟବାଦ ଦେଇଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଜଟଣୀ,୧୨।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ଛଣଘର କୁସୁମାଟି ପଞ୍ଚାୟତରେ ସୋମବାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୁତି ଭୂଷଣ ବଳବନ୍ତରାୟ, ଜଟଣୀ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ସରପଞ୍ଚ ସୁବାସିନୀ ବିଶ୍ୱାଳ, ସମିତିସଭ୍ୟା ସତ୍ୟଭାମା ରାଉତରାୟ, ନାଏବ ସରପଞ୍ଚ ବାସନ୍ତୀ ସାହୁ, ୱାର୍ଡସଭ୍ୟା ସତ୍ୟଭାମା ଭଟାଚାର୍ଯ୍ୟ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ପଞ୍ଚାୟତ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଖେଳକୁଦ ପ୍ରତିଯୋଗିତା ହୋଇଥିଲା। ସମାଜର ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଗଙ୍ଗପଡା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗପଡା କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ଶତୋ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୁତି ଭୂଷଣ ବଳବନ୍ତରାୟ, ସରପଞ୍ଚ ସୁଧାଂଶୁ ମହାରଣା ଉପସ୍ଥିତ ଥିଲେ।ଏହି ଅବସରରେ ବିଭିନ୍ନ କୃଷି ଯନ୍ତ୍ରପାତି ଷ୍ଟଲ ଖୋଲାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗ ଦେଇଥିଲେ।


କାର୍ଯ୍ୟକ୍ରମରେ ରାଜ୍ୟସଭା ସଦସ୍ୟ ମୁନା ଖାଁ ଏବଂ ଅନ୍ୟମାନେ।

# ଆତ୍ମବିଶ୍ୱାସ, ଦୃଢ଼ ମନୋବଳ ହିଁ ସଫଳତାର ମାପକାଠି

ନିରାକାରପୁର,୧୨।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତ ଅନ୍ତର୍ଗତ କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ସୋମବାର ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ଛୋଟରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଙ୍ଗୀ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ,୧୨ନମ୍ବର ଜିଲାପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂ, ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, ସ୍ଥାନୀୟ ଅଞ୍ଚଳର ପୂର୍ବତନ ସରପଞ୍ଚ ବିପିନ କୁମାର ଜୟସିଂହ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇସୱାର୍ଡର ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ, ଚିତ୍ରକୂଟ ସ୍କୁଲ ପରିଚାଳନା କମିଟି ସଭାପତି ମନୋଜ ପ୍ରଧାନ, ବିଦ୍ୟୁଭୂଷଣ ମହାରଣା, ସ୍କୁଲ ପରିଚାଳନା କମିଟିର ସଭାପତି ରବି ନାରାୟଣ ବାହିନୀପତି, ସହକାରୀ ଶିକ୍ଷକ ଦିଲ୍ଲୀପ କୁମାର ଦାସ ପ୍ରମୁଖ ଯୋଗଦେଇ ଶିକ୍ଷା ସହିତ ଖେଳକୁଦ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ମେଡାଲ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସ୍ଥାନୀୟ ଅଞ୍ଚଳର ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ଉମେଶ ପଟ୍ଟନାୟକ ଓ ବାଲୁଙ୍କେଶ୍ୱର ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ର ନିହାର ରଞ୍ଜନ ବାରିକ ଓ ଛାତ୍ରୀ ଶୁଭଶ୍ରୀ ପରିଡା ମଞ୍ଚ ପରିଚାଳନା କରିଥିଲେ। ରିତା ବଲ୍ଲଭ, ରୁପାଲି ପାଇକରାୟଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।


କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ମା’ ଆଗରେ ଚାଲିଗଲା ଝିଅର ଜୀବନ

ଭୁବନେଶ୍ୱର,୧୨।୨(ସୂର୍ଯ୍ୟକାନ୍ତ ବେହେରା)

## ରାସ୍ତା ପାରିବେଳେ ସ୍କୁଲ ବସ୍ ମାଡ଼ିଗଲା

ରାଜଧାନୀର ବରମୁଣ୍ଡା–ଖଣ୍ଡଗିରି ରାସ୍ତାରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତା ପାରି ହେଉଥିବାବେଳେ ଏକ ସ୍କୁଲ ବସ୍ ଧକ୍କା ଦେବାରୁ ମା’ ଆଗରେ ଝିଅର ଜୀବନ ଯାଇଛି। ମୃତା ଛାତ୍ରୀ ହେଲେ ଘର ପୁରୀ ଜିଲା କଣାସ ଅଞ୍ଚଳର ସସ୍ମିତା ପ୍ରଧାନ। ସୂଚନାନୁଯାୟୀ, ସସ୍ମିତାଙ୍କୁ ହଷ୍ଟେଲରୁ ଘରକୁ ନେବା ପାଇଁ ତାଙ୍କ ମା’ ଭୁବନେଶ୍ୱର ଆସିଥିଲେ। ହଷ୍ଟେଲରୁ ନେବା ପରେ ଅପରାହ୍ନରେ ଖଣ୍ଡଗିରିର ରମାମଣି ପେଟ୍ରୋଲ ପମ୍ପ ସମ୍ମୁଖରେ ମା’ ଓ ଝିଅ ରାସ୍ତା ପାରି ହେଉଥିବାବେଳେ ଖଣ୍ଡଗିରି ପଟୁ ଆସୁଥିବା ବାଇକ ଧକ୍କା ଦେବାରୁ ସସ୍ମିତା ରାସ୍ତାରେ ପଡ଼ିଯାଇଥିଲେ। ଏହି ସମୟରେ ପଛପଟୁ ବସ୍ ଆସି ଧକ୍କା ଦେବା ପରେ ମୁଣ୍ଡ ଉପରେ ମାଡ଼ିଯାଇଥିଲା।

# ବ୍ଲକ କାର୍ଯ୍ୟାଳୟ ଆଗରେ ଫାଇଲିନ କ୍ଷତିଗ୍ରସ୍ତଙ୍କ ଧାରଣା

କୃଷ୍ଣପ୍ରସାଦ,୧୨।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳର ଫାଇଲିନ କ୍ଷତିଗ୍ରସ୍ତମାନେ ସୋମବାର ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ। ଫାଇଲିନ ବାତ୍ୟାକୁ ୧୦ବର୍ଷ ବିତିଯାଇଥିଲେ ମଧ୍ୟ କ୍ଷତିଗ୍ରସ୍ତମାନେ ବାସଗୃହ ପାଇବାରୁ ବଞ୍ଚିତ ହୋଇଚନ୍ତି। ବିଶ୍ୱବ୍ୟାଙ୍କ ସହାୟତାରେ ବାସଗୃହ ଯୋଗାଇଦେବା ନିମନ୍ତେ ଆନ୍ଦୋଳନକାରୀ ଦାବି କରିଛନ୍ତି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ କ୍ଷତିଗ୍ରସ୍ତଙ୍କ ଦୁଃଖ ଦୂର କରିବାରେ ବ୍ଲକ ଓ ଜିଲା ପ୍ରଶାସନର ବିଫଳତା ନେଇ ନାରାବାଜି କରିଥିଲେ। ତହସିଲ ନିକଟ ଚଣ୍ଡୀ ମନ୍ଦିର ପରିସରରରେ ଆଲୋଚନା ପରେ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ଗେଟ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନୀରିକ୍ଷକ ବସନ୍ତ କୁମାର ସାହୁ ଓ କର୍ମଚାରୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ପରେ ଅତିରିକ୍ତ ତହସିଲଦାର ବିକାଶ ସେଠୀ ଓ ଅତିରିକ୍ତ ବିଡିଓ ପ୍ରବୀର କୁମାର ଦାସ ଧାରଣାସ୍ଥଳରେ ପହଞ୍ଚି ମଙ୍ଗଳବାର ବିଡିଓ ବ୍ଲକରେ ଯୋଗ ଦେବାପରେ ଘଟଣା ସମ୍ପର୍କରେ ଆଲୋଚନା କରାଯିବ ବୋଲି ପ୍ରଶାସନିକ ଅଧିକାରୀମାନେ କହିବାରୁ ଧାରଣା ପ୍ରତ୍ୟାହାର ହୋଇଥିଲା। ଆବାହକ ସୁବାସ ଚନ୍ଦ୍ର ଜେନା, ବିହାରୀ ବନ୍ଧୁ ପଲେଇ, ବିଦ୍ୟାଧର ପଲେଇ, କାର୍ତ୍ତିକ ଦଳେଇ, ଭରତ ସିଂହ, ବାହୁଡା .ନାୟକ, ପ୍ରଫୁଲ ଜଗଦେବ, ରଞ୍ଜନା ଦଳେଇ, ନାରାୟଣ ଜେନା, ନାଗେଶ୍ୱର ଦାସ, ହରେକୃଷ୍ଣ ପାହାଣ, ଉପେନ୍ଦ୍ର ଜେନାଙ୍କ ସମେତ ବହୁ ପୁରୁଷ ଓ ମହିଳା ସାମିଲ ହୋଇଥିଲେ।


ଆନ୍ଦୋଳନକାରୀଙ୍କ ସହ ପୋଲିସ ଆଲୋଚନା କରୁଛି।

# ‘ଶୃଙ୍ଖଳିତ ଓ ମୂଲ୍ୟବୋଧ ଶିକ୍ଷା ଉଜ୍ଜ୍ୱଳ ଭବିଷ୍ୟତ ଗଢ଼େ’

ଟାଙ୍ଗୀ/ନିରାକାରପୁର,୧୨।୨ (ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବାଲିପାଟପୁର ରିଫ୍ୟୁଜି ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମାନସୀ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଆଇନଜୀବୀ ଅନୀଲ କୁମାର ପଟ୍ଟନାୟକ, ମୁଖ୍ୟ ବକ୍ତା ଗାୟକ ରବୀନ୍ଦ୍ର ସାମନ୍ତରାୟ, ସମ୍ମାନିତ ଅତିଥି ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ଭୂଷଣପୁର ସରପଞ୍ଚ ସୌରଭ କୁମାର ଦାଶ, ବାଲିପାଟପୁର ସରପଞ୍ଚ ଭାବୀ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତି ରେଖା ମହାନ୍ତି, ନବ କିଶୋର ନାୟକ, ହରେକୃଷ୍ଣ ଜଗଦେବ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଭବାନୀ କୁମାରୀ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

ଶିକ୍ଷୟିତ୍ରୀ ମାମିନା ବେହେରା ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ଲତା ଖଟେଇ ଧନ୍ୟବାଦ ଦେଇଥିଲେ। ଝୋଟି ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ରୁପାଲି ଜେନା, ତର୍କ ଓ ସମ୍ବାଦପତ୍ର ପଠନରେ ସ୍ୱରୁପା ପାତ୍ର, ପୁଚିରେ ପାର୍ବତୀ ବେହେରା, ପଦ୍ୟ ଆବୃତ୍ତିରେ ତୁଳସୀ ବେହେରା, ସଙ୍ଗୀତରେ ଅର୍ପିତା ସେଠୀ, ଶ୍ଳୋକ ଆବୃତ୍ତି ଓ ନୃତ୍ୟରେ ଜୟଶ୍ରୀ ବେହେରା, କବିତା ଲିଖନରେ ପ୍ରିୟବ୍ରତ ସାହୁ, ପ୍ରବନ୍ଧ ଓ ସାଧାରଣଜ୍ଞାନରେ ସାଇ ପ୍ରଜ୍ଞା ସାହୁ, ଗଳ୍ପ ଲିଖନରେ ମାମୁନି ଜେନା, ତବଲା ବାଦକରେ ସ୍ମୃତି ରଞ୍ଜନ ବେହେରା ପ୍ରମୁଖ ପ୍ରଥମ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଚଳିତ ବର୍ଷ କ୍ରୀଡ଼ା ଚାମ୍ପିୟନଭାବେ ପ୍ରିୟମ୍ବଦା ବେହେରା ଓ ମାନସ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ୨୦୨୦–୨୧ ବର୍ଷ ପାଇଁ ପ୍ରିତେଷ କୁମାର ସ୍ୱାଇଁ, ୨୦୨୨–୨୨ ପାଇଁ ବୈଶାଖୀ ଦାସ, ୨୦୨୨–୨୩ ପାଇଁ ଚାରୁଲତା ସ୍ୱାଇଁ, ୨୦୨୩–୨୪ ପାଇଁ ଶ୍ରୀୟାଂଶୁ ସ୍ୱରୁପ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ବାହାଘର ବେଳେ ଚୋରି ରୋକିବାକୁ ପୋଲିସର ଟିପ୍ସ

ଭୁବନେଶ୍ୱର,୧୨।୨(ସତ୍ୟଜିତ୍ ରାଉତ): ରାଜଧାନୀରେ ବିଭିନ୍ନ ମଣ୍ଡପରେ ବାହାଘର ଆଦି କାର୍ଯ୍ୟକ୍ରମରେ ଲୁଟେରାମାନେ ଲୁଟ୍‌ପାଟ୍ ଓ ଚୋରି କରୁଛନ୍ତି। ଏହାକୁ ନଜରରେ ରଖି ଲୁଟ୍ ଓ ଚୋରି ରୋକିବାକୁ କମିଶନରେଟ୍ ପୋଲିସ ଆୟୋଜନକାରୀଙ୍କୁ ଟିପ୍ସ ଦେବାକୁ ନିଷ୍ପତ୍ତି ନେଇଛି। ଲାଇସେନ୍ସ ନେବା ବେଳେ ବର ଓ କନ୍ୟାପକ୍ଷଙ୍କ ମୋବାଇଲ ନମ୍ବର ଦେବାକୁ ବାଧତାମୂଳକ କରାଯାଇଛି। ବାହାଘର ଦିନ ଉଭୟ ପକ୍ଷଙ୍କ ଲୋକଙ୍କୁ ପୋଲିସ କଲ୍ କରି ଚୋରି ରୋକିବାକୁ ବିଭିନ୍ନ ପ୍ରକାର ଟିପ୍ସ ଦେଇ ସୁରକ୍ଷିତ ରହିବାକୁ ସଚେତନ କରିବ। ଉକ୍ତ ଟିପ୍ସଗୁଡ଼ିକ ହେଲା, ବାହାଘର କିମ୍ବା ଅନ୍ୟ କୌଣସି ପାର୍ଟିରେ ଅତିଥିଙ୍କୁ ସ୍ୱାଗତ ପାଇଁ ଗେଟ୍ ସାମ୍ନାରେ ନିଜ ଲୋକ ଛିଡ଼ା ହେବେ। ଅତିଥି ଆସୁଥିବା ସମୟରେ କୌଣସି ଲୋକଙ୍କ ଉପରେ ସନ୍ଦେହ ହେଲେ ତାଙ୍କୁ ତୁରନ୍ତ ପଚରାଉଚରା କରିବେ। ଉତ୍ସବ ହେଉଥିବା ମଣ୍ଡପରେ ଆବଶ୍ୟକ ସୁରକ୍ଷାକର୍ମୀ ମୁତୟନ କରିବେ। ବାହାଘରରେ ମିଳୁଥିବା ଉପହାରଗୁଡ଼ିକୁ ଅସୁରକ୍ଷିତ ଭାବେ ରଖନ୍ତୁ ନାହିଁ, ମଣ୍ଡପରେ ସିସିଟିଭି ଠିକ୍ ଭାବେ ଚାଲୁଛି କି ନାହିଁ ତାହା ନିରୀକ୍ଷଣ କରିବାକୁ ଆଦି ଟିପ୍ସ ଦିଆଯାଉଛି।

### ଅଭିଯୁକ୍ତ ହାପି ହାଇଦ୍ରାବାଦରୁ ଗିରଫ

#### ହତ୍ୟା ଉଦ୍ୟମ, ବଟି ମାଗିବା ମାମଲାରେ ଫେରାର ଥିଲେ

ଭୁବନେଶ୍ୱର,୧୨।୨(ସୂର୍ଯ୍ୟକାନ୍ତ ବେହେରା): ହତ୍ୟା ଉଦ୍ୟମ ଓ ବଟି ମାଗିବା ଅଭିଯୋଗରେ ଦୀର୍ଘଦିନ ଧରି ଫେରାର ଥିବା ଅଭିଯୁକ୍ତ ହାପି ଓରଫ ସତ୍ୟପ୍ରକାଶ ହାତୀଙ୍କୁ ଧଉଳି ଥାନା ପୋଲିସ ହାଇଦ୍ରାବାଦରୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଭୁବନେଶ୍ୱରର ବିଭିନ୍ନ ଥାନାରେ ହାପିଙ୍କ ନାମରେ ୧୫ଟି ଆପରାଧିକ ମାମଲା ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

ସୂଚନାନୁସାରେ, ଗତବର୍ଷ ଫେବୃୟାରୀରେ ଶିଶୁପାଳଗଡ଼ର ଶିପୁନ ତାଙ୍କର ବନ୍ଧୁ ରଞ୍ଜନଙ୍କ ସହିତ ଶିବରାତ୍ରି ପାଳନ କରିବା ପାଇଁ ବାଇକରେ ଯାଉଥିଲେ। ଏହି ସମୟରେ ହାପି କେତେଜଣ ସହଯୋଗୀଙ୍କ ସହ ମିଶି ସେମାନଙ୍କୁ ଅଟକାଇ ଗାଳିଗୁଲଜ କରି ବାଉଁଶ ବାଡ଼ିରେ ଆକ୍ରମଣ କରିଥିଲେ। ଏନେଇ ଶିପୁନଙ୍କ ମା' ଧଉଳି ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେତେଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ହାପି ଫେରାର ହୋଇଯାଇଥିଲେ। ଏହି ମାମଲାର ତଦନ୍ତ ଜାରି ରହିଥିବା ସମୟରେ ହାପି ପୁନର୍ବାର କେତେଜଣ ସହଯୋଗୀଙ୍କ ସହିତ ଏକ ଟ୍ରକ ଅଟକାଇ ଡ୍ରାଇଭର ଓ ହେଲ୍ପରଙ୍କୁ ବଟି ମାଗିବା ସହ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ହାପିଙ୍କ ସହଯୋଗୀମାନଙ୍କୁ ଗିରଫ କରିଥିଲା। ହେଲେ ହାପି ଗିରଫ ଭୟରେ ହାଇଦ୍ରାବାଦରେ ଆତ୍ମଗୋପନ କରିଥିଲେ। ବିଶେଷ ସୂତ୍ରରୁ ସୂଚନା ପାଇ ପୋଲିସ ସେଠାରୁ ହାପିଙ୍କୁ ଗିରଫ କରିଛି।

# ନିଶା ବେପାରୀଙ୍କୁ ୩୦ କି.ମି. ଗୋଡ଼ାଇ ଧରିଲା ପୋଲିସ

ଭୁବନେଶ୍ୱର,୧୨।୨
(ସୂର୍ଯ୍ୟକାନ୍ତ ବେହେରା)

■୩ ଗିରଫ, ୩ କୁଇଣ୍ଟାଲ ଗଞ୍ଜେଇ, ୨ କାର୍, ମୋବାଇଲ, ଟଙ୍କା ଜବତ

■ନମ୍ବର ପ୍ଲେଟ୍ ବଦଳାଉଥିଲେ, ଗାଡ଼ିରେ ପ୍ରେସ୍ ଲେଖିଥିଲେ

ଦାମୀ କାର୍‌ରେ ଗଞ୍ଜେଇ ଚାଲାଣବେଳେ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ୩୦ କି.ମି ପିଛା କରି ୩ ଆନ୍ତଃରାଜ୍ୟ ନିଶାବେପାରୀଙ୍କୁ ଭୁବନେଶ୍ୱର ଉପକଣ୍ଠ ପାହାଳରୁ କାବୁ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରବି ଶଙ୍କର ଦାସ, ରାଜେଶ କିଶୋର ଦାସ, ଲବ କିଶୋର ପ୍ରସାଦ ସହଦେବ। ସେମାନଙ୍କ ଘର ଝାଡଖଣ୍ଡର ପଶ୍ଚିମ ସିଂହଭୂମ ଅଞ୍ଚଳରେ। ସେମାନଙ୍କଠାରୁ ୩୦୦ କେଜି ଗଞ୍ଜେଇ, ୨ କାର୍, ୩ ମୋବାଇଲ ଫୋନ, ୧୪ ହଜାର ଟଙ୍କା ଏବଂ ଭିନ୍ନ ଭିନ୍ନ ଗାଡ଼ି ନମ୍ବର ପ୍ଲେଟ୍ ଜବତ ହୋଇଛି। ଜବତ ଗଞ୍ଜେଇର ମୂଲ୍ୟ ୩୦ ଲକ୍ଷ ହେବ। ଅଭିଯୁକ୍ତମାନେ ଧରା ନ ପଡ଼ିବା ଲାଗି ଗାଡ଼ିରେ ପ୍ରେସ୍ ଲେଖିବା ସହ ନମ୍ବର ପ୍ଲେଟ୍ ବଦଳାଇ ମାଲକାନଗିରି ଚିତ୍ରକୋଣ୍ଡାରୁ ଭୁବନେଶ୍ୱର ଦେଇ କୋଲକାତାକୁ ଗଞ୍ଜେଇ ଚାଲାଣ କରୁଥିଲେ ବୋଲି ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଆନ୍ତଃରାଜ୍ୟ ନିଶା କାରବାରର ଚେର କେଉଁଆଡେ ଲମ୍ବିଛି ତାହା ଜାଣିବା ପାଇଁ ପୋଲିସ ଅଭିଯୁକ୍ତମାନଙ୍କୁ ୩ ଦିନିଆ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିଛି। ଅଭିଯୁକ୍ତ ରବି ଜଣେ ପେସାଦାର ନିଶାବେପାରୀ। ତାଙ୍କର ଅନେକ ଦାମୀ ଗାଡ଼ିରହିଛି। ଏପରିକି ସେ ପୂର୍ବରୁ ଝାଡଖଣ୍ଡ ପୋଲିସ ଦ୍ୱାରା ଗିରଫ ହୋଇଥିଲେ।

ଅଭିଯୁକ୍ତମାନେ ଚିତ୍ରାକୋଣ୍ଡାରୁ ଗଞ୍ଜେଇ ଆଣି ମାଲକାନଗିରି, ଭାଇଜାଗ, ଭୁବନେଶ୍ୱର ହୋଇ ପଶ୍ଚିମବଙ୍ଗ ଯାଉଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଗଞ୍ଜେଇ ଚାଲାଣକାରୀମାନେ ନମ୍ବରପ୍ଲେଟ୍ ବଦଳାଉଥିବାରୁ ସେମାନଙ୍କୁ ଚିହ୍ନଟ କରିବା ମୁସ୍କିଲ ଥିଲା। ହେଲେ ଅଭିଯୁକ୍ତମାନଙ୍କ ଗାଡ଼ିର କମ୍ପ୍ରେସର ଖରାପ ଯୋଗୁ ବାଟରେ ଅଧିକ ବେଗରେ ସାଉଣ୍ଡ କରୁଥିବାରୁ ଚିହ୍ନିବା ସହଜ ହେଲା। ପୋଲିସ ପିତାପଲ୍ଲୀରୁ ପାହାଳ ପର୍ଯ୍ୟନ୍ତ ଗଞ୍ଜେଇ ଚାଲାଣକାରୀଙ୍କ ଗାଡିକୁ ପିଛା କରି ଶେଷରେ ଧରିଥିଲା। ଏହାପରେ ଯାଞ୍ଚ ବେଳେ ଗାଡ଼ିର ସିଟ୍ ଓ ପଛରେ ଥିବା ସିକ୍ରେଟ ଚାମ୍ବରରେ ଗଞ୍ଜେଇ ପ୍ୟାକେଟ୍ ରହିଥିବା ଜଣାପଡ଼ିଥିଲା। ୩ଟି ରାଜ୍ୟ ଅତିକ୍ରମ କରିବା ପାଇଁ ସେମାନେ ଭିନ୍ନ ଭିନ୍ନ ପ୍ରାଇଭେଟ ନମ୍ବର ପ୍ଲେଟ ବ୍ୟବହାର କରିଥିଲେ। ସେହିପରି ଗଞ୍ଜେଇ ଭର୍ତ୍ତି ଗାଡ଼ିକୁ ଏସ୍କର୍ଟ ଦେବା ପାଇଁ ଆଗରେ ଆଉ ଏକ କାର୍ ଯାଉଥିଲା।


ଗିରଫ ୩ ନିଶା ବେପାରୀଙ୍କ ସମେତ ଜବତ ଗଞ୍ଜେଇ ଓ କାର।

# ମା' ଆଗରେ ଚାଲିଗଲା ଝିଅର ଜୀବନ

ଭୁବନେଶ୍ୱର,୧୨।୨(ସୂର୍ଯ୍ୟକାନ୍ତ ବେହେରା)

**ରାସ୍ତା ପାରିବେଳେ ସ୍କୁଲ ବସ୍ ମାଡ଼ିଗଲା**



ରାଜଧାନୀର ବରମୁଣ୍ଡା-ଖଣ୍ଡଗିରି ରାସ୍ତାରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତା ପାରି ହେଉଥିବାବେଳେ ଏକ ସ୍କୁଲ ବସ୍ ଧକ୍କା ଦେବାରୁ ମା' ଆଗରେ ଝିଅର ଜୀବନ ଯାଇଛି। ମୃତା ଛାତ୍ରୀ ହେଲେ ଘର ପୁରୀ ଜିଲା କଣାସ ଅଞ୍ଚଳର ସସ୍ମିତା ପ୍ରଧାନ (୧୬)। ସେ ଖଣ୍ଡଗିରିସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଯୁକ୍ତ୨ ପ୍ରଥମ ବର୍ଷରେ ପଢୁଥିବାବେଳେ ହଷ୍ଟେଲରେ ରହୁଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ସ୍କୁଲ ଗାଡ଼ିଟି ଫେରାର ହୋଇଯାଇଛି।

ସୂଚନାନୁଯାୟୀ, ସସ୍ମିତାଙ୍କୁ ହଷ୍ଟେଲରୁ ଘରକୁ ନେବା ପାଇଁ ତାଙ୍କ ମା' ଭୁବନେଶ୍ୱର ଆସିଥିଲେ। ହଷ୍ଟେଲରୁ ନେବା ପରେ ଅପରାହ୍ନରେ ଖଣ୍ଡଗିରିର ରମାମଣି ପେଟ୍ରୋଲ ପମ୍ପ ସମ୍ମୁଖରେ ମା' ଓ ଝିଅ ରାସ୍ତା ପାରି ହେଉଥିବାବେଳେ ଖଣ୍ଡଗିରି ପଟୁ ଆସୁଥିବା ଏକ ବାଇକ ଧକ୍କା ଦେବାରୁ ସସ୍ମିତା ରାସ୍ତାରେ ପଡ଼ିଯାଇଥିଲେ। ଏହି ସମୟରେ ପଛପଟୁ ଏକ ବସ୍ ଆସି ତାଙ୍କୁ ଧକ୍କା ଦେବା ପରେ ତାଙ୍କ ମୁଣ୍ଡ ଉପରେ ମାଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ସସ୍ମିତାଙ୍କ ମୃତ୍ୟୁ ଘଟିଥିଲା। ବସ୍ ଡ୍ରାଇଭର ଘଟଣାସ୍ଥଳରୁ ଗାଡ଼ି ସହ ଫେରାର ହୋଇଯାଇଥିଲେ। ଖବର ପାଇ ଖଣ୍ଡଗିରି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ୧୬ ନମ୍ବର ଜାତୀୟ ରାଜପଥରେ ଲାଗିଥିବା ସିସିଟିଭି ଫୁଟେଜରୁ ଦୁର୍ଘଟଣା ଘଟାଇଥିବା ଗାଡ଼ିଟି କେଉଁ ସ୍କୁଲର ତାହା ଜାଣିବା ପାଇଁ ଉଦ୍ୟମ ଚଳାଇଛି। ସେହିଭଳି ଛାତ୍ରୀଙ୍କୁ ଧକ୍କା ଦେଇଥିବା ବାଇକ ଚାଳକ ପଡ଼ି ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଅପରପକ୍ଷେ ଦୁର୍ଘଟଣା ପରେ ବହୁ ଗାଡ଼ି ଆଗ ପଛ ହୋଇ ଅଟକି ରହିବାରୁ ୩୦ ମିନିଟ ଧରି ଟ୍ରାଫିକ ଜାମ୍ ହୋଇଥିବା ଦେଖିବାକୁ ମିଳିଥିଲା।



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ସୋମବାର ଓଡ଼ିଶା ବ୍ୟାଙ୍କ ସଖୀ କର୍ମଚାରୀ ସଂଘ ପକ୍ଷରୁ ୬ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ୬ ଦଫା ଦାବିରେ ବ୍ୟାଙ୍କ ସଖୀଙ୍କ ବିକ୍ଷୋଭ

ଭୁବନେଶ୍ୱର,୧୨।୨(ଅନୁରାଧା ମହାରଣା)

୬ ଦଫା ଦାବି ନେଇ ଓଡ଼ିଶା ବ୍ୟାଙ୍କ ସଖୀ କର୍ମଚାରୀ ସଂଘ ପକ୍ଷରୁ ସୋମବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମସ୍ତ ବ୍ୟାଙ୍କ ସଖୀଙ୍କୁ ନିକଟତମ 'ଆମ ବ୍ୟାଙ୍କ'ରେ ନିଯୁକ୍ତି ପ୍ରଦାନ, ପ୍ରତିମାସରେ ୧୦ ହଜାର ଟଙ୍କା ପ୍ରୋତ୍ସାହନ, ମିଶନ ଶକ୍ତିରେ କ୍ୟାଡରଭୁକ୍ତ କରିବା, ପଞ୍ଚାୟତରେ ଘର ଓ ଆବଶ୍ୟକ ଆସବାବପତ୍ର ଯୋଗାଇଦେବା ଏବଂ ଡ୍ରେସ୍‌କୋଡ୍ ଲାଗୁ କରିବା ଆଦି ଦାବି ରହିଛି। ସେହିପରି ବ୍ୟାଙ୍କ ସଖୀମାନଙ୍କୁ ମହାସଂଘ ବୈଠକରେ ଯୋଗଦେବାକୁ ସୁଯୋଗ ଦିଆଯିବାକୁ ମଧ୍ୟ ଦାବି ହୋଇଛି। ଏ ନେଇ ମିଶନ ଶକ୍ତି କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ଆଜିଠୁ ସଚିବାଳୟ ସେବା ସଂଘର କାର୍ଯ୍ୟବନ୍ଦ

ଭୁବନେଶ୍ୱର,୧୨।୨(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ସଚିବାଳୟ ସେବା ସଂଘର ସାଧାରଣ ସଭ୍ୟଙ୍କ ଜରୁରୀ ବୈଠକ ସୋମବାର ଲୋକସେବା ଭବନର ପଞ୍ଚାୟତିରାଜ ବିଭାଗ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଦସ୍ୟମାନେ ସରକାରଙ୍କ ବୈମାତୃକ ମନୋଭାବ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ସଂଘର ନ୍ୟାର୍ଯ୍ୟ ଦାବି ଉପରେ ବାରମ୍ବାର ପ୍ରଶାସନିକ ଓ ରାଜନୈତିକ ସ୍ତରରେ ଆଲୋଚନା ସତ୍ତ୍ୱେ ପ୍ରଶାସନର ଉଦାସୀନତା ହେତୁ କୌଣସି ସୁଫଳ ମିଳୁନାହିଁ । ପ୍ରଶାସନର ଏହି ଉଦାସୀନତା ମନୋଭାବକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ସଂଘର ସାଧାରଣ ସମ୍ପାଦକ ପ୍ରଯତ୍ନ ବରାଳ କହିଛନ୍ତି । ଏହାକୁ ସଂଘର ବିଭିନ୍ନ ବର୍ଗରେ ସ୍ୱାଗତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପସଭାପତି ଅକ୍ଷୟ କୁମାର ପରିଡ଼ା ଓ ପ୍ରତ୍ୟୁଷ କୁମାର କଅଁର, ସମ୍ପାଦକ ଅମିତ୍ କୁମାର ମହାନ୍ତି, ବିବେକାନନ୍ଦ ସାହୁ, ଲଳିତ ମୋହନ ଦାସ, ବିଷ୍ଣୁ ଚରଣ ନାଏକ, ଚିରଞ୍ଜିବୀ ସ୍ୱାଇଁ ମଧ ମତ ରଖିଥିଲେ । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷଙ୍କ ହସ୍ତକ୍ଷେପ ଦାବିରେ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦକରି ପଞ୍ଚାୟତିରାଜ ବିଭାଗ ପଡିଆରେ ସମ୍ମିଳିତ ହୋଇ ଧାରଣାରେ ବସିବାପାଇଁ ସଂଘର ସାଧାରଣ ବୈଠକରେ ସ୍ଥିର କରାଯାଇଛି। କୌଣସି ଅଧିକ ଆଲୋଚନା ଓ ପର୍ଯ୍ୟାଲୋଚନା ନ କରି ସଂଘର ଦାବି ଯଥାଶୀଘ୍ର ପୂରଣ ନିମନ୍ତେ ବରାଳ ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

## 'ଇ-ମମତା ୨.୦'କୁ ସିଲ୍‌ଭର୍ ସ୍କଚ୍ ଆୱାର୍ଡ



ଭୁବନେଶ୍ୱର, ୧୨।୨(ଅସମାପିକା ସାହୁ)

ମହିଳା ଓ ଶିଶୁ ବିକାଶ ବିଭାଗର 'ଇ-ମମତା ୨.୦'କୁ ଦିଲ୍ଲୀର ସମ୍ବିଧାନ କ୍ଲବରେ ଜାତୀୟସ୍ତରରେ ସମ୍ମାନଜନକ ସିଲ୍‌ଭର୍ ସ୍କଚ୍ ଆୱାର୍ଡ ମିଳିଛି। ଓଡ଼ିଶାର ମା' ଓ ଶିଶୁ ମୃତ୍ୟୁ ହାର ହ୍ରାସ କରିବା ସହ ଗର୍ଭବତୀ ଓ ପ୍ରସୂତି ମା' ଏବଂ ସେମାନଙ୍କ ଶିଶୁଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ସ୍ଥିତିରେ ଉଲ୍ଲେଖନୀୟ ରୂପାନ୍ତରଣ ନିମନ୍ତେ ଏହି ଯୋଜନାକୁ ପୁରସ୍କୃତ କରାଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ଏବଂ ମମତା ଯୋଜନାର ଷ୍ଟେଟ୍ ପ୍ରୋଗ୍ରାମ ସଂଯୋଜକ ଉପସ୍ଥିତ ରହି ଏହି ସମ୍ମାନ ଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ, ମା' ଓ ଶିଶୁ ମୃତ୍ୟୁ ହାର ହ୍ରାସ କରିବା ଲକ୍ଷ୍ୟ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୦୧୧ରେ ମମତା ଯୋଜନା ଆରମ୍ଭ କରାଯାଇଥିଲା। ଏହି ଯୋଜନାରେ ଆଜିପର୍ଯ୍ୟନ୍ତ ଓଡ଼ିଶାର ପ୍ରାୟ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଗର୍ଭବତୀ ମହିଳା ଓ ପ୍ରସୂତି ମା'ମାନଙ୍କୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁବିଧା ଯୋଗାଇଦେବା ସହ ୨,୮୯୯ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ରାଶି ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ହସ୍ତାନ୍ତରିତ କରାଯାଇଛି। ୫-'ଟି' ରୂପାନ୍ତରଣରେ ଏହି ଯୋଜନାର ସଫଳ ରୂପାୟନ ହେଉଛି। ମମତା ଯୋଜନାକୁ ଲୋକାଭିମୁଖୀ କରିବା ଦିଗରେ 'ଇ-ମମତା ୨.୦' ଆପ୍ଲିକେଶନର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଜାତୀୟସ୍ତରରେ ଏହି 'ଇ-ମମତା ୨.୦' ଆପ୍ଲିକେଶନକୁ ଭୂୟସୀ ପ୍ରଶଂସା କରାଯାଇଛି।

# ୧୫ରୁ ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

ଭୁବନେଶ୍ୱର, ୧୨।୨(ଅସମାପିକା ସାହୁ)

**ଭାଗନେବେ ୩୮ ବିଶ୍ୱବିଦ୍ୟାଳୟର ୧ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ**


ଖବରଦାତା ସମ୍ମିଳନୀରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଏବଂ ଅନ୍ୟମାନେ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଉଛନ୍ତି।

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏବଂ ଓଡ଼ିଶା ଉଚ୍ଚ ଶିକ୍ଷା ପରିଷଦର ପ୍ରୋତ୍ସାହନ ଓ ଆର୍ଥିକ ଅନୁଦାନରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଆୟୋଜନ ହେବ। ଏହି ପ୍ରତିଯୋଗିତାରେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ଭବନରେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। କୁଳପତି କହିଛନ୍ତି, ଆସନ୍ତା ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟରେ ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା-୨୦୨୪ ଆୟୋଜନ ହେବ। ଏଥିରେ ଓଡ଼ିଶାର ୩୮ଟି ବିଶ୍ୱବିଦ୍ୟାଳୟ ଭାଗନେବେ। ୧୦୦, ୨୦୦, ୪୦୦, ୮୦୦ ଓ ୧୫୦୦ ମିଟର ଦୌଡ଼, ଲମ୍ବ ଡିଆଁ ଓ ଉଚ୍ଚ ଡିଆଁ, ଜାଭେଲିନ ଥ୍ରୋ, ଡିସ୍କସ୍ ଥ୍ରୋ, ଶଟ୍‌ପୁଟ ଥ୍ରୋ, ହର୍ଡଲ୍ସ ଓ ରିଲେ ରେସ୍ ଆଦି ୧୩ ବିଭାଗରେ କ୍ରୀଡ଼ା ପ୍ରତିଯୋଗିତା ହେବ। ଉତ୍କଳ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ାଙ୍ଗନ ଏବଂ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉଦ୍‌ଘାଟନ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ଅଲିମ୍ପିକ କ୍ରୀଡ଼ାବିତ୍ ଅନୁରାଧା ବିଶ୍ୱାଳ ଯୋଗଦେବେ। ଉଦ୍‌ଯାପନ ଦିବସରେ ମେୟର ସୁଲୋଚନା ଦାସଙ୍କ ସମେତ ବହୁ ବିଶିଷ୍ଟ କ୍ରୀଡ଼ାବିତ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି କୁଳପତି ପ୍ରକାଶ କରିଥିଲେ। ସେହିପରି କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ଡ. ବିଜୟ କୁମାର ସୁନ୍ଦରରାୟ କହିଛନ୍ତି, ପ୍ରତିଯୋଗୀଙ୍କ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ସମସ୍ତ ବ୍ୟବସ୍ଥା କରାଯାଇଛି। ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିବା ପ୍ରତିଯୋଗୀଙ୍କୁ ୩୦ ହଜାର, ଦ୍ୱିତୀୟଙ୍କୁ ୧୫ହଜାର ଓ ତୃତୀୟଙ୍କୁ ୧୦ହଜାର ଟଙ୍କା ସହିତ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯିବ। ଶାନ୍ତିଶୃଙ୍ଖଳାର ସହ ପ୍ରତିଯୋଗିତା ଆୟୋଜନ ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି ବୋଲି ସେ ସୂଚନା ଦେଇଛନ୍ତି।


୯୮୪ ପଦବୀ ପୂରଣ ଓ ଅନ୍ୟାନ୍ୟ ଦାବି ନେଇ ଅଲ ଓଡିଶା ହିନ୍ଦୀ ଶିକ୍ଷକ ଆଶାୟୀ ସଂଘ ପକ୍ଷରୁ ସୋମବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ।


ଚାକିରି ସର୍ତ୍ତାବଳୀ, ପେନସନ ଓ ଅନ୍ୟାନ୍ୟ ଦାବିରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି।

### କୃମି ନାଶ ବଟିକା ଖାଇ ୫ ପିଲା ଅସୁସ୍ଥ

ସାଲେପୁର,(ଅରବିନ୍ଦ ଭୂୟାଁ): ସାଲେପୁର ବ୍ଲକ ଅନ୍ତର୍ଗତ ବାସୁଦେବପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ମଧ୍ୟାହ୍ନ ଭୋଜନ ଖାଇବା ପରେ ୫ ଜଣ ଛାତ୍ରୀଛାତ୍ରଙ୍କୁ ଫାଇଲେରିୟା ଓ କୃମି ନାଶକ ବଟିକା ଖାଇବାକୁ ଦିଆଯାଇଥିଲା। ସେମାନେ ସ୍କୁଲ ଛୁଟି ପରେ ଘରକୁ ଫେରି ପେଟ କାଟିବା ସହ ବାନ୍ତି କରି ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ପିଲାମାନଙ୍କୁ ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କର ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଯାଇଛନ୍ତି। ଅସୁସ୍ଥ ହୋଇଥିବା ଛାତ୍ରୀଛାତ୍ରମାନେ ହେଲେ ଶୁଭ୍ରଜିତ ମହାନ୍ତି, ସ୍ୱପ୍ନାରାଣୀ ପୁଝାରୀ, ସୌମ୍ୟ ପ୍ରିୟଦର୍ଶିନି ମହାନ୍ତି, ଜୋସ୍ନାମୟୀ ସାହୁ, ସୌମ୍ୟରଞ୍ଜନ ପୁଝାରୀ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ବାଙ୍କୀ କଲେଜ ଶୈକ୍ଷିକ, ଉନ୍ନୟନ କାର୍ଯ୍ୟର ସମୀକ୍ଷା

ବାଙ୍କୀ,୧୨।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ, ସରକାରୀ ଅନୁଦାନରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି, ନାକ୍ ପ୍ରସ୍ତୁତିର ଅଗ୍ରଗତି ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ପରିଚାଳନା କମିଟି ସଭାପତି ପ୍ରଫେସର ଡ. ପ୍ରଦୀପ କୁମାର ବେହେରା କଲେଜରେ ସମୀକ୍ଷା ବୈଠକ କରିଥିଲେ। କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା କଲେଜର ଶିକ୍ଷାଦାନ ପ୍ରଣାଳୀ, ପରୀକ୍ଷା ପରିଚାଳନା, ଅଧ୍ୟାପନା, ସରକାରୀ ଅନୁଦାନର କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ସଭାପତି ଡ. ବେହେରା ବିଭିନ୍ନ ସମସ୍ୟା ସମ୍ପର୍କରେ ସମୀକ୍ଷା କରିବା ସହିତ ଏହାର ସମାଧାନ ନିମନ୍ତେ ଅଧ୍ୟକ୍ଷ ତଥା ଅଧ୍ୟାପିକାଅଧ୍ୟାପକମାନେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ବିଶେଷ କରି ନାକ୍ ପ୍ରସ୍ତୁତି ଯେପରି ଉଚ୍ଚମାନର ହେବ ସେଥିପାଇଁ ସମସ୍ତଙ୍କର ସହଯୋଗ ଦରକାର ବୋଲି କହିଥିଲେ। କଲେଜର ଆର୍ଥିକ ପରିଚାଳନା ଓ ଶୈକ୍ଷିକ ବାତାବରଣ ସନ୍ତୋଷଜନକ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ବୈଠକରେ କଲେଜର ବିଭିନ୍ନ ବିଭାଗର ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଏବଂ ମୁଖ୍ୟ କିରାଣୀ ରମେଶ ଚନ୍ଦ୍ର ସାହୁ, ଆକାଉଟାଣ୍ଟ ନଳିନୀକାନ୍ତ ମହାପାତ୍ର ଯୋଗ ଦେଇ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ଏଥିସହ ସଭାପତି ବିଭିନ୍ନ ବିଭାଗ ଓ ଲକ୍ଷ୍ମୀନାରାୟଣ ମୋଦି ଛାତ୍ରାବାସ ପରିଦର୍ଶନ କରି ବିଭିନ୍ନ ସମସ୍ୟା ଉପରେ ଅବଗତ ହୋଇଥିଲେ। ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଧନ୍ୟବାଦ ଦେଇଥିଲେ।

### ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ତିଗିରିଆ,୧୨।୨(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ଓ ଭୋଗଡା ପଞ୍ଚାୟତରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆପାଟଣା ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ସୋମନାଥ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ ଡ. ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ଭାଗୀରଥି ନନ୍ଦ, ମାନସ ସାହୁ, ମହେନ୍ଦ୍ର କୁଣ୍ଡୁ, ସ୍ୱାଧୀନ ଗୁଇଁ, ଧ୍ରୁବଚରଣ ଦାସ, ପ୍ରଦୀପ ବର୍ଦ୍ଧନ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ନେଇ ଉପସ୍ଥିତ ଲୋକମାନଙ୍କୁ ସଚେତନ କରିଥିଲେ। ଏଥିରେ ବ୍ଲକ ନିର୍ବାହୀ ସହକାରୀ ଯନ୍ତ୍ରୀ ଅଶୋକ ନନ୍ଦ, ଧର୍ମରାଜ ଜେନା ଉପସ୍ଥିତ ଥିଲେ। ସେହିପରି ଭୋଗଡା ପଞ୍ଚାୟତର ମାର୍କେଟ କମ୍ପ୍ଲେକ୍ସଠାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସରପଞ୍ଚ ଶର୍ମିଳା ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ଗୌରହରୀ ପରିଡା, ଛାତ୍ର ନେତା ମହମ୍ମଦ ଖାଲିଦ, ଶିବଶଙ୍କର ଜେନା, ଅବସରପ୍ରାପ୍ତ ଶିକ୍ଷୟତ୍ରୀ ବିବାସିନୀ ମିଶ୍ର, ପ୍ରକାଶ ରାଉତ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ ଆଲୋକପାତ କରିଥିଲେ। କନିଷ୍ଠ ଯନ୍ତ୍ରୀ ମିହିର ସେଠୀ ଉପସ୍ଥିତ ଥିଲେ।

### ସାହିତ୍ୟିକ ସାତକଡି ହୋତାଙ୍କୁ ଶ୍ରଦ୍ଧାଞ୍ଜଳି

ବାଙ୍କୀ,୧୨।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ସାହିତ୍ୟିକ, ବରିଷ୍ଠ ସମ୍ପାଦକ, ସାତକଡି ହୋତାଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଅନୁଷ୍ଠାନର ସଭାପତି ସୁନୀଲ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଆୟୋଜିତ ହୋଇଥିଲା। ଏଥିରେ ସଂଯୋଜକ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, କବି କୌଶିକ ନାୟକ, ଅଧ୍ୟାପକ ସୀତାକାନ୍ତ ପାଣିଗ୍ରାହୀ, କବି ରବିନାରାୟଣ ମଙ୍ଗରାଜ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାମଦେବ ମହାପାତ୍ର, କବି ସୁରେଶ୍ୱର ବେହେରା, ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ସ୍ୱର୍ଗତ ହୋତାଙ୍କ ପରଲୋକରେ ଶୋକ ପ୍ରକାଶ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

# କୌଳିକ ବୃତ୍ତି, କୁଶଳତାକୁ ବଜାୟ ରଖ

### ନବ ରାଜ୍ୟ ମଧୁବୈଶ୍ୟ ସମାଜର ଶତବାର୍ଷିକୀ ସମାରୋହ

ବଡ଼ମ୍ବା,୧୨।୨(ମାୟାଧର ମଲ୍ଲିକ)



ଅତିଥିମାନେ ସ୍ମରଣିକା ବୃହଦମ୍ବା ମଧୁଜ୍ୟୋତିକୁ ଉନ୍ମୋଚନ କରୁଛନ୍ତି।

ବଡମ୍ବା, ନରସିଂହପୁର, ଆଠଗଡ଼, ତିଗିରିଆ, ସରଣ୍ଡା, ଛଅଦେଶ, ବାଙ୍କୀ, ଡମପଡ଼ା, ଯୋଡୁମ ପଞ୍ଚକୋଶ ଅଞ୍ଚଳକୁ ନେଇ ଅନୁବନ୍ଧିତ ନବ ରାଜ୍ୟ ମଧୁବୈଶ୍ୟ ସମାଜର ୨ ଦିନିଆ ଶତବାର୍ଷିକୀ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ବଡମ୍ବା ମଧୁବୈଶ୍ୟ ସମାଜ ଆନୁକୂଲ୍ୟରେ ସୁନାପାଳସ୍ଥିତ ଶ୍ରୀଗଣେଶ ମନ୍ଦିର ପରିସରରେ ଏହା ଅନୁଷ୍ଠିତ ହୋଇଥିଲା। ଶନିବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ମଧୁ ବୈଶ୍ୟ ସମାଜ ତା'ର କୌଳିକ ବୃତ୍ତି ଓ କୁଶଳତାକୁ ବଜାୟ ରଖି ଆଜିର ଯୁଗରେ ଗ୍ରାହକମାନଙ୍କ ଚାହିଦାକୁ ନେଇ ଭବିଷ୍ୟତ ପିଢ଼ିଙ୍କୁ ତିଆରି କରିବା, ସମାଜର ଅଭିବୃଦ୍ଧିରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ନବରାଜ୍ୟ ମଧୁବୈଶ୍ୟ ସମାଜର ସଭାପତି ମାଧବ ଚନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ବଡ଼ମ୍ବା ମଧୁବୈଶ୍ୟ ସମାଜ ସଭାପତି ପ୍ରହଲ୍ଲାଦ ସାହୁ ଓ ସମ୍ପାଦକ ସନାତନ ସାହୁ, ଉପସଭାପତି ପ୍ରଭାକର ସାହୁ ପ୍ରମୁଖଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ବିଜେଡି ବ୍ଲକ ସଭାପତି ତଥା ଉତ୍କଳ ତୈଳିକ ବୈଶ୍ୟ ସମାଜ ଉପସଭାପତି ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିଭଳି ବରଗଡ଼, ବଲାଙ୍ଗୀର, ରାଉରକେଲା,ଦଶପଲ୍ଲା ତଥା ଛତିଶଗଡ଼ ଇତ୍ୟାଦି ଅଞ୍ଚଳର ମଧୁବୈଶ୍ୟ ସମାଜର ପ୍ରତିନିଧିମାନେ ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ନବରାଜ୍ୟ ଶିକ୍ଷା କମିଟିର ଅଧ୍ୟକ୍ଷ ଅନନ୍ତ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପିଲାଙ୍କୁ ବୃତ୍ତି ଓ ଉତ୍କର୍ଷ ଲାଭ କରିଥିବା ମଧୁବୈଶ୍ୟ ସମାଜର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବଡ଼ମ୍ବା କଷିକିଆରୀ ଗ୍ରାମର ସିଭିଲ ସର୍ଭିସରେ କୃତକାର୍ଯ୍ୟ ହୋଇଥିବା ସୌମ୍ୟ ରଞ୍ଜନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶତବାର୍ଷିକୀ ଅବସରରେ ଏକ ସ୍ମାରକୀ ସ୍ମରଣିକା ବୃହଦମ୍ବା ମଧୁଜ୍ୟୋତିକୁ ମୁଖ୍ୟ ଅତିଥି ମିଶ୍ର ଓ ଅନ୍ୟ ଅତିଥି, କର୍ମକର୍ତ୍ତାଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସେହିଭଳି ଦ୍ୱିତୀୟ ତଥା ଉଦ୍‌ଯାପନୀ ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସାଙ୍ଗଠନିକ ଆଲୋଚନା ସହ ଅନ୍ୟ ବିଷୟ ଓ ପରବର୍ତ୍ତୀ ଅଧିବେଶନ ଉପରେ ଆଲୋଚନା ହୋଇଥିଲା। ଉକ୍ତ ସମାରୋହରେ ନବରାଜ୍ୟର ଉପସଭାପତି ପ୍ରଭାକର ସାହୁ , ସାଧାରଣ ସମ୍ପାଦକ ଗଗନ ବିହାରୀ ସାହୁ, ସହସମ୍ପାଦକ ଆର୍ତ୍ତବନ୍ଧୁ ସାହୁ, ନରସିଂହପୁର ସଭାପତି ଚନ୍ଦ୍ରମଣି ସାହୁ, ଭ୍ରମରବର ସାହୁ, ରାଜକିଶୋର ସାହୁ ଏବଂ ବିଭିନ୍ନ ରାଜ୍ୟର ପ୍ରତିନିଧି ମଣ୍ଡଳୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମଧୁବୈଶ୍ୟ ସମାଜର ଛାତ୍ରୀଛାତ୍ର ଓ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଖବରଦାତାଙ୍କୁ ଆକ୍ରମଣର ପ୍ରତିବାଦ: ବାଙ୍କୀ ଉପଜିଲାପାଳଙ୍କୁ ଦାବିପତ୍ର

ବାଙ୍କୀ,୧୨।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡର କାର୍ଯ୍ୟରତ ଖବରଦାତା ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ଉପରେ ଭୁବନେଶ୍ୱରଠାରେ କେତେଜଣ ଦୁର୍ବୃତ୍ତମାନେ ମରଣାତ୍ମକ ଆକ୍ରମଣ କରିଥିଲେ। ଆହତ ଖବରଦାତା ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ଯଦି ଜଣେ ଖବରଦାତା ନିରାପଦରେ ନିଜର ଦାୟିତ୍ୱ ନିର୍ବାହ କରିବାକୁ ସକ୍ଷମ ହୋଇପାରୁନାହିଁ ତେବେ ରାଜ୍ୟରେ ଆଇନଶୃଙ୍ଖଳା କେତେ ଦୂର କାର୍ଯ୍ୟ କରୁଛି ତାହା ଅନୁମେୟ ବୋଲି ବାଙ୍କୀ ଖବରଦାତାମାନଙ୍କ ପକ୍ଷରୁ କୁହାଯାଇଛି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସୋମବାର ବାଙ୍କୀ ଉପଖଣ୍ଡର ଖବରଦାତାମାନେ ମା' ଚର୍ଚ୍ଚିକାଙ୍କ ପୀଠରୁ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଶୋଭାଯାତ୍ରାରେ ଯାଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବାଙ୍କୀ ଉପଜିଲାପାଳ ଦେବୀପ୍ରସାଦ ମହାନ୍ତି ଖବରଦାତାମାନଙ୍କଠାରୁ ଦାବିପତ୍ର ଗ୍ରହଣ କରି ଦୁର୍ବୃତ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ବାଙ୍କୀ ପ୍ରେସ୍ କ୍ଲବ ସଭାପତି ବଳଭଦ୍ର ପଣ୍ଡା, ଉପସଭାପତି ସମରେନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ପାଢୀ, ସହସମ୍ପାଦକ ବିଭୂପ୍ରସାଦ ସାମଲ, ଖବରଦାତା ଜ୍ଞାନେନ୍ଦ୍ର ମୋନହ ମିଶ୍ର, ଅନନ୍ତ ରଣା, ଗୌରାଙ୍ଗ ବେହେରା, ଅଶୋକ କୁମାର ରଣା, ପ୍ରଦୀପ କୁମାର ଜେନା, ଶୁଭେନ୍ଦୁ ମହାପାତ୍ର, କାହ୍ନୁ ଚରଣ ବେହେରା, ପ୍ରତାପ ନାୟକ, ଗୌତମ ମିଶ୍ର, ସଞ୍ଜୀବ ନାୟକ, ଅଶେଷ କୁମାର ରଣା, ଅନନ୍ତ ପଟ୍ଟନାୟକ, ମୃତ୍ୟୁଞ୍ଜୟ ପ୍ରଧାନଙ୍କ ସମେତ ବହୁ ଖବରଦାତା ଦାବି ପ୍ରଦାନ ସମୟରେ ଉପସ୍ଥିତ ଥିଲେ।



ଉପଜିଲାପାଳଙ୍କୁ ଖବରଦାତାମାନେ ଦାବିପତ୍ର ଦେଉଛନ୍ତି।

## ଫାଙ୍କା ଗୁଳି ଚାଳନା କରି ଟଙ୍କା ଲୁଟ ଉଦ୍ୟମ ପଣ୍ଡ

### ଅଭିଯୁକ୍ତଙ୍କୁ ଗୋଡ଼ାଇ ଧରିଲା ପୋଲିସ

ସାଲେପୁର,୧୧।୨(ଅରବିନ୍ଦ ଭୂୟାଁ)

ଫାଙ୍କା ଗୁଳି ଚାଳନା କରି ୬୦ ହଜାର ଟଙ୍କା ଲୁଟି ପଳାଇବା ଉଦ୍ୟମ ମଙ୍ଗଳବାର ପଣ୍ଡ ହୋଇଯାଇଛି। ପୋଲିସ ୨ ଅଭିଯୁକ୍ତଙ୍କୁ ଗୋଡ଼ାଇ କାବୁ କରିଛି । ସେମାନଙ୍କଠାରୁ ଏକ ଆପାଚି ମୋଟସାଇକେଲ ଜବତ ହୋଇଛି। ତେବେ ଆଉ ୨ ଜଣ ଅଭିଯୁକ୍ତ ଖସିଯିବାକୁ ସକ୍ଷମ ହୋଇଛନ୍ତି। ମଙ୍ଗଳବାର ଅପରାହ୍ନ ପ୍ରାୟ ୧ଟା ସମୟରେ କେନ୍ଦ୍ରାପଡ଼ା ପାଟକୁରା ଥାନା ଅଞ୍ଚଳ ବନ୍ଧକଟା ଗ୍ରାମର ବ୍ୟବସାୟୀ ବିଭୂତିଭୂଷଣ ମହାନ୍ତି ୬୦ହଜାର ଟଙ୍କା ନେଇ ଏକ ପିକଅପ୍ ଭ୍ୟାନ୍‌ରେ ମାଲଗୋଦାମକୁ ମାଲ୍ ଆଣିବାକୁ ଯାଉଥିଲେ। କଟକ–ସାଲେପୁର ରାସ୍ତାର ନାନ୍ଦୋଳଗଡ଼ା ନିକଟରେ ୪ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଅଟକାଇ ଥିଲେ। ଏଥିସହ ଗାଡ଼ିରୁ ଚାବି ଛଡାଇ ନେଇ ଫାଙ୍କା ଗୁଳିଚାଳନା କରିଥିଲେ। ଭୟଭୀତ ହୋଇ ବିଭୂତିଭୂଷଣ ପାଖରେ ଥିବା ଟଙ୍କା ଓ ମୋବାଇଲ୍ ସେମାନଙ୍କୁ ଦେଇଦେଇଥିଲେ। ଏହାପରେ ଅଭିଯୁକ୍ତମାନେ କଟକ ଅଭିମୁଖେ ଚମ୍ପଟ ମାରିବାକୁ ଉଦ୍ୟମ କରୁଥିବାବେଳେ ପିସିଆର ହାବୁଡ଼ରେ ପଡିଥିଲେ। ପୋଲିସକୁ ଦେଖି ସେମାନେ ଗାଡ଼ି ବୁଲାଇ କେନ୍ଦ୍ରାପଡ଼ା କେନାଲବନ୍ଧଦେଇ ନିଶ୍ଚିନ୍ତକୋଇଲି ଆଡକୁ ଯାଉଥିବାବେଳେ ସାଲେପୁର ଆଇଆଇସି. ମନୋଜ କୁମାର ସ୍ୱାଇଁଙ୍କ ନେତୃତ୍ୱରେ କର୍ମଚାରୀମାନେ ଥାନାର ଅନ୍ୟ ଏକ ଗାଡ଼ିରେ ଯାଇ ସେମାନଙ୍କ ପଥ ଓଗାଳିଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ କେନାଲବନ୍ଧରେ ମୋଟରସାଇକେଲ ଛାଡ଼ି ନଦୀପଠା ଦେଇ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସେମାନଙ୍କୁ ଗୋଡ଼ାଇ କାବୁ କରିଛି। ଅନ୍ୟ ଅଭିଯୁକ୍ତ ଓ ଲୁଟ୍ ସାମଗ୍ରୀ ଖୁବ୍‌ଶୀଘ୍ର ଧରାପଡ଼ିବ ବୋଲି ପୋଲିସ କହିଛି।



ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ କାବୁ କରି ନେଉଛି।

### ବାଙ୍କୀ ଭାଜପାର ଗାଁକୁ ଚାଲ ଅଭିଯାନ

ବାଙ୍କୀ,୧୨।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କାଳିପୋଇ ପଞ୍ଚାୟତରେ ସୋମବାର ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ନେତୃତ୍ୱରେ ଗାଁକୁ ଚାଲ ଅଭିଯାନ ଆରମ୍ଭ ହୋଇଛି। ଘରକୁ ଘର ବୁଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନ ତଥା ସଫଳତାକୁ କାର୍ଯ୍ୟକର୍ତ୍ତାମାନଙ୍କ ସହଯୋଗରେ ଲୋକଙ୍କ ନିକଟରେ ପ୍ରଚାର ପତ୍ର, ପୋଷ୍ଟର, ଡୋର୍ ଷ୍ଟିକର ପହଞ୍ଚ କରିବାକୁ ପାଢ଼ୀ କହିଥିଲେ। ପଞ୍ଚାୟତର କନ୍ତକାଇ ପଞ୍ଚୁଦଳ ପଡିଆରେ ଆୟୋଜିତ କୃଷକ ପଞ୍ଚାୟତ ବୈଠକରେ ଜିଲା କୃଷକ ମୋର୍ଚ୍ଚା ସଭାପତି ଉତ୍କଳମଣି ମନ୍ତ୍ରୀ, ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ, ଧରଣୀଧର ସାହୁ, ପଦ୍ମଲୋଚନ ବେହେରାଙ୍କ ସହିତ କାର୍ଯ୍ୟକର୍ତ୍ତା ଓ ଭାଜପା ନେତା ପାଢ଼ୀ ଯୋଗଦେଇ ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡାଙ୍କ ଅଭିଭାଷଣକୁ ସିଧା ପ୍ରସାରଣ ମାଧ୍ୟମରେ କୃଷକମାନଙ୍କ ନିକଟରେ ପହଞ୍ଚାଇଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ କୃଷକ କଲ୍ୟାଣ ଯୋଜନା ସମ୍ପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ନିର୍ବାଚନ ମଣ୍ଡଳୀ ବାରଙ୍ଗ ୩୨ନଂ. ଜୋନ ଜିଲାପରିଷଦ ସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଭାଜପା କର୍ମୀ ଶୋଭାଯାତ୍ରାରେ ବରପୁଟ ପଞ୍ଚାୟତର ପାଥପୁରଠାରୁ ବାହାରି ପଥୁରୀପଡା, ବରପୁଟ, ପଶାଣିଆ ଗାଁରେ ଘରକୁଘର ବୁଲି ବିଭିନ୍ନ ଯୋଜନା ସମ୍ପର୍କରେ ପ୍ରଚାରପତ୍ର ପ୍ରଦାନ କରିଥିଲେ। ଏଥିରେ ବାଙ୍କୀ ଭାଜପା ନେତା ତଥା ଡମପଡ଼ା ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ସରେଜ କୁମାର ମତଗଜସିଂହ, ଆଇନଜୀବୀ ଦେବାଶିଷ ମାନସିଂହ, ଜଗନ୍ନାଥ ପରିଡା, ଜୟନ୍ତ କୁମାର ବେଉରା, ସରେଜା କୁମାର ସାମନ୍ତରାୟ ପ୍ରମୁଖ ଘରକୁ ଘର ଯାଇ ଲୋକଙ୍କୁ ସଚେତନ କରାଇ ଥିଲେ।

## ପାଞ୍ଚଗାଁ ଆଞ୍ଚଳିକ ଫୁଟ୍‌ବଲ ଆସୋସିଏଶନ ଚାମ୍ପିୟନ

ତିଗିରିଆ,୧୨।୨(ଜାଫର ଖାଁ )

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନିଷ୍ଟାଡିୟମରେ ପାଞ୍ଚଗାଁ ଆଞ୍ଚଳିକ ଆସୋସିଏଶନ ଦ୍ୱାରା ଆୟୋଜିତ ପ୍ରଥମ ଅକ୍ଷୟ ମଲ୍ଲିକ ଓ ସଦାଶିବ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ସୋମବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚରେ ଆୟୋଜକ ପାଞ୍ଚଗାଁ ଆଞ୍ଚଳିକ ଫୁଟବଲ ଆସୋସିଏଶନ ୨/୧ ଗୋଲରେ ମା' ମଙ୍ଗଳା କ୍ଲବ ବନମାଳୀପୁର,ଢେଙ୍କାନାଳକୁ ପରାସ୍ତ କରି ଚଳିତବର୍ଷ ଚାମ୍ପିୟନ ହୋଇଛି।

ଖେଳର ପ୍ରଥମାର୍ଦ୍ଧର ୧୬ ମିନିଟ୍‌ରେ ପାଞ୍ଚଗାଁ ଦଳର ନଂ. ୮ ଖେଳାଳି ପାପାଲି ସେଠୀ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ। ମଧ୍ୟାନ୍ତର ସୁଦ୍ଧା ପାଞ୍ଚଗାଁ ଆଗୁଆ ରହିଥିଲା। ୨ୟାର୍ଦ୍ଧର ୨୦ ମିନିଟ୍‌ରେ ପୁଣି ପାଞ୍ଚଗାଁ ଦଳର ନଂ. ୭ ଖେଳାଳି ରିଙ୍କି ବିଜୟ ୨ୟ ଗୋଲ ସ୍କୋର କରିଥିଲେ। ଖେଳର ଅନ୍ତିମ ମିନିଟ୍‌ରେ ମା' ମଙ୍ଗଳା ଦଳର ନଂ. ୧୦ ଖେଳାଳି ରଜତ କୁମାର ରାଉତ ଗୋଟିଏ ଗୋଲ ସ୍କୋର କରିଥିଲେ। ମ୍ୟାଚରେ ମୁଖ୍ୟଅତିଥି ଭାବେ ଆଠଗଡ଼ ବିଜେଡିର ଯୁବ ସଙ୍ଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ବ୍ଲକ ଉପାଧ୍ୟକ୍ଷ ମାନସ ସାହୁ, ଜିଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ସରପଞ୍ଚ ନିରଞ୍ଜନ ଦଳେଇ, ପ୍ରସନ୍ନମଣୀ ଶାରୀରିକ ଯୋଗ ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ତିଗିରିଆ ବ୍ଲକର ୪୦ଜଣ ପୂର୍ବତନ ଫୁଟବଲ ଖେଳାଳିଙ୍କୁ ଉତ୍ତରୀୟ, ମାନପତ୍ର ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ଅତିଥିମାନେ ପରେ ଚାମ୍ପିୟନ ପାଞ୍ଚଗାଁକୁ ଟ୍ରଫି ସହିତ ନଗଦ ଅର୍ଥ ଓ ମା' ମଙ୍ଗଳା ଦଳକୁ ରନର୍ସ ଟ୍ରଫି ସହିତ ନଗଦ ଅର୍ଥ ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପାପାଲି ସେଠୀ, ଓ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ରିଙ୍କି ବିଜୟଙ୍କୁ ସ୍ୱତନ୍ତ୍ର ଭାବେ ଅତିଥି ପୁରସ୍କୃତ କରିଥିଲେ। ପ୍ରଦ୍ୟୁମ୍ନ ଦାଶ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚକୁ ରେଫରୀ ସଞ୍ଜୀବ ଦାଶ ପରିଚାଳନା କରିଥିବାବେଳେ ଲାଇନରେ ଅରୁଣ ନାୟକ ଓ ସୁରଜ ବକ୍ସ ସହଯୋଗ କରିଥିଲେ। ୪ର୍ଥ ରେଫରୀ ଭାବେ ସୁବାସ ମୁଦୁଲି ଦାୟିତ୍ୱ ସମ୍ପାଦନ କରିଥିଲେ।



ଚାମ୍ପିୟନ ଦଳର ଖେଳାଳିଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

## ୩୩ ସମସ୍ୟା ସମାଧାନ

### ସିଏମ୍‌ସିର ଅଭିଯୋଗ ସମାଧାନ ସଭା

କଟକ,୧୨।୨ (କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଅଭିଯୋଗ ସମାଧାନ ସଭା ବିକାଶ ଭବନ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ୩୩ଟି ଅଭିଯୋଗର ଶୁଣାଣି ହୋଇ ସମାଧାନ କରାଯାଇଥିଲା। ସେଥିମଧ୍ୟରେ ସିଟି ଇଞ୍ଜିନିୟରିଂ ବିଭାଗର ୭, ଏନ୍‌ଫୋର୍ସମେଣ୍ଟ ବିଭାଗର ୫, ସ୍ୱାସ୍ଥ୍ୟ ସମ୍ପର୍କିତ ଦୁଇଟି, ପରିମଳ ସମ୍ପର୍କିତ ୩, ବସ୍ତି ଉନ୍ନୟନ ସମ୍ପର୍କିତ ୧୦, ପାନୀୟ ଜଳ, ଏଟିପି, ଆର୍‌ଟିଆଇ, ଲାଇସେନ୍ସ ଏବଂ ଆର୍‌ଆଣ୍ଡବି, ଏସ୍‌ସିବି ମେଡିକାଲ ସମ୍ପର୍କିତ ଗୋଟିଏ ଲେଖାଏ ଅଭିଯୋଗ ହୋଇଥିଲା ସିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ଅନାମ ପାତ୍ର, ସୋନା ଟୁଡୁ, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ଡେପୁଟି କମିଶନର ତଥା ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥୀ, ଡେପୁଟି କମିଶନର ଶ୍ୱେତ ସ୍ନିଗ୍ଧା, ଡେପୁଟି କମିଶନର ସୁକାନ୍ତ କୁମାର ବେଉରା ଓ ଡେପୁଟି କମିଶନର (ପରିମଳ) ସୁବ୍ରତ ବେହେରା, ସହକାରୀ କମିଶନର ତ୍ରିନାଥ ବେହେରା ଓ ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ସରକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଅ

### ୨ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି,୧୨।୨ (ଅଶୋକ କୁମାର ମହାପାତ୍ର)

ରାଜ୍ୟ ସରକାର ଅନ୍ତୁଡିଶାଳରୁ ଶ୍ମଶାନ ଯାଏ ବହୁ ଜନହିତକର ଯୋଜନା କରିଛନ୍ତି। ଯୋଜନାର ସଫଳ ରୂପାୟନ ପାଇଁ ଅଭିଯୋଗ ଶୁଣାଣିର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ପୂର୍ବତନ ମନ୍ତ୍ରୀ ତଥା କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ମତବ୍ୟକ୍ତ କରିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ମହମ୍ମଦପୁର ଓ ବାବୁଜଙ୍ଗ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ସଦର ବିଧାୟକ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ବିଳାସ ଭୋଇ, ଶୁଭଶ୍ରୀ ମହାନ୍ତି, ସମବାୟବିତ ଅଚ୍ୟୁତାନନ୍ଦ ଦାସ, ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର ବାରିକ, ଏବିଡିଓ ଅଶୋକ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସରକାରୀ ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚିବ ଓ ଲୋକଙ୍କ ଅଭିଯୋଗକୁ ଗ୍ରହଣ କରିଥିଲେ। ମହମ୍ମଦପୁର ପଞ୍ଚାୟତରେ ସରପଞ୍ଚ ପ୍ରତିଭା ବେହେରାଙ୍କ ସଭାପତିତ୍ୱରେ ସରୋଜ ବେହେରା, ନାଏବ ସରପଞ୍ଚ ପଞ୍ଚାନନ ସାହୁ, ଦିଲୀପ ବିଶ୍ୱାଳ, ଗୋପଳ ଦାସ, ସବିର ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ। ବାବୁଜଙ୍ଗ ପଞ୍ଚାୟତରେ ସରପଞ୍ଚ ମିଳନ ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁଭଶ୍ରୀ ମହାନ୍ତି, ଦିଲୀପ ଚନ୍ଦ୍ର ଭୋଇ, କିଶୋର ସାହାଣୀ, ବିଷ୍ଣୁଚରଣ ବେହେରା, ଆଲୋକ ଖୁଣ୍ଟିଆ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ତାରପୁର ବାଇପାସଠାରୁ ଚାରିଜକବା ଭାୟା ବାବୁଜଙ୍ଗ ରାସ୍ତାର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ପଞ୍ଚାୟତର ମୁରବୀ, ଶିକ୍ଷାବିତ୍, ସାହିତ୍ୟିକ, ଅଙ୍ଗନୱାଡି, ଆଶାକର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜନଶୁଣାଣିରେ ୧୬୦ ଅଭିଯୋଗ

ନିଶ୍ଚିନ୍ତକୋଇଲି,୧୨।୨ (ଅଶୋକ କୁମାର ମହାପାତ୍ର)




ଶିବିରରେ ଜିଲାପାଳ ବିନୀତ ଭରଦ୍ୱାଜ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଦୀର୍ଘଦିନ ପରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ କଟକ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକର ୪୧ ପଞ୍ଚାୟତରୁ ୧୬୦ ଅଭିଯୋଗ ହୋଇଥିଲା। ସେଥିରୁ ୮୭ ଅଭିଯୋଗର ତୁରିତ ସମାଧାନ କରାଯାଇଥିବା ବିଡିଓ ଧର୍ମରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି। ଶିବିରରେ ୪୧ ପଞ୍ଚାୟତରୁ ୧୬୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୧୫୭ଟି ବ୍ୟକ୍ତିଗତ, ୩ଟି ସାମୁହିକ ଅଭିଯୋଗ ହୋଇଥିଲା। ଏହି ଶିବିରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨ ଜଣ ଆବେଦନ କରିଥିବାବେଳେ ରେଡ୍‌କ୍ରସରୁ ୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଦିବ୍ୟାଙ୍ଗ ଭତ୍ତା ନିମନ୍ତେ ୪ ଜଣ ଓ ଅନ୍ୟାନ୍ୟ ଭତ୍ତା ନିମନ୍ତେ ଜଣେ ଆବେଦନ କରିଥିଲେ। ଏହି ଅବସରରେ ୨ ଦିବ୍ୟାଙ୍ଗ ଯଥା ନଗସପୁର ପଞ୍ଚାୟତର ହେନାରାଣୀ ମଲିକ ଓ କୋଲଣପୁର ପଞ୍ଚାୟତର କରୁଣାକର ବାରିକଙ୍କୁ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ନିର୍ଦ୍ଦେଶକ୍ରମେ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଥିଲା। କଟରପଡା ପଞ୍ଚାୟତର ସମିତି ସଭ୍ୟ ତାଙ୍କ ପଞ୍ଚାୟତରେ ହୋଇଥିବା ଉପସ୍ୱାସ୍ଥ୍ୟକେନ୍ଦ୍ର ସମ୍ପର୍କରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଜିଲାପାଳ ଗୁରୁତର ଭାବେ ନେଇ ଉପଜିଲାପାଳ କମଳଜିତ ନାୟକଙ୍କୁ ତୁରିତ ତଦନ୍ତ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଭାବେ ଶିକ୍ଷା ବିଭାଗ,ପାନୀୟ ଜଳ ବିଭାଗ,ରାଶନକାର୍ଡ ନାମ ସଂଯୋଗୀକରଣ ସମେତ ବିଭିନ୍ନ ଅଭିଯୋଗ ନେଇ ଲୋକେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଶିବିରରେ କଟକ ଜିଲା ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ ମିହୀର କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ଶିବୋ ଟପୋ, ଜିଲା ପରିଷଦ ସିଡିଓ ସୁବାଷ ଚନ୍ଦ୍ର ରାୟ,ଉପଜିଲାପାଳ କମଳଜିତ ଦାସ, ନିଶ୍ଚିନ୍ତକୋଇଲି ତହସିଲଦାର ଦୀଲିପ କୁମାର ନାୟକ, ଜିଲା ଶିକ୍ଷାଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମକରାନନ୍ଦ ବେଉରା, ଡିଏଫଓ କଟକ ବବିତା ମହାନ୍ତି, କଟକ ସିଡିଭିଓ ବିଭୂରଞ୍ଜନ ଦାସ, ଜିଲା ମୁଖ୍ୟ କୃଷିଅଧିକାରୀ ଅଶୋକ କୁମାର କର,ଏଏସଆରସିଏସ୍ ଶୁଶାନ୍ତ କୁମାର ମିଶ୍ରଙ୍କ ସମେତ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଏବିଡିଓ ଅଶୋକ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

**ସଂକ୍ଷେପରେ**

## ଭୁଲ୍ ଟିକା ଦେବାରୁ ୧୦ ଛେଳିଙ୍କ ଜୀବନଗଲା



ବେଗୁନିଆ,୧୨।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଭୋଗଡ଼ା ଗ୍ରାମ ଆଦିବାସୀ ସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ରୋଗରେ ପୀଡ଼ିତ ଛେଳିଙ୍କୁ ଭୁଲ ଟିକା ଦିଆଯିବାରୁ ୧୦ଟି ଛେଳିଙ୍କ ମୃତ୍ୟୁ ଘଟିଛି। ଏନେଇ ଛେଳି ପାଳକଙ୍କ ପକ୍ଷରୁ ବାଘମାରୀ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଗ୍ରାମର ଅପର୍ତ୍ତି ନାୟକ ସରକାରୀ ଋଣ ଆଣି ଛେଳି ଚାଷ କରି ଗୁଜୁରାଣ ମେଣ୍ଟାଉଥିଲେ। କେତେକ ଛେଳି ଅସୁସ୍ଥ ହୋଇଥିଲେ। ଏନେଇ ଅପର୍ତ୍ତି ଡାକ୍ତରଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ। ବାଙ୍କୀ ବ୍ଲକର ପ୍ରାଣୀ ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀ ସୋମବାର ପୂର୍ବାହ୍ନରେ ପହଞ୍ଚି ଅସୁସ୍ଥ ଥିବା ୧୦ଟି ଛେଳିଙ୍କୁ ପ୍ରତିକାର ପାଇଁ ଟିକାକରଣ ବ୍ୟବସ୍ଥା କରିଥିଲେ। ଟିକା ଦେବାର ଘଣ୍ଟାଏ ପରେ ୧୦ଟି ଛେଳିଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଅପର୍ତ୍ତିଙ୍କ ପରିବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ସୂଚନାଥାଉ କି, ପଙ୍ଗାରସିଂହ ଗ୍ରାମ ବେଗୁନିଆ ବ୍ଲକ ଅଞ୍ଚଳରେ ହୋଇଥିବା ବେଳେ ବାଙ୍କୀ ବ୍ଲକର ପ୍ରାଣୀ ଚିକିତ୍ସାଳୟର କର୍ମଚାରୀ ସେବା ଯୋଗାଇଦେବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ

ବାଲୁଗାଁ,୧୨।୨(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟ ପରିସରରେ ୮ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି । ପ୍ରାଧ୍ୟାପିକା ଜୟନ୍ତୀ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରାଧ୍ୟାପିକା ମିନାକ୍ଷୀ ମହାପାତ୍ର ଓ ମୁଖ୍ୟ ବକ୍ତାଭାବେ ପ୍ରାଧ୍ୟାପିକା ସୁଜାତା ପ୍ରଧାନ ଯୋଗଦେଇ ଆତ୍ମରକ୍ଷା କୌଶଳର ଆଭିମୁଖ୍ୟ, ବାଳିକାଙ୍କ ଆତ୍ମବଳ, ସ୍ୱତନ୍ତ୍ର ଦକ୍ଷତା, ନିଷ୍ଠାପରତା, ପ୍ରତିପକ୍ଷ ସହ ଲଢେଇ କରିବାର ସଶକ୍ତୀକରଣ, ସାହସ, ଦାୟିତ୍ୱବଦ୍ଧତା, ମହିଳା ହିଂସା ସମୟରେ ପ୍ରତିକ୍ରିୟା ପ୍ରଦର୍ଶନ ଆଦି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ କରାଟେ ଖେଳାଳି ଦୀପକ ସାମନ୍ତରା ଆତ୍ମରକ୍ଷାର ବିଭିନ୍ନ ଦିଗ ଓ କୌଶଳ ସମ୍ପର୍କରେ କହିଥିଲେ। ଏହି ଅବସରରେ ଅନ୍ୟତମ ଅନ୍ତର୍ଜାତୀୟ କରାଟେ ଖେଳାଳି କ୍ରିଷ୍ଣା ଶିକାରୀ ତାଙ୍କ ସଂଘର୍ଷମୟ ଜୀବନ କାହାଣୀ ଓ ସଫଳତାର ଯାତ୍ରା ବର୍ଣ୍ଣନା କରି ଛାତ୍ରୀମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ। ଅଧ୍ୟାପକ କୈଳାଶ ଚନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ମୋନାଲିସା ମାନସିଂହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଲକ୍ଷ୍ମୀଧର ସୁବୁଦ୍ଧି, ଅକ୍ଷୟ ମିଶ୍ର, ଶୁଭଦର୍ଶିନୀ ବିଶ୍ୱାଳ, ପ୍ରିୟମ୍ବଦା ମହାପାତ୍ର, ସ୍ୱାତୀ ସ୍ୱାଗତିକା ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପିକା ରିନା ରାଉତ ଧନ୍ୟବାଦ ଦେଇଥିଲେ।

# ରାଉତପଡ଼ାକୁ ଆଦର୍ଶ ଗ୍ରାମ ମାନ୍ୟତା ଦାବି ତେଜିଲା

ଖୋର୍ଦ୍ଧା,୧୨।୨(ପ୍ରଭାତ ପାଣିଗ୍ରାହୀ)



ସଭାରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗ ଲାଗି ପାଟବସ୍ତ୍ର ଓ ସୂତାଲୁଗା ପ୍ରକଳ୍ପ ବେଗୁନିଆ ବ୍ଲକ ରାଉତପଡ଼ା ଗ୍ରାମରେ କରାଯିବାକୁ ରାଜ୍ୟ ସରକାରଙ୍କୁ ରାଉତପଡ଼ା ତନ୍ତୁବାୟ ସେବା ସମିତିର ୮୧ତମ ବାର୍ଷିକ ସାଧାରଣ ସଭାରେ ପ୍ରସ୍ତାବ ଦିଆଯାଇଛି। ସୋମବାର ସମିତି କାର୍ଯ୍ୟାଳୟ ପରିସରରେ ସମିତି ସଭାପତି ବିଧୁଭୂଷଣ ଦାସଙ୍କ ସଭାପତିତ୍ୱରେ ସାଧାରଣ ସଭା ହୋଇଥିଲା। ଦୀର୍ଘ ବର୍ଷ ଧରି ଏହି ଗ୍ରାମର ବୁଣାକାର ମହାପ୍ରଭୁଙ୍କ ଲାଗି ବସ୍ତ୍ର ପ୍ରସ୍ତୁତ କରୁଛନ୍ତି। ତେଣୁ ଗ୍ରାମକୁ ଆଦର୍ଶ ଗ୍ରାମର ମାନ୍ୟତା ଦେବାକୁ ସରକାରଙ୍କ ନିକଟରେ ଦାବିକରାଯିବାକୁ ନିଷ୍ପତ୍ତିହୋଇଛି। ପୋକକୁ ନ ମାରି ରେଶମ ବସ୍ତ୍ର କରାଯାଉଛି। ପୂର୍ବରୁ ମହାପ୍ରଭୁଙ୍କ ସେବା ଲାଗି ପରିଚିତ ରହିଥିବା ଏହି ଗ୍ରାମ ଏବେ କରୁଣା ସିଲ୍କର ଗ୍ରାମଭାବେ ପରିଚୟ ଲାଭ କରିଛି।

ଅତିଥିମାନେ କହିଥିଲେ, ଏହି ଗ୍ରାମର ଅଧିକାଂଶ ପରିବାର ହେଉଛନ୍ତି ବୁଣାକାର। ରାଉତପଡା ସେବା ସମବାୟ ସମିତି ଅଧୀନରେ ୨୫୦ରୁ ଊର୍ଦ୍ଧ୍ୱ ବୁଣାକାର ରହିଛନ୍ତି। ବର୍ଷସାରା ହସ୍ତତନ୍ତ ଲୁଗା, ଗାମୁଛା, ବାନ୍ଧେଣୀ ଶାଢ଼ୀ, ବିଭିନ୍ନ ପ୍ରକାର ପାଟ ଓ ସୂତା ଲୁଗା ବୁଣୁଛନ୍ତି। ମହାପ୍ରଭୁଙ୍କ ଲାଗି ପାଟ ଓ ସୂତାଲୁଗା ଏଠାରୁ ଶ୍ରୀକ୍ଷେତ୍ରରୁ ଯାଉଥିବାରୁ ଏହି ଗ୍ରାମ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ୨୦୨୩ ଘୋଷଯାତ୍ରା ସମୟରେ ରେଶମ ପୋକକୁ ନ ମାରି ମହାପ୍ରଭୁଙ୍କ ପାଇଁ ପାଟବସ୍ତ୍ର ପ୍ରସ୍ତୁତ କରାଯାଇଥିଲା। ପ୍ରଥମଥର ଲାଗି ରେଶମ ପୋକ(ଏଣ୍ଡିକୀଟ)କୁ ନମାରି ପାଟବସ୍ତ୍ର ପ୍ରସ୍ତୁତ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାକୁ ଅହିଂସା ପାଟ ବୋଲି ଘୋଷଣା କରାଯାଇଥିଲା। ନୂଆଦିଲୀର ପ୍ରଗତି ମଇଦାନରେ ହୋଇଥିବା ଆନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡ଼ିଶା ପାଭିଲିୟନରେ ଏହି ରେଶମ ସିଲ୍କ ମୁଖ୍ୟ ଆକର୍ଷଣ ପାଲିଟିଥିଲା। ଏହି ଗ୍ରାମର ଗୋପୀନାଥ ଦାସ ଏହି ରେଶମ ବସ୍ତ୍ର ପ୍ରଦର୍ଶନ କରିଥିଲେ। ଜାତୀୟ ତଥା ଅନ୍ତର୍ଜାତୀୟ ଗଣମାଧ୍ୟମରେ ଏହି ରେଶମ ବସ୍ତ୍ର( ପୋକ କୁ ନ ମାରି ପ୍ରସ୍ତୁତ ବସ୍ତ୍ର) ଚର୍ଚ୍ଚା ପାଲଟିଥିବା ବେଳେ ରାଜ୍ୟ ସରକାରଙ୍କ ଏଭଳି ଅଭିନବ ପ୍ରୟାସକୁ ପ୍ରଂଶସା କରାଯାଇଥିଲା। ରାଉତପଡାରୁ ଗୋପୀନାଥ ଜାତୀୟ ସ୍ତରରେ ପ୍ରଦର୍ଶନ କରି ଗୌରବ ଆଣିଥିବାରୁ ତାଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏବେ କୀଟକୁ ନ ମାରି ଅହିଂସା ଉପାୟରେ ପ୍ରସ୍ତୁତ ହେଉଛି ବସ୍ତ୍ର। ଅହିଂସା ତଥା କରୁଣା ପଥ ଅବଲମ୍ବନ କରାଯାଇ ରେଶମ ଉପାତ୍ପନ କରାଯାଉଥିବାରୁ ଏହାର ନାମକରଣ ଦିଆଯାଇଛି କରୁଣା ସିଲ୍କ। ଏବେ କରୁଣା ସିଲ୍କରୁ ଏବେ କରୁଣାମୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ପ୍ରସ୍ତୁତ ହେଉଛି ପାଟବସ୍ତ୍ର। ରେଶମ କୀଟ ପ୍ରଜାପତି ଉଡିଗଲା ପରେ ସେହି ଖୋସାକୁ ବ୍ୟବହାର କରି ସୂତା ପ୍ରସ୍ତୁତ କରାଯାଉଛି। ପ୍ରଜାପତି ଉଡିଗଲା ପରେ ବେଳେ ଖୋସାଟି ଫାଟି ଯାଉଥିବାରୁ ସ୍ପିନିଙ୍ଗ ମିଲ୍ ମାଧ୍ୟମରେ ଆଧୁନିକ ଜ୍ଞାନକୌଶଳରେ ରେଶମ ସୂତା ବାହାର କରାଯାଉଛି ବୋଲି ଗୋପୀନାଥ କହିଛନ୍ତି। ଏହି ବୈଠକରେ ସମ୍ପାଦକ ମଧୁସୂଦନ ଦାସ ବିବରଣୀ ପାଠ କରିଥିଲେ। ଉପସହକାରୀ ନିବନ୍ଧକ ସୁରେଶ ଚନ୍ଦ୍ର ସାହୁ, ଶିଳ୍ପ ନିରୀକ୍ଷକ ଦୁଃଖବନ୍ଧୁ ବେହେରା, ବୈଷୟିକ ସହାୟିକା ତୃଷ୍ଣାଲିପ୍ସା ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ସମିତିର ଶହେରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ସଦସ୍ୟ ଯୋଗଦେଇଥିଲେ।

## ଜନଶୁଣାଣି ଶିବିରରେ ୧୨୦ ଅଭିଯୋଗ



ଜନଶୁଣାଣି ଶିବିରରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀ।

ବେଗୁନିଆ,୧୨।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚଞ୍ଚଳ ରାଣା, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ.ବାଦଲ କୁମାର ମହାନ୍ତି, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ତହସିଲଦାର ତାପସ ବିସି, ବିଡିଓ ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ୍ ୧୨୦ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୧୧୨ଟି ଅଭିଯୋଗ ବ୍ୟକ୍ତିଗତ ଓ ୫ଟି ସାମୂହିକ ରହିଥିଲା। ୨ଟି ଅଭିଯୋଗର ତୁରନ୍ତ ଫଏସଲା କରାଯାଇଥିଲା। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୦ହଜାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଡା.ରଘୁନାଥ ନାୟକ, ଜିଲା ଯୋଗାଣ ବିଭାଗ ଅଧିକାରୀ ସୁଗଦା ମୁର୍ମୁ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଅବକାରୀ ସୁପରିଣ୍ଟେଣ୍ଡେଟ ଝସକେତନ ବରିହା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ବାଲୁଗାଁ ମହାବିଦ୍ୟାଳୟରେ ଅନୁଷ୍ଠିତ ଆତ୍ମରକ୍ଷା କୌଶଳ ତାଲିମ ଶିବିରର ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ ଛାତ୍ରୀମାନେ।

## କୋଲୁହାପାଟଣା ଫୁଟ୍‌ବଲ ଟୁର୍ନାମେଣ୍ଟ: ଜଟଣୀ ଟାଇଗର କ୍ଲବ ସେମିରେ

ବେଗୁନିଆ,୧୨।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମସ୍ଥିତ ଖେଳପଡିଆରେ ମା'ତାରିଣୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ସୋମବାର ଜଟଣୀର ଟାଇଗର କ୍ଲବ ଓ ମା' ଭୁଆସୁଣୀ କ୍ଲବ ପାଣିଅରା ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚର ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ ପରସ୍ପରଙ୍କୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳରେ ଟାଇବ୍ରେକରରେ ୮-୭ ଗୋଲରେ ଜଟଣୀର ଟାଇଗର କ୍ଲବ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଚିତ୍ତରଞ୍ଜନ ପରିଡା ମ୍ୟାଚ୍ ପରିଚାଳନା କରିଥିବା ବେଳେ ରାଘବ ନାୟକ ଓ ପ୍ରକାଶ ନାୟକ ଲାଇନ୍ସରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ପବିଧର ପରିଡା, ଶିକ୍ଷକ ତପନ କୁମାର ନାୟକ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚିନ୍ତାମଣି ପରିଡା, ନିରଞ୍ଜନ ଛାଟୋଇ, ପ୍ରତାପ ପରିଡା, ତ୍ରିନାଥ ପରିଡା, ମାଗୁଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦାବି ପୂରଣ ନ ହେଲେ ଆନ୍ଦୋଳନ

**୭ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ**

ବେଗୁନିଆ,୧୨।୨(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଲୋକଙ୍କ ମୌଳିକ ଅସୁବିଧା ଲାଗିରହିଛି। ଦୀର୍ଘ ୩୦ବର୍ଷ ହେବ ବେଗୁନିଆକୁ ଏନ୍‌ଏସି ଘୋଷଣା କରିବାକୁ ଦାବି ହୋଇଆସୁଅଛି। ସେହିପରି ଜନସାଧାରଣଙ୍କ ମୌଳିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି 'ମୋ ବସ' ସେବା, ଏସ୍‌ଡିପିଓ ଏବଂ ସବ୍‌ଟ୍ରେଜେରୀ କାର୍ଯ୍ୟାଳୟ ନିର୍ମାଣ, ବେଗୁନିଆ ସଦର ମହକୁମାରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ, ବେଗୁନିଆ ମହାବିଦ୍ୟାଳୟରେ କମର୍ସ ଶିକ୍ଷାଦାନ ଖୋଲିବା ଆଦି ଦାବି ହୋଇଆସୁଛି। ରାଜ୍ୟ ସରକାର ଉପରୋକ୍ତ ଦାବିଗୁଡ଼ିକ ପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ବେଗୁନିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଜନ ଅଭିଯୋଗ ଶୁଣାଣି ଶିବିରରେ ବିକାଶ ମଞ୍ଚ ପକ୍ଷରୁ ପୁଣି ଉପରୋକ୍ତ ଦାବିଗୁଡ଼ିକ ପୂରଣ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚ ଆବାହକ ଶିବ କୁମାର ମୁନି, ସଭାପତି ସୁଶାନ୍ତ କୁମାର ରାୟଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ। ତୁରନ୍ତ ଦାବିଗୁଡ଼ିକ ପୂରଣ ନ ହେଲେ ଆନ୍ଦୋଳନ ସହ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ୍ ବର୍ଜନ କରିବୁ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟପଟେ ଦାବିଗୁଡ଼ିକ ପୂରଣ ପାଇଁ ଗୁରୁତ୍ୱ ସେବା ସହ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି।

# ବେଗୁନିଆରେ ନିର୍ମାଣ ହେବ ୧୦୦ ଶଯ୍ୟାର ସବ୍ ଡିଷ୍ଟ୍ରିକ୍ଟ ହସ୍ପିଟାଲ

**ପ୍ରସ୍ତାବିତ ଜମି ବୁଲି ଦେଖିଲେ ଜିଲାପାଳ**

ବେଗୁନିଆ,୧୨।୨(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ହେବ ୧୦୦ ଶଯ୍ୟା ବିଶିଷ୍ଟ ସବ୍ ଡିଷ୍ଟ୍ରିକ୍ଟ ହସ୍ପିଟାଲ(ଏସ୍‌ଡିଏଚ୍)। ଏନେଇ ଗତ ଅକ୍ଟୋବରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଫାଇଲ ନଂ. ପିଟି ୫- ଏଚ ଏଫ ,ଡବ୍ଲୁ - ଏସିଏଚ- ଏମ ଇଡି ୦୦୦୨-୨୦୧୮ ଏବଂ ଚିଠି ନଂ ୨୪୬୯୬/ଏଚ/୯.୧୦.୨୦୨୩ ଯୋଗେ ବିଭିନ୍ନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ପରେ ପର୍ଯ୍ୟାୟକ୍ରମେ ବିଭାଗୀୟ ଏବଂ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଓ ପ୍ରକ୍ରିୟା ଜାରି ରହିଛି। ସେହିପରି ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା ସୋମବାର ଏସଡିଏଚ୍ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରିଛନ୍ତି। ଏସଡିଏଚ ପ୍ରକଳ୍ପ ନିର୍ମାଣ ହେବାକୁ ପ୍ରସ୍ତାବ ଗୃହୀତ ହୋଇଥିବା ଜମି ବୁଲି ଦେଖିଥିଲେ। ବେଗୁନିଆ ସଦର ମହକୁମାରେ ଥିବା ମିନି ଷ୍ଟାଡିୟମ ନିକଟରେ ୬ଏକର ପରିମିତ ଜମିର ସ୍ଥିତି ଅନୁଧ୍ୟାନ କରିବା ପରେ ଖୁସି ପ୍ରକଟ କରିଥିଲେ। ଖୁବଶୀଘ୍ର ଏସଡିଏଚ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ପାଇଁ ବିଭାଗର ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରଘୁନାଥ ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଡ.ବାଦଲ କୁମାର ମହାନ୍ତି, ବିଡିଓ ଲକ୍ଷ୍ମୀଧର ସାହୁ, ତହସିଲଦାର ତାପସ ବିଶିଙ୍କ ସହିତ ଆଞ୍ଚଳିକ ସାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ସୂଚନାଥାଉ କି, ୧୯୧୭ ମସିହାରୁ ସ୍ଥାପିତ ବେଗୁନିଆ ପ୍ରାଥମିକ ସାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ମିଳୁନି ଉପଯୁକ୍ତ ସେବା। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଗତ ୨୫ବର୍ଷ ହେବ ବୃହତ୍ ଡାକ୍ତର ଖାନା ନିର୍ମାଣ ପାଇଁ ଦାବି ହୋଇଆସୁଥିଲା। ବାରମ୍ବାର ସୁଫଳ ନ ମିଳିବାରୁ ଗତ ମେ'୨୨ରୁ ୫୦ ଦିନ ଧରି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଥିଲା।



ଜିଲାପାଳ ଚଞ୍ଚଳ ରାଣା ନିର୍ମାଣ ହେବାକୁ ଥିବା ଏସ୍‌ଡିଏଚ୍‌ର ସମୀକ୍ଷା କରୁଛନ୍ତି।

## ବାଇକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

ଖୋର୍ଦ୍ଧା,୧୨।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଏସ୍‌ପି ଅଫିସ ନିକଟରେ ସୋମବାର ସନ୍ଧ୍ୟାରେ ବାଇକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଣିଆଟାଙ୍ଗୀର ତ୍ରିନାଥ ଭଞ୍ଜ। ସୂଚନା ମୁତାବକ, ତ୍ରିନାଥ ସାଇକେଲରେ ଯାଉଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସଦର ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ମେଡିକାଲ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

## ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବୋଲଗଡ଼,୧୨।୨(ଦେବବ୍ରତ ହୋତା)

ରାଜ୍ୟ ସରକାରଙ୍କ ଗ୍ରାମାଭିମୁଖୀ ଯୋଜନା 'ଆମ ଓଡିଶା ନବୀନ ଓଡିଶା' ମାଧ୍ୟମରେ ନୂଆ ଓଡ଼ିଶା ସଶକ୍ତ ଓଡିଶା ଗଠନର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଆରମ୍ଭ ହୋଇଥିବା ଅଭିଯାନ ବୋଲଗଡ ବ୍ଲକର ସମସ୍ତ ପଞ୍ଚାୟତରେ ଅନୁଷ୍ଠିତ ହେଉଛି। ଏହିକ୍ରମରେ ସୋମବାର ଦଳେଇସାହି ପଞ୍ଚାୟତ କାର୍ଯ୍ୟାଳୟଠାରେ ବିଡିଓ ଶରତ କୁମାର ମଲିକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମୁଲ୍ୟ କୁମାର ବାହିନୀପତି, ଈଶ୍ୱର ଚନ୍ଦ୍ର ପରିଡା, ପ୍ରଫୁଲ୍ଲ ପ୍ରଧାନ, ସ୍ଥାନୀୟ ସରପଞ୍ଚ ସତ୍ୟଭାମା ଦେଈ, ସମିତିସଭ୍ୟା ମନସ୍ମିତା ଦଳେଇ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପବିତ୍ର ସ୍ୱାଇଁ, ଗ୍ରାମରୋଜଗାର ସେବକ ମାନଗୋବିନ୍ଦ ସାହୁ, ସ୍ଥାନୀୟ ୟୁକୋ ବ୍ୟାଙ୍କ ପରିଚାଳିକା ପଦ୍ମିନ ବେହେରା, ସମବାୟ ସମ୍ପାଦକ ବୀରଞ୍ଚି ପ୍ରଧାନଙ୍କ ସମେତ ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର ପ୍ରମୁଖ ଯୋଗଦେଇଥିଲେ। ବହୁ ଜନସାଧାରଣ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଅବଗତ ହୋଇଥିଲେ।

## କାଳୁଚିଆପାଟଣା ଫାଇନାଲରେ

**ଉପେନ୍ଦ୍ରପୁର କପ୍ ଗ୍ରାମାଞ୍ଚଳ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଟାଙ୍ଗୀ,୧୨।୨(ରଘୁନାଥ ସାହୁ)

ତାଳବେରଣା ଉପେନ୍ଦ୍ରପୁର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଉପେନ୍ଦ୍ରପୁର କପ୍ ଗ୍ରାମାଞ୍ଚଳ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସୋମବାର କାଳୁଚିଆପାଟଣା ଓ ଧୋବାପାଟଣା ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ୧-୦ ଗୋଲରେ କାଳୁଚିଆ ପାଟଣା ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ସମାଜସେବୀ ରାଜ କିଶୋର ମଲିକ ଓ ଚରଣ କୁମାର ଦାସ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ନନ୍ଦ କିଶୋର ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନ୍ସରେ ବିଦ୍ୟାଧର ନାୟକ, ମୁକ୍ତାର ଅଲୀ ଖାଁ ଓ ହରିହର ନାୟକ ସହାୟତା କରିଥିଲେ। ଆୟୋଜକ କମିଟିର ଶତ୍ରୁଘ୍ନ କୁମାର ନାୟକ, ଅର୍ଜୁନ ଦେହୁରି, ପଞ୍ଚାନନ ନାୟକ, ମୁନା ନାୟକ, ବସନ୍ତ ନାୟକ, ଗୋପୀନାଥ ନାୟକ ପ୍ରମୁଖ ସହଯୋଗ କରିଥିଲେ। ମଙ୍ଗଳବାର ଫାଇନାଲ ମ୍ୟାଚ କାଳୁଚିଆପାଟଣା ଓ ଛତିପୁର ଟିମ୍ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।



ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

# ମା'ବିମଳାକ୍ଷୀ ଭଲିବଲ ଟୁର୍ନାମେଣ୍ଟ: ଛତ୍ରପଡ଼ା ଚାମ୍ପିୟନ

ଖୋର୍ଦ୍ଧା/ବୋଲଗଡ଼,୧୨।୨ (ପ୍ରଭାତ ପାଣିଗ୍ରାହୀ/ଦେବବ୍ରତ ହୋତା)



ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଅସରଳା ଗ୍ରାମସ୍ଥିତ ହରିହର ବିଦ୍ୟାପୀଠ ଖେଳପଡ଼ିଆରେ ଚାଲିଥିବା ମା' ବିମଳାକ୍ଷୀ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟର ରବିବାର ପ୍ରଥମ ଦିବସରେ ଅଂଶଗ୍ରହଣ କରିଥିବା ୮ଟି ଟିମ୍ ମଧ୍ୟରୁ ଇଟାମାଟି ଚାମ୍ପିୟାନ ହୋଇଥିଲା। ସେହିପରି ସୋମବାର ଦ୍ୱିତୀୟ ଦିବସରେ ଅଂଶଗ୍ରହଣ କରିଥିବା ୮ଟି ଟିମ୍‌ରୁ ରାଜସୁନାଖଳା ଓ ଛତ୍ରପଡ଼ା ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ଛତ୍ରପଡ଼ା ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଅତିଥିଭାବେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ସୁଶାନ୍ତ ନାଥ, ଦୁର୍ଯ୍ୟୋଧନ ସ୍ୱାଇଁ, ସୁମନ୍ତ ପ୍ରଧାନ, କସ୍ତୁରୀ ଚରଣ ମହାପାତ୍ର, ପ୍ରଦୀପ ମହାପାତ୍ର, ରାଜକିଶୋର ବେହେରା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସାମାଜିକକର୍ମୀ କସ୍ତୁରୀ ଚରଣ ମହାପାତ୍ର ଚାମ୍ପିୟନ ଓ ରନର୍ସ ଅପ୍ ଟିମକୁ ଟ୍ରଫି ସହ ଆର୍ଥିକରାଶି ପ୍ରଦାନ କରିଥିଲେ। ଶୁସାନ୍ତ ସାମନ୍ତରାୟ, ଦେବାଶିଷ ସାମନ୍ତରାୟ, ରାମକୃଷ୍ଣ ମହାପାତ୍ର, ଶିବରାମ ମହାପାତ୍ର, ବିବେକ କୁମାର କର ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଟି-୧୦ କ୍ରିକେଟ ଟୁର୍ନାମେଣ୍ଟ: ସୁଆଙ୍ଗ ବିଜୟୀ

ଖୋର୍ଦ୍ଧା,୧୨।୨(ପ୍ରଭାତ ପାଣିଗ୍ରାହୀ)

କାଇପଦର ପଞ୍ଚାୟତ ଅନ୍ତର୍ଗତ ଦେଉଳଟାଙ୍ଗୀ ମା'ବଘେଇ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଚାଲିଥିବା ଟି-୧୦ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ଯାଁଳା ଓ ସୁଆଙ୍ଗ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ସୁଆଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୬ଉଇକେଟ ବିନିମୟରେ ୧୪୬ ରନ ସଂଗ୍ରହ କରିଥିଲା। ଜବାବରେ ଯାଁଳା ଟିମ୍ ୧୦ ଓଭରରେ ୬ ଉଇକେଟ ବିନିମୟରେ ୧୧୦ ରନ ସଂଗ୍ରହ କରିଥିଲା। ସୁଆଙ୍ଗ ଟିମ୍ ବିଜୟୀ ହେଇଥିଲା। ଅମିତ ବଡ଼ଜେନା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରକାଶ ସିଂ ଓ ଝଜ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରରେ ଜିତେନ୍ଦ୍ର ପ୍ରଧାନ, ଭାଷ୍ୟକାରଭାବେ ଶ୍ରଦ୍ଧାନନ୍ଦ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ରବୀନ୍ଦ୍ର ମାର୍ଥା, ଶ୍ୟାମସୁନ୍ଦର ଜେନା, ଅଜୟ ପ୍ରଧାନ, ସୌମ୍ୟରଞ୍ଜନ ସ୍ୱାଇଁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



**ସଂକ୍ଷେପରେ**

## ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲର ବାର୍ଷିକୋତ୍ସବ

**ଗୋପ,୧୨।୨(ଭାରତୀ ଭୂଷଣ ଉପାଧ୍ୟାୟ):** ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ଗବେଷକ ଓ ଭଞ୍ଜ ସାହିତ୍ୟ ପ୍ରବକ୍ତା କୁମାର କବି ପ୍ରଶାନ୍ତ ବାହିନୀପତି ଯୋଗଦେଇଥିଲେ। ସ୍କୁଲ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ବକ୍ତା ଭାବେ ହାସ୍ୟ କୁମୁଦ ଉପାଧି ହାସଲ କରିଥିବା ସମ୍ପଦ ରଥ, ମୁଖ୍ୟବକ୍ତା ଭାବେ ଆଲୁମିନା କମିଟି ସଭାପତି କବି ପୂନେଶ ସେନାପତି, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ଅବଦୁଲ ଇସ୍ରାଫିଲ୍ ଖାଁ ପ୍ରମୁଖ ଯୋଗଦେଇଥିଲେ। ଆଜିର ଶିକ୍ଷା ବାଟବଣା ହୋଇ ଯାଇଥିବାବେଳେ ଅଧ୍ୟୟନ ରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଦାୟିତ୍ୱ ଦେବାର ଆବଶ୍ୟକତା ଅଛି ବୋଲି ଅତିଥିମାନେ କହିଥିଲେ। ଶିକ୍ଷାବିତ୍ ତଥା କବି ସୁବାସ ଚନ୍ଦ୍ର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ୨ ଦିନ ବ୍ୟାପୀ ଚାଲିଥିବା ବିଭିନ୍ନ କ୍ରୀଡ଼ା ଉତ୍ସବର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହିତ କପ୍ ଓ ସିଲ୍ ଦିଆଯାଇଥିଲା। ୨୦୨୩/୨୪ ଆର୍ଥିକ ବର୍ଷରେ ଏ ୱାନ୍‌ରେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ସୁଚିସ୍ମିତା ସେନାପତି ଓ ବିକାଶ ବାରିକ୍‌ଙ୍କୁ ସ୍କୁଲ ପକ୍ଷରୁ ସ୍ୱତନ୍ତ୍ର ମାନପତ୍ର ସହିତ ଅର୍ଥରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷ ଭାଗରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସବ୍ରଜିତ୍ ନାୟକ, ଏଫ, ଏମ୍ ଜୁଲୁମାନାନ, ରୋଜାଲିନ୍ ବାରିକ୍, ଜୁଲି ନାୟକ ରଘୁନାଥ ତ୍ରିପାଠୀ, ନିରଞ୍ଜନ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ମାଟ୍ରିକ୍ ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ଶତ ପ୍ରତିଶତ ଉପସ୍ଥାପନ ପାଇଁ ନିର୍ଦ୍ଦେଶ

**ସାକ୍ଷୀଗୋପାଳ,୧୨।୨ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର):** ସତ୍ୟବାଦୀର ମଧୁବନ ହାଇସ୍କୁଲ ପରିସରରେ ୫ମ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ଓରିଏଣ୍ଟେସନ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ନୋଡାଲ ଅଫିସର ଉମାକାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ୨୫ ଗୋଟି ହାଇସ୍କୁଲର ୨୫ ଜଣ ପ୍ରଧାନଶିକ୍ଷକ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ମୋ ସ୍କୁଲ ଏଜେଣ୍ଡା ଅନୁଯାୟୀ ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବୈଠକରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ଆସନ୍ତା ମାଟ୍ରିକ ପରୀକ୍ଷାକୁ ଠିକ୍ ପରିଚାଳନା ସହ ପରୀକ୍ଷାରେ ଶତ ପ୍ରତିଶତ ଉପସ୍ଥାନ ପାଇଁ ସଭାପତି ପ୍ରଧାନ ସମସ୍ତ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା ବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ସୁଦୃଢ଼ କରିବା ସହ ଶିକ୍ଷାଦାନ ପ୍ରଣାଳୀ ଓ ଶିକ୍ଷାଦାନ କ୍ଷେତ୍ରରେ ଗୁଣାତ୍ମକ ଶିକ୍ଷାର ବିକାଶ ନିମନ୍ତେ ବିଭିନ୍ନ କ୍ଲବ ଗଠନ ଓ ତା'ର ଭୂମିକା ଉପରେ ଏଥିରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ପ୍ରଧାନ ଶିକ୍ଷକ ମଧୁବନ ହାଇସ୍କୁଲର ଇ-ଲାଇବ୍ରେରୀ, ବିଜ୍ଞାନାଗାର, କ୍ଲାସ ରୁମ୍ ଆଦି ପରିଦର୍ଶନ କରିଥିଲେ। ବ୍ଲକ ସହ ଶିକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର କରଣ, ପ୍ରଧାନ ଶିକ୍ଷକ ମନୋରଞ୍ଜନ ମିଶ୍ର, ମାନସ ରଞ୍ଜନ ପଟ୍ଟନାୟକ, ଶଙ୍କର ସୁବୁଦ୍ଧି, ପ୍ରଶାନ୍ତ ତ୍ରିପାଠୀ, ହରିହର ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାସ ଓ ସ୍ନେହାଶ୍ରୀ ବେହେରାଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ମଧୁବନ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ରାଣୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଉଦ୍ଧାର ଶାଗୁଣା ନନ୍ଦନକାନନ ଆସିଲା

**ବାରଙ୍ଗ,୧୨।୨(ଲିଙ୍ଗରାଜ ରାଉତ):** ବାଲେଶ୍ୱରରୁ ଉଦ୍ଧାର ହୋଇଥିବା ଗୋଟିଏ ଶାଗୁଣା ରବିବାର ବିଳମ୍ବିତ ରାତିରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଆସିଛି। ସୂଚନାଯୋଗ୍ୟ, ବାଲେଶ୍ୱର ଡିଭିଜନ ଜଳେଶ୍ୱର ରେଞ୍ଜରେ ଗୋଟିଏ ଗାଁ ଭିତରେ ଏହି ଶାଗୁଣା ଉଡ଼ି ଆସି ରାସ୍ତାରେ ପଡ଼ିଥିଲା। ଗାଁ ଲୋକେ ଶାଗୁଣାକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନବିଭାଗ ଶାଗୁଣାକୁ ଆଣି ରବିବାର ରାତିରେ ନନ୍ଦନକାନନକୁ ହସ୍ତାନ୍ତର କରିଛି। ଏଠାକୁ ଶାଗୁଣାଟି ଆସିବା ପରେ ପ୍ରାଣୀ ଉଦ୍ୟାନର ପଶୁ ଚିକିତ୍ସକ ପ୍ରାଥମିକ ଚିକିତ୍ସା କରି ଉଦ୍ୟାନର ଆଇସୋଲେସନ ୱାର୍ଡରେ ରଖିଥିବା ସୂଚନା ମିଳିଛି। ଏହି ପ୍ରଜାତିର ଶାଗୁଣା ନନ୍ଦନକାନନରେ ୬କୁ ବୃଦ୍ଧି ପାଇଛି।

# ଆଚାର୍ଯ୍ୟଙ୍କ ଜନ୍ମସ୍ଥାନକୁ ଐତିହ୍ୟସ୍ଥଳୀ ମାନ୍ୟତା ଦାବି

**ସାକ୍ଷୀଗୋପାଳ,୧୨।୨(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର/ଭରତ ରାଉତ):**


ଆଚାର୍ଯ୍ୟ ହରିହର ଦାସଙ୍କ ଜୟନ୍ତୀ ଅବସରରେ ଉପସ୍ଥିତ ଅତିଥିମାନେ।

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଆଚାର୍ଯ୍ୟ ଯୁବ ପରିଷଦ ମିଳିତ ସହଯୋଗରେ ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ ସାକ୍ଷୀଗୋପାଳ ଶ୍ରୀରାମଚନ୍ଦ୍ରପୁର ଶାସନ ଗ୍ରାମରେ ଏକ ସାରସ୍ୱତ ସଭାର ଆୟୋଜନ ହୋଇଥିଲା। ବିଶିଷ୍ଟ ସାହିତ୍ୟିକ ପ୍ରଫେସର ପୂର୍ଣ୍ଣେନ୍ଦୁ କୁମାର ଦାସ ସଭାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ, ସମ୍ମାନିତ ଅତିଥି ଭାବେ ସୁସାହିତ୍ୟିକ ତ୍ରିନାଥ ହୋତା ଏବଂ ମୁଖ୍ୟବକ୍ତା ଭାବେ ସୁସାହିତ୍ୟକ ରବି ପଣ୍ଡା ଏବଂ ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ପ୍ରତିମା ରାଣୀ ମିଶ୍ର (ଷଡଙ୍ଗୀ), ପ୍ରଫେସର ବୃନ୍ଦାବନ ରଥ ପ୍ରମୁଖ ଯୋଗଦେଇଥିଲେ।

ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ମଧ୍ୟରେ ଆଚାର୍ଯ୍ୟ ହରିହର ଦାସ ଥିଲେ ଶେଷ ଦୀପ ଶିଖା। ସେ ଥିଲେ ବିପ୍ଳବୀ ମହାନ ଜନସେବୀ ଓ ବିଶିଷ୍ଟ ସାହିତ୍ୟିକ ଭାବେ ତାଙ୍କର ପରିଚୟ ଥିଲା ଅନନ୍ୟ। ଅନ୍ୟ ସଂଗ୍ରାମୀଙ୍କ ମଧ୍ୟରେ ତାଙ୍କ ନିଷ୍ଠାପରତା, ନିଃସ୍ୱାର୍ଥପର ଓ ନିଷ୍ଫଳଙ୍କ ଜୀବନଚର୍ଯ୍ୟା ମାନବ ସମାଜ ନିମନ୍ତେ ଆଦର୍ଶ ହୋଇ ରହିବ ବୋଲି ମତ ଦେଇଥିଲେ। ଅନ୍ୟପଟେ ରାଜ୍ୟ ସରକାର ଆଚାର୍ଯ୍ୟ ଦାସଙ୍କ ଜନ୍ମ ସ୍ଥାନ ଶ୍ରୀରାମଚନ୍ଦ୍ରପୁରକୁ ଐତିହ୍ୟ ସ୍ଥଳୀ ଭାବେ ଘୋଷଣା କରିବାକୁ ଅନୁରୋଧ କରିଥିଲେ। ସନ୍ଧ୍ୟା ସମୟରେ ସାରସ୍ୱତ କବିଙ୍କୁ ନେଇ ଏକ କବିତା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବିମାନେ ତାଙ୍କ ସ୍ୱରଚିତ କବିତା ପାଠ କରିଥଇଲେ। ସଭା ମୁଖ୍ୟ ସାହିତ୍ୟିକ ସତ୍ୟବଦୀ ଦାସ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ସେହିପରି ଆଚାର୍ଯ୍ୟ ଦାସଙ୍କ ଜୟନ୍ତୀ ଉତ୍ସବ ଆଚାର୍ଯ୍ୟଙ୍କ ପରିବାର ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଶ୍ରୀରାମଚନ୍ଦ୍ରପୁରସ୍ଥିତ ଆଚାର୍ଯ୍ୟଙ୍କ ବାସଭବନ ସମ୍ମୁଖରେ ଆଚାର୍ଯ୍ୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଆଚାର୍ଯ୍ୟଙ୍କ ପୌତ୍ର ମନୋରଞ୍ଜନ ଦାଶ, ଚିତ୍ତରଞ୍ଜନ ଦାଶ ଓ ଲକ୍ଷ୍ମୀରଞ୍ଜନ ଦାଶଙ୍କ ସମେତ ପରିବାରର ସମସ୍ତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ଥାନୀୟ ପଞ୍ଚସଖା ସ୍ମୃତି ପାଠାଗାର ପରିସରରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ଙ୍କୁ ନେଇ ଆଚାର୍ଯ୍ୟ ହରିହର ଦାସଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ଆଇନଜୀବୀ ଗୁଣ୍ଡିଚା ବରାଳ ସଭାପତିତ୍ୱ କରିଥିଲେ। ଆଇନଜୀବୀ ଅମର ନନ୍ଦ, ଶିକ୍ଷାବିତ୍ ଜୟନ୍ତ ତ୍ରିପାଠୀ, ଭୀମସେନ ମହାପାତ୍ର, ସୁକାନ୍ତ ମିଶ୍ର, ଧାଡ଼ିଆ ପ୍ରଧାନ, ରାଜ କିଶୋର ମହାପାତ୍ର ପ୍ରମୁଖ ଯୋଗଦେଇ ଆଚାର୍ଯ୍ୟଙ୍କ ଜୀବନୀ ଦର୍ଶନ ଉପରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ।

# ମା' ଆଗରେ ଚାଲିଗଲା ଝିଅର ଜୀବନ

**ଭୁବନେଶ୍ୱର,୧୨।୨(ସୂର୍ଯ୍ୟକାନ୍ତ ବେହେରା):**

**ରାସ୍ତା ପାରବେଳେ ସ୍କୁଲ ବସ୍ ମାଡ଼ିଗଲା**



ରାଜଧାନୀର ବରମୁଣ୍ଡା-ଖଣ୍ଡଗିରି ରାସ୍ତାରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତା ପାରି ହେଉଥିବାବେଳେ ଏକ ସ୍କୁଲ ବସ୍ ଧକ୍କା ଦେବାରୁ ମା' ଆଗରେ ଝିଅର ଜୀବନ ଯାଇଛି। ମୃତା ଛାତ୍ରୀ ହେଲେ ଘର ପୁରୀ ଜିଲା କଣାସ ଅଞ୍ଚଳର ସସ୍ମିତା ପ୍ରଧାନ (୧୬)। ସେ ଖଣ୍ଡଗିରିସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଯୁକ୍ତ୨ ପ୍ରଥମ ବର୍ଷରେ ପଢୁଥିବାବେଳେ ହଷ୍ଟେଲରେ ରହୁଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ସ୍କୁଲ ଗାଡ଼ିଟି ଫେରାର ହୋଇଯାଇଛି।

ସୂଚନାନୁଯାୟୀ, ସସ୍ମିତାଙ୍କୁ ହଷ୍ଟେଲରୁ ଘରକୁ ନେବା ପାଇଁ ତାଙ୍କ ମା' ଭୁବନେଶ୍ୱର ଆସିଥିଲେ। ହଷ୍ଟେଲରୁ ନେବା ପରେ ଅପରାହ୍ନରେ ଖଣ୍ଡଗିରିର ରମାମଣି ପେଟ୍ରୋଲ ପମ୍ପ ସମ୍ମୁଖରେ ମା' ଓ ଝିଅ ରାସ୍ତା ପାରି ହେଉଥିବାବେଳେ ଖଣ୍ଡଗିରି ପଟୁ ଆସୁଥିବା ଏକ ବାଇକ ଧକ୍କା ଦେବାରୁ ସସ୍ମିତା ରାସ୍ତାରେ ପଡ଼ିଯାଇଥିଲେ। ଏହି ସମୟରେ ପଛପଟୁ ଏକ ବସ୍ ଆସି ତାଙ୍କୁ ଧକ୍କା ଦେବା ପରେ ତାଙ୍କ ମୁଣ୍ଡ ଉପରେ ମାଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ସସ୍ମିତାଙ୍କ ମୃତ୍ୟୁ ଘଟିଥିଲା। ବସ୍ ଡ୍ରାଇଭର ଘଟଣାସ୍ଥଳରୁ ଗାଡ଼ି ସହ ଫେରାର ହୋଇଯାଇଥିଲେ। ଖବର ପାଇ ଖଣ୍ଡଗିରି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ୧୬ ନମ୍ବର ଜାତୀୟ ରାଜପଥରେ ଲାଗିଥିବା ସିସିଟିଭି ଫୁଟେଜରୁ ଦୁର୍ଘଟଣା ଘଟାଇଥିବା ଗାଡ଼ିଟି କେଉଁ ସ୍କୁଲର ତାହା ଜାଣିବା ପାଇଁ ଉଦ୍ୟମ ଚଳାଇଛି। ସେହିଭଳି ଛାତ୍ରୀଙ୍କୁ ଧକ୍କା ଦେଇଥିବା ବାଇକ ଚାଳକ ପଡ଼ି ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଅପରପକ୍ଷେ ଦୁର୍ଘଟଣା ପରେ ବହୁ ଗାଡ଼ି ଆଗ ପଛ ହୋଇ ଅଟକି ରହିବାରୁ ୩୦ ମିନିଟ ଧରି ଟ୍ରାଫିକ ଜାମ୍ ହୋଇଥିବା ଦେଖିବାକୁ ମିଳିଥିଲା।

# ଖବରଦାତାଙ୍କୁ ଆକ୍ରମଣ ଅଭିଯୋଗ

**କୋଣାର୍କ,୧୨।୨(ଜ୍ୟୋତିରାଜ ମହାନ୍ତି):** ଗତ ରବିବାର ଅପରାହ୍ନରେ ନିମାପଡ଼ାରୁ ବ୍ୟାଚ ଭୋଜି ପାଇଁ ରାମଚଣ୍ଡୀ ପୀଠକୁ ଆସିଥିବା ଖବରଦାତା ବ୍ରହ୍ମାନନ୍ଦ ସ୍ୱାଇଁ ଓ ତାଙ୍କ ସାଙ୍ଗମାନଙ୍କୁ ରାମଚଣ୍ଡୀର ଜଣେ ବ୍ୟବସାୟୀ ଓ ତାଙ୍କର କିଛି ସହଯୋଗୀ ମରଣାନ୍ତକ ଆକ୍ରମଣ କରିଥିବା ଚନ୍ଦ୍ରଭାଗା ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣରେ ବ୍ରହ୍ମାନନ୍ଦ ଓ ତାଙ୍କ ସାଙ୍ଗମାନେ ଆହତ ହୋଇଛନ୍ତି। ସମସ୍ତଙ୍କୁ କୋଣାର୍କ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମାନନ୍ଦଙ୍କୁ କୋଣାର୍କ ଡାକ୍ତର ପୁରୀ ସ୍ଥାନାନ୍ତରିତ କରିଥିଲେ। ଏହି ଘଟଣାକୁ ପୁରୀ ଜିଲା ପେଷାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, କୋଣାର୍କ ପ୍ରେସ୍ କ୍ଲବ ସଭାପତି ଧନଞ୍ଜୟ ବେହେରା, କୋଣାର୍କ ସାମ୍ବାଦିକ ସଂଘ ସଭାପତି ଜ୍ୟୋତିରାଜ ମହାନ୍ତି, କୋଣାର୍କ ମିଡିଆ ଫୋରମ ସଭାପତି ଅବନୀ ଭୂଷଣ ବାରିକ, ନିମାପଡ଼ା ପ୍ରେସ୍ କ୍ଲବ ସଭାପତି ରଞ୍ଜନ ପଟ୍ଟନାୟକ, କାକଟପୁର ପ୍ରେସ କ୍ଲବ ସଭାପତି କମଳ ଲୋଚନ ଦୀକ୍ଷିତ ପ୍ରମୁଖ ଦୃଢ଼ ନିନ୍ଦା କରିଛନ୍ତି। ଆକ୍ରମଣ କରିଥିବା ଯୁବକ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ନଚେତ ବିଭିନ୍ନ ସାମ୍ବାଦିକ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ବ୍ରହ୍ମାନନ୍ଦ ଓ ତାଙ୍କ ସାଙ୍ଗମାନେ ଭୋଜି ସାରି ଫେରୁଥିଲେ। ସେ ସମୟରେ ଗାଡ଼ି ପାର୍କିଂକୁ ନେଇ ସ୍ଥାନୀୟ ବ୍ୟବସାୟୀ ଓ ତାଙ୍କ ସହଯୋଗୀ ବଚସା କରୁଥିଲେ। ଏହି ସମୟରେ ବ୍ରହ୍ମାନନ୍ଦ ସ୍ୱାଇଁ ତାଙ୍କୁ ବୁଝାଇବାକୁ ଚେଷ୍ଟା କରିବାବେଳେ ତୁ କିଏ ବୋଲି ପ୍ରଶ୍ନ କରିଥିଲେ। ସେ ନିଜକୁ ଖବରଦାତା ବୋଲି ପରିଚୟ ଦେଇଥିଲେ ମଧ୍ୟ ସେମାନେ କିଛି ନ ବୁଝି ଗାଳିଗୁଲଜ କରିବା ସହ ପ୍ଲାଷ୍ଟିକ ପାଇପ ଓ ଲୁହା ରଡ଼ରେ ଅତର୍କିତ ଆକ୍ରମଣ କରି ବ୍ରହ୍ମାନନ୍ଦଙ୍କୁ କାଜୁ ଜଙ୍ଗଲକୁ ଟେକି ନେଇଥିଲେ। ବ୍ରହ୍ମାନନ୍ଦଙ୍କ ଚିତ୍କାର ଶୁଣି ତାଙ୍କ ସାଙ୍ଗ ନିମାପଡ଼ା ଅଞ୍ଚଳର ଦୀପକ ମଲ୍ଲିକ, ସରୋଜ ମାଝୀ, ପ୍ରିୟକାନ୍ତ କାଣ୍ଡି, ଦୀପକ ସାହୁ, ଅମୂଲ୍ୟ ବେହେରା ଘଟଣାସ୍ଥଳରେ ପହଞ୍ଚି ବ୍ରହ୍ମାନନ୍ଦଙ୍କୁ ତାଙ୍କଠାରୁ ଛଡ଼ାଇବାକୁ ଉଦ୍ୟମ କଲାବେଳେ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଏହି ସମୟରେ ଘଟଣାସ୍ଥଳରେ ଜଣେ ପୋଲିସ କନଷ୍ଟେବଳ ପହଞ୍ଚିବା ପରେ ସ୍ଥାନୀୟ ବ୍ୟବସାୟୀ ଓ ତାଙ୍କ ସହଯୋଗୀ ଏକ ମୋଟର ସାଇକଲ ଛାଡ଼ି ଏକ ଟାଟା ଏସି ଗାଡ଼ିରେ ଫେରାର ହୋଇଯାଇଥିଲେ।

# ମିଶନଶକ୍ତି ଜରିଆରେ ମହିଳାଙ୍କ ବିକାଶ ହେଉଛି


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ପିପିଲି,୧୨।୨(ପ୍ରଭାତ ମହାପାତ୍ର):** ପିପିଲି ବ୍ଲକ ଅଧୀନ ଗୋବିନ୍ଦପୁର ଗ୍ରାମପଞ୍ଚାୟତ ପକ୍ଷରୁ ଗୋବିନ୍ଦପୁରଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଏକ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ସୌଦାମିନୀ ଦାସଙ୍କ ପୌରୋହିତ୍ୟରେ ଏକ ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଯୋଗଦେଇ ରାଜ୍ୟ ତଥା ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି, ଗମନାଗମନ, ପରିବହନ କ୍ଷେତ୍ରରେ ବିକାଶ ସହିତ ମିଶନଶକ୍ତି ଜରିଆରେ ମହିଳାଙ୍କ ହୋଇଥିବା ବିକାଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିପିଲି ବ୍ଲକ ଅଧକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ବ୍ଲକ ଉନ୍ନୟନ ଅଧିକାରୀ ସରୋଜ ରାଉତ, ଜିଲା ପରିଷଦ ସଭ୍ୟା ସୁଶ୍ରୀ ସଙ୍ଗୀତା ବେହେରା, ସମିତି ସଭ୍ୟା କବିତା ଖଟେଇ, ପୁରୀ-ନିମାପଡ଼ା ସମବାୟ ବ୍ୟାଙ୍କ ବୋର୍ଡ ଡାଇରେକ୍ଟର ପର୍ଶୁରାମ ମହାପାତ୍ର ଏବଂ ବିଧାୟକଙ୍କ ପ୍ରତିନିଧି ଆର୍ତ୍ତବନ୍ଧୁ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ସଭା କାର୍ଯ୍ୟ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଡବ୍ଲୁଇଓ ପ୍ରଣବ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଞ୍ଚାୟତ ସଭ୍ୟାସଭ୍ୟ ଏଥିରେ ସହଯୋଗ କରିଥିଲେ। ସମାବେଶରେ ଦେଢ଼ ହଜାରରୁ ଅଧିକ ମହିଳା ଓ ସାଧାରଣ ଲୋକ ଯୋଗଦେଇଥିଲେ।

## ଭୁଲ୍ ଟିକା ଦେବାରୁ ୧୦ ଛେଳିଙ୍କ ଜୀବନଗଲା

**ବେଗୁନିଆ,୧୨।୨(ହର ପ୍ରସନ୍ନ ପଣ୍ଡା)** ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଭୋଗଡ଼ା ଗ୍ରାମ ଆଦିବାସୀ ସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ରୋଗରେ ପୀଡ଼ିତ ଛେଳିଙ୍କୁ ଭୁଲ ଟିକା ଦିଆଯିବାରୁ ୧୦ଟି ଛେଳିଙ୍କ ମୃତ୍ୟୁ ଘଟିଛି। ଏନେଇ ଛେଳି ପାଳକଙ୍କ ପକ୍ଷରୁ ବାଘମାରୀ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଗ୍ରାମର ଅପର୍ତ୍ତି ନାୟକ ସରକାରୀ ଋଣ ଆଣି ଛେଳି ଚାଷ କରି ଗୁଜୁରାଣ ମେଣ୍ଟାଉଥିଲେ। କେତେକ ଛେଳି ଅସୁସ୍ଥ ହୋଇଥିଲେ। ଏନେଇ ଅପର୍ତ୍ତି ଡାକ୍ତରଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ। ବାଙ୍କୀ ବ୍ଲକର ପ୍ରାଣୀ ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀ ସୋମବାର ପୂର୍ବାହ୍ନରେ ପହଞ୍ଚି ଅସୁସ୍ଥ ଥିବା ୧୦ଟି ଛେଳିଙ୍କୁ ପ୍ରତିକାର ପାଇଁ ଟିକାକରଣ ବ୍ୟବସ୍ଥା କରିଥିଲେ। ଟିକା ଦେବାର ଘଣ୍ଟାଏ ପରେ ୧୦ଟି ଛେଳିଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଅପର୍ତ୍ତିଙ୍କ ପରିବାର ଥାନାର ଦ୍ୱାରସ୍ଥ ହୋଇଥିଲେ।

# ୧୪ରୁ ରାଜ୍ୟସ୍ତରୀୟ ଜେସିସି କ୍ରିକେଟ୍ ଟୁର୍ନାମେଣ୍ଟ

**କାକଟପୁର,୧୨।୨(ଶୁଭଦର୍ଶନ ମିଶ୍ର):** କାକଟପୁରସ୍ଥିତ ଖାନପୁର କ୍ରିକେଟ୍ ଗ୍ରାଉଣ୍ଡରେ ଜଲାଉଦ୍ଦିନ କ୍ରିକେଟ୍ କ୍ଲବ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଜେସିସି କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବ। ଉକ୍ତ ଟୁର୍ନାମେଣ୍ଟରେ ମୋଟ ୧୬ ଗୋଟି ଟିମ୍ ଖେଳିବା ସହିତ ପ୍ରତ୍ୟେକ ମ୍ୟାଚ ୧୦ ଓଭର ବିଶିଷ୍ଟ ହେବ। ଚାମ୍ପିୟନ ଦଳକୁ ୫୫ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୩୫ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ଇଜାଜ୍ ଅହମ୍ମଦ, ସମ୍ପାଦକ ରିହାନ ଅଲ୍ଲୀ ଖାନ ଓ ପିଚ୍ କ୍ୟୁରେଟର ଧୀରେନ୍ଦ୍ର ଚାନ୍ଦ ଉପସ୍ଥିତ ଥିଲେ। ଉକ୍ତ ମ୍ୟାଚ୍‌କୁ ଯୁସୁଫ ଅଲ୍ଲୀ ଖାନ, ଶେର ଖାନ, ମୋଜାହିଦ ଖାନ, ବସର ଅଲ୍ଲୀ ଖାନ, ଅତିକ ଖାନ, ସୋହିନ ଖାନ, ଅମଜାଦ ଖାନ, କଲାମ ଖାନ ପ୍ରମୁଖ ସଂଯୋଜନା କରିବେ।



# ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**ନିମାପଡ଼ା,୧୨।୨(ରଞ୍ଜନ ପଟ୍ଟନାୟକ):** ନିମାପଡ଼ା ବ୍ଲକ ବାମନାଳ ପଞ୍ଚାୟତ କାର୍ଯ୍ୟାଳୟ ପଡ଼ିଆ, ଅରିଷଣ୍ଡ ପଞ୍ଚାୟତ ଖେଳପଡ଼ିଆ ଏବଂ ସଲଙ୍ଗ ପଞ୍ଚାୟତ ଖେଳପଡ଼ିଆଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ସମୀର ରଞ୍ଜନଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ, ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକସ୍ଥଳୀଗୁଡ଼ିକର ରୂପାନ୍ତକରଣ, ମହିଳା ସଶକ୍ତୀକରଣ ଓ ଭିତ୍ତିଭୂମିର ବିକାଶ, ବ୍ୟାଙ୍କିଂ ଭିତ୍ତିଭୂମିର ବିକାଶ, ଉଚ୍ଚ ବିଦ୍ୟାଳୟଗୁଡ଼ିକର ରୂପାନ୍ତକରଣ, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ସୁଗମ ପରିବହନର ବିକାଶ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ଆଗାମୀ ଦିନରେ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ନିମନ୍ତେ ମୁଖ୍ୟମନ୍ତ୍ରୀ କରିବାକୁ ଅନୁରୋଧ କରିଥିଲେ।




# ଭାଜପାର ଜନ ସମ୍ପର୍କ ଅଭିଯାନ

**କଣାସ,୧୨।୨(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକ ଅଧୀନ ଆଳିବାଡ଼ ପଞ୍ଚାୟତରେ ଭାଜପାର ଜନ ସମ୍ପର୍କର ଅଭିଯାନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଭିଯାନରେ ରାଜ୍ୟସଭା ଏମପି ଭାଜପା ରାଜ୍ୟ ନିର୍ବାଚନ କଂଭେନର୍ ବିଜୟପାଲ ସିଂ ତୋମର୍ ପହଞ୍ଚିଥିଲେ। କାର୍ଯ୍ୟକ୍ରମର ପୁରୀ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡ. ସମ୍ବିତ ପାତ୍ର, ସତ୍ୟବାଦୀ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓମ୍ ପ୍ରକାଶ ମିଶ୍ର ଘରକୁ ଘର ବୁଲି ଜନ ସମ୍ପର୍କ ଅଭିଯାନରେ ଲୋକଙ୍କ ସହ ସାମିଲ ହୋଇଥିଲେ। ତାଙ୍କ ସହିତ କଣାସ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଶିଲକାନ୍ତ ରାଉତ, ବ୍ଲକ ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂ, ଜିଲା ପରିଷଦ ସଦସ୍ୟା ଲତାମଣି ଜଗଦେବ, ପଞ୍ଚାୟତ ସଭାପତି ହାରାର୍ଦ୍ଧନା ପ୍ରଧାନ, ପୂର୍ବତନ ସମିତି ସଭ୍ୟ ରବୀନ୍ଦ୍ର ପ୍ରଧାନ, ମଣ୍ଡଳ ସାଧାରଣ ସମ୍ପାଦକ ଖଗେଶ୍ୱର ପଲାଇ, କଣାସ ପଞ୍ଚାୟତ ସରପଞ୍ଚ ଭଗବାନ ସୁବୁଦ୍ଧି, ଆଳିବାଡ଼ ସରପଞ୍ଚ ମଞ୍ଜୁଳତା ପ୍ରଧାନ, ରାମଚନ୍ଦ୍ର ବେହେରା, ଜିଣାକ ପରିଡ଼ା ଓ ସମସ୍ତ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।


ରାଷ୍ଟ୍ର ପ୍ରବକ୍ତା ସମ୍ବିତ୍ ପାତ୍ର ଓ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓମ୍ ପ୍ରକାଶ ମିଶ୍ର ଘର ଘର ବୁଲୁଛନ୍ତି।

# ସେମିଫାଇନାଲରେ ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ

**ନିମାପଡ଼ା,୧୨।୨(ରଞ୍ଜନ ପଟ୍ଟନାୟକ):** ନିମାପଡ଼ା ବାରବାଟୀ ମିନି ଷ୍ଟାଡିୟମରେ ନିମାପଡ଼ା ଆଥଲେଟିକ ଆସୋସିଏଶନ ଦ୍ୱାରା ଆୟୋଜିତ ୯ମ ପଦ୍ମଚରଣ ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ପହଞ୍ଚିଛି। ମ୍ୟାଚରେ ଶ୍ରୀ ନୀଳଚକ୍ର ଏଫ୍‌ସି ପୁରୀକୁ ହରାଇ ଆୟୋଜକ ନିମାପଡ଼ା ଆଥଲେଟିକ ଆସୋସିଏଶନ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ କାହାରିକୁ ଗୋଲ ଦେଇପାରି ନ ଥିଲେ। ମ୍ୟାଚ ଅମୀମାଂସିତ ରହିବାରୁ ଟାଏବ୍ରେକର ସହାୟତା ନିଆଯାଇଥିଲା। ଉଭୟ ଦଳ ୪- ୪ ଗୋଲ ଦେବା ଫଳରେ ମ୍ୟାଚ ପୁନର୍ବାର ଅମୀମାଂସିତ ରହିଥିଲା। ଶେଷରେ ସଡନଡେଥର ସହାୟତା ନିଆଯାଇଥିଲା। ନିମାପଡ଼ା ଆଥଲେଟିକ ଆସୋସିଏଶନ ୫- ୪ ଗୋଲରେ ଶ୍ରୀ ନୀଳଚକ୍ର ସ୍ପୋର୍ଟ୍ସ କ୍ଲବ ପୁରୀକୁ ହରାଇ ବିଜୟ ଲାଭ କରିଥିଲା। ବିଜୟୀ ଦଳର ଖେଳାଳି ବିଶ୍ୱଜିତ୍ ମଲ୍ଲିକ ଶ୍ରେଷ୍ଠ ଖେଳ ପ୍ରଦର୍ଶନ ପାଇଁ ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ମୁଖ୍ୟ ଅତିଥି ନିମାପଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନନ୍ଦିତା ସାହୁ ଏବଂ ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ମ୍ୟାଚକୁ ରେଫରି ସୁଦିପ ଦାଶ ପରିଚାଳନା କରିଥିବାବେଳେ ରାଜେନ୍ଦ୍ର ବରାଳ, ପ୍ରିୟବ୍ରତ ବାହିନୀପତି ଏବଂ ସମର ବରାଳ ସହଯୋଗ କରିଥିଲେ। ନିମାପଡ଼ା ଆଥଲେଟିକ ଆସୋସିଏଶନ ଉପଦେଷ୍ଟା ମହେନ୍ଦ୍ର ସିଂ ଭାଟିଆ, ଉପସଭାପତି ଦୋଳଗୋବିନ୍ଦ ସେଠୀ, ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ପୂର୍ବତନ ଖେଳାଳି ବିଚିତ୍ରା ନନ୍ଦ ପାତ୍ର, ସେକ ଏନାତୁଲ୍ଲା, ପ୍ରକାଶ ବରାଳ, ଜିତେଶ କାନୁନ୍‌ଗୋ ଜ୍ୟୋତିରଞ୍ଜନ ସାହୁ, ବିଶ୍ୱଜିତ୍ ମଲ୍ଲିକ ଏବଂ କ୍ରୀଡ଼ା ଶିକ୍ଷକ ରଞ୍ଜିତ କେଶରୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ମଙ୍ଗଳବାର ପ୍ରଥମ ସେମି ଫାଇନାଲ ମ୍ୟାଚ ଆୟୋଜକ ନିମାପଡ଼ା ଆଥଲେଟିକ ଆସୋସିଏଶନ ବନାମ ୟୁନେଇଟେଡ଼ ଏଫସି ଗଣ୍ଡରପୁର ମଧ୍ୟରେ ଅନୁଷ୍ଠିତ ହେବ।



ପଦ୍ମଚରଣ ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ ଟୁର୍ନାମେଣ୍ଟରେ ବିଜୟୀ ଦଳକୁ ଚେକ୍ ପ୍ରଦାନ କରାଯାଉଛି।

**ଫାରୁକ ଅବଦୁଲ୍ଲାଙ୍କୁ ଇଡି ସମନ**

ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲାଙ୍କୁ ଜମ୍ମୁ-କଶ୍ମୀର କ୍ରିକେଟ ଆସୋସିଏଶନ ଆର୍ଥିକ ଅନିୟମିତତା ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ କରିଛି। ତାଙ୍କୁ ମଙ୍ଗଳବାର ଶ୍ରୀନଗରସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଛି। ଜାନୁଆରୀ ୧୧ରେ ହାଜର ହେବା ପାଇଁ ପୂର୍ବରୁ ଇଡି ସମନ ଜାରି କରିଥିଲେ ହେଁ ସେ ଏହାକୁ ଏଡ଼ାଇ ଯାଇଥିଲେ।



# କୃଷକ ଆନ୍ଦୋଳନ ପୂର୍ବରୁ ଦିଲ୍ଲୀରେ ୧୪୪ ଧାରା

ନୂଆଦିଲ୍ଲୀ,୧୨ା୨

କୃଷକମାନେ ମଙ୍ଗଳବାରଠାରୁ 'ଦିଲ୍ଲୀ ଚଲୋ' ଅଭିଯାନରେ ବାହାରିବାକୁ ଥିବାବେଳେ ଏହା ପୂର୍ବରୁ ଦିଲ୍ଲୀ ପୋଲିସ ସାରା ସହରରେ ଆଗାମୀ ୩୦ ଦିନ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରିଛି। ମାର୍ଚ୍ଚ ୧୨ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଜାତୀୟ ରାଜଧାନୀରେ ଆଇନଶୃଙ୍ଖଳା ବଜାୟ ରଖିବା ସହ ରାଲି, ଶୋଭାଯାତ୍ରା ଏବଂ ରାସ୍ତା ଅବରୋଧକୁ ବନ୍ଦ କରିବା ପାଇଁ ଏଭଳି କଟକଣା ଲାଗୁ ହୋଇଥିବା ଦିଲ୍ଲୀ ପୋଲିସ କମିଶନର ସଞ୍ଜୟ ଆରୋରା କହିଛନ୍ତି। କୃଷକମାନଙ୍କ ଶୋଭାଯାତ୍ରା ଦିଲ୍ଲୀରେ ପ୍ରବେଶ କଲେ ବ୍ୟାପକ ଉତ୍ତେଜନା ପ୍ରକାଶ ପାଇବା ସହ ଉପଦ୍ରବ ଓ ହିଂସାକାଣ୍ଡ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। କୃଷକମାନେ ଟ୍ରାକ୍ଟର, ଟ୍ରଲି, ଟ୍ରେଲର ଓ ଅନ୍ୟ ଯାନବାହନରେ ଦିଲ୍ଲୀରେ ପ୍ରବେଶ କଲେ ଯାତାୟାତରେ ପ୍ରତିବନ୍ଧକ ହେବା ସହ ଅନ୍ୟମାନଙ୍କ ପାଇଁ ବିପଦ ସୃଷ୍ଟି କରିବ ବୋଲି ପୋଲିସ କମିଶନର କହିଛନ୍ତି।

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ଉପରେ ଗ୍ୟାରେଣ୍ଟି ପାଇଁ ଆଇନ ଆଣିବା ଦାବିରେ ଉତ୍ତରପ୍ରଦେଶ, ହରିୟାଣା ଏବଂ ପଞ୍ଜାବର କୃଷକ ସଂଗଠନଗୁଡ଼ିକ ଫେବୃଆରୀ ୧୩ରୁ ଦିଲ୍ଲୀ ଚଲୋ ଡାକରା ଦେଇଥିଲେ। ଏମ୍ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି ସର୍ତ୍ତରେ ଚାଷୀମାନେ ୨୦୨୧ରେ ଆନ୍ଦୋଳନ ପ୍ରତ୍ୟାହାର କରିନେବାକୁ ରାଜି ହୋଇଥିଲେ।



ସିଙ୍ଘୁ ସୀମା ନିକଟ ୪୪ ନଂ ଜାତୀୟ ରାଜପଥରେ ତାରବାଡ଼ ଲଗାଯାଉଛି।

କୃଷକଙ୍କ ଦିଲ୍ଲୀ ଅଭିଯାନ ପୂର୍ବରୁ ପୋଲିସ ସୋମବାର ଗାଜିପୁର ସୀମାରେ ବ୍ୟାରିକେଡ୍ ଲଗାଇଥିଲା। ହରିୟାଣା ସରକାର ରାସ୍ତାରେ ତାରବାଡ଼ ଓ କଣ୍ଟା ପୋତିବାରୁ ପଞ୍ଜାବ ଏବଂ ଭାରତ ମଧ୍ୟରେ ସୀମା ସୃଷ୍ଟି କରନାହିଁ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍ କହିଥିଲେ। ଦିଲ୍ଲୀରେ ମାସେ ପର୍ଯ୍ୟନ୍ତ ୧୪୪ ଧାରା ରହିଲେ, କୌଣସି ପ୍ରକାର ଆନ୍ଦୋଳନ, ରାଲି, ଶୋଭାଯାତ୍ରା କିମ୍ବା ସଭା ହୋଇପାରିବ ନାହିଁ। ୫ରୁ ଅଧିକ ଲୋକଙ୍କୁ ଏକାଠି ହେବାକୁ ଅନୁମତି ମିଳିବ ନାହିଁ। ଦିଲ୍ଲୀକୁ କୃଷକମାନଙ୍କୁ ଆଣିବା ପାଇଁ କିମ୍ବା ହିଂସାକାଣ୍ଡ ସୃଷ୍ଟି ଉଦ୍ଦେଶ୍ୟରେ ଲାଠି, ଠେଙ୍ଗା, ଖଣ୍ଡା, ବର୍ଚ୍ଛା, ଆଗ୍ନେୟାସ୍ତ୍ର ପରିବହନ ପାଇଁ ଟ୍ରାକ୍ଟର ଟ୍ରଲି କିମ୍ବା ଅନ୍ୟ କୌଣସି ଯାନକୁ ଦିଲ୍ଲୀରେ ପ୍ରବେଶ ଅନୁମତି ମିଳିବ ନାହିଁ।

## କୃଷକ ନେତାଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ଆଲୋଚନା

ଚଣ୍ଡିଗଡ଼,୧୨ା୨

ଚାଷୀମାନଙ୍କ 'ଦିଲ୍ଲୀ ଚଲୋ' ଅଭିଯାନ ପୂର୍ବରୁ ସୋମବାର ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀମାନଙ୍କ ଏକ ଟିମ୍ କୃଷକ ନେତାମାନଙ୍କ ସହ ଆଲୋଚନା କରି ଆନ୍ଦୋଳନରୁ ଓହରିଯିବାକୁ କହିଛନ୍ତି। ଚଣ୍ଡିଗଡ଼ର ସେକ୍ଟର ୨୬ସ୍ଥିତ ମହାତ୍ମା ଗାନ୍ଧୀ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଆଡମିନିଷ୍ଟ୍ରେଶନରେ କୃଷକ ନେତାମାନଙ୍କ ସହ କେନ୍ଦ୍ର ଖାଦ୍ୟ ଯୋଗାଣ ଓ ଖାଉଟି ବ୍ୟାପାର ମନ୍ତ୍ରୀ ପୀୟୂଷ ଗୋୟଲ ଏବଂ କୃଷିମନ୍ତ୍ରୀ ଅର୍ଜୁନ ମୁଣ୍ଡା ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା କରିଥିଲେ। ସଂଯୁକ୍ତ କିଷାନ ମୋର୍ଚ୍ଚା(ଅଣରାଜନୈତିକ)ର ନେତା ଜଗଜିତ ସିଂ ଦଲେଓ୍ୱାଲ ଏବଂ କିଷାନ ମଜଦୁର ସଂଘର୍ଷ କମିଟି ସାଧାରଣ ସମ୍ପାଦକ ସରୱନ ସିଂ ପାନ୍ଧେର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ୨୦୨୦-୨୧ କୃଷକ ଆନ୍ଦୋଳନ ବେଳେ ଚାଷୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାଗୁଡ଼ିକୁ ପ୍ରତ୍ୟାହାର କରିନେବା ସହ ମୃତ ଚାଷୀଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ମନ୍ତ୍ରୀମାନେ ରାଜି ହୋଇଥିବା ଜଣାପଡ଼ିଛି। ଏହା ବ୍ୟତୀତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ଏବଂ ଏମ୍.ଏସ୍. ସ୍ୱାମୀନାଥନ କମିଶନଙ୍କ ସୁପାରିସକୁ କାର୍ଯ୍ୟକାରୀ କରିବା ଦାବି ଉପରେ ମଧ୍ୟ ଆଲୋଚନା ହୋଇଛି।

# ଆସ୍ଥା ଜିତିଲେ ନୀତୀଶ



ପାଟନା,୧୨ା୨

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁ-ଭାଜପା ସରକାର ସୋମବାର ଅପରାହ୍ନରେ ଗୁରୁତ୍ୱପୂର୍ଣ୍ଣ ଆସ୍ଥା ଭୋଟ ଜିତିନେଇଛି। ଏହା ପୂର୍ବରୁ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ଆର୍‌ଜେଡି, କଂଗ୍ରେସ ଏବଂ ବାମଦଳର ସଦସ୍ୟମାନେ ବିଧାନସଭାରେ କକ୍ଷତ୍ୟାଗ କରି ଚାଲିଯାଇଥିଲେ। ଏନ୍‌ଡିଏ ସରକାରଙ୍କ ସପକ୍ଷରେ ବିରୋଧୀ ଆର୍‌ଜେଡିର ୩ ସଦସ୍ୟଙ୍କ ସମେତ ୧୨୯ ବିଧାୟକ ଭୋଟ ଦେଇଥିଲେ।

ପ୍ରଥମେ ଗୃହରେ ଏକ ପ୍ରସ୍ତାବ ଗୃହୀତ ହୋଇ ବିଧାନସଭା ବାଚସ୍ପତି ପଦରୁ ଆର୍‌ଜେଡିର ଅଓ୍ୱଧ ବିହାରୀ ଚୌଧରୀଙ୍କୁ ବହିଷ୍କାର କରାଯାଇଥିଲା। ଏହା ପରେ ଭାଜପା ସହ ମିଶି ନୂଆ ସରକାର ଗଢ଼ିଥିବା ନୀତୀଶ ବିଧାନସଭାରେ ଆସ୍ଥା ଲୋଡ଼ିଥିଲେ। ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାରେ ଆସ୍ଥା ଜିତିବା ପାଇଁ ୧୨୨ ବିଧାୟକଙ୍କ ସମର୍ଥନ ଆବଶ୍ୟକ ଥିବାବେଳେ ଜେଡିୟୁ, ଭାଜପା ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନରାମ ମାନ୍‌ଝିଙ୍କ ଦଳ ସମେତ ଜଣେ ସ୍ୱାଧୀନ ବିଧାୟକଙ୍କୁ ମିଶାଇ ନୀତୀଶଙ୍କ ସରକାର ପଛରେ ୧୨୮ ବିଧାୟକଙ୍କ ସମର୍ଥନ ରହିଥିବା ଦାବି ହୋଇଥିଲା। ଆର୍‌ଜେଡିର ୩ ବିଧାୟକ ପ୍ରହ୍ଲାଦ ଯାଦବ, ଚେତନ ଆନନ୍ଦ ଏବଂ ନୀଲମ ଦେବୀ ଆସ୍ଥା ସପକ୍ଷରେ ଭୋଟ ଦେଇଥିଲେ।

### ବିରୋଧୀଙ୍କ କକ୍ଷତ୍ୟାଗ

ଆସ୍ଥା ଜିତିବା ପରେ ନୀତୀଶ ତାଙ୍କ ପୂର୍ବତନ ଡେପୁଟୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପୂର୍ବରୁ ସରକାରରେ ଥିବା ଆର୍‌ଜେଡି ଦୁର୍ନୀତିରେ ଲିପ୍ତ ଥିଲା। ରାଜ୍ୟରେ ଆଇନ ଶୃଙ୍ଖଳା ନ ଥିଲା। ନୂଆ ଏନ୍‌ଡିଏ ନେତୃତ୍ୱାଧୀନ ସରକାର ଏହାର ତଦନ୍ତ କରିବ ବୋଲି ନୀତୀଶ କହିଛନ୍ତି। ଅନ୍ୟପକ୍ଷରେ ତେଜସ୍ୱୀ ମଧ୍ୟ ନିଜ ବକ୍ତବ୍ୟରେ ନୀତୀଶଙ୍କୁ ଟାର୍ଗେଟ କରିବା ସହ ନିଜକୁ ପୁତୁରା ବୋଲି କହି ସେ ରାଜ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଟକାଇବେ ବୋଲି କହିଥିଲେ। ସେ ନୀତୀଶଙ୍କୁ କଡ଼ା ଶବ୍ଦରେ ସମାଲୋଚନା କରିବା ସହ ଭାଜପା ତାଙ୍କୁ 'ପଲଟୁ କୁମାର' କହିଥିବା କଥା ମନେ ପକାଇଦେଇଥିଲେ। ଭାଜପା ମହାମେଣ୍ଟ ସରକାରକୁ ଭୟ କରୁଥିଲା। ନୀତୀଶ ଯେ ଆଉ ପଲଟିବେ ନାହିଁ, ଏ ଗ୍ୟାରେଣ୍ଟି ମୋଦି ଦେଇପାରିବେ କି ବୋଲି ତେଜସ୍ୱୀ ପ୍ରଶ୍ନ କରିଥିଲେ। ତେଜସ୍ୱୀଙ୍କ ଭାଷଣ ପରେ ଆର୍‌ଜେଡି, କଂଗ୍ରେସ ଏବଂ ବାମଦଳ ବିଧାୟକମାନେ କକ୍ଷତ୍ୟାଗ କରିଥିଲେ।

## ସୌମ୍ୟା ବିଶ୍ୱନାଥନ୍‌ଙ୍କ ୪ ହତ୍ୟାକାରୀଙ୍କୁ ଜାମିନ

**ନୂଆଦିଲ୍ଲୀ,୧୨ା୨:** ଟିଭି ସାମ୍ବାଦିକା ସୌମ୍ୟା ବିଶ୍ୱନାଥନ୍ ହତ୍ୟା ମାମଲାରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା ୪ ଅପରାଧୀଙ୍କୁ ଦିଲ୍ଲୀ ହାଇକୋର୍ଟ ସୋମବାର ଜାମିନ ମଞ୍ଜୁର କରିଛନ୍ତି। ଅଦାଲତଙ୍କ ରାୟ ଏବଂ ଦଣ୍ଡାଦେଶକୁ ଚ୍ୟାଲେଞ୍ଜ କରି ରବି କପୁର, ଅମିତ ଶୁକ୍ଲା, ବଲଜିତ ସିଂ ମଲିକ ଏବଂ ଅଜୟ କୁମାର ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଏହାର ବିଚାର ଶେଷ ହେବା ପର୍ଯ୍ୟନ୍ତ ଜଷ୍ଟିସ୍ ସୁରେଶ କୁମାର କୈତ ଏବଂ ମନୋଜ ଜୈନଙ୍କ ଖଣ୍ଡପୀଠ ଅପରାଧୀମାନଙ୍କ ଦଣ୍ଡକୁ ସ୍ଥଗିତ ରଖିଛନ୍ତି। ଅପରାଧୀମାନେ ବର୍ତ୍ତମାନ ସୁଦ୍ଧା ୧୪ ବର୍ଷ ଜେଲରେ ରହିସାରିଲେଣି ବୋଲି ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ, ଏକ ଇଂଲିଶ ନ୍ୟୁଜ୍ ଚ୍ୟାନେଲ ପାଇଁ କାମ କରୁଥିବା ସୌମ୍ୟାଙ୍କୁ ୨୦୦୮ ସେପ୍ଟେମ୍ବର ୩୦ରେ ଦକ୍ଷିଣ ଦିଲ୍ଲୀର ନେଲସନ ମାଣ୍ଡେଲା ମାର୍ଗରେ ଗୁଳିକରି ହତ୍ୟା କରାଯାଇଥିଲା। ସ୍ୱତନ୍ତ୍ର ଅଦାଲତ ୨୦୨୩ ନଭେମ୍ବର ୨୬ରେ ୬ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ଦୁଇଟି ଆଜୀବନ ଜେଲଦଣ୍ଡ ଶୁଣାଇଥିଲେ। ପଞ୍ଚମ ଅଭିଯୁକ୍ତ ଅଜୟ ସେଠୀଙ୍କୁ ୩ ବର୍ଷ ଜେଲଦଣ୍ଡ ହୋଇଥିଲା।



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲ ଏବଂ ତାଙ୍କ ପଞ୍ଜାବ ପ୍ରତିପକ୍ଷ ଭଗଓ୍ୱନ୍ତ ମାନ୍ ସସ୍ତ୍ରୀକ ସୋମବାର ଅଯୋଧ୍ୟାର ରାମମନ୍ଦିରରେ ଭଗବାନ ରାମଙ୍କ ଦର୍ଶନ କରୁଛନ୍ତି।

## ରାଜସ୍ଥାନରୁ ରାଜ୍ୟ ସଭା ଯିବେ ସୋନିଆ



ନୂଆଦିଲ୍ଲୀ,୧୨ା୨

ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏଥର ଲୋକ ସଭା ନିର୍ବାଚନ ନ ଲଢ଼ି ଝିଅ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଲଢ଼ିବାକୁ ଛାଡ଼ିଦେବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ସୋନିଆ ରାଜସ୍ଥାନରୁ ରାଜ୍ୟ ସଭାକୁ ଯାଇପାରନ୍ତି। ଗାନ୍ଧୀ ପରିବାରର ଗଡ଼ ଭାବେ ପରିଚିତ ଉତ୍ତରପ୍ରଦେଶର ରାଏବରେଲି ଆସନରୁ ପ୍ରିୟଙ୍କା ନିର୍ବାଚନ ଲଢ଼ିଲେ ଏହା ତାଙ୍କର ପ୍ରଥମ ନିର୍ବାଚନ ହେବ। ବହୁତ ସମୟରେ ଅସୁସ୍ଥ ରହୁଥିବା ୭୭ ବର୍ଷୀୟା ସୋନିଆ ଆଗାମୀ ନିର୍ବାଚନରେ ରାଜ୍ୟ ସଭାକୁ ଯିବା ଲାଗି ଜୟପୁରରୁ ନାମାଙ୍କନପତ୍ର ଦାଖଲ କରିପାରନ୍ତି ବୋଲି ଦଳୀୟ ସୂତ୍ରରୁ କୁହାଯାଇଛି। ସେ ୨୦୦୬ରୁ ରାଏବରେଲିରୁ ଲୋକ ସଭାକୁ ପ୍ରତିନିଧିତ୍ୱ କରିଆସୁଥିଲେ। ୫୦ ଦଶକରୁ ଉକ୍ତ ଆସନ ଗାନ୍ଧୀ ପରିବାର ହାତରେ ରହିଆସିଛି। ତେଣୁ ଏହା ପ୍ରିୟଙ୍କାଙ୍କ ପାଇଁ ସବୁଠୁ ନିରାପଦ ଆସନ ହେବ ବୋଲି କୁହାଯାଉଛି। ୨୦୧୯ରେ ପ୍ରିୟଙ୍କା ରାଜନୀତିରେ ପ୍ରବେଶ କରିବା ପରେ ସେ ଲୋକ ସଭା ନିର୍ବାଚନ ଲଢ଼ିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ସେତେବେଳେ ଉତ୍ତରପ୍ରଦେଶରେ ଦଳକୁ ମଜଭୁତ କରିବା ଲାଗି ତାଙ୍କୁ ଏଆଇସିସି ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇ ୟୁପି ଦାୟିତ୍ୱ ଦିଆଯାଇଥିଲା।

### ରାଏବରେଲିରୁ ଲଢ଼ିପାରନ୍ତି ପ୍ରିୟଙ୍କା

## ଅଭିଭାଷଣ ନ ପଢ଼ି ବିଧାନସଭା ଛାଡ଼ିଲେ ରାଜ୍ୟପାଳ

ଚେନ୍ନାଇ, ୧୨ା୨

ତାମିଲନାଡୁର ରାଜ୍ୟପାଳ ଆର. ଏନ. ରବି ସୋମବାର ବିଧାନସଭା ଅଧିବେଶନ ପ୍ରାରମ୍ଭରେ ନିଜ ଅଭିଭାଷଣ ରଖିବାକୁ ମନାକରି ଗୃହ ଛାଡ଼ି ଚାଲି ଆସିବାରୁ ବିବାଦ ଦେଖାଯାଇଛି। ତାମିଲନାଡୁର ଡିଏମକେ ସରକାର ପକ୍ଷରୁ ପ୍ରସ୍ତୁତ ହୋଇଥିବା ଏହି ଅଭିଭାଷଣରେ ଭ୍ରମାତ୍ମକ ତଥ୍ୟ ଥିବା ଅଭିଯୋଗ କରି ରାଜ୍ୟପାଳ ବିଧାନସଭା ଛାଡ଼ି ଚାଲିଯାଇଥିଲେ। ତେବେ ରାଜ୍ୟପାଳ ଯିବା ପରେ ତାଙ୍କ ବଦଳରେ ସମ୍ପୂର୍ଣ୍ଣ ଅଭିଭାଷଣକୁ ପଢ଼ିଥିଲେ ବାଚସ୍ପତି ଏମ. ଅପ୍ପାବୁ। ରାଜ୍ୟପାଳଙ୍କ କିଛି ପ୍ରତିକ୍ରିୟାକୁ ବିଧାନସଭାର ରେକର୍ଡରୁ



ଆର. ଏନ. ରବି

ବାଦ ଦିଆଯାଇଥିବା ନେଇ ସେ ସୂଚନା ଦେଇଥିଲେ। ଅଭିଭାଷଣ ରଖୁଥିବା ସମୟରେ ବାଚସ୍ପତିଙ୍କ ଦ୍ୱାରା ରାଜ୍ୟପାଳଙ୍କୁ ନାଥୁରାମ ଗଡ୍‌ସେଙ୍କ ସମର୍ଥକ ଭାବେ କଟାକ୍ଷ କରାଯାଇଥିବାରୁ ବିଧାନସଭାର ଗରିମାକୁ ଦୃଷ୍ଟିରେ ରଖି ଅଧା ଅଭିଭାଷଣ ପଢ଼ି ରାଜ୍ୟପାଳ ଗୃହରୁ ଚାଲିଆସିଥିବା ରାଜଭବନ ତରଫରୁ କୁହାଯାଇଛି। ସେହିପରି ରାଜ୍ୟପାଳଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଅଭିଭାଷଣରେ ଅନେକ ଭୁଲ ତଥ୍ୟ ଥିବା ରାଜଭବନ ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇଛି। ତେବେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ତଥ୍ୟ ସମ୍ପୂର୍ଣ୍ଣ ଠିକ ହୋଇଥିବା କହିଛି ଡିଏମ୍‌କେ। ଲଗାତର ଭାବେ ବିଭିନ୍ନ କ୍ଷେତ୍ରରେ କେନ୍ଦ୍ର ପକ୍ଷରୁ ଅବହେଳା କରାଯାଉଥିବା ଦଳ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ତାମିଲନାଡୁରେ ଲଗାତର ଦ୍ୱିତୀୟ ବର୍ଷ ପାଇଁ ରାଜ୍ୟପାଳଙ୍କ ଅଭିଭାଷଣ ସମୟରେ ବିବାଦ ଦେଖାଦେଇଛି।

## ଇସ୍ରାଏଲ୍ ଆକ୍ରମଣରେ ୬୭ ପାଲେଷ୍ଟିନୀୟ ମୃତ

ରାଫାହ,୧୨ା୨

ଗାଜା ଷ୍ଟ୍ରିପ୍‌ର ରାଫାହ ସହରରେ ସୁରକ୍ଷା ବଳୟ ମଧ୍ୟରେ ଥିବା ଏକ ଆପାର୍ଟମେଣ୍ଟ ଉପରେ ଇସ୍ରାଏଲୀ ସେନା ସୋମବାର ସକାଳେ ଜୋର୍‌ଦାର ଆକ୍ରମଣ କରିଛି। ଏହି ଆକ୍ରମଣରେ ଅନ୍ୟୂନ ୬୭ ପାଲେଷ୍ଟିନୀୟ ନିହତ ହୋଇଥିବାବେଳେ ହମାସ୍ ଆତଙ୍କବାଦୀମାନେ ପଣବନ୍ଦୀ ରଖିଥିବା ୨ ଜଣଙ୍କୁ ଇସ୍ରାଏଲୀ ସେନା ଉଦ୍ଧାର କରିଛି। ମୃତକଙ୍କ ମଧ୍ୟରୁ ଅଧିକାଂଶ ମହିଳା ଓ ଛୋଟ ପିଲା। ଇସ୍ରାଏଲ୍‌ର ଉଦ୍ଧାରକାରୀ ଦଳକୁ ସହାୟତା ପାଇଁ ରାଫାହ ସହରର ଉକ୍ତ ଆପାର୍ଟମେଣ୍ଟ ନିକଟରେ ଜୋର୍‌ଦାର ଏୟାରଷ୍ଟ୍ରାଇକ୍ କରାଯାଇଥିଲା। ଜନବହୁଳ ରାଫାହ ସହରରେ ଇସ୍ରାଏଲ୍ ସୈନ୍ୟ ପ୍ରବେଶ କଲେ ପରିଣାମ ଭୟାବହ ହେବ ବୋଲି ଏହାର ପଡୋଶୀ ତଥା ମୁଖ୍ୟ ମଧ୍ୟସ୍ଥ ଇଜିପ୍ଟ ଚେତାବନୀ ଦେଇଥିଲା। ଇସ୍ରାଏଲ୍ ସହ ଶାନ୍ତି ଚୁକ୍ତି ସ୍ଥଗିତ ରଖିବାକୁ ଇଜିପ୍ଟ ଧମକ ଦେବା ସତ୍ତ୍ୱେ ଉକ୍ତ ସହର ଉପରେ ଜେରୁଜେଲମ୍ ପକ୍ଷରୁ ଆକ୍ରମଣ ଜାରି ରହିଛି।

## ଉପମୁଖ୍ୟମନ୍ତ୍ରୀ ନିଯୁକ୍ତି ଚ୍ୟାଲେଞ୍ଜ ପିଟିଶନ ସୁପ୍ରିମକୋର୍ଟରେ ଅଗ୍ରାହ୍ୟ

ନୂଆଦିଲ୍ଲୀ,୧୨ା୨(ପି.ଟି.)

ଉପମୁଖ୍ୟମନ୍ତ୍ରୀ ନିଯୁକ୍ତି ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଶୁଣାଣି କରିବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ନିଯୁକ୍ତି ସମ୍ବିଧାନର ଉଲ୍ଲଂଘନ କରୁ ନ ଥିବା ପ୍ରଧାନ ବିଚାରପତି ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଜେ.ବି. ପର୍ଡିଓ୍ୱାଲ ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। କାହାକୁ ଉପମୁଖ୍ୟମନ୍ତ୍ରୀ କହିଲେ, ତାଙ୍କ ଷ୍ଟାଟସ୍ ବଦଳିଯାଏ ନାହିଁ ବୋଲି ଅଦାଲତ କହିଛନ୍ତି। ପବ୍ଲିକ୍ ପଲିଟିକାଲ ପାର୍ଟି ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା।

## ଚନ୍ଦ୍ରରେ ଅବତରଣ କରିବ ନୋଭା-ସି ଲାଣ୍ଡର

### ନାସାର 'ଆଇଏମ୍ -୧' ମିଶନ

ଓ୍ୱାଶିଂଟନ, ୧୨ା୨

ଆମେରିକୀୟ ମହାକାଶ ସଂସ୍ଥା ନାସା ନୋଭା-ସି ନାମକ ଏକ ଲାଣ୍ଡରକୁ ଖୁବ୍‌ଶୀଘ୍ର ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁ ଅଞ୍ଚଳରେ ଅବତରଣ କରାଇବାକୁ ଯାଉଛି। ନାସାର 'ଆଇଏମ୍ -୧' ମିଶନ ଅଧୀନରେ ଚନ୍ଦ୍ରପୃଷ୍ଠର ଦକ୍ଷିଣମେରୁରେ ଥିବା 'ମାଲାପର୍ଟ ଏ କ୍ରେଟର'ରେ ନୋଭା-ସି ଲାଣ୍ଡରର ସଫ୍ଟ ଲ୍ୟାଣ୍ଡିଂ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଚନ୍ଦ୍ରର ଦକ୍ଷିଣ ମେରୁଠାରୁ ଏହା ପ୍ରାୟ ୩୦୦ କି.ମି. ଦୂରରେ ଅବସ୍ଥିତ। ବୈଜ୍ଞାନିକ ଅଧ୍ୟୟନ ଓ ଉନ୍ନତ ଜ୍ଞାନ କୌଶଳର ଅନ୍ୱେଷଣ 'ମିଶନ ଆଇଏମ୍ -୧'ର ଉଦ୍ଦେଶ୍ୟ ଥିବା ନାସା ସ୍ପଷ୍ଟ କରିଛି। ଭାରତର ଚନ୍ଦ୍ରୟାନ - ୩ ଅବତରଣ ସ୍ଥଳ ଶିବଶକ୍ତି ପଏଣ୍ଟଠାରୁ ଏହି ସ୍ଥାନ ପ୍ରାୟ ୧୫୦୦ କି.ମି. ଦୂରରେ ଅବସ୍ଥିତ।

## ୩୦ ନକଲି ଆଇଡି ଚିହ୍ନଟ କଲା ସିବିଏସ୍‌ଇ

ନୂଆଦିଲ୍ଲୀ, ୧୨ା୨

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ନାଁରେ ସାମାଜିକ ଗଣମାଧ୍ୟମ ଏକ୍ସରେ ବିଭିନ୍ନ ନକଲି ହ୍ୟାଣ୍ଡେଲ ରହିଥିବା ନେଇ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକଙ୍କୁ ସଚେତନ କରାଯାଇଛି। ସିବିଏସ୍‌ଇ ଏହାର ଅଫିସିଆଲ ହ୍ୟାଣ୍ଡେଲରେ ୩୦ଟି ନକଲି ଆଇଡିକୁ ଚିହ୍ନଟ କରି ପୋଷ୍ଟ କରିଛି। ଏହିସବୁ ହ୍ୟାଣ୍ଡେଲ ଛାତ୍ରୀଛାତ୍ରଙ୍କୁ ଭ୍ରମିତ କରୁଥିବା ସୂଚାଇ ଖୁବ୍‌ଶୀଘ୍ର ଏନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ନିଜର ଆଧିକାରିକ ଏକ୍ସ ହ୍ୟାଣ୍ଡେଲ @cbseindia29 କୁ ଫଲୋ କରିବାକୁ ସମସ୍ତ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କୁ ସିବିଏସ୍‌ଇ ପକ୍ଷରୁ କୁହାଯାଇଛି।

## ବିରୋଧୀ ଆସନରେ ବସିବ ଇମ୍ରାନ୍‌ଙ୍କ ଦଳ

ଇସ୍‌ଲାମାବାଦ,୧୨ା୨

ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲି ନିର୍ବାଚନରେ କାହାକୁ ସଂଖ୍ୟାଗରିଷ୍ଠତା ମିଳି ନାହିଁ। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଦଳ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ (ପିଟିଆଇ) ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଥିଲେ ମଧ୍ୟ ଏହା ବିରୋଧୀ ଆସନରେ ବସିବାକୁ ନିଷ୍ପତ୍ତି ନେଇଛି। ପିଏମ୍‌ଏଲ୍-ଏନ୍ କିମ୍ବା ପିପିପି ନେତୃତ୍ୱାଧୀନ ସରକାର ସହ ପିଟିଆଇ ମେଣ୍ଟ କରିବ ନାହିଁ ବୋଲି ଏହାର ନେତା ବାରିଷ୍ଟର ଗୋହର ଅଲି ଖାନ୍ ଘୋଷଣା କରିଛନ୍ତି। ସରକାର ଗଢ଼ିବା ପାଇଁ ୨୬୬ ସଦସ୍ୟ ବିଶିଷ୍ଟ ନ୍ୟାଶନାଲ ଆସେମ୍ବ୍ଲିରେ ଆମର ଯଥେଷ୍ଟ ସଂଖ୍ୟା ନାହିଁ। ପ୍ରତିଦ୍ୱନ୍ଦ୍ୱୀ ପିଏମ୍‌ଏଲ୍-ଏନ୍ କିମ୍ବା ପିପିପି ସହ ପିଟିଆଇ ହାତ ମିଳାଇବ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି।



ନିର୍ବାଚନରେ ଇମ୍ରାନ୍‌ଙ୍କ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ୧୦୧ ଆସନ ଜିତିଥିବାବେଳେ ନଓ୍ୱାଜ ଶରିଫଙ୍କ ପିଏମ୍‌ଏଲ୍-ଏନ୍ ୭୫, ବିଲାଓ୍ୱଲ ଭୁଟ୍ଟୋ ଜର୍ଦ୍ଦାରୀଙ୍କ ପାକିସ୍ତାନ ପିପୁଲ୍ସ ପାର୍ଟି ୫୪ ଆସନ ଜିତିଥିଲା। ମୁତ୍ତାହିଦା କ୍ୱାମି ମୁଭ୍‌ମେଣ୍ଟ-ପାକିସ୍ତାନ (ଏମ୍‌କ୍ୟୁଏମ୍-ପି) ୧୭ ଆସନ ପାଇଥିବାବେଳେ ବାକି ୧୭ ଆସନ ଅନ୍ୟ ଛୋଟ ଦଳଗୁଡ଼ିକୁ ଯାଇଛି। ଏବେ ପିଏମ୍‌ଏଲ୍-ଏନ୍, ପିପିପି ଏବଂ ଏମ୍‌କ୍ୟୁଏମ୍-ପି ମିଳିତ ଭାବେ ସହଭାଗୀ ମେଣ୍ଟ ସରକାର ଗଢ଼ିବାକୁ ଯାଉଥିବା ନଓ୍ୱାଜ କହିଛନ୍ତି। ସରକାରରେ କିଏ କେଉଁ ବିଭାଗ ଓ ପଦବୀ ପାଇବ ତାକୁ ନେଇ ଆଲୋଚନା ଜାରି ରହିଛି।

## ଟିଏମ୍‌ସି ନେତାଙ୍କ ଗିରଫ ଦାବିରେ ଆନ୍ଦୋଳନ ଜାରି

କୋଲକାତା,୧୨ା୨(ପି.ଟି.)

ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଜିଲାର ସନ୍ଦେଶଖାଲି ବ୍ଲକ୍ ଅଞ୍ଚଳରେ ମହିଳାମାନଙ୍କୁ ଯୌନ ନିର୍ଯାତନା ଓ ସେମାନଙ୍କ ଜମିକୁ ବଳପୂର୍ବକ ଦଖଲ କରିବା ଅଭିଯୋଗରେ ଟିଏମ୍‌ସି ନେତା ଶେଖ୍ ଶାଜାହାନ ଓ ତାଙ୍କ ଗ୍ୟାଙ୍ଗକୁ ଗିରଫ କରିବା ଦାବିରେ ୫ ଦିନ ହେଲା ଆନ୍ଦୋଳନ ଜାରି ରହିଛି। ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଥିବା ୬ ଜଣ ଭାଜପା ବିଧାୟକଙ୍କୁ ଗୃହରୁ ନିଲମ୍ବନ କରାଯାଇଛି। ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ସୋମବାର ଉତ୍ତେଜନାପୂର୍ଣ୍ଣ ସନ୍ଦେଶଖାଲି ବ୍ଲକ୍‌କୁ ଗସ୍ତରେ ଯାଇ ପୀଡ଼ିତା ମହିଳାମାନଙ୍କୁ ନ୍ୟାୟ ପ୍ରଦାନ ନେଇ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ମାସରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀମାନେ ଶାଜାହାନଙ୍କ ବାସଭବନରେ ଚଢ଼ାଉ କରିବାକୁ ଯାଇଥିଲାବେଳେ ସେମାନଙ୍କ ଉପରେ ଆକ୍ରମଣ ହୋଇଥିଲା।



ଯୌନ ନିର୍ଯାତନାକାରୀ ଟିଏମ୍‌ସି ନେତା ଶେଖ୍ ଶାଜାହାନଙ୍କ ଗିରଫ ଦାବିରେ ମହିଳାଙ୍କ ବିକ୍ଷୋଭ।

ସେବେଠାରୁ ଶାଜାହାନ ଫେରାର ଥିବାବେଳେ ଓ୍ୱାଣ୍ଟେଡ୍ ତାଲିକାରେ ରହିଛନ୍ତି। ରାଜ୍ୟପାଳ ବୋଷ କେରଳ ଗସ୍ତକୁ କାଟଛାଣ୍ଟ କରି ସନ୍ଦେଶଖାଲି ଯାଇଥିବାବେଳେ ମହିଳାମାନଙ୍କ ପ୍ରତି ଅତ୍ୟାଚାର ଘଟଣାରେ ମର୍ମାହତ ହୋଇଛନ୍ତି। ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁରଙ୍କ ରାଜ୍ୟରେ ଏଭଳି ଘଟଣା ଘଟିବା ବିଶ୍ୱାସ କରିହେଉନାହିଁ ବୋଲି ବୋଷ ଖବରଦାତାମାନଙ୍କୁ କହିଛନ୍ତି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ରାଜ୍ୟପାଳଙ୍କ ଗସ୍ତକୁ ଗୁରୁତ୍ୱ ନ ଦେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି।

- ସନ୍ଦେଶଖାଲିରେ ମହିଳାଙ୍କୁ ଯୌନ ନିର୍ଯାତନା
- ୬ ଭାଜପା ବିଧାୟକ ଗୃହରୁ ନିଲମ୍ବିତ

ସୋମବାର ରାଜ୍ୟ ବିଧାନସଭାରେ ସନ୍ଦେଶଖାଲି ପ୍ରସଙ୍ଗ ଉଠାଇ ଭାଜପା ବିଧାୟକମାନେ ମମତାଙ୍କୁ ଜବାବ ମାଗିବାରୁ ଗୃହରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ଭାଜପା ବିଧାୟକମାନେ ଗୃହ ମଧ୍ୟଭାଗରେ ବସିରହି ସ୍ଲୋଗାନ ଦେବାରୁ ବିଧାନସଭାରେ ଅଚଳାବସ୍ଥା ଦେଖାଦେଇଥିଲା। ଶେଷରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ସମେତ ୬ ଜଣ ଭାଜପା ବିଧାୟକଙ୍କୁ ଅଧିବେଶନର ଅବଶିଷ୍ଟ ଦିନ ପାଇଁ ନିଲମ୍ବନ କରାଯାଇଥିଲା।

ପ୍ରଥମ ପୃଷ୍ଠାରୁ...

## ଗମନାଗମନ ଅସୁବିଧା...

ବରଗଡ଼ବାସୀଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି ଯେ, ଚଳିତ ମାସ ୨୦ରେ ଆପଣମାନଙ୍କର ବହୁ ପ୍ରତୀକ୍ଷିତ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ଓ କ୍ୟାନ୍ସର ହସ୍ପିଟାଲ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବେ। ସେହିପରି ମୟୂରଭଞ୍ଜ ଜିଲାବାସୀଙ୍କୁ କହିଛନ୍ତି ଯେ, ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମସ୍ଥଳୀର ବିକାଶ କାର୍ଯ୍ୟ ଜାରି ରହିଛି ଏବଂ ମୟୂରଭଞ୍ଜ ଜିଲାର ସମସ୍ତ ପର୍ଯ୍ୟଟନ ସ୍ଥଳୀର ବିକାଶ କାର୍ଯ୍ୟ କରାଯିବ। ସୁନ୍ଦରଗଡ଼ ଜିଲାର ବେଦବ୍ୟାସ ପୀଠର ରୂପାନ୍ତରଣ ସହିତ ବିଭିନ୍ନ ମନ୍ଦିର ଓ ଚର୍ଚ୍ଚର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି। କେନ୍ଦୁଝର ଜିଲାର ମା'ମାନେ ମଧୁବାବୁ ପେନ୍‌ସନ ବଢ଼ାଇବାକୁ ଅନୁରୋଧ କରିଥିଲେ। ଆପଣଙ୍କ ଅନୁରୋଧ ରକ୍ଷାକରି ମୁଖ୍ୟମନ୍ତ୍ରୀ ମଧୁବାବୁ ପେନ୍‌ସନ ରାଶିକୁ ବଢ଼ାଇଛନ୍ତି। ଖୁବ୍‌ଶୀଘ୍ର ମିଶନଶକ୍ତି ମା'ମାନଙ୍କ ପାଇଁ ଅଧିକ ୫ ଲକ୍ଷ ଟଙ୍କାର ଋଣ ବ୍ୟବସ୍ଥା ମୁଖ୍ୟମନ୍ତ୍ରୀ କରିବେ ବୋଲି ସେ କହିଛନ୍ତି। ଲକ୍ଷ୍ମୀ ବସ୍ ହେଉଛି ଓଡ଼ିଶାବାସୀଙ୍କ ସମ୍ପତ୍ତି। ଆପଣମାନେ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରନ୍ତୁ। ଲୋକଙ୍କୁ ଉପଯୁକ୍ତ ସମ୍ମାନ ଦେଇ ସେମାନଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଅତାବିରାରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବରଗଡ଼ରେ ବିଧାୟକ ଦେବେଶ ଆଚାର୍ଯ୍ୟ, ପାଟନାଗଡ଼ରେ ସରୋଜ ମେହେର, କେନ୍ଦୁଝରରେ ଜଗନ୍ନାଥ ନାୟକ, ଘସିପୁରାରେ ବଦ୍ରି ନାରାୟଣ ପାତ୍ର, ବଲାଙ୍ଗୀରରେ ଜିଲା ପରିଷଦ ସଭାପତି ଦେବକୀ ସାହୁ, ସୁନ୍ଦରଗଡ଼ରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜକ ଯୋଗେଶ କୁମାର ସିଂ ପ୍ରମୁଖ ମଧ ଲକ୍ଷ୍ମୀ ଯୋଜନା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିର ଉଚ୍ଚ ପ୍ରଶଂସା କରିବା ସହିତ ୫-ଟି ଅଧ୍ୟକ୍ଷଙ୍କ ଦକ୍ଷତାର ଉଚ୍ଚ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମରେ ବାଣିଜ୍ୟ ପରିବହନ ବିଭାଗ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ।

ସୂଚନାଯୋଗ୍ୟ ଯେ, ଏହି ଯୋଜନା ପ୍ରଥମେ ମାଲକାନଗିରିରେ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଗଜପତି ଓ କୋରାପୁଟ ଜିଲାବାସୀ ଲକ୍ଷ୍ମୀ ବସ୍ ସେବା ପାଉଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଢେଙ୍କାନାଳ, ଅନୁଗୋଳ ଏବଂ ଦେବଗଡ଼ ଯୋଡ଼ି ହୋଇଥିଲା। ଏବେ ଆଉ ୫ଟି ଜିଲା ସାମିଲ ହୋଇ ୧୪ ଜିଲାରେ ଲକ୍ଷ୍ମୀ ବସ୍ ଗଡ଼ିପାରିଛି। ଚଳିତମାସ ଶେଷ ସୁଦ୍ଧା ସମସ୍ତ ଜିଲାରେ ଲକ୍ଷ୍ମୀ ବସ୍ ଗଡ଼ିବାର ଯୋଜନା ରହିଛି।

## 'ବିକଶିତ ଭାରତର...

ଡିଜିଟାଲ ଦୁନିଆ ଭାରତକୁ ଆଗକୁ ନେଉଛି। ଆମେ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟରେ ଅଗ୍ରସର ହେଉଥିବା ବେଳେ ଆଜି ନିଯୁକ୍ତି ପାଉଥିବା ପ୍ରାର୍ଥୀମାନେ ଆଗାମୀ ୨୫ ବର୍ଷରେ ଦକ୍ଷତାକୁ ବହୁଗୁଣିତ କରିବା ପାଇଁ ଏବେଠାରୁ ପ୍ରୟାସ କରିବାର ଆବଶ୍ୟକତା ଅଛି। ପାଠପଢ଼ି ଯେଉଁମାନେ ସରକାରୀ ଦାୟିତ୍ୱରେ ଅଛନ୍ତି ସେମାନେ ହିଁ ଦେଶକୁ ଆଗକୁ ନେବେ। ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଭାବେ ୧୦୦ ବର୍ଷ ପୂରଣ କରିବ। ଓଡ଼ିଶାର ବିକାଶ ହେଲେ ହିଁ ଭାରତ ବିକଶିତ ହେବ। ପ୍ରଧାନମନ୍ତ୍ରୀ ଏକ ଭାରତ ଶ୍ରେଷ୍ଠ ଭାରତର ନାରା ଦେଇଛନ୍ତି। ଭାଷା, ସ୍ଥାନ, ପୋଷାକ, ଖାଦ୍ୟ ଏବଂ ରୁଚି ଆମ ପାଇଁ ଅଲଗା ହୋଇପାରେ, କିନ୍ତୁ ଆମେ ବିବିଧତାରେ ଏକ। ପ୍ରଧାନମନ୍ତ୍ରୀଙ୍କ 'ଏକ ଭାରତ, ଶ୍ରେଷ୍ଠ ଭାରତ' କଳ୍ପନାରେ ଭାରତୀୟ ଭାବେ ଆମ ଦେଶକୁ ବିଶ୍ୱରେ ଅଗ୍ରଣୀ କରିବା ପାଇଁ, ଓଡ଼ିଶାର ସ୍ୱାଭିମାନକୁ ବଢ଼ାଇବା ପାଇଁ ଏବଂ ମାନବ ସମାଜକୁ ଆଗେଇ ନେବା ପାଇଁ ତପସ୍ୟା କରିବା ଲାଗି କେନ୍ଦ୍ରମନ୍ତ୍ରୀ ଯୁବ ସମାଜକୁ ଆହ୍ୱାନ କରିଛନ୍ତି।

ଉଲ୍ଲେଖନୀୟ ଯେ, ଦ୍ୱାଦଶ ପର୍ଯ୍ୟାୟ ରାଷ୍ଟ୍ରୀୟ ରୋଜଗାର ମେଳାରେ ସିଆଇଏସ୍‌ଏଫ୍‌ରେ ୧୦୦ ଜଣ, ପୂର୍ବତଟ ରେଳ ବିଭାଗରେ ୭୪, ଏମ୍‌ସରେ ୫୬, ସିବିଆଇସିରେ ୪୦, ଏଫସିଆଇରେ ୨୯, ବିଏସ୍‌ଏଫ୍‌ରେ ୨୪, ଇପିଏଫ୍‌ଓରେ ୧୭, ଇନ୍‌କମ୍ ଟ୍ୟାକ୍ସରେ ୧୦, ଭାରତୀୟ ଡାକ ବିଭାଗରେ ୯, ଜନଜାତି ବ୍ୟାପାର ମନ୍ତ୍ରଣାଳୟରେ ୯, ସିଡବ୍ଲୁସିରେ ୭, ସିଆରପିଏଫ୍‌ରେ ୬ ଏବଂ ସିପିଡବ୍ଲୁଡିରେ ୩ ଜଣ ସର୍ବମୋଟ ୩୮୪ ଜଣଙ୍କୁ ନିଯୁକ୍ତି ପତ୍ର ବିତରଣ କରାଯାଇଛି।

## ୮ ପୂର୍ବତନ ନୌସେନା...

କରିବେ। ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ମଜଭୁତ କରିବା ପ୍ରଧାନମନ୍ତ୍ରୀଙ୍କ କାତାର ଗସ୍ତର ଲକ୍ଷ୍ୟ। ସେଠାରେ ସେ କାତାର ଅମିର ଶେଖ୍ ତମିମ ବିନ୍ ହମାଦ ଏବଂ ସେଠାର ଉଚ୍ଚ ପଦାଧିକାରୀମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହା ପ୍ରଧାନମନ୍ତ୍ରୀଙ୍କ ଦ୍ୱିତୀୟ କାତାର ଗସ୍ତ।

୮ ପୂର୍ବତନ ନୌସେନା ଅଧିକାରୀ ଦୋହାରେ ଏକ ଘରୋଇ କମ୍ପାନୀ ଦହରା ଗ୍ଲୋବାଲ ପାଇଁ କାମ କରିବା ସହ କାତାର ନୌସେନା ଯବାନମାନଙ୍କୁ ପ୍ରଶିକ୍ଷଣ ଦେବାରେ ନିୟୋଜିତ ଥିଲେ। ୨୦୨୨ ଅଗଷ୍ଟରେ କାତାର ଗୃହ ମନ୍ତ୍ରଣାଳୟ ସେମାନଙ୍କୁ ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଅଟକ ରଖିଥିଲା। ସେମାନଙ୍କୁ କେତେ ମାସ ଏକାନ୍ତ କାରାଗାରରେ ରଖାଯିବା ପରେ ଚାର୍ଜଶିଟ୍ ହୋଇଥିଲା। ୨୦୨୩ ଅକ୍ଟୋବର ୨୩ରେ ସେମାନଙ୍କୁ ମୃତ୍ୟୁ ଦଣ୍ଡାଦେଶ ଶୁଣାଯିବା ପରେ ମାମଲା ଭିନ୍ନ ମୋଡ଼ ନେଇଥିଲା। ଭାରତର ପ୍ରତିବାଦ ପରେ ମୃତ୍ୟୁଦଣ୍ଡକୁ ଜେଲଦଣ୍ଡରେ କୋହଳ କରାଯିବା ସହ ମାମଲାକୁ କାସାଶନ କୋର୍ଟକୁ ପଠାଯାଇଥିଲା। ଜେଲରୁ ମୁକ୍ତ ହୋଇଥିବା ନୌସେନା ଭେଟେରାନ୍‌ମାନେ ହେଲେ କ୍ୟାପ୍‌ଟେନ ନଭତେଜ ସିଂ ଗିଲ୍, କ୍ୟାପଟେନ୍ ସୌରଭ ବଶିଷ୍ଟ, କମାଣ୍ଡର ପୂର୍ଣ୍ଣେନ୍ଦୁ ତିୱାରୀ, କ୍ୟାପ୍‌ଟେନ୍ ବୀରେନ୍ଦ୍ର କୁମାର ବର୍ମା, କମାଣ୍ଡର ସୁଗୁନାକର ପାକଲ, କମାଣ୍ଡର ସଞ୍ଜୀବ ଗୁପ୍ତା, କମାଣ୍ଡର ଅମିତ୍ ନାଗପାଲ୍ ଏବଂ ନାବିକ ରାଗେଶ। ସେମାନେ ଦୋହା ନ ଛାଡ଼ିବା ପର୍ଯ୍ୟନ୍ତ ଉକ୍ତ ଖବର ସେମାନଙ୍କ ପରିବାରକୁ ଜଣାଯାଇ ନ ଥିଲା।

କାତାରରୁ ଫେରିଥିବା ପୂର୍ବତନ ନୌସେନା ଅଧିକାରୀମାନେ ପ୍ରଧାନମନ୍ତ୍ରୀଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ନ ଥିଲେ ଫେରିବା ସମ୍ଭବ ହୋଇ ନ ଥାନ୍ତା ବୋଲି ସେମାନେ କହିଛନ୍ତି। ଦିଲ୍ଲୀରେ ସେମାନେ ପହଞ୍ଚିବା ପରେ ଉତ୍ସବର ମାହୋଲ ସୃଷ୍ଟି ହୋଇଥିଲା। ବିମାନବନ୍ଦରରେ ଉପସ୍ଥିତ ଲୋକମାନେ 'ଭାରତ ମାତା କୀ ଜୟ' ସ୍ଲୋଗାନ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ। ଆମେ ଘରକୁ ଫେରିବା ପାଇଁ ୧୮ ମାସ ହେଲା ଚାହିଁବସିଥିଲୁ। ଏବେ ଫେରିଥିବାରୁ ଆମେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରତି ଅତ୍ୟନ୍ତ କୃତଜ୍ଞ ବୋଲି ଦିଲ୍ଲୀ ଫେରିଥିବା ଜଣେ ପୂର୍ବତନ ନୌସେନା ଅଧିକାରୀ କହିଛନ୍ତି।

## ଦେବାଶିଷ, ସୁଭାଶିଷ...

ତେବେ ବିଜେଡି ଆଉ ଗୋଟିଏ ଆସନ ଲାଗି କାହା ନାଁ ଏହି ତାଲିକାରେ ନ ରଖିବା ନେଇ ଏବେଠାରୁ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ବିଜେଡି ସବୁବେଳେ ଯେକୌଣସି ନିର୍ବାଚନ ହେଉ ପ୍ରାର୍ଥୀ ଚୟନରେ କିଛି ଆଶ୍ଚର୍ଯ୍ୟ କରିବା ଭଳି ନିଷ୍ପତ୍ତି ନେଇଥାଏ। ତେଣୁ ଆଉ ଗୋଟିଏ ରାଜ୍ୟ ସଭା ଆସନ ଲାଗି ଦଳ କାହାକୁ ପ୍ରାର୍ଥୀ କରିବ ସେନେଇ ସମସ୍ତଙ୍କ ଅପେକ୍ଷା ରହିଛି। ପୂର୍ବରୁ ବିଜେଡି ପକ୍ଷରୁ ଗୋଟିଏ ଆସନ ଭାଜପା ପାଇଁ ଛାଡି ଦିଆଯାଇଥିଲା। ଫଳରେ ଭାଜପା ପକ୍ଷରୁ ବର୍ତ୍ତମାନର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପ୍ରାର୍ଥୀ କରାଯାଇଥିଲା। ଅଶ୍ୱିନୀ ବିଜେଡି ସମର୍ଥନରେ ସେଥର ରାଜ୍ୟ ସଭା ସାଂସଦ ହେବାରେ ସକ୍ଷମ ହୋଇଥିଲେ। ସେତେବେଳେ ବିଜେଡି ଚାହିଁଥିଲେ ନିଜ ଦଳରୁ କାହାକୁ ମଧ୍ୟ ପ୍ରାର୍ଥୀ କରିପାରିଥାଆନ୍ତା। ତେବେ ଅଶ୍ୱିନୀଙ୍କ କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ତାଙ୍କୁ ଏଥର ଦଳ ପଠାଇବ ନା ଭାଜପା ପକ୍ଷରୁ ଆଉ କାହାକୁ ପ୍ରାର୍ଥୀ ଦେଲେ ବିଜେଡି ସମର୍ଥନ କରିବ ସେନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଦେଶରେ ୧୫ ରାଜ୍ୟର ୫୬ଟି ରାଜ୍ୟ ସଭା ସଦସ୍ୟଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୩ରେ ଶେଷ ହେବ। ଏପରିକି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କାର୍ଯ୍ୟକାଳ ମଧ୍ୟ ଏହି ସମୟରେ ଶେଷ ହେଉଛି। ସୂଚନାଯୋଗ୍ୟ ଯେ, ସଂଖ୍ୟା ଦୃଷ୍ଟିରୁ ଦେଖିଲେ ବିଜେଡି ୩ଟି ଯାକ ରାଜ୍ୟ ସଭା ଆସନ ଦଖଲ କରିବାରେ କୌଣସି ଅସୁବିଧା ନାହିଁ। ଭୋଟ୍ ହେଲେ ବିଜେଡିର ସବୁ ପ୍ରାର୍ଥୀ ସହଜରେ ଜିତିଯିବେ। ତେବେ ବିଜେଡି ୨ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବା ବେଳେ ତୃତୀୟ ଆସନ ଖାଲି ରଖିବା ରାଜନୈତିକ ମହଲରେ ଚର୍ଚ୍ଚା ବଢାଇ ଦେଇଛି। ଦଳରେ ଏବେ ଆଶାୟୀଙ୍କ ଲମ୍ବା ତାଲିକା ଥିବାବେଳେ କାହାକୁ ବିଜେଡି ତୃତୀୟ ଆସନରେ ରାଜ୍ୟ ସଭା ଛାଡିବ ତା' ଉପରେ ସମସ୍ତଙ୍କ ନଜର ରହିଛି।

## ମୁଖାଗ୍ନି ପୂର୍ବରୁ ଜୁଇରେ...

ସ୍ତ୍ରୀଙ୍କୁ ଡାକିବାରେ ସେ କୌଣସି ଉତ୍ତର ନ ଦେବା ଓ ନିଃଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇଯିବାରୁ ତାଙ୍କ ଜୀବନ ଚାଲିଯାଇଥିବା ଭାବି ଶିବରାମ ପଡୋଶୀଙ୍କୁ ଜଣାଇଥିଲେ। ସେଠାକାର ସାମାଜିକ କର୍ମୀ ଚିରଞ୍ଜୀବ ପାତ୍ର ଏ ସମ୍ପର୍କରେ ସ୍ଥାନୀୟ କର୍ପୋରେଟରଙ୍କୁ ଜଣାଇବା ସହ ଶବବୁହା ଗାଡି ଡକାଇ ବୁଚି ଆମ୍ମାଙ୍କୁ ବିଜିପୁର ଶ୍ମଶାନକୁ ନେବାରେ ସହଯୋଗ କରିଥିଲେ। ଶ୍ମଶାନରେ ତାଙ୍କୁ ଜୁଇ ଉପରେ ରଖାଯିବା ପରେ ଶିବରାମ ମୁହଁରେ ନିଆଁ ଦେବା ପାଇଁ ୩ ଥର ବୁଲିଥିଲେ। ଏହି ସମୟରେ ବୁଚି ଆମ୍ମାଙ୍କ ଆଖି ଖୋଲିଥିବା ଶବଦାହ ପାଇଁ ଥିବା ଜଣେ କର୍ମଚାରୀ ଶିବରାମଙ୍କୁ କହିଥିଲେ। ଶିବରାମ ସ୍ତ୍ରୀ ଜୀବିତ ଥିବା ଜାଣି ଆମ୍ବୁଲାନ୍ସରେ ଘରକୁ ନେଇଯାଇଥିଲେ। ତେବେ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ବୁଚି ଆମ୍ମା ଘରେ ପଡି ରହିଛନ୍ତି। ଶିବରାମ କହିଛନ୍ତି ଯେ, ବଡ ଡାକ୍ତରଖାନାରେ ଠିକ ଭାବେ କୌଣସି ଚିକିତ୍ସା ସେବା ମିଳିଲାନି। ଡାକ୍ତର ତାଙ୍କୁ ଘରକୁ ନେଇଯିବାକୁ କହିଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ଏମ୍‌କେସିଜି ସୁପରିଣ୍ଟେଣ୍ଡେଣ୍ଟ ସୁଚିତ୍ରା ଦାଶଙ୍କ ସହ ଯୋଗାଯୋଗ କରିବାରେ ସମ୍ପୃକ୍ତ ମହିଳାଙ୍କୁ ଡାକ୍ତରଖାନା ଅଣାଗଲେ ସମସ୍ତ ପ୍ରକାର ଚିକିତ୍ସା ସୁବିଧା କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ବ୍ରହ୍ମପୁର ଉପଜିଲାପାଳ ଦୀନା ଦସ୍ତାଗରଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଏ ବାବଦରେ ଯାହା କରାଯାଇ ପାରିବ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ବୁଚି ଆମ୍ମାଙ୍କୁ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଭାଜପା ଗଞ୍ଜାମ ସାଙ୍ଗଠନିକ ଜିଲା ଉପସଭାପତି ରାମ କୁମାର ପାତ୍ର ଆମ୍ବୁଲାନ୍ସରେ ଏମ୍‌କେସିଜି ମେଡିକାଲକୁ ନେଇଥିବା ଜଣାପଡିଛି।

## ମହାରାଷ୍ଟ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ...

ନିର୍ବାଚିତ ହୋଇଥିବା ଅଶୋକ ୨୦୦୮ରୁ ୨୦୧୦ ଯାଏଁ ୨ ବର୍ଷ ଧରି ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ତେବେ ଆଦର୍ଶ ହାଉସିଂ ସୋସାଇଟି ଦୁର୍ନୀତିରେ ତାଙ୍କ ନାମ ଆସିବାରୁ ଦଳର ନିର୍ଦ୍ଦେଶ କ୍ରମେ ୨୦୧୦ ନଭେମ୍ବର ୯ ତାରିଖରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ୨୦୧୪ରେ ଅଶୋକ ନାନ୍ଦେଡ଼ ଲୋକସଭା ଆସନରୁ ଏମପି ଭାବେ ନିର୍ବାଚିତ ହୋଇଥିବାବେଳେ ୨୦୧୫ରେ ସେ ମହାରାଷ୍ଟ୍ର ପ୍ରଦେଶ କଂଗ୍ରେସ କମିଟି ସଭାପତି ଭାବେ ନିଯୁକ୍ତ ହୋଇଥିଲେ। ସେହିପରି ୨୦୧୯ରେ ଉଦ୍ଧବ ଠାକରେଙ୍କ ନେତୃତ୍ୱରେ ଗଠିତ ହୋଇଥିବା ମହା ବିକାଶ ଅଘାଡ଼ି ସରକାରରେ କ୍ୟାବିନେଟ ମନ୍ତ୍ରୀ ଭାବେ ଅଶୋକ ଶପଥ ନେଇଥିଲେ।

## ବ୍ୟାଗ୍‌କୁ ବିରୋଧ...

ଏବାବଦରେ ୨୭୮.୬୯ କୋଟି ଏବଂ ୧୦୦୦ ଟଙ୍କା ସହାୟତା ରାଶିବାବଦକୁ ୯୫୯.୦୫ କୋଟି ମୋଟ ୧୨୩୭.୭୪ କୋଟି ଟଙ୍କା ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ବହନ କରିବେ। ସୋମବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା (ଏମଏମକେୱାଇ)ରେ ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୪୪୮ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହି ଯୋଜନାରେ ୧୧,୦୦୦ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସମେତ ସିଧାସଳଖ ୫୦,୦୦୦ ମତ୍ସ୍ୟଜୀବୀ ଉପକୃତ ହେବେ। ଏଥିସହିତ ୧ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀଙ୍କୁ ପରୋକ୍ଷ ରୋଜଗାର ମିଳିପାରିବ। ମତ୍ସ୍ୟ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏଥିସହିତ କ୍ୟାବିନେଟରେ ୨୭ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

## ବେକାରିଙ୍କ ପାଇଁ...

ଏହି ଋଣର ପରିମାଣର ୮୫% ଗ୍ୟାରେଣ୍ଟି ଏବଂ ରାଜ୍ୟ ସରକାର ୧୫% ଗ୍ୟାରେଣ୍ଟି ବହନ କରିବେ। ଏଥିସହିତ ସିଜିଟିଏମଏସଇର ବାର୍ଷିକ ଗ୍ୟାରେଣ୍ଟି ଦେୟ ଭାର ମଧ୍ୟ ରାଜ୍ୟ ସରକାର ବହନ କରିବେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ପରିସରଭୁକ୍ତ କିମ୍ବା ବାର୍ଷିକ ୩ ଲକ୍ଷରୁ କମ୍ ଆୟ ଥିବା ପରିବାର ଏହି ବିନା ସୁଧ ଋଣ ପାଇବାକୁ ଆବେଦନ କରିପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ବୈଠକରେ ଏହି ଯୁଗାନ୍ତକାରୀ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ରାଜ୍ୟର ବ୍ୟବସାୟିକ ବାତାବରଣ ଆହୁରି ଉଜ୍ଜ୍ୱଳ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି ଯୋଜନାରେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ୧ ଲକ୍ଷ ଯୋଗ୍ୟ ଯୁବତୀଯୁବକଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ଯୋଜନାରେ ୧୮ରୁ ୩୫ ବର୍ଷ ବୟସର ଯୁବତୀଯୁବକମାନେ ସାମିଲ ହୋଇପାରିବେ। ଅନୁସୂଚିତ ଜାତି, ଜନଜାତି, ଭିନ୍ନକ୍ଷମ ଓ କିନ୍ନରମାନଙ୍କ କ୍ଷେତ୍ରରେ ଏହି ବୟସ ସୀମା ୧୮ରୁ ୪୦ ବର୍ଷ ରଖାଯାଇଛି। ଆବେଦନକାରୀଙ୍କ ପରିବାର କାଳିଆ କିମ୍ବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ସାମିଲ ହୋଇଥିବେ କିମ୍ବା ସେମାନଙ୍କ ବାର୍ଷିକ ପାରିବାରିକ ରୋଜଗାର ୨ ଲକ୍ଷରୁ କମ୍ ହୋଇଥିବ। ପରିବାରର ଅର୍ଥ ହେଉଛି ଆବେଦନକାରୀ ଓ ତାଙ୍କ ସ୍ତ୍ରୀ କିମ୍ବା ସ୍ୱାମୀ। ଆବେଦନକାରୀଙ୍କର ଉଦ୍ୟମୀ ପଞ୍ଜୀକୃତ କିମ୍ବା ଉଦ୍ୟମୀ ସହାୟତା ନମ୍ବର ରହିବା ଆବଶ୍ୟକ।

ବ୍ୟାଙ୍କ କିମ୍ବା ଅନ୍ୟ କୌଣସି ଆର୍ଥିକ ଅନୁଷ୍ଠାନରୁ ଋଣ ନେଇ ଡିଫଲଟର ହୋଇଥିବା କିମ୍ବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୌଣସି ଯୋଜନାର ବକେୟା ଋଣ ଥିଲେ ଆବେଦନକାରୀଙ୍କୁ ଏହି ଯୋଜନାର ସୁବିଧା ମିଳିବ ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାର କିମ୍ବା କୌଣସି ସରକାରୀ ଉଦ୍ୟୋଗର କର୍ମଚାରୀ ବା ସାମ୍ବିଧାନିକ ସଂସ୍ଥାର କର୍ମଚାରୀ ଏବଂ ତାଙ୍କ ପରିବାରଙ୍କୁ ଏହି ଋଣ ମିଳିବ ନାହିଁ। ପରିବାରର ଜଣେ ସଦସ୍ୟ ଏହି ସୁବିଧା ନେଇଥିଲେ ଅନ୍ୟ ସଦସ୍ୟ ଏହା ପାଇପାରିବେ ନାହିଁ। ଆବେଦନକାରୀମାନଙ୍କୁ ଋଣ ପାଇଁ କୌଣସି ବନ୍ଧକ ବା ପ୍ରୋସେସିଂ ଫି ଦେବାକୁ ପଡ଼ିବ ନାହିଁ। ୪ ବର୍ଷରେ ଆବେଦନକାରୀମାନେ ମୂଳ ଋଣ ଶୁଝିପାରିବେ। ସୂଚନାଯୋଗ୍ୟ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲାଗସ୍ତ ସମୟରେ ବିଭିନ୍ନ ସ୍ଥାନରେ ଯୁବତୀ ଯୁବକମାନେ ବ୍ୟବସାୟ ବାଣିଜ୍ୟ ପାଇଁ ସରକାରଙ୍କ ସ୍ୱତନ୍ତ୍ର ସହାୟତା ଲାଗି ପ୍ରସ୍ତାବ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଆସିବା ପରେ ଏ ସମ୍ପର୍କିତ ପ୍ରସ୍ତାବ କ୍ୟାବିନେଟ ଅନୁମୋଦନ ପାଇଁ ପଠାଯାଇଥିଲା। ଏହା ଅନୁମୋଦନ ଲାଭ କରିଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-TRANSIT-ORH-502, ତା: 06.02.2024

**କାର୍ଯ୍ୟର ନାମ :** (I) ରେଳକୁଞ୍ଜ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଠାରେ ଟ୍ରାଞ୍ଜିଟ୍ ବିଶ୍ରାମ ଗୃହ ରେ ଦୂରସଂଚାର କାର୍ଯ୍ୟ, (II) ଖୋର୍ଦ୍ଧା ରୋଡ଼ ମଣ୍ଡଳର ଏମ୍‌ସିଏଲ୍ ସାଇଡିଂ ଠାରେ FOIS ସହିତ EIMWB ର ଏକୀକରଣ ପାଇଁ BBMT ସାଇଡିଂ ଠାରେ FOIS କନେକ୍ଟିଭିଟି ର ବ୍ୟବସ୍ଥା, (III) ଖୋର୍ଦ୍ଧା ରୋଡ଼ ମଣ୍ଡଳର କଟକ ଠାରେ ଅଧିକାରୀ ବିଶ୍ରାମ ଗୃହ ର ପ୍ରସ୍ତାବିତ ନିର୍ମାଣ ରେ ଦୂରସଂଚାର କାର୍ଯ୍ୟ, (IV) ଖୋର୍ଦ୍ଧା ରୋଡ଼ ମଣ୍ଡଳର କନ୍‌ଫରେନ୍ସ ହଲ୍, DRM କାର୍ଯ୍ୟାଳୟ ଠାରେ ଦୂରସଂଚାର ସମ୍ବନ୍ଧିତ ବସ୍ତୁ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** ₹ 46,77,539.58, EMD (ଟଙ୍କାରେ) : ₹ 93,600/-, ଶେଷ ହେବା ଅବଧି : 4 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.15.02.2024 ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.02.2024 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ *Firm* ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-1080/O/23-24

# ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା | ରିମାରାଣୀଙ୍କ ସାକ୍ଷ୍ୟ ଗ୍ରହଣ ସରିଲା

ବଲାଙ୍ଗୀର, ୧୨।୨ (ବୀରେନ୍ଦ୍ର କୁମାର ଝାଙ୍କର)

ପାଟଣାଗଡ଼ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ସୋମବାର ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ଶୁଣାଣି ହୋଇଥିଲା। ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ନବବିବାହିତ ସଫ୍ଟୱେର ଇଞ୍ଜିନିୟର ସୌମ୍ୟଶେଖର ସାହୁଙ୍କ ସ୍ତ୍ରୀ ରିମାରାଣୀ ସାହୁ ସାକ୍ଷ୍ୟ ଦେଇଥିଲେ। ସାକ୍ଷ୍ୟ ଗ୍ରହଣ ବେଳେ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ତଥା ଏକମାତ୍ର ଅଭିଯୁକ୍ତ ପୁଞ୍ଜିଲାଲ ମେହେର ମଧ କୋର୍ଟରେ ହାଜର ହୋଇଥିଲେ। କୋର୍ଟରେ ରିମାରାଣୀ ୨୦୧୮ ଫେବୃଆରୀ ୨୩ର ସେଇ ବୁକୁଥରା ଘଟଣା ସମ୍ପର୍କିତ ତଥ୍ୟ ରଖିଥିଲେ। ଏହାସହିତ ଅଭିଯୁକ୍ତଙ୍କ ଓକିଲଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ସେ ଦେଇଥିଲେ। କିଭଳି ସେଦିନ ପାର୍ସଲ ବୋମା ବିସ୍ଫୋରଣ ହେଲା ଏବଂ ସେଥିରେ ତାଙ୍କ ନବବିବାହିତ ସ୍ୱାମୀ, ଜେଜେମାଙ୍କ ଜୀବନ ଚାଲିଗଲା ତାହା କହିଥିଲେ। ବିସ୍ଫୋରଣରେ କିଭଳି ସେ ନିଜେ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ ଏବଂ ଘଟଣାର ୨୫ ଦିନ ପରେ ତାଙ୍କୁ ହସ୍ପିଟାଲ ଶଯ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁଖବର ଶୁଣିବାକୁ ମିଳିଥିଲା ତାହା ମଧ୍ୟ ଉଲ୍ଲେଖ କରିଥିଲେ। ସୋମବାର ୫୧ତମ ସାକ୍ଷୀ ଭାବେ କୋର୍ଟରେ ରିମାରାଣୀଙ୍କ ସାକ୍ଷ୍ୟ ଗ୍ରହଣ ସରିବା ପରେ ଖୁବ୍‌ଶୀଘ୍ର ଏଇ ମାମଲାର ରାୟ ପ୍ରକାଶ ପାଇବ ବୋଲି ପୀଡ଼ିତ ପରିବାର ଆଶାପ୍ରକାଶ କରିଛନ୍ତି।

**TPCODL**

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ସହିଦ ନଗରରେ ସକାଳ ୮ ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ଏବଂ ସାଲିଆ ସାହି ବସ୍ତି ଅଞ୍ଚଳରେ ସକାଳ ୯.୩୦ ଘଟିକାରୁ ଅପରାହ୍ନ ୩.୩୦ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।

ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ **ତା.୨୮.୦୨.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ଦେୟ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୨୫୫୧୧/** **୧) ଅଜିତ୍ କୁମାର ପଣ୍ଡା,** ପିତା: ଦୁର୍ଗା ମାଧବ ପଣ୍ଡା, ମେନ୍ ରୋଡ଼, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩, **୨) ଦୁର୍ଗା ମାଧବ ପଣ୍ଡା,** ପିତା: ଗୋପିନାଥ ପଣ୍ଡା, ମେନ୍ ରୋଡ଼, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୬,୯୧,୫୭୨.୭୦** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଦୁର୍ଗା ମାଧବ ପଣ୍ଡା (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୦୩/୨୮୩୫, ଖାତା ନଂ.: ୪୫୦/୪୭୮, ମୌଜା: ଟାଙ୍ଗଣାପଲ୍ଲୀ, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୧୨ ଡିସିମିଲି ଯାହା ୫୨୩ ବର୍ଗଫୁଟ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ଦିନବନ୍ଧୁ ରାଉଳଙ୍କ ସମ୍ପତ୍ତି, ଦକ୍ଷିଣ: କରୁଣା ରାଉଳଙ୍କ ସମ୍ପତ୍ତି | ଟ.୧୦,୯୮,୦୦୦/- / ଟ.୧,୧୦,୦୦୦/- / ଟ.୧୧,୦୦୦/- | ଆକାଉଣ୍ଟ ନଂ.: 008511980050000 IFSC Code: UBIN0800856 |
| ୨. | **କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୨୫୫୧୧/** **୧) ମେସର୍ସ ନବଜ୍ୟୋତି ପଲିପାଇପ୍ସ, ସ୍ୱତ୍ତ୍ୱାଧିକାରୀ: ସରୋଜିନୀ ପଣ୍ଡିତ,** ସ୍ୱାମୀ: ଅଲି କ୍ରୀଷ୍ଣ ପଣ୍ଡିତ, ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, **୨) ସରୋଜିନୀ ପଣ୍ଡିତ,** ସ୍ୱାମୀ: ଅଲି କ୍ରୀଷ୍ଣ ପଣ୍ଡିତ, ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ / **ମୋଟ ବକେୟା: ୦୩.୦୮.୨୦୧୯ ସୁଦ୍ଧା ଟ.୨୨,୧୬,୪୦୬/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ସରୋଜିନୀ ପଣ୍ଡିତ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୨୩/୨୩୫୫, ଖାତା ନଂ.: ୧୮୮/୮୫୮, ଗ୍ରାମ: ଦୁବପଲ୍ଲୀ, କନିସି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୪୧ ଡିସିମିଲି ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତାଙ୍କ ବଳକା ଜମି, ପଶ୍ଚିମ: ସ୍ୱର୍ଣ୍ଣମଞ୍ଜରୀ ପଣ୍ଡାଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପୃକ୍ତ ପକ୍ଷଙ୍କ ବଳକା ଜମି | ଟ.୨୦,୧୦,୦୦୦/- / ଟ.୨,୦୧,୦୦୦/- / ଟ.୨୧,୦୦୦/- | ଆକାଉଣ୍ଟ ନଂ.: 008511980050000 IFSC Code: UBIN0800856 |
| ୩. | **କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୨୫୫୧୧/** **୧) ଶ୍ରୀ ଅରୁଣ ଗୌଡ,** ପିତା: କାଶୀ ଗୌଡ, ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁନ୍ଦା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **୨) ଶ୍ରୀ କାଶୀ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁନ୍ଦା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **୩) ଶ୍ରୀ ସୀମାଞ୍ଚଳ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁନ୍ଦା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ମୋଟ ବକେୟା: ୦୭.୧୧.୨୦୧୭ ସୁଦ୍ଧା ଟ.୭,୦୭,୪୪୬/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଅରୁଣ ଗୌଡ, ଶ୍ରୀ କାଶୀ ଗୌଡ ଏବଂ ଶ୍ରୀ ସୀମାଞ୍ଚଳ ଗୌଡ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: ସୁକୁନ୍ଦା, ମେନ୍ ରୋଡ଼, ସୁକୁନ୍ଦା, ବ୍ରହ୍ମପୁର, କ୍ଷେତ୍ର: ୮୭୧ ବର୍ଗଫୁଟ, ପ୍ଲଟ୍ ନଂ.: ୨୯୮/୪୯୯, ଖାତା ନଂ.: ୧୦୪/୨୩୫, ଏହାର ଚାରିପାର୍ଶ୍ୱରେ ପୂର୍ବ:ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରଙ୍କନିଧି ଗୌଡଙ୍କ ଗୃହ, ଦକ୍ଷିଣ:କାମନା ଗୌଡଙ୍କ ଗୃହ | ଟ.୧୦,୫୦,୦୦୦/- / ଟ.୧,୦୫,୦୦୦/- / ଟ.୧୦,୫୦୦/- | ଆକାଉଣ୍ଟ ନଂ.: 008511980050000 IFSC Code: UBIN0800856 |
| ୪. | **ବେଲଗୁଣ୍ଠା ଶାଖା, ଫୋନ୍: ୮୮୪୭୮୯୧୫୪୭ /** **୧) କୈଳାସ ଚନ୍ଦ୍ର ଶତପଥୀ,** ପିତା: କୃପାସିନ୍ଧୁ ଶତପଥୀ, **୨) ବାସନ୍ତୀ ଶତପଥୀ,** ସ୍ୱାମୀ: କୈଳାସ ଚନ୍ଦ୍ର ଶତପଥୀ, **୩) ଲକ୍ଷ୍ମୀକାନ୍ତ ଶତପଥୀ,** ପିତା: କୈଳାସ ଚନ୍ଦ୍ର ଶତପଥୀ, ସମସ୍ତଙ୍କ ଠିକଣା- ସା.:କୁମ୍ଭାପଡା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା-୭୬୧୧୨୧ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୨୦,୯୩,୦୧୧.୪୪** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ବାସନ୍ତୀ ଶତପଥୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୭୮୯ ଏବଂ ୫୭୯୦,ଖାତା ନଂ.: ୧୩୨୧/୧୭୯, ରେଭିନ୍ୟୁ ମୌଜା: କୁମ୍ଭାପଡା, ତହସିଲ: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୭୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାସନ୍ତୀ ଶତପଥୀଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ଟ.୨୪,୦୦,୦୦୦/- / ଟ.୨,୪୦,୦୦୦/- / ଟ.୨୪,୦୦୦/- | ଆକାଉଣ୍ଟ ନଂ.: 185211980050000 IFSC Code: UBIN0818526 |
| ୫. | **ପୁରୁଷୋତ୍ତମପୁର ଶାଖା-୨, ଫୋନ୍: ୭୦୦୮୧୮୯୩୬୨/** **୧) ମେସର୍ସ ମା ଶ୍ୟାମଳାଇ କାସ୍ୟୁ ଇଣ୍ଡଷ୍ଟ୍ରି,** ସା: କଟୁରୁ, ସୁନ୍ଦରପୁର ନିକଟ, ପୋ.: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, **୨) ସାଧନା ମହାରଣା,** ସ୍ୱାମୀ: ବିନାୟକ ମହାରଣା, **୩) ବିନାୟକ ମହାରଣା,** ପିତା: ୰ ରଙ୍ଗ ମହାରଣା, **୪) ରୀନା ମହାରଣା,** ସ୍ୱାମୀ: ୰ ରଙ୍ଗ ମହାରଣା, ସମସ୍ତଙ୍କ ଠିକଣା- ସା: ଶାନ୍ତି ନଗର, ନିଉ ପୋଲିସ୍ ଲାଇନ୍, ଛତ୍ରପୁର, ଜିଲ୍ଲା: ଗଞ୍ଜାମ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୨୩,୦୩,୮୭୨.୭୪** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ରୀନା ମହାରଣା,** ସ୍ୱାମୀ: ୰ ରଙ୍ଗ ମହାରଣା, ସା.: ଶାନ୍ତିନଗର, ନିଉ ପୋଲିସ୍ ଲାଇନ୍, ଛତ୍ରପୁର, ଗଞ୍ଜାମଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାର ଖାତା ନଂ.: ୧୨୮/୩୩୯, ପ୍ଲଟ୍ ନଂ.: ୨୯/୧୧୮୭, ୨୮/୧୧୮୬, ୨୧/୧୧୮୫, ମୌଜା : ଅଭିମନ୍ୟୁପୁର, ଗଞ୍ଜାମ, କ୍ଷେତ୍ର : ଏକର ୦.୦୮୭ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଜି ଖାଦେସୁଙ୍କ ସମ୍ପତ୍ତି, ପଶ୍ଚିମ: ରାସ୍ତା, ଉତ୍ତର: ବିଶ୍ୱନାଥ ମୁଦୁଲିଙ୍କ ସମ୍ପତ୍ତି, ଦକ୍ଷିଣ: ପାର୍ବତୀ ଆଚାର୍ଯ୍ୟଙ୍କ ସମ୍ପତ୍ତି ଏବଂ ଯାଞ୍ଚ ଅନୁସାରେ ଏହାର ଚାରିପାର୍ଶ୍ୱରେ ପୂର୍ବ: ଜିତୁନ ପାଢ଼ୀ, ପଶ୍ଚିମ: ପିଚ୍ ରୋଡ୍, ଉତ୍ତର: ପ୍ରଭାତ କୁମାର ଦାସଙ୍କ ଗୃହ, ଦକ୍ଷିଣ: ଭଗବାନ ପାତ୍ରଙ୍କ ଗୃହ | ଟ.୭୧,୦୦,୦୦୦/- / ଟ.୭,୧୦,୦୦୦/- / ଟ.୭୧,୦୦୦/- | ଆକାଉଣ୍ଟ ନଂ.: 134411980050000 IFSC Code: UBIN0813443 |
| ୬. | **ଏସ୍‌ଏମ୍‌ଆଇଟି ଚଣ୍ଡିପଦର ଶାଖା, ଫୋନ୍: ୯୦୪୦୨୬୨୪୨୧ /** **୧(କ) ଶ୍ରୀ ସଞ୍ଜୟ ରାଉଳ,** ପିତା: ଶ୍ରୀ ଧୋବା ରାଉଳ, ସା/ପୋ: ଚଣ୍ଡିପଦର, ଭାୟା: ଭାଟକୁମରଡା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ଋଣଗ୍ରହୀତା), ୧(ଖ) ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ସହ-ଋଣଗ୍ରହୀତା), ୨(କ) ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ବନ୍ଧକଦାତା) / ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୫,୫୪,୩୯୨.୩୩** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଧୋବା ରାଉଳ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର ୦.୦୧୯ଡିସିମିଲି (୮୨୭ ବର୍ଗଫୁଟ), ପ୍ଲଟ୍ ନଂ.: ୨୫୯୩/୪୬୩୧, ଖାତା ନଂ.: ୭୬୧/୭୩୭, ରେଭିନ୍ୟୁ ମୌଜା: ଚଣ୍ଡିପଦର, ବଡ ଷ୍ଟ୍ରିଟ୍, ଚଣ୍ଡିପଦର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ବୃନ୍ଦାବନ ରାଉଳଙ୍କ ସମ୍ପତ୍ତି, ପଶ୍ଚିମ: ମୋହନ ରାଉଳଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ଟ.୮,୪୮,୦୦୦/- / ଟ.୮୫,୦୦୦/- / ଟ.୮,୫୦୦/- | ଆକାଉଣ୍ଟ ନଂ.: 149411980050000 IFSC Code: UBIN0814946 |
| ୭. | **କୁଲ୍ଲାଡ ଶାଖା, ଫୋନ୍: ୭୯୭୮୦୭୯୧୩୬ /** **୧) ରଙ୍କନିଧି ଭୋଳ,** ପିତା: ୰ ଗନ୍ଧର୍ବ ଭୋଳ, ସା: ସରଧାପୁର, ପୋ: କେ ବ୍ରହ୍ମପୁର, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ଅନ୍ୟ ଠିକଣା: ମାର୍ଫତ: ମାସନ୍ ଇଷ୍ଟେଟ୍ (ଓ) ପ୍ରା. ଲିଃ ୪୫୮, ମଧୁସୂଦନ ନଗର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା, **୨) ଶାନ୍ତିଲତା ଭୋଳ ଓରଫ୍ ସେନାପତି,** ପିତା: ୰ ଗନ୍ଧର୍ବ ଭୋଳ, ସା: ସରଧାପୁର, ପୋ: କେ ବ୍ରହ୍ମପୁର, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ଅନ୍ୟ ଠିକଣା: ଏଲ୍.ପି ୫୨୪, ପ୍ରଶାନ୍ତି ବିହାର, କିଟ୍, ପଟିଆ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା, **୩) ରତ୍ନମାଳା ଭୋଳ,** ସ୍ୱାମୀ: ରଙ୍କନିଧି ଭୋଳ, ସା: ସରଧାପୁର, ପୋ: କେ ବ୍ରହ୍ମପୁର, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା / **ମୋଟ ବକେୟା: ୧୩.୧୦.୨୦୧୭ ସୁଦ୍ଧା ଟ.୬,୬୪,୯୫୪.୮୦** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ରଙ୍କନିଧି ଭୋଳ ଏବଂ ଶାନ୍ତିଲତା ଭୋଳ ଓରଫ୍ ସେନାପତି (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୬୪, ପ୍ଲଟ୍ ନଂ.: ୧୩୮୭, କ୍ଷେତ୍ର: ଏକର୦.୦୪୦ ଡ଼ିସିମିଲି ଏବଂ ପ୍ଲଟ୍ ନଂ.: ୧୪୨୯, କ୍ଷେତ୍ର: ଏକର୦.୦୨୯ ଡ଼ିସିମିଲି, ଉଭୟ ପ୍ଲଟ୍ ପାଖାପାଖି ଅବସ୍ଥିତ ଯାହାର ମୌଜା: ଧମନଝୋଲି, ତହସିଲ: ଭଞ୍ଜନଗର, ଗଞ୍ଜାମ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ନିଜସ୍ୱ, ପଶ୍ଚିମ: ରାସ୍ତା, ଉତ୍ତର: ଦାମୁନୀ ଗୌଡ଼ଙ୍କ ଗୃହ, ଦକ୍ଷିଣ: ନାରାୟଣ ମଲ୍ଲିକଙ୍କ ଗୃହ | ଟ.୯,୫୫,୦୦୦/- / ଟ.୯୬,୦୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 082711980050000 IFSC Code: UBIN0808270 |
| ୮. | **ଛତ୍ରପୁର ଶାଖା-୨, ଫୋନ୍: ୯୮୬୧୦୧୪୪୯୦ /** **୧) ମେସର୍ସ ଲକ୍ଷ୍ମୀ କାସ୍ୟୁ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ତ୍ୱାଧିକାରୀ: ବି. ମାଦେୟା ପାତ୍ର,** ସା.: ବ୍ରାହ୍ମଣିଆ ପଲ୍ଲୀ, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦, **୨) ବି. ମାଦେୟା ପାତ୍ର,** ପିତା: ୰ ବି. ଚନ୍ଦ୍ରୁ ପାତ୍ର, ସା.: ବ୍ରାହ୍ମଣିଆପଲ୍ଲୀ, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦, **୩) ବି. କାମେଶ୍ୱ ପାତ୍ର, ୪) ବି. ଲକ୍ଷ୍ମମ୍ମା,** ସ୍ୱାମୀ: ୰ ବି. ଚନ୍ଦ୍ରୁ ପାତ୍ର, ସା.: ବ୍ରାହ୍ମଣିଆପଲ୍ଲୀ, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦, **୫) ବି. ଚନ୍ଦ୍ରୁ ପାତ୍ର,** ସା.: ବ୍ରାହ୍ମଣିଆ ପଲ୍ଲୀ, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦, **୬) ବି. ତାମେୟା ପାତ୍ର,** ପିତା: ୰ ବି. ଚନ୍ଦ୍ରୁ ପାତ୍ର, ସା.: ବ୍ରାହ୍ମଣିଆ ପଲ୍ଲୀ, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦, **୭) ବି. ନଗମ୍ମା ପାତ୍ର,** ପିତା: ୰ ବି. ଚନ୍ଦ୍ରୁ ପାତ୍ର, ସା.: ଗୋଳାବନ୍ଧ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦ / **ମୋଟ ବକେୟା: ୦୧.୦୮.୨୦୧୮ ସୁଦ୍ଧା ଟ.୩୧,୧୯,୦୫୫.୫୦** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **୧) ବି. ମାଦେୟା ପାତ୍ର (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ କାରଖାନା ଜମି ଏବଂ ଗୃହ ଯାହାର ସା: ବ୍ରାହ୍ମଣିଆପଲ୍ଲୀ, ଭାୟା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖତିୟାନ ନଂ.: ୨୯୬/୩୬୩, ପ୍ଲଟ୍ ନଂ.: ୯୬୩/୧୯୦୫, କ୍ଷେତ୍ର: ଏକର ୦.୩୮୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବି. ହାଡିଆଦା ପାତ୍ର ଏବଂ ଅନ୍ୟମାନଙ୍କ ଜମି, ପଶ୍ଚିମ: ବି. ଚନ୍ଦ୍ରୁ ପାତ୍ର ଏବଂ ଅନ୍ୟମାନଙ୍କ ଜମି, ଉତ୍ତର: ସତ୍ୟମ୍ମାଙ୍କ ଜମି, ଦକ୍ଷିଣ: ରାସ୍ତା ଏବଂ ରେଲୱେ ଜମି<br>**୨) ବି. ଚନ୍ଦ୍ରୁ ପାତ୍ର (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ସା: ବ୍ରାହ୍ମଣିଆପଲ୍ଲୀ, ଭାୟା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖତିୟାନ ନଂ.: ୮୩, ପ୍ଲଟ୍ ନଂ.: ୧୨୪୬/୧୫୩୮, କ୍ଷେତ୍ର: ଏକର ୦.୦୧୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବି. ରମୟା ପାତ୍ରଙ୍କ ଗୃହ, ପଶ୍ଚିମ: ବି. ମାଦେୟା ପାତ୍ର ଏବଂ ଅନ୍ୟମାନଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଡି. ସନ୍ୟାସୀ ପାତ୍ରଙ୍କ ସମ୍ପତ୍ତି | ୧) ଟ.୨୫,୧୦,୦୦୦/- / ଟ.୨,୫୧,୦୦୦/- / ଟ.୨୬,୦୦୦/-<br>୨) ଟ.୫,୦୫,୦୦୦/- / ଟ.୫୧,୦୦୦/- / ଟ.୫,୫୦୦/- | ଆକାଉଣ୍ଟ ନଂ.: 077411980050000 IFSC Code: UBIN0807745 |
| ୯. | **ବେଲଗୁଣ୍ଠା ଶାଖା, ଫୋନ୍: ୮୮୪୭୮୯୧୫୪୭ /** **୧) ରବିନ୍ଦ୍ରନାଥ ସେଠୀ,** ପିତା: ଖଦାଳ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୭, **୨) ମନୋରମା ସେଠୀ,** ସ୍ୱାମୀ: ରବିନ୍ଦ୍ରନାଥ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୭, **୩) ମନୋରମା ସେଠୀ,** ସ୍ଥାୟୀ ଠିକଣା- କ୍ୱାର୍ଟର ନଂ.: ଏ-୪୦୦, ସେକ୍ଟର-୨, ନାଲକୋ ଟାଉନସିପ୍ (ମାଇନିଂ ଅପରେଟର), ଦାମନଯୋଡି-୭୬୩୦୦୮, ଜିଲ୍ଲା: କୋରାପୁଟ, ଓଡ଼ିଶା / **ମୋଟ ବକେୟା: ୨୪.୦୪.୨୦୧୮ ସୁଦ୍ଧା ଟ.୧୪,୯୧,୨୯୬.୯୮** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ରବିନ୍ଦ୍ରନାଥ ସେଠୀ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: କାଦପଡା, ଖାତା ନଂ.: ୫୨୭/୯୩, ପ୍ଲଟ୍ ନଂ.: ୭୧୯/୧୦୬୬, କ୍ଷେତ୍ର: ଏକର୦.୧୯୬ ଡିସିମିଲି, ବାଲିପଦର, ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା ରୁଦ୍ର ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ମଞ୍ଜୁଳା ପ୍ରଧାନଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଣ୍ଡ | ଟ.୨୧,୪୦,୦୦୦/- / ଟ.୨,୧୪,୦୦୦/- / ଟ.୨୨,୦୦୦/- | ଆକାଉଣ୍ଟ ନଂ.: 185211980050000 IFSC Code: UBIN0818526 |

**ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ୨୭.୦୨.୨୦୨୪ ଅପରାହ୍ନ ୪.୦୦ ଘଟିକା ପୂର୍ବରୁ**

**ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୨୬.୦୨.୨୦୨୪ ରିଖ ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ**

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ୍: https://www.mstcecommerce.com/auctionhome/ibapi/index.jsp,www.unionbankofindia.co.in ଦେଖନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୬୨୮୯୨୪୬୪୯୨

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ବ୍ରହ୍ମପୁର
ତାରିଖ: ୧୨.୦୨.୨୦୨୪

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଦଳୀୟ କନ୍ଦଳ ସଭିଙ୍କୁ ଅଡୁଆ

## ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ

ବରଗଡ଼,୧୨।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରମୁଖ ୩ ଦଳ ବିଜେଡି, ଭାଜପା ଓ କଂଗ୍ରେସରୁ ଆଶାୟୀମାନେ ଟିକେଟ ପାଇବା ପାଇଁ ନିଜସ୍ୱ ଢଙ୍ଗରେ ପ୍ରୟାସ କରୁଛନ୍ତି। ଏଠାରେ ବିଧାୟକ ଅଛନ୍ତି ବିଜେଡିର ଦେବେଶ ଆଚାର୍ଯ୍ୟ। ଅଦ୍ୟାବଧି ଭାଜପା ଏହି ନିର୍ବାଚନମଣ୍ଡଳୀରୁ ଖାତା ଖୋଲିପାରି ନ ଥିବାବେଳେ ଗତ ୩ଟି ସାଧାରଣ ନିର୍ବାଚନ ମଧ୍ୟରୁ କଂଗ୍ରେସ ଥରୁଟିଏ ଜିତିପାରିଛି।

ଏହି ନିର୍ବାଚନମଣ୍ଡଳୀ ଅଧୀନରେ ରହିଥିବା ବରଗଡ଼ ପୌର ପରିଷଦକୁ ବିଜେଡି ନିଜ ଦଖଲରେ ରଖିଆସୁଛି। କେବଳ ସେତିକି ନୁହେଁ, ଗତ ୨ଟି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦେଖିଲେ, ପଞ୍ଚାୟତ ସମିତି ମଧ୍ୟ ଦଳୀୟ ସମର୍ଥିତ ପ୍ରାର୍ଥୀଙ୍କ ହାତରେ ଅଛି। ସେହିପରି ଗତ ପଞ୍ଚାୟତ ଭୋଟ୍‌ରେ ଏହି ନିର୍ବାଚନମଣ୍ଡଳୀର ସବୁ ଜିଲା ପରିଷଦ ଆସନରେ ବିଜେଡି ପ୍ରାର୍ଥୀ ହିଁ ବିଜୟୀ ହୋଇଥିଲେ। ସେହି ଦୃଷ୍ଟିରୁ ଦେଖିଲେ ବିଜେଡି ଅନ୍ୟ ଦୁଇ ଦଳଠାରୁ ଅପେକ୍ଷାକୃତ ଭଲ ସ୍ଥିତିରେ ଅଛି। ଅପରପକ୍ଷେ ନିର୍ବାଚନମଣ୍ଡଳୀକୁ ଦଖଲ କରିବା ପାଇଁ ବିରୋଧୀ ଭାଜପା ଏବଂ କଂଗ୍ରେସ ରଣନୀତି ପ୍ରସ୍ତୁତ କରୁଛନ୍ତି। ଦେଖିବାକୁ ଗଲେ ସବୁ ଦଳରେ ଆଶାୟୀଙ୍କ ତାଲିକା ଲମ୍ବି ଚାଲିଛି। ଅନେକେ ଏବେ ଗାଁ ମୁହାଁ ହେଲେଣି। ଏପରିକି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଆର୍ଥିକ ସହାୟତା ଯୋଗାଉଥିବା ଚର୍ଚ୍ଚା ହେଉଛି। ଏତେସବୁ ଭିତରେ ଦଳ ମଧ୍ୟରେ ରହିଥିବା କନ୍ଦଳ ସଭିଙ୍କୁ ଅଡୁଆ ହେଉଥିବା କଥା ଉଠୁଛି।

ବିଜେଡିରେ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ନେପାକଙ୍କ ନାମକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଦେବେଶ କ୍ରମାଗତ ୨ଥର ଏହି ଆସନରୁ ନିର୍ବାଚିତ ହୋଇ ସାରିଥିବାବେଳେ ପୌର ଏବଂ ପଞ୍ଚାୟତ ସମିତି ଗଠନରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ସେହିପରି ଚର୍ଚ୍ଚାରେ ଥିବା ଅନ୍ୟତମ ଆଶାୟୀ ସାଧୁ ନେପାକ ୨୦୦୯ ନିର୍ବାଚନରେ କଂଗ୍ରେସରୁ ବିଜୟୀ ହୋଇଥିବା ବେଳେ ୨୦୧୪ରେ ବିଜେଡିର ଦେବେଶଙ୍କଠାରୁ ହାରିଯାଇଥିଲେ। ଏହି ଦୃଷ୍ଟିରୁ ବିଜେଡି ଏଠାରୁ ଦେବେଶଙ୍କୁ ତୃତୀୟଥର ପାଇଁ ନିଶ୍ଚିତ ଟିକେଟ୍ ଦେବ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଅନ୍ୟପଟେ ୨୦୧୯ରେ କଂଗ୍ରେସ ସାଧୁଙ୍କୁ ଟିକେଟ ନ ଦେବାରୁ ସେ ବିଜେଡିରେ ଯୋଗଦେଇଥିଲେ। ତେଣୁ ସାଧୁଙ୍କୁ ବିଜେଡି ଯେଭଳି ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ପ୍ରଦାନ କଲା, ଆଗାମୀ ସାଧାରଣ ନିର୍ବାଚନରେ ତାଙ୍କୁ ବିଧାନସଭା କିମ୍ବା ଲୋକ ସଭା ଟିକେଟ ମିଳିପାରେ ବୋଲି ସମର୍ଥକମାନେ ଆଶା ରଖିଛନ୍ତି। ଏଭଳିସ୍ଥଳେ ପ୍ରତ୍ୟକ୍ଷରେ ନ ହେଲେ ମଧ୍ୟ ପରୋକ୍ଷରେ ସାଧୁ-ଦେବେଶଙ୍କ ଅନ୍ତର୍ଦ୍ୱନ୍ଦ୍ୱ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ସହରର ବିଭିନ୍ନ ସ୍ଥାନରେ ଲଗାଯାଇଥିବା ବ୍ୟାନରରୁ ଏହା ବେଶ୍ ପ୍ରତୀୟମାନ ହେଉଛି। ସାଧୁଙ୍କ ବ୍ୟାନରରେ ସ୍ଥାନୀୟ ବିଧାୟକ ଦେବେଶଙ୍କ ଫଟୋ ନ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ସହିତ ଭଟଲି ବିଧାୟକ ସୁଶାନ୍ତ ସିଂ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଫଟୋ ରହିଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ଦେବେଶଙ୍କ ବ୍ୟାନରରେ



ମୁଖ୍ୟମନ୍ତ୍ରୀଙ୍କ ଫଟୋ ସହିତ ଦଳର ରାଜ୍ୟ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ପୂର୍ବତନ ବିଧାୟକ ସ୍ୱର୍ଗତ ଆନନ୍ଦ ଆଚାର୍ଯ୍ୟଙ୍କ ଫଟୋ ଥିବା ପରିଲକ୍ଷିତ ହୋଇଛି।

ଭାଜପାରେ ଆଶାୟୀଙ୍କ ତାଲିକା ଆହୁରି ଲମ୍ବା। ଏହି ଦଳରେ ଅଶ୍ୱିନୀ ଷଡ଼ଙ୍ଗୀ, ଲିପ୍‌ସିତ ମିଶ୍ର, ସଞ୍ଜିତ କୁମାର ମିଶ୍ରଙ୍କ ନାମ ଚର୍ଚ୍ଚାରେ ରହିଛି। ଅଶ୍ୱିନୀ କ୍ରମାଗତ ୨ ସାଧାରଣ ନିର୍ବାଚନରେ ଏହି ଆସନରୁ ଦଳୀୟ ପ୍ରାର୍ଥୀ ହୋଇ ହାରିଥିଲେ। ଆଶ୍ୱସ୍ତିର କଥା ଦଳ ସପକ୍ଷରେ ଭୋଟ ପ୍ରତିଶତ ବଢ଼ିଥିଲା। ୨୦୧୪ ନିର୍ବାଚନରେ ସେ ୧୫.୫୬ ପ୍ରତିଶତ ଭୋଟ ପାଇଥିବାବେଳେ ୨୦୧୯ ନିର୍ବାଚନରେ ତାଙ୍କ ସପକ୍ଷରେ ଏହା ୪୧.୨୫ ପ୍ରତିଶତକୁ ବୃଦ୍ଧି ପାଇଥିଲା। ଅଶ୍ୱିନୀ ପୂର୍ବରୁ ଦଳର ରାଜ୍ୟ ଉପସଭାପତି ଥିବାବେଳେ ଏବେ ଜିଲା ସଭାପତି ଅଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ତାଙ୍କର ଭଲ ସମ୍ପର୍କ ରହିଥିବା ଦୃଷ୍ଟିରୁ ପୁଣିଥରେ ତାଙ୍କୁ ଦଳ ସୁଯୋଗ ଦେଇପାରେ ବୋଲି ଚର୍ଚ୍ଚା ଚାଲିଛି। ଅନ୍ୟପଟେ ଦଳର ଜଣେ ଯୁବ ସଙ୍ଗଠକ ଭାବେ ଦୀର୍ଘଦିନରୁ ରହି ଆସିଥିବା ଲିପ୍‌ସିତ ମିଶ୍ରଙ୍କ ନାମ ଉଠୁଛି। ସେ ଜଣେ ଆଇନଜୀବୀ ତଥା ସାମାଜିକ କର୍ମୀ ହୋଇଥିବାବେଳେ ବିଭିନ୍ନ ଜନ ଆନ୍ଦୋଳନରେ ନେତୃତ୍ୱ ନେଇଆସିଛନ୍ତି। ଏହା ସହିତ ପଶ୍ଚିମ ଓଡ଼ିଶାରେ ରହିଥିବା ଦଳର ୩ ଟାଣୁଆ ନେତା ଜୟନାରାୟଣ ମିଶ୍ର, ସୁରେଶ ପୂଜାରୀ ଏବଂ ଜୁଏଲ ଓରାମଙ୍କ ସହିତ ତାଙ୍କର ଦୀର୍ଘଦିନର ସମ୍ପର୍କ ରହି ଆସିଥିବାରୁ ସେ ଏହି ଆସନ ପାଇଁ ଆଶାୟୀ ଅଛନ୍ତି। ଏସବୁକୁ ଦେଖିଲେ ଭାଜପାରେ ଗୋଷ୍ଠୀ କନ୍ଦଳ ଲାଗି ରହିଥିବାରୁ ଏଥିରେ ରୋକ୍ ଲଗାଇବା ପାଇଁ ଶେଷ ମୁହୂର୍ତ୍ତରେ ଦଳ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସ୍ଏସ୍)ର ପୁରୁଖା ସ୍ୱୟଂ ସେବକ ଡା. ସଞ୍ଜିତ କୁମାର ମିଶ୍ରଙ୍କୁ ଟିକେଟ ଦେଇପାରେ ବୋଲି ଆଲୋଚନା ହେଉଛି। ଆର୍‌ଏସ୍ଏସ୍ ଉପର ମହଲରୁ ସମ୍ଭବତଃ ସେଭଳି କିଛି ସଙ୍କେତ ପାଇଥିବାରୁ ସଞ୍ଜିତ ଗାଁ ଗାଁ ବୁଲି ଜନସମ୍ପର୍କ ଅଭିଯାନ ଆରମ୍ଭ କରି ଦେଇଥିବା ପରିଲକ୍ଷିତ ହେଉଛି।

କଂଗ୍ରେସରେ ଆଶାୟୀଙ୍କ ତାଲିକା ଅନ୍ୟ ୨ଦଳଠାରୁ ଆହୁରି ଲମ୍ବା। ଏହି ତାଲିକାରେ ନିପନ କୁମାର ଦାଶ, ହରଦୀପ ସିଂ, ମନୋହର ପ୍ରଧାନ, ଆନନ୍ଦ ପ୍ରଧାନ ଓ ପାଣ୍ଡବ କର୍ଣ୍ଣଙ୍କ ନାମ ରହିଛି। ଏପରିକି ଦଳ ଛାଡ଼ି ବିଜେଡିରେ ଯୋଗଦେଇଥିବା ପୂର୍ବତନ ବିଧାୟକ ସାଧୁ ନେପାକ ଦଳକୁ ଫେରି ପୁଣି ନିର୍ବାଚନ ମଇଦାନକୁ ଓହ୍ଲାଇ ପାରନ୍ତି ଏବଂ ଉପରମହଲରୁ ଏଥିପାଇଁ ତାଙ୍କ ସହିତ ଯୋଗାଯୋଗ ଚାଲିଥିବା ସାଧାରଣରେ ଆଲୋଚନା ହେଉଛି। ନିପନ ୨୦୧୯ ନିର୍ବାଚନରେ ପ୍ରଥମଥର ପାଇଁ ଏଠାରୁ ଦଳର ପ୍ରାର୍ଥୀ ହୋଇଥିଲେ। ପରାଜୟ ସତ୍ତ୍ୱେ ଦଳର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଭାବେ ସେ କାର୍ଯ୍ୟ ତୁଲାଇ ଆସୁଥିବାରୁ ଦଳ ଆଉଥରେ ତାଙ୍କୁ ସୁଯୋଗ ଦେଇପାରେ ବୋଲି ଚର୍ଚ୍ଚା ହେଉଛି। ସେହିପରି ହରଦୀପ ଦଳର ଜଣେ ପୁରୁଖା ନେତା ଏବଂ ଦୀର୍ଘଦିନରୁ ଆଶାୟୀ ଥିବାବେଳେ ଦଳ ଏଥର ତାଙ୍କୁ ଏଠାରେ ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ଚାଲିଛି। ଅନୁରୂପ ଭାବେ ଦଳୀୟ ଟିକେଟରେ କଂଗ୍ରେସ ଏଥର ପଛୁଆବର୍ଗ(ଓବିସି)ଙ୍କୁ ଯଦି ଅଧିକ ଗୁରୁତ୍ୱ ଦେବ, ତେବେ ଏହି ଆସନରୁ ପୂର୍ବତନ ବିଧାୟକ ଯଦୁମଣି ପ୍ରଧାନଙ୍କ ୨ପୁଅ ମନୋହର କିମ୍ବା ଆନନ୍ଦଙ୍କ ମଧ୍ୟରୁ ଜଣଙ୍କୁ ଟିକେଟ ମିଳିପାରେ ବୋଲି ଅଞ୍ଚଳବାସିନ୍ଦା ଚୁପୁରଚାପର ହେଉଛନ୍ତି। ସେହିପରି ଛାତ୍ର ଜୀବନରୁ କଂଗ୍ରେସର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଭାବେ ରହିଆସିଥିବା ପାଣ୍ଡବଙ୍କୁ ଏଥର ଦଳ ଏଠାରୁ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଛାଡ଼ିପାରେ ବୋଲି ଚର୍ଚ୍ଚା ଚାଲିଛି।

# ଟିକେଟକୁ ନେଇ ଚର୍ଚ୍ଚାରେ ଅରିନ୍ଦମ

କଟକ, ୧୨।୨(ଶିଲ୍ପା ପ୍ରିୟଦର୍ଶିନୀ)

ନିର୍ବାଚନ ପାଖେଇ ଆସୁଥିବାବେଳେ ରାଜନୀତିରେ ନୂଆ ପରୀକ୍ଷଣ ହେଉଛି। ଏଭଳି ଘଟଣା ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳିଛି। ପୂର୍ବତନ ବିଧାୟକ ତଥା ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ ଆଗାମୀ ନିର୍ବାଚନ ନିମନ୍ତେ ବିଧାୟକ ଟିକେଟ ପାଇଁ ଆଶାୟୀ ରହିଥିବାବେଳେ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ତାଙ୍କୁ ରାଜ୍ୟ ସଭା ପ୍ରାର୍ଥୀ ଭାବେ ଚୟନ କରାଯାଇଛି। ସୋମବାର ଦେବାଶିଷଙ୍କ ଜନ୍ମଦିନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଜନ୍ମଦିନ ଭେଟି ଦେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଦେବାଶିଷଙ୍କୁ ରାଜ୍ୟ ସଭା ପ୍ରାର୍ଥୀ ଭାବେ ଚୟନ କରାଯାଇଥିବାରୁ ଏବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ଅଭିନେତା ଅରିନ୍ଦମ ରାଏଙ୍କ ଟିକେଟ ସୁନିଶ୍ଚିତ ହେବା ନେଇ କଟକରେ ଆଲୋଚନା ଜୋର୍ ଧରିଛି। ଅରିନ୍ଦମ କିଛିମାସ ହେବ ଚା' ଖଟି ଓ ସମସ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ସାଧାରଣ ଲୋକଙ୍କ ନିକଟତର ହେଉଥିବା ନଜରକୁ ଆସିଛି। ତେବେ ଏପରି ପରିବର୍ତ୍ତନ

### ବାରବାଟୀ-କଟକ ନିର୍ବାଚନମଣ୍ଡଳୀ
### ଦେବାଶିଷଙ୍କୁ ରାଜ୍ୟ ସଭା ଭେଟି



ଅରିନ୍ଦମ ରାଏ

କଟକ ରାଜନୀତିକୁ ବେଶ୍ ସରଗରମ କରିଛି। ଏ ସମ୍ପର୍କରେ ଅରିନ୍ଦମ କହିଛନ୍ତି, ପ୍ରଥମେ ଦେବାଶିଷଙ୍କୁ ଅନେକ ଶୁଭେଚ୍ଛା ଜଣାଇବି। ବହୁତ ଖୁସି ଅନୁଭବ ହେଉଛି ଯେ ତାଙ୍କୁ ରାଜ୍ୟ ସଭା ପାଇଁ ଚୟନ କରାଯାଇଛି। ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ିବା ପାଇଁ ପ୍ରଥମରୁ ମୁଁ ଆଶାୟୀ ରହିଛି। ସୁଯୋଗ ମିଳିଲେ ନିଶ୍ଚିତ ନିର୍ବାଚନ ଲଢ଼ିବି। ଏଥିପାଇଁ ପ୍ରସ୍ତୁତ ଅଛି। ଦଳର ସୁପ୍ରିମୋ ଯାହା ନିଷ୍ପତ୍ତି ନେବେ ତାକୁ ଅପେକ୍ଷା କରିଛି ବୋଲି ସେ କହିଛନ୍ତି।

# ରସିକଙ୍କୁ ଖୋର୍ଦ୍ଧା ଜିଲା ଆବାହକ ସଭାପତି ଦାୟିତ୍ୱ

ଭୁବନେଶ୍ୱର,୧୨।୨(ସୁନିତ୍ ମିଶ୍ର)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ପକ୍ଷରୁ ଖୋର୍ଦ୍ଧା ଜିଲା କଂଗ୍ରେସ ଆବାହକ ସଭାପତି ନିଯୁକ୍ତି ପାଇଥିବା ତପନ ଚକ୍ରବର୍ତ୍ତୀଙ୍କ ବ୍ୟକ୍ତିଗତ ଅନିଚ୍ଛୁକ କାରଣ ଦୃଷ୍ଟିରୁ ତାଙ୍କ ସ୍ଥାନରେ ରସିକ ପଟ୍ଟନାୟକଙ୍କୁ ନୂତନ ଦାୟିତ୍ୱ ମିଳିଛି। ରସିକଙ୍କୁ ଖୋର୍ଦ୍ଧା ଜିଲା ଆବାହକ ସଭାପତି ଏବଂ କୋରାପୁଟ ଜିଲା କଂଗ୍ରେସ କମିଟିର ଆବାହକ କାର୍ଯ୍ୟକାରୀ ସଭାପତି ଭାବେ ମନୋଜ ଆଚାର୍ଯ୍ୟଙ୍କୁ ଓପିସିସି ସଭାପତି ଶରତ ପଟ୍ଟନାୟକ ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ନିଯୁକ୍ତି ଦେଇଛନ୍ତି।

# ସ୍ଥିତି ସୁଧାରିବାକୁ ଥଇଥାନ ପନ୍ଥା

ଭୁବନେଶ୍ୱର,୧୨।୨(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନ କୌଣସି ସମୟରେ ଘୋଷଣା ହୋଇପାରେ। ଏବେଠାରୁ ରାଜ୍ୟରେ ଉଭୟ ବିଧାନସଭା ଏବଂ ଲୋକ ସଭା ଆସନ ଲାଗି ସବୁ ଦଳ ପ୍ରାର୍ଥୀ ଚୟନ ନେଇ ଚିନ୍ତାରେ ଅଛନ୍ତି। ତେବେ ଶାସକ ବିଜେଡି ରାଜ୍ୟରେ ଲଗାତର ୨୪ ବର୍ଷ ହେଲା ଶାସନ କ୍ଷମତାରେ ଥିବା ଯୋଗୁ ଏହି ଦଳରେ ପ୍ରାର୍ଥୀ ଚୟନ ଅନ୍ୟ ରାଜନୈତିକ ଦଳ ତୁଳନାରେ ଚ୍ୟାଲେଞ୍ଜ ରହିବ। ସେହିକ୍ରମରେ ଦେଖିଲେ ପୁରୀ ବିଧାନସଭା ଆସନକୁ ନେଇ ଶାସକ ଦଳ ଏକ ପ୍ରକାର ଚିନ୍ତାରେ ଥିଲା। ଏହି ଆସନରୁ ୩ ଜଣ ଆଶାୟୀଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ଦିନରେ ଜଣଙ୍କୁ ଜିଲା ସଭାପତି ଏବଂ ସନ୍ଧ୍ୟାରେ ଅନ୍ୟ ଜଣଙ୍କୁ ରାଜ୍ୟ ସଭା ପ୍ରାର୍ଥୀ କରି ଦଳ ନିଜର ଅଡୁଆ ପରିସ୍ଥିତିକୁ ସଜାଡିଥିବା ମନେ ହେଉଛି।

### ପୁରୀ ବିଧାନସଭା ଆସନରେ ବିଜେଡିର ପଦକ୍ଷେପ

ପୁରୀ ବିଧାନସଭା ଆସନ ବିଜେଡିର ଗଡ଼ ଭାବେ ଜଣାଶୁଣା ଥିଲା। ହେଲେ ୨୦୧୯ ସାଧାରଣ ନିର୍ବାଚନରେ ଲଗାତର ଭାବେ ଜିତି ଆସୁଥିବା ପୂର୍ବତନ ବାଚସ୍ପତି ତଥା ପୁରୀର ଟାଣୁଆ ନେତା ମହେଶ୍ୱର ମହାନ୍ତିଙ୍କୁ ଭାଜପା ପ୍ରାର୍ଥୀ ଜୟନ୍ତ ଷଡଙ୍ଗୀ ପରାଜିତ କରି ବିଜେଡିର ବିଜୟ ଧାରାରେ ବ୍ରେକ୍ ଲଗାଇଥିଲେ। ଜୟନ୍ତ ପୂର୍ବରୁ ବିଜେଡିର ପ୍ରମୁଖ ନେତା ଥିଲେ। ଦଳ ଭିତରେ ମହେଶ୍ୱରଙ୍କ ସହ ତାଙ୍କର ରାଜନୈତିକ ସମ୍ପର୍କ ବିଗିଡ଼ିବା ପରେ ସେ ପଦ୍ମ ଦଳ ମୁହାଁ ହୋଇଥିଲେ। ତେବେ ମହେଶ୍ୱର ହାରିବା ପରେ ପୁରୀରେ ବିଜେଡି ଯୁବ ନେତା ଶୁଭାଶିଷ ଖୁଣ୍ଟିଆ ନିଜର ସମାନ୍ତରାଳ ସଙ୍ଗଠନ ଆରମ୍ଭ କରିଦେଇଥିଲେ। ଏପରିକି ଖୁଣ୍ଟିଆ ବିଜେଡିର ବିଭିନ୍ନ ଦଳୀୟ ଏବଂ ସରକାରୀ କାର୍ଯ୍ୟକ୍ରମରେ ପ୍ରାଧାନ୍ୟ ପାଇ ଆସିଥିଲେ। ଦିନକୁ ଦିନ ଶୁଭାଶିଷଙ୍କ ସାଂଗଠନିକ ଗୁରୁତ୍ୱ ବଢ଼ିବା ଯୋଗୁ ମହେଶ୍ୱରଙ୍କ ଗୋଷ୍ଠୀ ସହ ତାଙ୍କର ପ୍ରତିଦ୍ୱନ୍ଦ୍ୱିତା ବଢିଥିଲା। ଯାହା ଦଳୀୟ କନ୍ଦଳର ସୂତ୍ରପାତ କରିଥିଲା। ଅନ୍ୟପକ୍ଷରେ ମହେଶ୍ୱର ତାଙ୍କ ପୁଅ ସୁନୀଲ ମହାନ୍ତିଙ୍କୁ ବିଭିନ୍ନ କାର୍ଯ୍ୟକ୍ରମକୁ ପଠାଇ ତାଙ୍କ ରାଜନୈତିକ ଉତ୍ତରାଧିକାରୀ ଭାବେ କ୍ଷେତ୍ର ପ୍ରସ୍ତୁତ କରିଥିଲେ। ଗତ ୭ ନଭେମ୍ବରରେ ମହେଶ୍ୱରଙ୍କ ପରଲୋକ ଘଟିବା ପରେ ପୁରୀ ରାଜନୈତିକ ସମୀକରଣ ଅଧିକ ଜଟିଳ ହୋଇଥିଲା। କାରଣ ଏହି ଆସନରୁ ଅନ୍ୟତମ ଦାବିଦାର ଭାବେ ମହେଶ୍ୱରଙ୍କ ଏକାନ୍ତ ଅନୁଗତ ତଥା ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର(ବାବୁ) ଆଶାୟୀ ପ୍ରାର୍ଥୀ ଭାବେ ଚର୍ଚ୍ଚାକୁ ଆସିଥିଲେ। ମହେଶ୍ୱରଙ୍କ ପରେ ସେ ଏହି ବିଧାନସଭା କ୍ଷେତ୍ରର ବରିଷ୍ଠ ସଙ୍ଗଠକ ଭାବେ ଟିକେଟ ପାଇବାକୁ ହକଦାର ବୋଲି ଅନେକ ସ୍ଥାନରେ ମତ ପ୍ରକାଶ କରିଥିଲେ। ଏହାପରେ ସୁନୀଲ, ଶୁଭାଶିଷ ଏବଂ ଦିବାକର ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମ ସମାନ୍ତରାଳ ଭାବେ ଭିନ୍ନ ଭିନ୍ନ ସ୍ଥାନରେ କରୁଥିବା ଦେଖିବାକୁ ମିଳିଲା। ଏଭଳି ସ୍ଥିତି ଦେଖି ପୁରୀ ଆସନ ପୁଣିଥରେ ଭାଜପା ସପକ୍ଷରେ ଚାଲିଯିବ ବୋଲି ରାଜନୈତିକ ସମୀକ୍ଷକମାନେ ମଧ୍ୟ ଆକଳନ କରୁଥିଲେ। ବିଜେଡି ଶୀର୍ଷ ନେତୃତ୍ୱ ମହେଶ୍ୱରଙ୍କ ପରିବାରର କାହାକୁ ପ୍ରାର୍ଥୀ କରି ଅନୁକମ୍ପା ଭୋଟ୍ ହାତେଇବାକୁ ଚିନ୍ତା କରୁଥିଲେ ମଧ୍ୟ ଅନ୍ୟ ଦୁଇ ଆଶାୟୀଙ୍କୁ ନେଇ ଚିନ୍ତାରେ ଥିଲା। ହେଲେ ଏଭଳି ସ୍ଥିତିରେ ଦଳ ପକ୍ଷରୁ ସୋମବାର ଦିବାକର ପାତ୍ରଙ୍କୁ ଅପରାହ୍ନରେ ପୁରୀ ଜିଲା ସଭାପତି ନିଯୁକ୍ତ କରିଥିବା ବେଳେ ସନ୍ଧ୍ୟାରେ ଶୁଭାଶିଷଙ୍କୁ ରାଜ୍ୟ ସଭା ପ୍ରାର୍ଥୀ ଭାବେ ଘୋଷଣା କରିଛି। ୩ ଆଶାୟୀଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଦଳ ଥଇଥାନ କରିଥିବା ବେଳେ ମହେଶ୍ୱରଙ୍କ ପୁଅ କିମ୍ବା ପରିବାରର ଅନ୍ୟ କାହାକୁ ଆସନ୍ତା ନିର୍ବାଚନରେ ବିଧାନସଭା ଟିକେଟ ଦେଇପାରେ। କୁହାଯାଉଛି ମହେଶ୍ୱରଙ୍କ ପୁଅ ସୁନୀଲ ନୁହନ୍ତି ବରଂ ତାଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ମହାନ୍ତିଙ୍କୁ ଦଳ ପ୍ରାର୍ଥୀ କରିପାରେ। ଏହାଦ୍ୱାରା ଦଳକୁ ଅନୁକମ୍ପାମୂଳ ଭୋଟ୍ ମିଳିବାରେ ସହାୟକ ହେବା ସହିତ ଶୁଭାଶିଷ ଏବଂ ଦିବାକରଙ୍କ ସମର୍ଥନ ମଧ୍ୟ ମିଳିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି।

# ଶଙ୍ଖ ଚିହ୍ନ ଥିବା ରାଶନ ବ୍ୟାଗ ପୋଡ଼ିଲେ ଭାଜପା କର୍ମୀ

ଫୁଲବାଣୀ, ୧୨।୨
(ରାକେଶ କୁମାର ରାଉତ)

ସରକାରୀ ସୁଲଭ ମୂଲ୍ୟ ଖାଉଟି କେନ୍ଦ୍ରରୁ ଭାଜପା କର୍ମୀମାନେ ଆମ ଓଡ଼ିଶା ନବୀନ ଓଡ଼ିଶା ଚିହ୍ନଥିବା ବ୍ୟାଗଗୁଡ଼ିକୁ ଜବରଦସ୍ତ ନେଇ ରାସ୍ତାରେ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ମାଗଣା ଚାଉଳ ବଣ୍ଟନକୁ ନେଇ ଭାଜପା ଏବଂ ବିଜେଡି ମୁହାଁମୁହିଁ ହୋଇଛନ୍ତି। ଏ ନେଇ ରାଶନ ବଣ୍ଟନ କେନ୍ଦ୍ରର ବିକ୍ରେତା, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଏବଂ ବିଜେଡି କର୍ମୀମାନେ ଫୁଲବାଣୀ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାର ଗରିବ ହିତାଧିକାରୀଙ୍କୁ ମାଗଣାରେ ଚାଉଳ ଦେଉଥିବା ବେଳେ ରାଜ୍ୟ ସରକାର ହିତାଧିକାରୀଙ୍କୁ ୫-ଟି, ଆମ ଓଡ଼ିଶା ନବୀନ ଓଡ଼ିଶା ଏବଂ ଶଙ୍ଖ ଚିହ୍ନ ଥିବା ବ୍ୟାଗ ଦେଇ ମିଛରେ ବାହାବା ନେବାକୁ ଚେଷ୍ଟା କରୁଛି ବୋଲି ଭାଜପା ଅଭିଯୋଗ କରିଛି।

ସୂଚନା ଅନୁଯାୟୀ, ଫୁଲବାଣୀ ସହରର ମାଷ୍ଟ୍ରପଡ଼ାଠାରେ ଥିବା ଏକ ବିକ୍ରୟ କେନ୍ଦ୍ରରେ ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ପ୍ରଦତ୍ତ ବ୍ୟାଗରେ ଚାଉଳ ବଣ୍ଟନ କରାଯାଉଥିଲା। ଏହି ସମୟରେ କେତେକ ଭାଜପା ନେତା ଏବଂ କର୍ମୀ ପହଞ୍ଚି ଏହାକୁ ବିରୋଧ କରିଥିଲେ। କେନ୍ଦ୍ର ସରକାର ଚାଉଳ ଦେଉଥିବା ବେଳେ ଆମ ଓଡ଼ିଶା ନିବୀନ ଓଡ଼ିଶା ଚିହ୍ନ ଥାଇ ବ୍ୟାଗରେ ଏହି ଚାଉଳ କାହିଁକି ଦିଆଯାଉଛି ବୋଲି ଭାଜପା ନେତା ପ୍ରଶ୍ନ କରିଥିଲେ। ପରେ କିଛି ବ୍ୟାଗକୁ ନେଇ ରାସ୍ତାରେ ନିଆଁ ଲଗାଇ ଦେଇଥିଲେ।

# ଆଜି ଆସୁଛନ୍ତି ଶିବରାଜ: ଆଗକୁ ଆସିବେ ଗଡକରୀ, ରାଜନାଥ

ଭୁବନେଶ୍ୱର,୧୨।୨(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଭାଜପା ନିଜର ରାଜନୈତିକ ପ୍ରସ୍ତୁତିକୁ ଜୋରଦାର କରିଛି। ଦଳର କେନ୍ଦ୍ରୀୟ ନେତାମାନେ ସରକାର ଗଠନ କରିବାର ଦମ୍ଭୋକ୍ତି ଦେଖାଉଛନ୍ତି। ସେହିକ୍ରମରେ ଆସନ୍ତା ୨୪ ତାରିଖ ମଧ୍ୟରେ ଭାଜପା ପକ୍ଷରୁ ସବୁ ଲୋକ ସଭା ନିର୍ବାଚନମଣ୍ଡଳୀରେ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ କରାଯିବ ବୋଲି ଜଣାପଡିଛି। ଏହା ପୂର୍ବରୁ ରାଜ୍ୟ ଗସ୍ତକୁ କେତେଜଣ କେନ୍ଦ୍ରୀୟ ନେତା ଆସି ଭାଜପା ଲାଗି ପ୍ରଚାର କରିବା କାର୍ଯ୍ୟକ୍ରମ ମଧ୍ୟ ଏକପ୍ରକାର ସ୍ଥିର ହୋଇସାରିଛି। ଚଳିତ ମାସରେ ୩ ଜଣ କେନ୍ଦ୍ରୀୟ ନେତା ଓଡ଼ିଶା ଗସ୍ତରେ ଆସୁଥିବା ନେଇ ଦଳ ପକ୍ଷରୁ ଏକପ୍ରକାର ସୂଚନା ମିଳିଛି।



ଶିବରାଜ ସିଂ ଚୌହାନ

- ସାଂଗଠନିକ କାର୍ଯ୍ୟକ୍ରମ ନେଇ ଭାଜପାର ବୈଠକ ଅନୁଷ୍ଠିତ
- ଆସନ୍ତା ୨୪ ସୁଦ୍ଧା ସବୁ ଲୋକ ସଭା କ୍ଷେତ୍ରରେ ଉଦ୍‌ଘାଟନ ହେବ ଦଳୀୟ କାର୍ଯ୍ୟାଳୟ

ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ମଙ୍ଗଳବାର ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ମଧ୍ୟାହ୍ନ ୧୨ଟା ସମୟରେ ଭୁବନେଶ୍ୱରରେ ପହଞ୍ଚିବା ପରେ ସିଧାସଳଖ ଜଗତସିଂହପୁର ଗସ୍ତ କରିବେ। ଜଗତସିଂହପୁର ଲୋକ ସଭା ସଂସଦୀୟ କ୍ଷେତ୍ର କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେବା ପରେ ଶିବରାଜ ମା' ଶାରଳାଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିବେ। ଏହାପରେ ସନ୍ଧ୍ୟାରେ କଟକସ୍ଥିତ ଶାରଳା ଭବନରେ ଅନୁଷ୍ଠିତ କଟକ ସଂସଦୀୟ କ୍ଷେତ୍ର କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେବେ। କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ ଦର୍ଶନ କରିବା ପରେ ସେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆସନ୍ତା ୧୫ ତାରିଖରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କ ପୁରୀଠାରେ ଏକ ସାଧାରଣ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ଥିବାବେଳେ ଏନେଇ ବିଧିବଦ୍ଧ ଭାବେ ଦଳ ପକ୍ଷରୁ ସୂଚନା ଦିଆଯାଇ ନାହିଁ। ସେହିପରି ଆସନ୍ତା ୨୨ ତାରିଖରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂଙ୍କର ମଧ୍ୟ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତେବେ ସୋମବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାଂଗଠନିକ ବୈଠକରେ ଏନେଇ ଆଲୋଚନା ହୋଇଥିବା ବେଳେ ସନ୍ଧ୍ୟାରେ ପୁଣିଥରେ ବରିଷ୍ଠ ନେତାମାନଙ୍କ ସହ ଏ ବାବଦରେ ଦଳର ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଆଲୋଚନା କରିଛନ୍ତି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବିଜୟ ପାଲ ସିଂହ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, ରାଜ୍ୟ ସାଧାରଣ ସମ୍ପାଦକ ମାନସ ମହାନ୍ତିଙ୍କ ଉପସ୍ଥିତିରେ ପୃଥକ ପୃଥକ ଭାବେ ରାଜ୍ୟ ପଦାଧିକାରୀ, ମୋର୍ଚ୍ଚା ସଭାପତି, ଜିଲା ସଭାପତି ଏବଂ ମିଡିଆ ବିଭାଗ ସହ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଦଳର ସାଂଗଠନିକ ପୁନର୍ବିନ୍ୟାସ ବିଷୟରେ ଆଲୋଚନା ହେବା ସହ ଅନେକ ସାମ୍ପ୍ରତିକ ରାଜନୈତିକ ପ୍ରସଙ୍ଗରେ ଆଲୋଚନା ହୋଇଛି। ଏହାସହ ଦଳ ପକ୍ଷରୁ ରାଜ୍ୟରେ ସଫଳ ଭାବେ ଚାଲିଥିବା ବୁଥ୍ ଚାଲ, ଗାଁ ଚାଲ, ଶକ୍ତିବନ୍ଦନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରାଯାଇଛି। ସଙ୍ଗଠନ ଏବଂ ନିର୍ବାଚନ ପରିପ୍ରେକ୍ଷୀରେ ଓଡ଼ିଶା ଗସ୍ତ ପାଇଁ ଆସୁଥିବା ଅନେକ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ଗସ୍ତ କାର୍ଯ୍ୟକ୍ରମ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରାଯାଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# ଆନ୍ଧ୍ର ପାଖରେ କୋଟିଆକୁ ସମର୍ପି ଦେଇଛନ୍ତି ସରକାର: ତାରା

ଭୁବନେଶ୍ୱର,୧୨।୨(ସୁନିତ୍ ମିଶ୍ର)

କୋରାପୁଟ ଜିଲାର କୋଟିଆ ପଞ୍ଚାୟତରେ ଆନ୍ଧ୍ର ସରକାର ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା ବେଳେ ଓଡ଼ିଶା ସରକାର ଯେପରି ନୀରବତା ଅବଲମ୍ବନ କରୁଛନ୍ତି ଏଥିରୁ ଅନୁମେୟ ଆନ୍ଧ୍ର ପାଖରେ କୋଟିଆକୁ ସମର୍ପିତ କରିଦେଇଛନ୍ତି। କୋଟିଆକୁ ଓଡ଼ିଶାରେ ରଖିବା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ରହିଛି ବୋଲି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଅଭିଯୋଗ କରିଛନ୍ତି।

କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ତାରା କହିଛନ୍ତି, କୋଟିଆ ପଞ୍ଚାୟତର ୨୧ଟି ଗ୍ରାମରେ ଆନ୍ଧ୍ର ସରକାର ସାଧାରଣ ଜନତାଙ୍କୁ ପ୍ରଲୋଭିତ କରୁଛନ୍ତି। ଧୂଳିପଦର ଓ ଫାଟୁସିନେରୀ ଗ୍ରାମରେ ଆନ୍ଧ୍ର ସରକାରୀ ଦଳର ଦଳୀୟ ପତାକା ଉତ୍ତୋଳନ କରାଯାଉଛି। ଆନ୍ଧ୍ର ସରକାରଙ୍କ ପକ୍ଷରୁ ସେଠାରେ ମେଡିକାଲ କ୍ୟାମ୍ପ କରି ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ସେଠାରେ ସ୍ୱାସ୍ଥ୍ୟସେବା



ଖବରଦାତା ସମ୍ମିଳନୀରେ ବିଧାୟକ ତାରାପ୍ରସାଦ ବାହିନୀପତି ଓ ଅନ୍ୟ ନେତୃବୃନ୍ଦ।

କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରଦର୍ଶନ ନୈରାଶ୍ୟଜନକ। ଆନ୍ଧ୍ର ସରକାର 'ଜଗନ୍ନାଥ ଭରସା' କାର୍ଯ୍ୟକ୍ରମ ମାଧ୍ୟମରେ କୋଟିଆ ଅଞ୍ଚଳର ସମସ୍ତ ସମସ୍ୟାର ସମାଧାନ ପାଇଁ ଲୋକଙ୍କ ପାଖରେ ପହଞ୍ଚୁଛନ୍ତି। ଆଦିବାସୀ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ପାଇଁ ଓଡ଼ିଶା ସରକାର କେବଳ ହଷ୍ଟେଲ ସୁବିଧା କରିଛନ୍ତି। ହେଲେ ଆନ୍ଧ୍ର ସରକାର କୋଟିଆ ପିଲାଙ୍କ ପାଇଁ ଆନ୍ଧ୍ରରେ କୋଟିଆର ସମସ୍ତ ବର୍ଗର ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ଲାଗି ସରକାରୀ ହଷ୍ଟେଲ ସୁବିଧା ଯୋଗାଇ ଦେଉଛନ୍ତି। କୋଟିଆର ବିଭିନ୍ନ ସ୍ଥାନରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ବଡ଼ ବଡ଼ ଫଟୋ ଥିବା ହୋର୍ଡିଂ ଲାଗିଛି। ପଟାଙ୍ଗୀ ବ୍ଲକ ଅଧୀନ ଗାଲିଗପ୍ତରଠାରେ ଥିବା ଜଳପ୍ରପାତରୁ ପ୍ରବାହିତ ହୋଇଥିବା ପାଣିକୁ ଅଟକାଇ କୋଟିଆ ପଞ୍ଚାୟତର ଉପତ୍ୟକାରେ ଏକ ଚେକ୍‌ଡ୍ୟାମ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଜଳକୁ ବ୍ୟବହାର କରି ନେରେଡ଼ିବାଲସା ଏବଂ ତାଡ଼ିବାଲସା (ଆନ୍ଧ୍ର ଏହାକୁ ଆନ୍ଧ୍ରର କୁରୁକୁଟି ପଞ୍ଚାୟତ ଅଧୀନ ବୋଲି କହୁଛି) ଠାରେ ଏକ ହାଇଡ୍ରୋ ପ୍ରୋଜେକ୍ଟ ନିର୍ମାଣ କରିବାକୁ ସର୍ଭେ ଏବଂ ସଏଲ ଟେଷ୍ଟ କାମ ସମାପ୍ତ ହୋଇଛି। ଏହାଦ୍ୱାରା କୋଟିଆ ଉପତ୍ୟକାରେ ଥିବା ୧୨ ଖଣ୍ଡ ଗାଁ ଜଳମଗ୍ନ ହୋଇଯିବ। ଏହି ହାଇଡ୍ରୋ ପ୍ଲାଣ୍ଟ ବାବଦରେ ଗତ ଜୁଲାଇ ୧୯ରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଆଦାନୀ ଗ୍ରୁପ, ଓଡ଼ିଶା ସରକାର ଏବଂ ଆନ୍ଧ୍ର ସରକାରଙ୍କ ଅଫିସର ଥାଇ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ବୈଠକରେ ଓଡ଼ିଶା ସରକାର କୌଣସି ପ୍ରତିବାଦ ନ କରିବା ଦୁର୍ଭାଗ୍ୟଜନକ। ଆନ୍ଧ୍ର ସରକାର ଆଦାନୀ ଗ୍ରୀନ୍ ଏନର୍ଜି ଲିମିଟେଡକୁ କୋଟିଆରେ ପମ୍ପ ଷ୍ଟୋରେଜ ପ୍ରକଳ୍ପ ସର୍ଭେ ଦାୟିତ୍ୱ ଦେଇଛନ୍ତି। ରାଜ୍ୟ ସରକାର ଆନ୍ଧ୍ରକୁ ସହଯୋଗ କରୁଥିବା ଭଳି ମନେ ହେଉଛି ବୋଲି ତାରା ଅଭିଯୋଗ କରିଛନ୍ତି। ଏ କଥା ଓଡ଼ିଶା ସରକାର ଜାଣି ନୀରବ ରହିବା ଦୁର୍ଭାଗ୍ୟଜନକ ବୋଲି ତାରା କହିଛନ୍ତି।

# କଂଗ୍ରେସ ହାତ ଛାଡ଼ିଲେ ନୀହାର

ବରଗଡ଼/ସରଣ୍ଡା,୧୨।୨ (ପ୍ରେମାନନ୍ଦ ଖମାରୀ/ଯୁଧିଷ୍ଠିର ମହାପାତ୍ର)

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ସେଭଳି ଭାବେ ରାଜନୈତିକ ହଟଚମଟ ଦେଖିବାକୁ ମିଳୁଛି। ରବିବାର ବରଗଡ଼ ଜିଲା କଂଗ୍ରେସ ସଭାପତି ପଦବୀରୁ ହଟିବାର ୨୪ ଘଣ୍ଟା ନ ପୂରୁଣୁ ପୂର୍ବତନ ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ ଦଳରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଏବଂ ଦଳର ଓଡ଼ିଶା ପ୍ରଭାରୀଙ୍କ ପାଖକୁ ପଠାଇ ଦେଇଥିବା କହିଛନ୍ତି। ଲୋକଙ୍କ ସେବା କରିବା ଲକ୍ଷ୍ୟ ନେଇ ସେ ଗତ ୧୫ବର୍ଷ ତଳେ କଂଗ୍ରେସରେ ଯୋଗଦାନ କରିଥିଲେ। ମାତ୍ର ଏହି ଦଳରେ ରହି ସେ ସେଥିପାଇଁ କିଛି କରିପାରିନାହାନ୍ତି ବୋଲି ଅନୁଭବ କରି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ନୀହାର ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।

ଅନ୍ୟପଟେ ଇସ୍ତଫା ଦେବା ପରେ



ନିହାର ରଞ୍ଜନ ମହାନନ୍ଦ।

ନିହାର କେଉଁ ରାଜନୈତିକ ଦଳ ମୁହାଁ ହେବେ, ତାହା ଜିଲାବ୍ୟାପୀ ଏବେ ଚର୍ଚ୍ଚାର ବିଷୟ ହୋଇଛି। ସେ ନିକଟ ଭବିଷ୍ୟତରେ ଭାଜପାରେ ଯୋଗଦେବା ସହିତ ଆଗାମୀ ସାଧାରଣ ନିର୍ବାଚନରେ ଭାଜପାରୁ ଦଳୀୟ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇପାରନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ଏଥିପାଇଁ ସେ ଦଳର ବରିଷ୍ଠ ନେତାଙ୍କ ସହିତ ଯୋଗାଯୋଗ କରିସାରିଥିବା କୁହାଯାଉଛି। ଅପରପକ୍ଷେ ବିଜେଡିରେ ନୀହାରଙ୍କ ଯୋଗଦାନକୁ ମଧ୍ୟ ଏଡ଼ାଇ ଦେଇ ହେଉନାହିଁ। ବିଜେଡ଼ିର କିଛି ବରିଷ୍ଠ ନେତାଙ୍କ ସମ୍ପର୍କରେ ମଧ୍ୟ ସେ ରହିଥିବା ଚର୍ଚ୍ଚା ହେଉଛି। ଏ ନେଇ ପଚାରିବାରୁ ନିହାର କହିଛନ୍ତି, ସେ ନିଜେ କିଛି ନିଷ୍ପତ୍ତି ନେବେନାହିଁ। ଲୋକେ ଯାହା ଚାହିଁବେ, ସେହି ନିଷ୍ପତ୍ତିକୁ ସେସମ୍ମାନଦେବେବୋଲିପ୍ରକାଶକରିଛନ୍ତି।

### ଦଳ ବିରୋଧୀ କାର୍ଯ୍ୟ ଲାଗି କଂଗ୍ରେସରୁ ନିଲମ୍ବିତ

ଭୁବନେଶ୍ୱର,୧୨।୨(ସୁନିତ୍ ମିଶ୍ର)

ଦଳ ବିରୋଧୀ କାର୍ଯ୍ୟ କରିବା ଅଭିଯୋଗରେ ବରଗଡ଼ ଜିଲାର ପୂର୍ବତନ କଂଗ୍ରେସ କମିଟି ସଭାପତି ଓ ପୂର୍ବତନ ବିଧାୟକ ନୀହାର ରଞ୍ଜନ ମହାନନ୍ଦଙ୍କୁ କଂଗ୍ରେସରୁ ନିଲମ୍ବିତ କରାଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ସଭାପତି ଶରତ ପଟ୍ଟନାୟକ କଂଗ୍ରେସରୁ ନିଲମ୍ବନ କରିଥିବା ପ୍ରଦେଶ କଂଗ୍ରେସ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଅଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୋମବାର ସୂଚନା ଦେଇଛନ୍ତି।

# ସବୁଜ ଶକ୍ତି କରିଡର ଯୋଜନା ପାଇଁ ୧୩୪୫ କୋଟି

## ■ ୮ଟି ସ୍ଥାନରେ ନିର୍ମାଣ ହେବ ଗ୍ରୀଡ୍ ସବ୍‌ଷ୍ଟେଶନ୍ ■ ୫୩୮.୫୭ କୋଟି ବ୍ୟୟ ବରାଦ

ଭୁବନେଶ୍ୱର,୧୨।୨(ଅନିଲ ଦାସ)

ଅଣପାରମ୍ପରିକ ଶକ୍ତି ଚାହିଦା ପୂରଣ କରିବାକୁ ରାଜ୍ୟ ସରକାର ଓଡ଼ିଶା ଅକ୍ଷୟ ଶକ୍ତି ନୀତି, ୨୦୨୨ ପ୍ରଣୟନ କରିଛନ୍ତି। ଏହା ମାଧ୍ୟମରେ ୨୦୩୦ ସୁଦ୍ଧା ରାଜ୍ୟରେ ପ୍ରାୟ ୧୧୦୦୦ ମେଗାୱାଟ ସବୁଜ ଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତେବେ ଏହି ଅକ୍ଷୟ ଶକ୍ତି ଉତ୍ପାଦନକାରୀ ଷ୍ଟେଶନରୁ ଲୋଡ୍ ସେଣ୍ଟର୍ ପର୍ଯ୍ୟନ୍ତ ଶକ୍ତି ପରିବହନକୁ ସୁଗମ କରିବା ପାଇଁ ରାଜ୍ୟ ବିଦ୍ୟୁତ୍‌ପରିବହନ ସଂସ୍ଥା ଓପିଟିସିଏଲ ସବୁଜ ଶକ୍ତି ପରିବହନ କରିଡର ଯୋଜନା ମାଧ୍ୟମରେ ଅତ୍ୟୁଚ୍ଚ କ୍ଷମତାସମ୍ପନ୍ନ ଗ୍ରୀଡ୍ ସବ୍- ଷ୍ଟେଶନ୍ ଏବଂ ପରିବହନ ଲାଇନ୍ ନିର୍ମାଣ କରିବା ପାଇଁ ଏକ ପ୍ରସ୍ତାବ ଆଗତ କରିଛି। ଏହି ଯୋଜନା ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେବ। ଶକ୍ତି ବିଭାଗ ଦ୍ୱାରା ଦିଆଯାଇଥିବା ଏହି ପ୍ରସ୍ତାବ ସୋମବାର ରାଜ୍ୟ କ୍ୟାବିନେଟ ଅନୁମୋଦନ ଲାଭ କରିଛି। ଏହି ଯୋଜନା ବିଭିନ୍ନ ସବୁଜ ଶକ୍ତି ଉତ୍ପାଦନ ପ୍ରକଳ୍ପରୁ ଗୋପାଳପୁରରେ ହେବାକୁ ଥିବା ସବୁଜ ଉଦ୍‌ଜାନ/ ଆମୋନିୟା ଶିଳ୍ପଗୁଡ଼ିକର ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଦ୍ୟୁତ ପରିବହନ ବ୍ୟବସ୍ଥାକୁ ସୁଗମ କରିବ। ଏହି ଯୋଜନାର ଆନୁମାନିକ ମୂଲ୍ୟ ୧୩୪୫ କୋଟି ଟଙ୍କା। ସେଥିମଧ୍ୟରୁ ୬୪୧.୫ କୋଟି ଟଙ୍କା ସରକାରୀ ଅଂଶଧନ ଆକାରରେ ପ୍ରଦାନ କରାଯିବ ଏବଂ ଅବଶିଷ୍ଟ ୭୦୩.୫ କୋଟି ଟଙ୍କା ଓପିଟିସିଏଲ ଦ୍ୱାରା ଋଣ ଆକାରରେ ସଂଗ୍ରହ କରାଯିବ। ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା ଅଧୀନରେ ସବୁଜ ଶକ୍ତି ନିକାସ ଏବଂ ପରିବହନ କରିଡର ଯୋଜନା ମାଧ୍ୟମରେ ଓପିଟିସିଏଲ ଦ୍ୱାରା ଆଗାମୀ ୫ ବର୍ଷ ମଧ୍ୟରେ ବିଭିନ୍ନ ପରିବହନ ପ୍ରକଳ୍ପ କାର୍ଯ୍ୟକାରୀ ହେବ।

ଓପିଟିସିଏଲ ଓଡ଼ିଶା ପରିବହନ ବ୍ୟବସ୍ଥା ସୁଦୃଢ଼ୀକରଣ ଯୋଜନାର ପ୍ରଥମ ପର୍ଯ୍ୟାୟରେ ୮ଟି ସ୍ଥାନରେ ଯଥା ନୂଆ ବେଟେଣ୍ଡା (କଟକ), ସାରସମାଲ୍ (ସୋନପୁର), ଖଲ୍ଲିକୋଟ (ଗଞ୍ଜାମ), ପରଜଙ୍ଗ (ଢେଙ୍କାନାଳ), ହାଟବସ୍ତ (ଖୋର୍ଦ୍ଧା), ବିଜେପୁର (ବରଗଡ), ଝାରବନ୍ଧ (ବରଗଡ) ଏବଂ ରାଇଘର (ନବରଙ୍ଗପୁର)ଠାରେ ଗ୍ରୀଡ୍ ସବ୍ ଷ୍ଟେଶନ୍ ଏବଂ ଆନୁଷଙ୍ଗିକ ଟ୍ରାନ୍ସମିଶନ୍ ଲାଇନ୍ ନିର୍ମାଣ ହେବ। ଏଥିପାଇଁ ୫୩୮.୫୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି ଯୋଜନା ରାଜ୍ୟ ସରକାରଙ୍କ ୧୦୦% ଅଂଶଧନ ସହାୟତାରେ ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ କାର୍ଯ୍ୟକ୍ରମ ଅଧୀନରେ ୩ ବର୍ଷ ମଧ୍ୟରେ ଅର୍ଥାତ ଆର୍ଥିକ ବର୍ଷ ୨୦୨୩-୨୪ରୁ ୨୦୨୫-୨୬ ମଧ୍ୟରେ କାର୍ଯ୍ୟକାରୀ କରାଯିବ। ୧ମ ପର୍ଯ୍ୟାୟରେ ଓପିଟିସିଏଲ ଦ୍ୱାରା ରାଜ୍ୟସରକାରଙ୍କ ୧୦୦% ଅଂଶଧନ ସହାୟତାରେ ୩ ବର୍ଷ ମଧ୍ୟରେ ରାଜ୍ୟରେ ୮ଗୋଟି ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ଗ୍ରୀଡ୍ ସବ୍-ଷ୍ଟେସନ୍ ତଥା ଆନୁଷଙ୍ଗିକ ଲାଇନ୍ ନିର୍ମାଣ ହେବ।

# ଖୁସି ପ୍ଲସ ଯୋଜନା ବ୍ୟୟବରାଦକୁ କ୍ୟାବିନେଟ ମଞ୍ଜୁରୀ

ଭୁବନେଶ୍ୱର,୧୨।୨(ଅନିଲ ଦାସ)

ରାଜ୍ୟ ସରକାର ୨୦୧୮ରେ ୩୧୪ ବ୍ଲକ ଓ ୫ ମହାନଗର ନିଗମ ଅନ୍ତର୍ଭୁକ୍ତ ସମସ୍ତ ସରକାରୀ ଏବଂ ସରକାରୀ ସହାୟତାପ୍ରାପ୍ତ ବିଦ୍ୟାଳୟରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା କିଶୋର ବାଳିକାମାନଙ୍କ ପାଇଁ ସାନିଟାରୀ ନାପକିନ୍ ମାଗଣାରେ ବଣ୍ଟନ ପାଇଁ 'ଖୁସି' ଯୋଜନାର ଆରମ୍ଭ କରିଥିଲେ। ଏହି ଯୋଜନାକୁ ରାଜ୍ୟ ସରକାର ଖୁସି+କୁ ବିସ୍ତାର କରିଛନ୍ତି। ଏହାଦ୍ୱାରା ରାଜ୍ୟରେ ୩୦ ଜିଲାରେ ସାନିଟାରୀ ନାପକିନଗୁଡ଼ିକୁ ମାଗଣାରେ ମହିଳାମାନଙ୍କୁ ଆନୁଷ୍ଠାନିକ ପ୍ରସବ ଏବଂ ମେଡିକାଲ ଟର୍ମିନେଶନ ଅଫ୍ ପ୍ରେଗନାନ୍ସି(ଏମ୍.ଟି.ପି) ନିମନ୍ତେ ଯୋଗାଇଦେବାକୁ ବ୍ୟବସ୍ଥା ହୋଇଛି। ରାଜ୍ୟରେ ମାତୃ ମୃତ୍ୟୁହାର ଓ ଅସୁସ୍ଥତା ହ୍ରାସ କରିବା ହେଉଛି ଖୁସି+ ଯୋଜନାର ମୂଳ ଉଦ୍ଦେଶ୍ୟ। ଏହି ଯୋଜନା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ୨୦୨୧-୨୨ରୁ ୨୦୨୫-୨୬ ମଧ୍ୟରେ ୫୧୧.୯୩ କୋଟି ରାଜ୍ୟ ବ୍ୟୟ ଅଟକଳରୁ କାର୍ଯ୍ୟକାରୀ ହେଉଛି। ଏହି ଯୋଜନା ମାଧ୍ୟମରେ ସରକାରୀ ଓ ସରକାରୀ ସହାୟତାପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ୧୭,୮୩,୯୦୧ ଛାତ୍ରୀମାନଙ୍କୁ ବିଦ୍ୟାଳୟ ମାଧ୍ୟମରେ ଏବଂ ପ୍ରସବ ମହିଳାମାନଙ୍କୁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାପକିନ୍‌ଗୁଡ଼ିକ ମାଗଣାରେ ଯୋଗାଇ ଦିଆଯାଉଛି। କିଶୋରୀ ବାଳିକାମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ଏବଂ ରାଜ୍ୟରେ ମାତୃ ମୃତ୍ୟୁହାର ଏବଂ ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ କରିବାରେ ଉକ୍ତ ଯୋଜନା ଫଳପ୍ରଦ ହେବ।

ବିଏସ୍‌କେୱାଇ-ନବୀନ କାର୍ଡ ପାଇଁ ୧୭,୬୦୦ କୋଟି ବ୍ୟୟବରାଦ

ଭୁବନେଶ୍ୱର,୧୨।୨(ଅନିଲ ଦାସ) ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)କୁ ରାଜ୍ୟ ସରକାର ନିଜସ୍ୱ ଯୋଜନା ଭାବେ ୨୦୧୮ରୁ ଆରମ୍ଭ କରିଛନ୍ତି। ସାର୍ବଜନୀନ ସ୍ୱାସ୍ଥ୍ୟସେବା ସହ ଆର୍ଥିକ ଦୁର୍ବଳ ଓ ସମ୍ବେଦନଶୀଳ ବର୍ଗ ପରିବାରମାନଙ୍କର ସ୍ୱାସ୍ଥ୍ୟ ସୁରକ୍ଷା ଏହି ଯୋଜନାର ମୂଳ ଲକ୍ଷ୍ୟ। ଏଥିରେ ଆର୍ଥିକ ଦୁର୍ବଳ ଓ ସମ୍ବେଦନଶୀଳ ପରିବାରମାନଙ୍କୁ ସରକାରୀ ଚିକିତ୍ସାଳୟ ବ୍ୟତୀତ ତାଲିକାଭୁକ୍ତ ଘରୋଇ ହସ୍ପିଟାଲଗୁଡ଼ିକରେ ବାର୍ଷିକ ୫ ଲକ୍ଷ ଓ ମହିଳା ସଦସ୍ୟମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ଯୋଗାଇ ଦିଆଯାଉଛି। ବିଏସ୍‌କେୱାଇ ଉପାଦାନ-କ ବ୍ୟବସ୍ଥା ଅନୁସାରେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ନିମନ୍ତେ ରାଜ୍ୟ ବଜେଟ୍ ମାଧ୍ୟମରେ ନିଦାନ (ରୋଗ ନିରୂପଣ ପରୀକ୍ଷା), ନିରାମୟ (ମାଗଣା ଔଷଧ ଯୋଗାଣ), ସହାୟ (ଦେୟମୁକ୍ତ ଡାଏଲିସିସ), ଜରୁରିକାଳୀନ ମାଗଣା ଆମ୍ବୁଲାନ୍ସ ସେବା, ସମନ୍ୱିତ କ୍ୟାନ୍‌ସର ଚିକିତ୍ସା ଆଦି ବଜେଟ ହେଡ୍‌ରେ ଆବଶ୍ୟକୀୟ ଖର୍ଚ୍ଚ ବରାଦ କରାଯାଇଛି। ବର୍ତ୍ତମାନ ପ୍ରାୟ ୧.୧୦ କୋଟିରୁ ଊର୍ଦ୍ଧ୍ୱ ପରିବାରଙ୍କୁ ଉପାଦାନ- ଖ'ରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସରକାରୀ ଚାକିରିଆ, ସରକାରୀ ପେନ୍‌ସନଭୋଗୀ, ଆୟକରଦାତା ଏବଂ ବର୍ତ୍ତମାନ ବିଏସ୍‌କେୱାଇ ଅନ୍ତର୍ଭୁକ୍ତ ପରିବାରମାନଙ୍କୁ ଛାଡ଼ି ଗ୍ରାମାଞ୍ଚଳରେ ବସବାସ କରୁଥିବା ସବୁ ପରିବାର ଏଥିରେ ସାମିଲ ହେବେ। ଏଥିପାଇଁ ୨୦୨୨-୨୩ରୁ ୨୦୨୬-୨୭ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୧୭,୬୦୦ କୋଟି ଟଙ୍କାର ବଜେଟ୍ ବରାଦ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟରେ ଅନୁମୋଦନ କରାଯାଇଛି।

# କଲ୍ୟାଣୀ ଗ୍ରୁପ୍‌କୁ ଶିଳ୍ପ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ

ଭୁବନେଶ୍ୱର,୧୨।୨(ଅନିଲ ଦାସ)

କଲ୍ୟାଣୀ ଗ୍ରୁପ୍ ଦ୍ୱାରା ନୂତନ ଯୁଗ ଶିଳ୍ପ ବିନିଯୋଗ ପାଇଁ ଓଡ଼ିଶା କ୍ୟାବିନେଟ୍ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ୟାକେଜ୍ ଅନୁମୋଦନ କରିଛି। କଲ୍ୟାଣୀ ଷ୍ଟିଲ୍ ଲିମିଟେଡ୍ ଦ୍ୱାରା ପ୍ରସ୍ତାବିତ ଟାଇଟାନିୟମ୍ ମେଟାଲ୍ ଆଣ୍ଡ୍ ଏରୋସ୍ପେସ୍ କନେଷ୍ଟସ୍ ଉତ୍ପାଦନ ଏବଂ ଇଣ୍ଟିଗ୍ରେଟେଡ୍ ଆଡ୍‌ଭାନ୍ସ ସ୍ପେଶିଆଲିଟି ଷ୍ଟିଲ୍ ଏବଂ ଅଟୋମୋବାଇଲ୍ ଯନ୍ତ୍ରାଂଶ ଉତ୍ପାଦନ କେନ୍ଦ୍ର ସ୍ଥାପନ ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ୟାକେଜ୍ ଅନୁମୋଦନ କରିଛନ୍ତି। ଢେଙ୍କାନାଳଠାରେ ୨୬,୦୦୦ କୋଟିରୁ ଅଧିକ ପୁଞ୍ଜି ବିନିଯୋଗ ଏବଂ ୧୨,୦୦୦ରୁ ଅଧିକ ନିଯୁକ୍ତି ସମ୍ଭାବନା ସହିତ ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟିର ଏକ ନୂତନ ଯୁଗ ଆରମ୍ଭ କରିବାକୁ ସ୍ଥିର ହୋଇଛି।

# ସମଲେଇ, ଏକାମ୍ର ପ୍ରକଳ୍ପର ବ୍ୟୟ ଅଟକଳକୁ ଅନୁମୋଦନ

■ ବୀରମହାରାଜପୁର ସେତୁ ଟେଣ୍ଡରକୁ କ୍ୟାବିନେଟ ମୋହର
■ ୩ ବର୍ଷରେ ନିର୍ମାଣ ଶେଷ ହେବ
■ ସିରସ୍ତାଦାର ହେବେ ଚିଫ୍ ଆଡ୍‌ମିନିଷ୍ଟ୍ରେଟର

ଭୁବନେଶ୍ୱର,୧୨।୨(ଅନିଲ ଦାସ)

ମା' ସମଲେଶ୍ୱରୀ ମନ୍ଦିରର ଭବ୍ୟତାକୁ ପ୍ରତିପାଦନ କରିବା, ଭକ୍ତଙ୍କ ଅନୁଭୂତି ବୃଦ୍ଧି, ସମ୍ବଲପୁର ଏବଂ ଓଡ଼ିଶାର ପର୍ଯ୍ୟଟନଭିତ୍ତିକ ଅର୍ଥନୀତିକୁ ପ୍ରୋତ୍ସାହିତ କରି ସ୍ଥାନୀୟ ଲୋକଙ୍କ ଆର୍ଥିକ ସୁଯୋଗ ସୃଷ୍ଟି କରିବା ସହ ମନ୍ଦିର ଚାରିପାଖରେ ଅନ୍ୟାନ୍ୟ ପ୍ରକଳ୍ପର ବିକାଶ କରିବା ଲାଗି ସମଲେଶ୍ୱରୀ ମନ୍ଦିର କ୍ଷେତ୍ର ପରିଚାଳନା ଏବଂ ସ୍ଥାନୀୟ ଅର୍ଥନୈତିକ ପଦକ୍ଷେପ (ସମଲେଇ) ଯୋଜନା ୨୦୨୧ ଫେବୃଆରୀରେ ଆରମ୍ଭ ହୋଇଥିଲା। ଏହି ଯୋଜନା ପାଇଁ ୩୮୮.୨୬ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହାକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ଯୋଜନାର କାର୍ଯ୍ୟକାରିତା ୨୦୨୧-୨୨ରୁ ୨୦୨୪-୨୫ ପର୍ଯ୍ୟନ୍ତ ଚାଲୁ ରହିବ। ସେହିପରି ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ଓ ଚତୁଃପାର୍ଶ୍ୱର ଐତିହ୍ୟ ଏବଂ ଭବ୍ୟତାର ପୁନରୁଦ୍ଧାର, ସଂରକ୍ଷଣ ଲାଗି ଉଦ୍ଦିଷ୍ଟ ଏକାମ୍ର ଯୋଜନା ପାଇଁ ୬୫୬.୭୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହାକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହି ଯୋଜନାର କାର୍ଯ୍ୟକାରିତା ୨୦୨୦-୨୧ରୁ ୨୦୨୪-୨୫ ପର୍ଯ୍ୟନ୍ତ ବଳବତ୍ତର ରହିବ ।

ଓଡ଼ିଶା ସରକାର ୨୦୨୩-୨୪ରେ ରାଜ୍ୟ ଯୋଜନା ଅଧୀନରେ ବୌଦ୍ଧ ଜିଲାର ବାଉଁଶୁଣୀ ସହ ସୋନପୁର ଜିଲାର ବୀରମହାରାଜପୁରକୁ ସଂଯୋଗ ପାଇଁ ମହାନଦୀ ଉପରେ ଦ୍ୱିତୀୟ ଉଚ୍ଚ ସେତୁ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହି ପ୍ରକଳ୍ପ ନଦୀର ଉଭୟ ପାର୍ଶ୍ୱରେ ରହୁଥିବା ବାସିନ୍ଦାଙ୍କୁ ସିଧାସଳଖ ସଂଯୋଗ ଯୋଗାଇବା ସହ ଅର୍ଥନୈତିକ ବିକାଶରେ ସହାୟକ ହେବ। ଏଥିପାଇଁ ଆହୁତ ୧୦୫,୭୦,୯୯,୩୫୦.୦୦ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ସେତୁ ନିର୍ମାଣ କାର୍ଯ୍ୟ ୩୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଜନସାଧାରଣଙ୍କୁ ସହଜରେ ହୃଦୟଙ୍ଗମ କରିବା ପାଇଁ ଓଡ଼ିଶାର ପ୍ରତ୍ୟେକ ଜିଲାରେ ଥିବା ନିମ୍ନ ଅଦାଲତଗୁଡ଼ିକରେ ସିରସ୍ତାଦାର ପଦବୀଗୁଡ଼ିକୁ ରୂପାନ୍ତର କରି ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଶବ୍ଦ ବ୍ୟବହାର କରିବା ପାଇଁ ଓଡ଼ିଶା ସବ୍- ଅର୍ଡିନେଟ୍ କୋର୍ଟ କର୍ମଚାରୀ (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତ) ନିୟମ, ୨୦୦୮କୁ ସଂଶୋଧନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାକୁ ମଧ କ୍ୟାବିନେଟ ଅନୁମୋଦନ କରିଛି।

# ଧାନ ଜମି ଚିହ୍ନଟ ସାଟେଲାଇଟ ଚିତ୍ର ଉତ୍ତୋଳନ ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର,୧୨।୨(ଅନିଲ ଦାସ)

ଉପଗ୍ରହ(ସାଟେଲାଇଟ) ମାଧ୍ୟମରେ ଚିତ୍ର ଉତ୍ତୋଳନ କରି ଗ୍ରାମାଞ୍ଚଳୱାରି ଧାନ ଚାଷ ହୋଇଥିବା ଜମିର ବିଶ୍ଳେଷଣ ପ୍ରକଳ୍ପକୁ ଆଗାମୀ ୯ଟି ଧାନ ସଂଗ୍ରହ ଋତୁରେ ବ୍ୟବହାର ପାଇଁ ଯୋଜନା ହୋଇଛି। ରାଜ୍ୟରେ ଧାନ ସଂଗ୍ରହ ବର୍ଷ ୨୦୨୧-୨୨ ଖରିଫ ଋତୁରେ ପାଇଲଟ ପ୍ରକଳ୍ପ ଭାବରେ ପ୍ରଥମ ଥର ପାଇଁ ଚାଷୀ ପଞ୍ଜୀକରଣ ସମୟରେ ଚାଷୀମାନେ ପ୍ରଦାନ କରିଥିବା ଚାଷ ସମ୍ବନ୍ଧୀୟ ତଥ୍ୟକୁ ସାଟେଲାଇଟ ମାଧ୍ୟମରେ ଯାଞ୍ଚ କରାଯାଇଥିଲା। ଏହି ବ୍ୟବସ୍ଥା ଦ୍ୱାରା ଚାଷ ଜମିର ଚିହ୍ନଟ ଓ ଉତ୍ପାଦିତ ହେଉଥିବା ଫସଲର ବାସ୍ତବତା ପ୍ରତିପାଦିତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ୯ଟି ଶସ୍ୟ ଋତୁରେ ଯଥା ଧାନ ବିପଣନ ବର୍ଷ (ଖରିଫ ଓ ରବି ଋତୁ) ୨୦୨୪-୨୫, ୨୦୨୫-୨୬, ୨୦୨୬-୨୭, ,୨୦୨୭-୨୮ ଏବଂ ଧାନ ବିପଣନ ବର୍ଷ (ଖରିଫ ଋତୁ) ୨୦୨୮-୨୯ ପାଇଁ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ। ଏହି ଯୋଜନା ପାଇଁ ୨୮୨,୩୫, ୧୪,୯୦୩ ଟଙ୍କା ବ୍ୟୟ ବରାଦ କରାଯାଇଛି। ଆଗାମୀ ୫ ଆର୍ଥିକ ବର୍ଷରେ ରାଜ୍ୟ ବଜେଟରୁ ଅର୍ଥାତ ଆର୍ଥିକ ବର୍ଷ ୨୦୨୪-୨୫ରୁ ୨୦୨୮-୨୯ ପର୍ଯ୍ୟନ୍ତ ଖର୍ଚ୍ଚ କରାଯିବ। ଓଡ଼ିଶା ମହାକାଶ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟାକେନ୍ଦ୍ର ଏହି ପ୍ରକଳ୍ପକୁ ପରିଚାଳନା କରିବା ପାଇଁ ବୈଷୟିକ ସହାୟତା ଯୋଗାଇବ। ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

# ଇଣ୍ଡିଆନ୍ ଟେଲିଗ୍ରାଫ୍ ରାଇଟ ଅଫ ୱେ (ସଂଶୋଧନ) ନିୟମ- ୨୦୨୩କୁ କ୍ୟାବିନେଟ ଅନୁମୋଦନ

ଭୁବନେଶ୍ୱର,୧୨।୨(ଅନିଲ ଦାସ)

ଦୂରସଞ୍ଚାର ନେଟୱର୍କର ଉନ୍ନତୀକରଣ ତଥା ଅତ୍ୟାଧୁନିକ ଦୂରସଞ୍ଚାର ଭିତ୍ତିଭୂମିର ଦୃଢ଼ ପ୍ରତିଷ୍ଠା କରି ରାଜ୍ୟର ଦୂରଦୂରାନ୍ତ, ପାହାଡିଆ ଓ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଦ୍ରୁତ ଇଣ୍ଟରନେଟ ସେବାର ସୁବିଧା ଯୋଗାଇଦେବା ପାଇଁ ରାଜ୍ୟ ସରକାର ଓଡ଼ିଶା ମୋବାଇଲ ଟାୱାର ଏବଂ ଟେଲିଗ୍ରାଫ ଲାଇନ ଓ.ଏଫ୍.ସି ଓ ରିଲେଟେଡ୍ ଟେଲିକମ ଇନଫ୍ରାଷ୍ଟ୍ରକ୍ଚର ପଲିସି, ୨୦୧୭ର ପ୍ରଣୟନ କରିଥିଲେ। ଏହାର କିଛି ଅଂଶକୁ ସଂଶୋଧନ କରିବା ପାଇଁ ରାଜ୍ୟ ସରକାର ଇଣ୍ଡିଆନ୍ ଟେଲିଗ୍ରାଫ ରାଇଟ ଅଫ ୱେ (ସଂଶୋଧନ) ନିୟମ- ୨୦୨୩ କାର୍ଯ୍ୟକାରୀ କରିଛନ୍ତି। ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି।

# ୨ ମସ୍‌ଜିଦକୁ ପ୍ରିମିୟମ ଛାଡ଼ କଲେ ସରକାର

ଭୁବନେଶ୍ୱର,୧୨।୨(ଅନିଲ ଦାସ)

ଭୁବନେଶ୍ୱର ୟୁନିଟ-୪ ଭୌମନଗରସ୍ଥିତ ମସ୍‌ଜିଦକୁ ରାଜ୍ୟ ସରକାର ଜମିର ପ୍ରିମିୟମ (ଅଧିମୂଲ୍ୟ)ବାବଦକୁ ୩,୭୦,୫୦,୦୦୦ ଟଙ୍କାକୁ ଛାଡ଼ କରିଛନ୍ତି। ସେହିପରି ମଧୁସୂଦନ ନଗରଠାରେ ଥିବା ଏ.୦.୨୦୮ ଡି. ମକତାବ୍-ତଥା-ମସ୍‌ଜିଦ ଭୂମିର ପ୍ରିମିୟମ ବାବଦକୁ ୨,୭୦,୪୦,୦୦୦ ଟଙ୍କା ଛାଡ଼ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

# ୨୦୨୭ ଯାଏ ବଢ଼ିଲା ମାଳତୀଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା

ଭୁବନେଶ୍ୱର,୧୨।୨(ଅନିଲ ଦାସ)

ରାଜ୍ୟ ପ୍ରବର୍ତ୍ତିତ ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନାକୁ ୨୦୨୬-୨୭ ପର୍ଯ୍ୟନ୍ତ ବୃଦ୍ଧି କରିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ମଞ୍ଜୁର କରିଛି। ଏହି ଯୋଜନାକୁ ୨୦୨୨-୨୩ଠାରୁ ୨୦୨୬-୨୭ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏଥିରେ ପ୍ରତ୍ୟେକ ଅଙ୍ଗନୱାଡି ବାଳକଙ୍କୁ ପ୍ରତି ହଳ ପିଛା ୧୦୦ ଟଙ୍କା ଦରରେ ଦୁଇହଳ ୟୁନିଫର୍ମ ଏବଂ ପ୍ରତି ହଳ ପିଛା ୧୫୦ ଟଙ୍କା ଦରରେ ବାଳିକାମାନଙ୍କୁ ଦୁଇହଳ ଶାର୍ଟ ଏବଂ ବିଭାଜିତ ସ୍କଟ ଦେବାର ବ୍ୟବସ୍ଥା କରାଯାଇଛି। ଏଥିସହିତ ୧୦୦ ଟଙ୍କା ମୂଲ୍ୟରେ ଏକହଳ ଜୋତା ଓ ମୋଜା ଦେବାର ବ୍ୟବସ୍ଥା ହୋଇଛି। ରାଜ୍ୟ ସରକାର ରାଜ୍ୟରେ ଶିଶୁ ମୃତ୍ୟୁହାର ଓ ମାତୃ ମୃତ୍ୟୁହାର ହ୍ରାସ କରିବା ପାଇଁ ରାଜ୍ୟର ୧୫ ଜିଲାରେ ୨୦୧୫ରୁ ଶିଶୁ ଏବଂ ମାତୃମୃତ୍ୟୁର ପୂର୍ଣ୍ଣ ନିରାକରଣ ଅଭିଯାନ (ସମ୍ପୂର୍ଣ୍ଣ) ଆରମ୍ଭ କରିଛନ୍ତି।

# ହାଉସିଂବୋର୍ଡ ଆବଣ୍ଟିତ ଘରବାରି ଜମି ବେଞ୍ଚମାର୍କ ମୂଲ୍ୟ ୩%କୁ ହ୍ରାସ

ଭୁବନେଶ୍ୱର,୧୨।୨(ଅନିଲ ଦାସ)

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ବାସଗୃହ ନିର୍ମାଣ ପାଇଁ ଲିଜ ସୂତ୍ରରେ ଯୋଗାଇ ଦିଆଯାଇଥିବା ସରକାରୀ ଜମିକୁ ସ୍ଥିତିବାନ ସ୍ୱତ୍ୱରେ ପରିବର୍ତ୍ତନ କରିବାପାଇଁ କିସମ ପରିବର୍ତ୍ତନ ବାବଦ ଦେୟକୁ ଜମିର ବେଞ୍ଚମାର୍କ ମୂଲ୍ୟର ୧୦% ବଦଳରେ ୩%କୁ ହ୍ରାସ କରାଯିବ। ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଆଗତ ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଓଡ଼ିଶା ସରକାର ଲ୍ୟାଣ୍ଡ ସେଟଲମେଣ୍ଟ (ଦ୍ୱିତୀୟ ସଂଶୋଧନ ନିୟମ-୨୦୨୦)ରେ ଆବଶ୍ୟକ ସଂଶୋଧନ କରାଯିବ।

ଓଡ଼ିଶା ଲୋକସେବା ଆୟୋଗ (କର୍ମଚାରୀଙ୍କ ନିଯୁକ୍ତି ପ୍ରକ୍ରିୟା ଓ ସେବା ସର୍ତ୍ତାବଳୀ) ବିନିମୟ, ୨୦୨୪କୁ କ୍ୟାବିନେଟ ଅନୁମୋଦନ କରିଛି। ଓଡ଼ିଶା ଲୋକସେବା ଆୟୋଗ କାର୍ଯ୍ୟାଳୟରେ ବିଭିନ୍ନ ବର୍ଗରେ ୬୯ ଗୋଟି ନୂତନ ପଦବୀ ସୃଷ୍ଟି ହୋଇଥିବା ବେଳେ କିଛି ପଦବୀ ପୁନଃ ନାମିତ କରାଯାଇଛି। ଫଳସ୍ୱରୂପ, ଉପରୋକ୍ତ ସୃଷ୍ଟି ହୋଇଥିବା ନୂତନ ପଦବୀଗୁଡ଼ିକର ନିଯୁକ୍ତି ଓ ସେବା ସର୍ତ୍ତାବଳୀକୁ ପରିଚାଳିତ କରିବା ନିମନ୍ତେ ନୂତନ ଓଡ଼ିଶା ଲୋକସେବା ଆୟୋଗ (କର୍ମଚାରୀଙ୍କ ନିଯୁକ୍ତି ପ୍ରକ୍ରିୟା ଓ ସେବା ସର୍ତ୍ତାବଳୀ) ବିନିମୟ, ୨୦୨୪ ପ୍ରସ୍ତୁତ କରାଯାଇଛି।

## ମେହେର(ଭୁଲିଆ) ସମାଜ, ମହିମା ଅଲେଖ ଟ୍ରଷ୍ଟକୁ ଦିଆଯାଇଥିବା ଜମି ପ୍ରିମିୟମ ଛାଡ଼ କଲେ ସରକାର

ରାଜ୍ୟ ସରକାର ଚନ୍ଦ୍ରଶେଖରପୁରଠାରେ ଥିବା ମେହେର(ଭୁଲିଆ) ସମାଜକୁ ସ୍ୱଭାବ କବି ଗଙ୍ଗାଧର ମେହେର ଭବନ ନିର୍ମାଣ ପାଇଁ ଯୋଗାଇ ଦେଇଥିବା ଏ.୦.୫୦୦ଡି. ଜମିର ପ୍ରିମିୟମ ବାବଦରେ ୫,୦୬,୦୦,୦୦୦ ଟଙ୍କା ଛାଡ଼ କରିଛନ୍ତି। କ୍ୟାବିନେଟରେ ଏହି ପ୍ରସ୍ତାବକୁ ମଞ୍ଜୁର କରାଯାଇଛି।

ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବ କ୍ୟାବିନେଟଅନୁମୋଦନଲାଭକରିଛି।

ସେହିପରି ଭୁବନେଶ୍ୱର ଡୁମୁଡୁମାଠାରେ ଲିଜ୍ ସୂତ୍ରରେ ସନ୍ଥ ଭୀମଭୋଇ ମହିମା ଅଲେଖ ଟ୍ରଷ୍ଟକୁ ମହିମା ଧର୍ମର ପ୍ରଚାର ପ୍ରସାର ଓ ସମାଜର ହିତ ସାଧନ ନିମନ୍ତେ ଦିଆଯାଇଥିବା ଏକର ୧.୦.୮୦୦୮. ଭୂମିର ପ୍ରିମିୟମ ବାବଦ ୩,୩୦,୦୦,୦୦୦ଟଙ୍କା ଛାଡ଼ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।


**ODISHA STATE HEALTH & FAMILY WELFARE SOCIETY, GOVT. OF ODISHA,**
**DEPTT. OF HEALTH & FAMILY WELFARE, GOVT. OF ODISHA**
Annex Building of SIH&FW, Nayapalli, Unit - 8, Bhubaneswar - 751012, District - Khordha (Odisha), Phone/Fax: 0674-2392480/79
Email Id:hrdnrhm1@gmai.com

Advt. No. 05/24 **WALK-IN-INTERVIEW** Date: 13.02.2024

No. E-832: Walk-in-Interview shall be conducted as scheduled below for filling up of the following vacant positions under National Health Mission, Odisha on contractual basis with monthly remuneration as noted against each and subject to renewal as per the terms and conditions of OSH&FW Society. These positions are purely temporary and co-terminus with the scheme. Lower age limit for all the positions is 21 years as on Dtd.01.02.2024

| Sl. No. | Name of the Position | No. of Vacancy/ies | Remuneration (in Rs.), Performance Incentive (P.I.) & Other Allowances as Admissible | Date of Registration/ Interview |
|---|---|---|---|---|
| 01 | Accountant | 01 | Rs.31,512/- + P.I. | 27.02.2024 |
| 02 | Audit Superintendent | 01 | Rs.68,775/- + P.I. | 28.02.2024 |

Interested candidates can log on to **www.nhmodisha.gov.in** for details of vacancy, eligibility criteria, age, application form etc. Candidates fulfilling the eligibility criteria may appear for registration on the date as mentioned against each post. Registration timing will be from 10.00 A.M. to 12 Noon only on Walk-in-Interview dates. No application will be received after scheduled date & timing of registration. **Venue:** Mission Directorate (National Health Mission), Annex Building of SIH&FW, Nayapalli, Unit - 8, Bhubaneswar, Dist.: Khordha, PIN - 751012, Odisha. The authority reserves the right to cancel this advertisement or modify the terms and conditions of this advertisement and the recruitment criteria at any stage of recruitment process without assigning any reason thereof.
OIPR-10084/11/0045/2324 **Sd./- Mission Director, NHM, Member Secretary, OSH&FWS, Odisha**

**OFFICE OF THE DIVISIONAL FOREST OFFICER: ATHMALLIK DIVISION**
Email ID:- dfo.athmallik@odisha.gov.in
Tender Notice No.836/IF/2024
DATED, ATHMALLIK THE 12TH FEBRUARY, 2024

**No.MM-450:**Short Tender Notice for Purchase of Cuddy Back Camera Traps-70 Nos. & Drone Camera-1 No. for use in Athmallik Forest Division. Short Tender is hereby invited by the undersigned on behalf of the Governor of Odisha for the following works from the eligible agencies/dealer as detail below.
**1. Name of the items:- Purchase of Cuddy Back Camera Traps-70 Nos. & Drone Camera-1 No.**

| Sl. No. | Name of Item | Estimated Cost (in Rs.) |
|---|---|---|
| 1 | Purchase of Cuddeback (20 Mp-IR-H1453) Camera Trap-70 Nos. (Including accessories) @20,000/- per unit | 14,00,000/- |
| 2 | Purchase of Drone Camera-DJI Mavic 3T (Thermal+Fly more Combo)-1 No. | 7,20,000/- |

2. **Place of Work**: Athmallik Forest Division. 3. Commencement of download RFP document on website: **www.odishaforest.in** Dt. 15.02.2024 Time: 11.00 A.M. 4. **Last Date of bid submission (by messenger/courier/post):** Dt.25.02.2024 01.00 P.M., Office of the Divisional Forest Officer, Athmallik Division, PO/PS- Athmallik, Pin-759125, Dist .Angul. **5. Date of General & Technical and Financial Bid opening**: Dt.25.02.2024 Time:04.00 P.M. Office of the Divisional Forest Officer, Athmallik Division, PO/PS- Athmallik, Pin-759125, Dist- Angul. **6. RFP document Cost (Non-refundable):** Rs. 1,000/- for each BID by DD issued by Nationalized Bank in favour of the Divisional Forest Officer, Athmallik Division, Payable at Athmallik. **7. Address for Bid submission-** Office of DFO, Athmallik. **8. EMD (Refundable):** Rs. 20,000/- for each BID by DD issued by Nationalized Bank in favour of the Divisional Forest Officer, Athmallik Division, Payable at Athmallik. **9. Bid validity period:** Dt.25.03.2024 from the last date of submission of Bid. **10.** Latest Tender document and addendum/corrigendum, if any, will be published at the websites www.odishaforest.in. **11. Disclaimer:** Notwithstanding anything else contained to the contrary in this tender document, DFO Athmallik reserves the right to cancel/ withdraw/ modify fully or partially the "Invitation of Bids" or to reject one or more of the bids without assigning any reason and shall bear no liability whatsoever consequent upon such a decision.
**Sd./- Divisional Forest Officer, Athmallik Division**
OIPR-08125/11/0020/2324

ଆମ ଶିମିଳିପାଳ ଆମ ଗର୍ବ — OUR SIMILIPAL OUR PRIDE
**OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION, AT-MATIAGARH CHHAKA, PO-K. JASHIPUR,DIST-MAYURBHANJ, ODISHA-757091**
Tel:-06797-295030, Email:dfo.similipalnorthwl@odisha.gov.in/ddsimilipalnorth@gmail.com

**TENDER CALL NOTICE**
No.17 Date:08.02.2024
**No.MM-448:**Sealed Tenders are invited from reputed manufacturers / established / distributors/ authorized dealers / suppliers within the country of India for supply, installation and commissioning of Luxurious Tent at Talabandha of Talabandha WL Range under Similipal North Wildlife Division, Mayurbhanj, Odisha as mentioned below.

| Construction of Luxurious Tent | Quantity | Cost of Tender Paper | EMD to be deposited |
|---|---|---|---|
| Supply, installation and commissioning of Luxurious Tent at Talabandha of Talabandha WL Range under Similipal North Wildlife Division, Mayurbhanj, Odisha | 01 No. Each | Rs.6000/- | Rs.75000/- |

Non-transferable Tender Documents for supply, installation and commissioning of Luxurious Tent at Talabandha of Talabandha WL Range under Similipal North Wildlife Division, Mayurbhanj, Odisha as stated above will be available and can be collected in person from the office of the Deputy Director, Similipal North Wildlife Division, Jashipur, Mayurbhanj, Odisha on payment of cost of Tender Document as mentioned above. The Tender Document cost which is non-refundable, should be deposited in shape of crossed Demand Draft from any Nationalized Bank drawn in favour of the Deputy Director, Similipal North Wildlife Division, Jashipur, Mayurbhanj payable at Jashipur.
1. Tender papers / documents will be available in the O/o the Deputy Director, Similipal North Wildlife Division, Jashipur, Mayurbhanj from dt.12.02.2024 to dt.20.02.2024 (during office hours).
2. Receiving of Tender papers will be within dt.12.02.2024 until 01.00 PM on 21.02.2024.
3. Tender opening 03.00 PM on 21.02.2024.

**Sd./- Deputy Director**
**Similipal (North) WL Division**
**Jashipur**
OIPR-08127/11/0010/2324

**GOVERNMENT OF ODISHA**
**OFFICE OF THE EXECUTIVE ENGINEER RURAL WORKS DIVISION, DEOGARH**
E-mail Id: eerw_deogarh@yahoo.co.in.
**E-Procurement Notice**
**Bid Identification No.SERWDGH-Online-15/2023-24**
**No.O-2523:**1. No. of Building works: (01 No.) 2. Estimated Cost: Rs.35.16 Lakhs. 3. Mode of submission of tender: Tender shall be submitted online in www.tendersodisha.gov.in.4. Availability of tender for online bidding:- 15.02.2024, 10.00 A.M. to 22.02.2024 upto 5.00 P.M. 5. Date and Time of opening of tender: 23.02.2024, 11.00 A.M. 6. Other details can be seen from the website www.tendersodisha.gov.in. 7. Corrigendum/ Addendum if any shall only be published in the above website.
**Sd./- Superintending Engineer**
**R.W.Division, Deogarh**
OIPR-25087/11/0026/2324

**OFFICE OF THE DHENKANAL MUNICIPAL COUNCIL, DHENKANAL** No. C-3019
**E-Procurement Notice**
**Tender Call Notice No. 480/DKLMPLTY / Date: 03.02.2024**
1. Name of the Work : Individual Civil Construction work published in the website
2. No. of works put to tender : 49 Nos. individual works
3. Estiamted Cost : Rs.2,88,196 lakhs upto 16,94,894 lakhs
4. Period of Completion : 45 Days
5. Date and time of availability : From 11.00 hours of Dt.07.02.2024 to 17.30 of Date of bid document in the portal Dt.15.02.2024
6. Last date/time for receipt of bids : 17.30 hours of Dt.15.02.2024
7. Date and time of opening of bid : 11.00 hours of Dt.16.02.2024
8. Name and address of the Officer Inviting Bid : Executive Officer, Dhenkanal Municipality, Dhenkanal

Further details can be seen from the e-procurement portal **https://tenderorissa.gov.in**.
**Sd./- Executive Officer**
**Dhenkanal Municipality**
OIPR-13146/11/0051/2324

GOVERNMENT OF ODISHA
**OFFICE OF THE ENGINEER-IN-CHIEF, RURAL WORKS, BHUBANESWAR**
**CORRIGENDUM**
**Notice Inviting Expression of Interest for engagement of individuals as "State Quality Monitor", ID No.EOI/20/SQC, Dt.08.01.2024**
**No.O-1528:**Reference to subject "Expression of Interest for engagement of individuals as SQM" vide ID No.EOI-20/SQC dt.08.01.2024. Last date of submission of application extended from 9th February 2024 to 23rd February 2024. All other terms and condition shall remain unchanged. Further enquiry, if any, can be made with State Quality Co-ordinator, Office of the EIC, Rural Works, Odisha, Bhubaneswar. Email Id: sqc.odisha@yahoo.in, Mobile-9437255400. Details of the EOI is also available in the website: www.rd.odisha.gov.in.
OIPR-25123/11/0047/2324 **Sd./- Chief Engineer, PMGSY**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, SUNDARGARH**
Email:rw_sundargarh@yahoo.co.in
E-PROCUREMENT NOTICE
BID IDENTIFICATION NO.ONLINE-SESNG-30 of 2023-24
**No.O-2508:**1. Name of the Work: Building Works, 2. Total No. of Works: 34 nos. Building, 3. Estimated Cost: Rs.36.44 Lakhs each, 4. Class of Contractor: 'C' & 'B', 5. Period of Completion: 06 Calendar Months, 6. Type of Tender: Single Cover, 7. Other details:

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online-SESNG-30 of 2023-24 | 15.02.2024 10.00 A.M. | 22.02.2024 05.30 P.M. |

Further details can be seen from the website www.tendersorissa.gov.in.
**Sd./- Executive Engineer, Rural Works Division, Sundargarh**
OIPR-25046/11/0042/2324

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, SUNDARGARH**
Email:rw_sundargarh@yahoo.co.in
E-PROCUREMENT NOTICE
BID IDENTIFICATION NO.ONLINE-SESNG-31 of 2023-24
**No.O-2509:**1. Name of the Work: Building Works, 2. Total No. of Works: 05 nos. Building, 3. Estimated Cost: From Rs.64.93 to Rs.67.37 Lakhs, 4. Class of Contractor: Only 'B', 5. Period of Completion: 09 Calendar Months, 6. Type of Tender: Double Cover, 7. Other details:

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online-SESNG-31 of 2023-24 | 15.02.2024 10.00 A.M. | 22.02.2024 6.00 P.M. |

Further details can be seen from the website www.tendersorissa.gov.in.
**Sd./- Executive Engineer, Rural Works Division, Sundargarh**
OIPR-25046/11/0044/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



କାହ୍ନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାନୁଆରୀରେ ଖୁଚୁରା ମୁଦ୍ରାସ୍ଫୀତି ୫.୧%

ନୂଆଦିଲ୍ଲୀ,୧୨।୨

କ୍ରମାଗତ ଭାବେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ହାରରେ ହ୍ରାସ ପାଉଛି। ଏପରିକି ୨୦୨୪ ଜାନୁଆରୀରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ହାର ହ୍ରାସ ହୋଇ ୫.୧% ହୋଇଛି। ୨୦୨୩ ଡିସେମ୍ବରରେ ଏହି ହାର ୫.୬୯% ଥିଲା ବୋଲି ସୋମବାର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିଭଳି ୨୦୨୪ ଜାନୁଆରୀରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୮.୩୦% ହୋଇଥିଲାବେଳେ ୨୦୨୩ ଡିସେମ୍ବରରେ ଏହାର ହାର ୯.୫୩% ଥିଲା। ତେବେ ଦରଦାମରେ କୌଣସି ବଡ଼ ପରିବର୍ତ୍ତନ ହୋଇନାହିଁ, ୨୦୨୩ ଡିସେମ୍ବର ତୁଳନାରେ ୨୦୨୪ ଜାନୁଆରୀରେ ଖାଦ୍ୟ ମୁଦ୍ରାସ୍ଫୀତି ହାରରେ ମଧ୍ୟ ସାମାନ୍ୟ ହ୍ରାସ ପାଇଛି। ଅପରପକ୍ଷରେ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ ମହଙ୍ଗା ସ୍ଥିତିରେ ଯଦିଓ ସାମାନ୍ୟ ହ୍ରାସ ହୋଇଥିଲେ ସୁଦ୍ଧା ପନିପରିବା ଦରବୃଦ୍ଧି ବର୍ତ୍ତମାନ ସମୟରେ ଚିନ୍ତାର କାରଣ ପାଲଟିଛି। ସେହିପରି ଶାଗ ଓ ପନିପରିବା ଆଦିର ଦର ୨୫%ରୁ ଅଧିକ ରହିଛି। ଏପରିକି ଡାଲିର ଦର ପ୍ରାୟ ୨୦% ରହିଛି। ୨୦୨୩ ଡିସେମ୍ବର ତୁଳନାରେ ଚଳିତ ବର୍ଷ ଜାନୁଆରୀରେ ଡାଲିର ମୁଦ୍ରାସ୍ଫୀତି ହାର ସାମାନ୍ୟ ହ୍ରାସ ଘଟିଛି। ୨୦୨୩ ଡିସେମ୍ବରରେ ଏହାର ହାର ୨୦.୭୩% ଥିଲାବେଳେ ୨୦୨୪ ଜାନୁଆରୀରେ ଡାଲିର ମୁଦ୍ରାସ୍ଫୀତି ହାର ୧୯.୫୪%କୁ ଖସି ଆସିଛି। ବିଶେଷ କରି ପନିପରିବାର ମୁଦ୍ରାସ୍ଫୀତି ହାରରେ ମଧ୍ୟ ସାମାନ୍ୟ ହ୍ରାସ ଘଟିଛି। ୨୦୨୩ ଡିସେମ୍ବରରେ ଏହାର ପରିମାଣ ୨୭.୬୪% ଥିଲା। ଡିସେମ୍ବର ତୁଳନାରେ ଜାନୁଆରୀରେ ଏହାର ହାର ସାମାନ୍ୟ ହ୍ରାସ ହୋଇ ୨୭.୦୩%କୁ ଖସି ଆସିଛି।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଜାନୁଆରୀରେ ଶସ୍ୟ ଏବଂ ଆନୁଷଙ୍ଗିକ ଦ୍ରବ୍ୟର ମୁଦ୍ରାସ୍ଫୀତି ହାର ମଧ୍ୟ ହ୍ରାସ ହୋଇ ୭.୮୩% ରହିଛି, ୨୦୨୩ ଡିସେମ୍ବରରେ ଏହାର ହାର ୯.୯୩% ଥିଲା। ୨୦୨୪ ଜାନୁଆରୀରେ ଫଳର ମୁଦ୍ରାସ୍ଫୀତି ହାର ମଧ୍ୟ ହ୍ରାସ ପାଇ ୮.୬୫% ହୋଇଛି, ୨୦୨୩ ଡିସେମ୍ବରରେ ଏହାର ହାର ୧୧.୧୪% ଥିଲା।

ସୂଚନାଯୋଗ୍ୟ, ଦେଶର ଖୁଚୁରା ମୁଦ୍ରାସ୍ଫୀତି ୫% କୁ ଖସି ଆସିଛି। ବର୍ତ୍ତମାନ ଏହି ହାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଟଲରାନ୍ସ ବଣ୍ଡ୍ ମଧ୍ୟରେ ଅଛି କିନ୍ତୁ ଆରବିଆଇର ଲକ୍ଷ୍ୟ ୪%କୁ ଆଣିବା ।



## ଖସିଲା ଶେୟାର ବଜାର

ନୂଆଦିଲ୍ଲୀ,୧୨।୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନସେକ୍ସ ୫୨୩ (୫୨୩.୦୦) ପଏଣ୍ଟ କମି ୭୧,୦୭୨(୭୧,୦୭୨.୪୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୧୬୬ (୧୬୬.୪୫) ପଏଣ୍ଟ ହ୍ରାସ ଘଟି ୨୧, ୬୧୬(୨୧,୬୧୬.୦୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ହ୍ରାସ ଘଟିଛି।

## ପୂର୍ବ ଭାରତ ବଜାରରେ ଭି ଗାର୍ଡର ନୂତନ ଉତ୍ପାଦ




ଭୁବନେଶ୍ୱର, ୧୨।୨ (ଅଭୟ ଦାଶ)

ଭି ଗାର୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡ ବା ଭି ଗାର୍ଡ ଇଣ୍ଡିଆର ନୂତନ ଉତ୍ପାଦ 'ଇନସାଇଟ-ଜି' ବର୍ଗର ପ୍ରିମିୟମ ଏବଂ ସ୍ଲିମ ବିଏଲଡିଏସି ଫାନସଗୁଡିକୁ ପୂର୍ବ ଭାରତ ବଜାରରେ ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ କୋଲକାତାଠାରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ ଡିଲର୍ସ ଏବଂ ଡିଷ୍ଟ୍ରିବ୍ୟୁଟରମାନେ ମଧ୍ୟ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଇନସାଇଟ-ଜି ବର୍ଗର ପ୍ରିମିୟମ ଏବଂ ସ୍ଲିମ ବିଏଲଡିଏସ ୧୨ଟି ଭାରିଆଣ୍ଟ ସହ ଆକର୍ଷଣୀୟ କଲର (ରଙ୍ଗ)ରେ ଉପଲବ୍ଧ ଥିଲାବେଳେ ୫ ଷ୍ଟାର ରେଟିଂ ଏବଂ ୫ ବର୍ଷର ବିଶେଷ ୱାରେଣ୍ଟି ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି। ଏ ସମ୍ପର୍କରେ ଭି ଗାର୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡର ନିର୍ଦ୍ଦେଶକ ତଥା ସିଓଓ ରାମଚନ୍ଦ୍ରନ ଭି କହିଛନ୍ତି ଆମେ ସର୍ବଦା ଗ୍ରାହକଙ୍କ ଚାହିଦା ପୂରଣ ସହିତ ବଜାର ଆବଶ୍ୟକତାକୁ ଗୁରୁତ୍ୱ ଦେଇଥାଉ। ଏପରିକି ଗୁଣାତ୍ମକ ଉତ୍ପାଦ ପ୍ରସ୍ତୁତ (ନିର୍ମାଣ) କରିବା ସହିତ ଗ୍ରାହକଙ୍କ ନିକଟତର ହେବା ସହିତ ଷ୍ଟେଟ ଅଫ ଦି ଆର୍ଟ ବର୍ଗରେ ଉତ୍ପାଦ ନିର୍ମାଣ କରିଥାଉ। ବିଶେଷ କରି ହରିଦ୍ୱାରାର ରୁରିକି କାରଖାନାରୁ ବିଶେଷ ଭାବେ ଏହି ନୂତନ ଉତ୍ପାଦଗୁଡିକୁ ଗୁଣାତ୍ମକମାନ ଓ ବର୍ଗରେ ପ୍ରସ୍ତୁତ କରାଯାଇଛି।

## ଆଇଓବିର ୮୮ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୧୨।୨

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ଆଇଓବି)ର ୮୮ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଇଓବିର ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ୱାକାଥନ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆଇଓବି ବ୍ରହ୍ମପୁର କ୍ଷେତ୍ରର ବରିଷ୍ଠ କ୍ଷେତ୍ରୀୟ ପ୍ରବନ୍ଧକ ମନୀଷ କୁମାରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ। ସେହିଭଳି ବ୍ୟାଙ୍କର ପ୍ରତିଷ୍ଠା ଉପଲକ୍ଷେ ରକ୍ତଦାନ ଶିବିର, ବୃକ୍ଷରୋପଣ ଏବଂ ୱାକାଥନ୍ ଭଳି କାର୍ଯ୍ୟକ୍ରମର ଆୟୋଜନ ସାରା ଦେଶରେ କରାଯାଇଥିଲା ବୋଲି ମନୀଷ କୁମାର ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଏଥିସହିତ ସେ ଆଇଓବିର ସମସ୍ତ ଗ୍ରାହକଙ୍କୁ ସେମାନଙ୍କର ସାହାଯ୍ୟ, ସହଯୋଗ ଓ ଭଲ ପାଇବା ପାଇଁ ଧନ୍ୟବାଦ ଜଣାଇଥିଲେ। ସେହିପରି ଆଇଓବିର ମୁଖ୍ୟ ପ୍ରବନ୍ଧକ ରତିକାନ୍ତ ବେହେରା ୮୮ତମ ପ୍ରତିଷ୍ଠା ଦିବସ ଅବସରରେ 'ବେଟି ବଞ୍ଚାଅ ବେଟି ପଢ଼ାଅ' ଏବଂ 'ପିଢ଼ିକୁ ସଂଯୋଗ କରୁଥିବା ପ୍ରିଫର୍ଡ ବ୍ୟାଙ୍କ' ଶୀର୍ଷକ ବିଷୟ ଉପରେ ଏହି ୱାକାଥନ୍ ଆୟୋଜନ କରାଯାଇଥିଲା ବୋଲି କହିଥିଲେ। ବ୍ୟାଙ୍କର ବିକାଶ ପାଇଁ ସେ ଗ୍ରାହକମାନଙ୍କ ସହଯୋଗ କାମନା କରିଥିଲେ।

## ରବି କିଶନ ଶ୍ୟାମ ଷ୍ଟିଲ୍‌ର ବ୍ରାଣ୍ଡ୍ ଆମ୍ବାସାଡର




ଭୁବନେଶ୍ୱର,୧୨।୨

ଦେଶର ପ୍ରମୁଖ ଶିଳ୍ପ ସଂସ୍ଥା ତଥା ଟିଏମ୍‌ଟି ବାରସର ଉତ୍ପାଦକ ଏବଂ ନିର୍ମାତା 'ଶ୍ୟାମ ଷ୍ଟିଲ୍' (ଶ୍ୟାମ ଷ୍ଟିଲ ଇଣ୍ଡଷ୍ଟ୍ରିଜ) ପକ୍ଷରୁ ଜଣାଶୁଣା ଭାରତୀୟ ଅଭିନେତା, ରାଜନେତା ଏବଂ ଚଳଚ୍ଚିତ୍ର ନିର୍ମାତା ରବି କିଶନଙ୍କୁ କମ୍ପାନୀର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ବିଶେଷକରି କମ୍ପାନୀର ବିହାର, ଝାଡଖଣ୍ଡ ଏବଂ ଉତ୍ତରପ୍ରଦେଶ ଭଳି ବଜାରରେ ବ୍ରାଣ୍ଡ୍‌ର ପ୍ରଚାର ପ୍ରସାର ସହିତ ବିଭିନ୍ନ ବର୍ଗର ଉତ୍ପାଦଗୁଡିକୁ ଟିଭିସି ଜରିଆରେ ଗ୍ରାହକଙ୍କ ପାଖରେ ପହଞ୍ଚାଇବାରେ ରବି କିଶନ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି କମ୍ପାନୀ ପକ୍ଷରୁ ଆଶା କରାଯାଇଛି। ଏ ସମ୍ପର୍କରେ ଶ୍ୟାମ ଷ୍ଟିଲ ଇଣ୍ଡଷ୍ଟ୍ରିଜର ନିର୍ଦ୍ଦେଶକ ଲଳିତ ବେରିୱାଲା କହିଛନ୍ତି, ଆମେ ରବି କିଶନଙ୍କ ଭଳି ଲୋକପ୍ରିୟ ଏବଂ ବ୍ୟକ୍ତିତ୍ୱଙ୍କ ସହ ଯୋଡି ହୋଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ରବି କିଶନଙ୍କୁ ଶ୍ୟାମ ଷ୍ଟିଲ ପରିବାରକୁ ସ୍ୱାଗତ କରି ଆନନ୍ଦିତ ଥିଲାବେଳେ ସେ ଆମ ଉତ୍ପାଦର ପ୍ରସାର ଓ ପ୍ରଚାର ସହିତ କମ୍ପାନୀର ଉତ୍ପାଦଗୁଡିକୁ ଗ୍ରାହକଙ୍କ ନିକଟତର କରାଇବାରେ କିଶନ ବେଶ୍ ସହାୟକ ହେବେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**NEW DUPLEX SALE**
Ready to move new 4BHK duplex with Garage near Patia RTO Office, Nandanbihar
Land- 1600 sqft,
Construction- 2830 sqft,
Fixed Price- 1.25Crore
7978450312
9439585947

**ADMISSION OPEN**
B.Ed, M.Ed, B.P.Ed.
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜନ୍ମଦିନ ଶୁଭେଚ୍ଛା**



ମଣ୍ଟି ମିଳନ୍ ବିଶ୍ୱାଳ (କାହ୍ନା)
ଷୋଡ଼ଶ ବର୍ଷ ପୂର୍ତ୍ତି ଅବସରରେ ତୋତେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା। ଜଗତଜନନୀ ମା' ଦୁର୍ଗା ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ। ଶୁଭାଶୀର୍ବାଦ ସହ: ଅଦ୍ୱୈତ ଚରଣ ବିଶ୍ୱାଳ (ଜେଜେ), ଗୋମତୀ ବିଶ୍ୱାଳ (ଜେଜୀ), ବାପା, ମମି, ବଙ୍ଗଲୋ ବାପା, ଛୋଟମମି, ଓକିଲ ବାପା, କୁନି ମମି ଓ ନେହା, ରିଙ୍କି, ଗୋଲ୍ଡି, କୁନୁଦିଦିମାନେ ତଥା ଭଣଜା ମୁନୁର ପ୍ରଣାମ ।
ଧ-୬୭୪୩୩


## ଆଇଆଇଟି ଭୁବନେଶ୍ୱର ସହ ଟାଟା ଷ୍ଟିଲ୍‌ର ବୁଝାମଣା

ଭୁବନେଶ୍ୱର,୧୨।୨

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ବା ଆଇଆଇଟି ଭୁବନେଶ୍ୱର ଏବଂ ଟାଟା ଷ୍ଟିଲ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ନବସୃଜନ, ଗବେଷଣା ଓ ଉଦ୍ୟମିତାକୁ ସୁଦୃଢ଼ କରିବା ଲାଗି ଆଇଆଇଟି ଭୁବନେଶ୍ୱରର ଗବେଷଣା ଏବଂ ଉଦ୍ୟମିତା ପାର୍କ ସହିତ ଟାଟା ଷ୍ଟିଲ୍‌ର ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ଏମ୍‌ଓୟୁ ଅଧୀନରେ ଟାଟା ଷ୍ଟିଲ୍ ଏବଂ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ସ୍ଥାପନ କରାଯାଇଥିବା କମ୍ପାନୀ, ଆଇଆଇଟି ଭୁବନେଶ୍ୱରର ଗବେଷଣା ଏବଂ ଉଦ୍ୟମିତା ପାର୍କ ପରସ୍ପର ସହ ହାତ ମିଳାଇ ମାଟେରିଆଲ୍ସ ପ୍ରୋସେସିଂ ଓ ମଡେଲିଂ, ଶକ୍ତି ଏବଂ ପରିବେଶ ସହିତ ଲୋ କାର୍ବନ ଇସ୍ପାତ ଉତ୍ପାଦନ ଓ ସର୍କୁଲାର ଇକୋନମି ଭଳି ବିଭିନ୍ନ କ୍ଷେତ୍ରରେ ସହଭାଗିତା ଅନ୍ୱେଷଣ କରିବେ। ଉଲ୍ଲେଖଯୋଗ୍ୟ, ଆଇଆଇଟି ଭୁବନେଶ୍ୱରଠାରେ ଅନୁଷ୍ଠିତ ୧୦୦-କ୍ୟୁବ୍ ଷ୍ଟାର୍ଟଅପ୍ କନ୍‌କ୍ଲେଭ୍ ଅବସରରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଟାଟା ଷ୍ଟିଲ୍‌ର ଏମ୍‌ଡି ତଥା ସିଇଓ ଟି. ଭି. ନରେନ୍ଦ୍ରନ ଏବଂ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ତଥା ଗବେଷଣା ଏବଂ ଉଦ୍ୟମିତା ପାର୍କର ଅଧ୍ୟକ୍ଷ ପ୍ରଫେସର ଶ୍ରୀପଦ କର୍ମାଲକରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଏମ୍‌ଡି ତଥା ସିଇଓ ଟି. ଭି. ନରେନ୍ଦ୍ରନ କହିଛନ୍ତି,ଦୀର୍ଘସ୍ଥାୟୀ ଇସ୍ପାତ ପ୍ରସ୍ତୁତି ଓ ଉନ୍ନତ କଞ୍ଚାମାଲ ପାଇଁ ମିଳିତ ଭାବେ ସମାଧାନ ସୃଷ୍ଟି କରିବା ଲାଗି ଆମେ କାମ କରୁଥିବା ବେଳେ ଏହି ଏମ୍‌ଓୟୁ ଆଇଆଇଟି ଭୁବନେଶ୍ୱର ସହିତ ଆମ ସହଯୋଗିତାକୁ ସୁଦୃଢ଼ କରିଛି।


# Classified Everyday
0674-2580101, 2549949



REAL ESTATE

SALE

Book 3BHK, 4BHK premium flat at Saubhagya Nagar, Near Khimji & Narula Sweets, Bhubaneswar. Handover Aug.24. Contact: 9439716901. D-75520

ସ୍ଥିତିବାନ୍ ଗୃହୋପଯୋଗୀ ପ୍ଲଟ୍ NH-16ର ପିତାପଲ୍ଲୀରେ ୬୦ଫୁଟ୍, ୩୦ଫୁଟ୍ ରାସ୍ତା ଥାଇ ସଙ୍ଗେସଙ୍ଗେ ହସ୍ତାନ୍ତର ସହ ସୁଲଭ ମୂଲ୍ୟରେ ଉପଲବ୍ଧ। 8867080780. D-75908

DAV Pokhariput 7K.M. କୁହା ମୌଜାରେ ଘରକୁ ଲାଗି 3000sqft. plot ବିକ୍ରିହେବ। 9938016295. D-75910

BDA Yellowzone gharabari plot for sale Khandagiri Amri Hospital back side ready for construction. 7978850450, 9439918431. D-75907

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ଫୁଟ ରାସ୍ତାକୁ ଲାଗି 400-800sqft.ରେ ଜାଗା ବିକ୍ରି ହେଉଛି। 8249693292. D-75200

**କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ଏବଂ SUM-2 (Hospital) ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 9658562429.** D-75906

**Readymade 2/3BHK premium flat at prime location of Jayadev Vihar Chhak. Contact- 9437307086, 7978209277, 7008789347.** D-2494

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75904

**3BHK Semifurnished flats at Jharpada 80' road side. Contact- 9437307086, 7978209277, 7008789347.** D-2493




Newly open SPA positively health benefits with relax and refresh with good therapist. 8328803811. D-76101

Refreshments body massage Therapy with experience therapists, Ashirvad Panchakarma Spa, Keshari Mall, Bhubaneswar. 8926173473. D-46569

"Only Ayurvedic body massage & Steam-Bath. 9861550765". D-2495

**Newly open SPA positively health benefits with expert therapist. 9090400507.** D-75198

Newly open SPA positively health benefits with expert therapist. 9040286886. D-75199

Herbal full body massage by smart/expert therapist. Contact- 9124139069. D-75706

**Email ମାଧ୍ୟମରେ** କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**
By virtue of an affidavit made before the Executive Magistrate, I hitherto known as JAYAPRAKASH MOHANTY S/o Pradeep Kumar Mohanty, resident of Flat No.- 206, Krishna Arcade, Bajrakabati Road, Cuttack -753001, Odisha have changed my name and shall here after be known as JAY PRAKASH MOHANTY for all future purposes.
D-2515

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ବାଇଧର ସାହୁ
ଆବିର୍ଭାବ: ୨୨।୦୪।୧୯୩୬
ତିରୋଧାନ: ୧୩।୦୨।୨୦୧୭
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ।
ଧ-୭୩୭୯୬


## ଗ୍ରୀନ୍ କନ୍‌କ୍ଲେଭ ଉଦ୍‌ଘାଟିତ

ଭୁବନେଶ୍ୱର,୧୨।୨

ଏସିଆନ୍-ଆଫ୍ରିକାନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଏଏସିସିଆଇ) ଫାଉଣ୍ଡେଶନର ଓଡ଼ିଶା ଚାପ୍ଟର ପକ୍ଷରୁ ଏକ ୩ ଦିନିଆ ଅନ୍ତର୍ଜାତୀୟ ବ୍ୟବସାୟିକ ସମ୍ମିଳନୀ ଏବଂ ଏକ୍ସପୋ 'ଗ୍ରୀନ କନ୍‌କ୍ଲେଭ-୨୦୨୪' ସୋମବାର ଭୁବନେଶ୍ୱରସ୍ଥିତ ମେ ଫେୟାର ଲାଗୁନ୍ ବାଟିକାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଇଥିଓପିଆର ଆମ୍ବାସାଡର ଦେମେକେ ଆଟ୍‌ନାଫୁ ଆମ୍ବୁଲୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଅମର ପଟ୍ଟନାୟକ, ଏମ୍ଏସ୍ଏମ୍ଇର ଯୁଗ୍ମ ନିର୍ଦ୍ଦେଶକ ପବନ କୁମାର ଗୁପ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅପରପକ୍ଷରେ କେନିଆର ବୋର୍ଡ ଅଫ୍ ଚେୟାରମ୍ୟାନ୍ ଜେମ୍ସ ମ୍ୟୁରୁ ସମ୍ମାନିତ ଅତିଥି ଏବଂ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଏସିସିଆଇ ଓଡ଼ିଶାର ସଭାପତି ଡ. ଲିତା ମହାପାତ୍ର, ଏଏସିସିଆଇ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଜି ଡି ସିଂ, ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ବିଭାଗୀୟ ପ୍ରମୁଖ ସଚିବ ହେମନ୍ତ ଶର୍ମା, ଷ୍ଟାର୍ଟ ଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଓମ୍‌କାର ରାଏ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ସମ୍ମିଳନୀ ୨୦୨୪ ଫେବୃଆରୀ ୧୪ ପର୍ଯ୍ୟନ୍ତ ମେ ଫେୟାର ଲାଗୁନ୍ ବାଟିକା ଠାରେ ଜାରି ରହିବ।

**ବିଶ୍ୱ ସନ୍ତରଣ ଚାମ୍ପିୟନଶିପ୍**

# ପାନ୍ ଝାନଲେଙ୍କ ବିଶ୍ୱ ରେକର୍ଡ

**ଦୋହା,୧୨।୨(ପି.ଟି.):** କାତାରର ଦୋହାରେ ଅନୁଷ୍ଠିତ ବିଶ୍ୱ ସନ୍ତରଣ ଚାମ୍ପିୟନଶିପର ପ୍ରଥମ ଦିନରେ ବିଶ୍ୱ ରେକର୍ଡ କରିଛନ୍ତି ଚାଇନାର ପାନ୍ ଝାନଲେ। ଅନେକ ଶ୍ରେଷ୍ଠ ଖେଳାଳି ଏହି ଟୁର୍ନାମେଣ୍ଟରେ ଭାଗ ନେଉ ନ ଥିବା ବେଳେ ଚାଇନାର ଯୁବ ଖେଳାଳି ପାନ୍ ଝାନଲେ ବିଶ୍ୱ ରେକର୍ଡ କରିଛନ୍ତି। ୧୦୦ ମିଟର ଫ୍ରି ଷ୍ଟାଇଲ ସନ୍ତରଣରେ ଚାଇନା ୪x୧୦୦ ମିଟର ରିଲେ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ପାନ୍ ଝାନ୍‌ଲେ ୪୬.୮୦ ସେକେଣ୍ଡର ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ବିଶ୍ୱ ରେକର୍ଡ ନିଜ ନାମରେ କରିଛନ୍ତି। ୨୦୨୨ରେ ରୋମାନିଆର ୧୯ ବର୍ଷୀୟ ଡେଭିଡ୍ ପୋପୋଭିସି ୪୭.୧୩ ସେକେଣ୍ଡର ଟାଇମିଂ ସହ ରେକର୍ଡ ନିଜ ନାମରେ କରିଥିଲେ। ଚାଇନା ରିଲେ ଦଳ ସମୁଦାୟ ୩:୧୧.୦୮ ସେକେଣ୍ଡର ଟାଇମିଂ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ମହିଳା ୪୦୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ନ୍ୟୁଜିଲାଣ୍ଡର ଏରିକା ଫେୟାରୱେଦର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ପ୍ରଥମ ନ୍ୟୁଜିଲାଣ୍ଡ ମହିଳା ଭାବେ ସେ ଏହି ସଫଳତା ହାସଲ କରିଛନ୍ତି। ୩:୫୯.୪୪ ସେକେଣ୍ଡର ଟାଇମିଂ ହାସଲ କରିଥିବା ଏରିକା ଚାଇନାର ଲି ବିଙ୍ଗିଜେଙ୍କ ଠାରୁ ୨.୧୮ ସେକେଣ୍ଡ ଆଗୁଆ ରହିଥିଲେ। ପୁରୁଷ ୪୦୦ ମିଟର ଫ୍ରି ଷ୍ଟାଇଲରେ ଦକ୍ଷିଣ କୋରିଆର କିମ ଉ ମିନ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

# ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନରେ ବ୍ରାଜିଲ ବିଫଳ

**କାରାକାସ୍,୧୨।୨(ପି.ଟି.)**

ଫୁଟବଲର ପାୱାର ହାଉସ୍ ବ୍ରାଜିଲ୍ ଫୁଟବଲ ଦଳ ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଛି। ସୋମବାର ଆର୍ଜେଣ୍ଟିନା ୨୩ ବର୍ଷରୁ କମ୍ ଦଳ ନିକଟରୁ ୧-୦ରେ ହାରିବା ସହ ଡିଫେଣ୍ଡିଂ ଚାମ୍ପିୟନ ବ୍ରାଜିଲ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଛି। ଦକ୍ଷିଣ ଆମେରିକୀୟ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରୁ ପାରାଗୁଏ ଓ ଆର୍ଜେଣ୍ଟିନା ଯୋଗ୍ୟତା ହାସଲ କରିଛନ୍ତି। ପାରାଗୁଏ

**୨୦ ବର୍ଷରେ ପ୍ରଥମ ଥର ଖେଳିବନି**

**ଆର୍ଜେଣ୍ଟିନାକୁ ଯୋଗ୍ୟତା**

ଟେବୁଲ ଶୀର୍ଷରେ ରହିଥିବା ବେଳେ ଆର୍ଜେଣ୍ଟିନା ଦ୍ୱିତୀୟ ସ୍ଥାନରେ ରହିଛି। କାରାକାସ୍‌ର ଦ ବ୍ରିଗିଡୋ ଇରିଆର୍ଟେ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଆର୍ଜେଣ୍ଟିନା ପକ୍ଷରୁ ଲୁସିଆନୋ ଗୋଣ୍ଡୋଉ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌ର ୭୮ତମ ମିନିଟ୍‌ରେ ଭାଲେଣ୍ଟିନୋ ବାର୍ସୋଙ୍କ କ୍ରସ୍‌କୁ ହେଡ୍ କରି ସେ ଏହି ଗୋଲ ଦେଇଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ଭେନେଜୁଏଲାକୁ ୨-୦ରେ ପରାସ୍ତ କରି ପାରାଗୁଏ ଟେବୁଲ ଶୀର୍ଷରେ ରହିଥିଲା। ଆର୍ଜେଣ୍ଟିନା ସହ ମ୍ୟାଚ୍ ଡ୍ର ରଖିଥିବା ବେଳେ ବ୍ରାଜିଲ ବିପକ୍ଷରେ ବିଜୟ ହାସଲ କରିଥିଲା ପାରାଗୁଏ। ଏହି ଦଳରେ କେହି ତାରକା ଖେଳାଳି ନ ଥିଲେ ମଧ୍ୟ ଏହାର ପ୍ରଦର୍ଶନରେ ଫରକ ପଡ଼ି ନ ଥିଲା। ଆର୍ଜେଣ୍ଟିନା କୋଚ୍ ଜାଭିୟର ମାସ୍କେରାନୋ ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣେଇଥିବା ବେଳେ ବ୍ରାଜିଲ କୋଚ୍ ରାମୋନ ମେଞ୍ଜେସ୍ ରକ୍ଷଣାତ୍ମକ ଢଙ୍ଗରେ ଖେଳିଥିଲେ। ପ୍ରଥମାର୍ଦ୍ଧରେ ଆର୍ଜେଣ୍ଟିନା ଚାପ ସୃଷ୍ଟି କରିଥିଲେ ହେଁ ଗୋଲ କରିବାରେ ବିଫଳ ହୋଇଥିଲା।

୨୦ ବର୍ଷ ପରେ ପ୍ରଥମ ଥର ପାଇଁ ବ୍ରାଜିଲ ଫୁଟବଲ ଦଳ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଛି। ୨୦୦୪ରେ ଶେଷ ଥର ପାଇଁ ଦଳ ଯୋଗ୍ୟତା ହାସଲରେ ବିଫଳ ହୋଇଥିଲା। ୧୯୫୨ରେ ପ୍ରଥମ ଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ବ୍ରାଜିଲ ଦୁଇ ଥର ସ୍ୱର୍ଣ୍ଣ ପଦକ ହାସଲ କରିଛି। ୨୦୧୬ ରିଓ ଏବଂ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ସମର୍ଥ ହୋଇଥିଲା। ଏହା ବ୍ୟତୀତ ଦଳ ୩ ଥର ରୌପ୍ୟ ଓ ୨ ଥର ବ୍ରୋଞ୍ଜ ପଦକ ହାସଲରେ ସମର୍ଥ ହୋଇଛି। ସିନିୟର ବର୍ଗରେ ବିଶ୍ୱ ଚାମ୍ପିୟନ ଆର୍ଜେଣ୍ଟିନା ମଧ୍ୟ ୨ ଥର ଅଲିମ୍ପିକ୍ସ ଚାମ୍ପିୟନ ରହିଛି। ୨୦୦୪ ଏଥେନ୍ସ ଓ ୨୦୦୮ ବେଜିଂ ଅଲିମ୍ପିକ୍ସରେ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ୨୦୦୮ରେ ଲିଓନେଲ ମେସି ଏହି ଦଳର ନେତୃତ୍ୱ ନେଇଥିଲେ। ଅନ୍ୟପକ୍ଷରେ ପାରାଗୁଏ ଏହାର ଦ୍ୱିତୀୟ ଅଲିମ୍ପିକ୍ସ ପଦକ ଲକ୍ଷ୍ୟରେ ରହିଛି। ଶେଷ ଥର ପାଇଁ ୨୦୦୪ରେ ଏହା ଆର୍ଜେଣ୍ଟିନା ନିକଟରୁ ପରାଜିତ ହୋଇ ରୌପ୍ୟ ପଦକ ହାସଲ କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ଅଲିମ୍ପିକ୍ସ ଫୁଟବଲରେ ୨୩ ବର୍ଷରୁ କମ୍ ଦଳକୁ ଖେଳିବାର ସୁଯୋଗ ମିଳିଥାଏ।


ବ୍ରାଜିଲର ପରାଜୟ ପରେ ବ୍ରୁନୋ ଗୋମ୍ସ(ବାମ)ଙ୍କୁ ସାନ୍ତ୍ୱନା ଦେଉଛନ୍ତି ଆର୍ଜେଣ୍ଟିନାର ନିକୋଲାସ ଭାଲେଣ୍ଟିନି।

# ନେଦରଲାଣ୍ଡ୍ସ ବିଜୟୀ

**ରାଉରକେଲାରେ ମହିଳା ପ୍ରୋ ଲିଗ୍ ଆରମ୍ଭ**


ଆମେରିକା ଓ ନେଦରଲାଣ୍ଡ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ରାଉରକେଲା,୧୨।୨**
**(ଦିନେଶ ମିଶ୍ର)**

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ମହିଳା ହକି ପ୍ରୋ ଲିଗ୍‌ର ଏକାଦଶତମ ମ୍ୟାଚ୍ ସୋମବାର ଅନୁଷ୍ଠିତ ହୋଇଛି। ଏହି ମ୍ୟାଚରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ୍ ନେଦରଲାଣ୍ଡ୍ସ ଓ ଆମେରିକା ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍‌କୁ ୪-୦ରେ ଜିତି ନେଇଥିଲା ନେଦରଲାଣ୍ଡ୍ସ। ନେଦରଲାଣ୍ଡ୍ସ ଆରମ୍ଭରୁ ଆକ୍ରାମକ ଖେଳ ପ୍ରଦର୍ଶନ କରି ୯ଟି ପେନାଲ୍ଟି କର୍ନର ପାଇଥିଲା। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିବା ବେଳେ ନେଦରଲାଣ୍ଡ୍ସର ଫରୱାର୍ଡ ଖେଳାଳି ମୋଇସ ଫ୍ରିକ ମ୍ୟାଚର ଦ୍ୱିତୀୟ କ୍ୱାର୍ଟରର ୧୬ ମିନିଟ୍‌ରେ ପ୍ରଥମ ଗୋଲ୍ ଦେଇଥିଲେ। ୨୧ ମିନିଟ୍ ଓ ଚତୁର୍ଥ କ୍ୱାର୍ଟର୍‌ର ୫୬ ମିନିଟ୍‌ରେ ଭାନ୍ ଡର ଏଲଷ୍ଟ ଫେ ଦୁଇଟି ଗୋଲ ଦେଇଥିଲେ। ତୃତୀୟ କ୍ୱାର୍ଟରର ୩୬ ମିନିଟ୍‌ରେ ଆଲବର୍ସ ଫେଲିସ ଦଳ ପକ୍ଷରୁ ୩ୟ ଗୋଲ ଦେଇଥିଲେ। ଡବଲ୍ ଗୋଲ ଦେଇଥିବା ଭାନ୍ ଡର ଏଲଷ୍ଟ ଫେଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା।

# କଟକ, କେନ୍ଦ୍ରାପଡ଼ା ଚାମ୍ପିୟନ



ରାଜ୍ୟସ୍ତରୀୟ ଫୁଟବଲ ପୁରୁଷ ବିଭାଗ ଚାମ୍ପିୟନ କଟକ ଦଳ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୨।୨**
**(ତପନ ସ୍ୱାଇଁ)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ନୂଆ-ଓ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଏଠାରେ ଶେଷ ହୋଇଛି। ଏହାର ମହିଳା ବିଭାଗରେ କେନ୍ଦ୍ରାପଡ଼ା ଓ ପୁରୁଷରେ କଟକ ଦଳ ଚାମ୍ପିୟନ ହୋଇଛି। ଉଭୟ ଦଳକୁ ପୁରସ୍କାର ଆକାରରେ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା, ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଓଡ଼ିଶା ଏଫ୍‌ସି କ୍ଲବ ସଭାପତି ରାଜ ଅଥୱାଲ, ରୋହନ ଶର୍ମା, ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ କ୍ରୀଡ଼ା ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ତୀବ୍ର ସଂଘର୍ଷପୂର୍ଣ୍ଣ ମହିଳା ବିଭାଗ ଫାଇନାଲରେ କେନ୍ଦ୍ରାପଡ଼ା ପେନାଲ୍ଟି ଶୁଟ୍ ଆଉଟରେ ସୁନ୍ଦରଗଡ଼କୁ ପରାସ୍ତ କରିଥିଲା। ଯାଜପୁର ଓ ଝାରସୁଗୁଡ଼ା ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ସୁନ୍ଦରଗଡ଼ର ଦଳର ସରୋଜିନୀ ତିର୍କୀ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୁରୁଷ ବିଭାଗ ଫାଇନାଲରେ କଟକ ୩-୦ ଗୋଲରେ ଖୋର୍ଦ୍ଧାକୁ ପରାସ୍ତ କରିଥିଲା। ସୁନ୍ଦରଗଡ଼ ତୃତୀୟ ଓ କନ୍ଧମାଳ ଚତୁର୍ଥ ହୋଇଥିଲା। କଟକ ଦଳର ବିକାଶ କୁମାର ସାହୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ରନରଅପ୍ ଦଳକୁ ୧ ଲକ୍ଷ ଏବଂ ତୃତୀୟ ଓ ଚତୁର୍ଥ ଦଳକୁ ୫୦,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଖେଳାଳିଙ୍କୁ ୧୦,୦୦୦ ଟଙ୍କା ଦିଆ ଯାଇଥିଲା। ବ୍ଲକ, ଜିଲା ଏବଂ ରାଜ୍ୟସ୍ତରରେ ହୋଇଥିବା ଏହି ପ୍ରତିଯୋଗିତାରେ ୩୦ଟି ଦଳ ଅଂଶଗ୍ରହଣ କରିଥିଲେ। ନୂଆ-ଓ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ହକି, କ୍ରିକେଟ, ଖୋ-ଖୋ ଓ କବାଡ଼ି ପ୍ରତିଯୋଗିତା ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଛି।

# ଚାଇନାଠୁ ଭାରତ ପୁଣି ହାରିଲା

**ରାଉରକେଲା,୧୨।୨**
**(ଦିନେଶ ମିଶ୍ର)**

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ସୋମବାର ମହିଳା ହକି ପ୍ରୋ ଲିଗ୍‌ର ଦ୍ୱିତୀୟ ମ୍ୟାଚ୍ ଭାରତ ଓ ଚାଇନା ମଧ୍ୟରେ ଖେଳାଯାଇଥିଲା। ଏଥିରେ ଭାରତକୁ ଚାଇନା ମହିଳା ହକି ଦଳ ୨-୧ ଗୋଲରେ ପରାସ୍ତ କରିଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଚରଣ ମ୍ୟାଚରେ ମଧ ଭାରତ ସମାନ ବ୍ୟବଧାନରେ ଚାଇନାଠାରୁ ପରାସ୍ତ ହୋଇଥିଲା। ପୂର୍ବ ପରାଜୟରୁ ଶିକ୍ଷାଲାଭ କରି ନ ପାରିବା ଭାରତ ପାଇଁ ଏଠାରେ ମହଙ୍ଗା ପଡ଼ିଥିଲା। ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ନ ପାରିବା ମଧ ଦଳକୁ କ୍ଷତି ପହଞ୍ଚାଇବାରେ ଲାଗିଛି। ଭାରତ ଦଳ ଖେଳ ଆରମ୍ଭରୁ ଆକ୍ରମକ ଖେଳ ପ୍ରଦର୍ଶନ କରି ପ୍ରଥମ କ୍ୱାର୍ଟରର ୭ ମିନିଟ୍‌ରେ ଫରୱାର୍ଡ ସଙ୍ଗୀତା କୁମାରୀଙ୍କ ଗୋଲ ବଳରେ ଅଗ୍ରଣୀ ହାସଲ କରିଥିଲା। ପରେ ଭାରତ ଦଳକୁ ୫ଟି ପେନାଲ୍ଟି କର୍ଣ୍ଣର ମିଳିଥିଲେ ମଧ୍ୟ ଦଳ ଗୋଟିଏ ହେଲେ ଗୋଲରେ ପରିବର୍ତ୍ତନ କରିପାରି ନ ଥିଲା। ଚାଇନା ଦଳ ସଫଳ ପ୍ରତ୍ୟାବର୍ତ୍ତନ କରି ଭାରତ ଉପରେ ଚାପ ପକାଇ ଖେଳର ପ୍ରଥମ କ୍ୱାର୍ଟରର ୧୪ ମିନିଟ୍ ଓ ଶେଷ କ୍ୱାର୍ଟରର ୫୩ ମିନିଟ୍‌ରେ ଗୁ ବିଙ୍ଗ୍‌ଫେଙ୍ଗ୍ ୨ଟି ଗୋଲ ମାରି ଦଳକୁ ବିଜୟୀ କରାଇଥିଲେ। ଚାଇନା ଦଳକୁ ୪ଟି ପେନାଲ୍‌ଟି କର୍ଣ୍ଣର ମିଳିଥିବାବେଳେ ଦଳ ସେଥିରୁ ଗୋଟିଏ ପେନାଲଟି ଷ୍ଟ୍ରୋକରେ ଗୋଲ କରିପାରିଥିଲା। ଚାଇନା ପକ୍ଷରୁ ଫରୱାର୍ଡ ଖେଳାଳି ଗୁ ବିଙ୍ଗପେଙ୍ଗଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଚାଇନା ୫ ମ୍ୟାଚରୁ ୪ର୍ଥ ବିଜୟ ସହ ୧୨ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଭାରତ ୫ ମ୍ୟାଚରୁ ମାତ୍ର ୧ ବିଜୟ ସହ ୫ମ ସ୍ଥାନରେ ରହିଛି। ଚଳିତ ସିଜନରେ ଅପରାଜେୟ ରହିଥିବା ନେଦରଲାଣ୍ଡ୍ସ ୯ ମ୍ୟାଚରୁ ୯ ବିଜୟ ସହ ୨୭ ପଏଣ୍ଟ ପାଇ ଶୀର୍ଷରେ ନିଜ ସ୍ଥାନକୁ ଦୃଢ଼ କରିଛି।


ଭାରତ ଓ ଚାଇନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଜୟପୁର ପିଙ୍କ୍‌ପାନ୍ଥର୍ସ ସେମିଫାଇନାଲରେ

**କୋଲ୍‌କାତା, ୧୨।୨ (ପି.ଟି.):** ଅର୍ଜୁନ ଦେଶୱାଲଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଜୟପୁର ପିଙ୍କ୍ ପାନ୍ଥର୍ସ ୬୭-୩୦ରେ ୟୁପି ଯୋଦ୍ଧାସକୁ ପରାସ୍ତ କରି ପ୍ରୋ-କବାଡ଼ି ଲିଗ୍ ସିଜନ-୧୦ ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ଖେଳାଯାଇଥିବା ଏହି ମ୍ୟାଚରେ ୧୦ ରେଡ୍ ପଏଣ୍ଟ ସହ ଦେଶୱାଲ ମ୍ୟାଚର ଟପ୍ ସ୍କୋରର ଥିଲେ। ଡିଫେଣ୍ଡର ସୁନୀଲ କୁମାର ଓ ଅଙ୍କୁଶଙ୍କ ହାଇ ୫ଏସ୍ ଅବଦାନ ରହିଥିଲା। ମହିପାଲଙ୍କ ୨ ରେଡ୍ ପଏଣ୍ଟ ଯୋଗୁ ଚତୁର୍ଥ ମିନିଟ୍‌ରେ ଯୋଦ୍ଧାସ ଦଳ ୩-୨ରେ ଆଗୁଆ ରହିଥିଲେ। ଭି. ଅଜିତ କୁମାରଙ୍କୁ ସୁମିତଙ୍କ ଟ୍ୟାକଲ ପରେ ମ୍ୟାଚ୍‌ରେ ପାନ୍ଥର୍ସ ଦଳର ସଦସ୍ୟ ସଂଖ୍ୟା ୨କୁ ହ୍ରାସ ପାଇଥିଲା। ତେବେ ଅଭିଷେକ କେ.ଏସ୍.ଙ୍କ ଏକ ସୁପର ଟ୍ୟାକଲ ପରେ ଜୟପୁର ଦଳ ୮ମ ମିନିଟ ବେଳକୁ ସ୍କୋର ସ୍ତର ୭-୭ ବରାବର ସ୍ଥିତିକୁ ନେଇ ଆସିଥିଲା। ପରେ ପାନ୍ଥର୍ସ ମହିପାଲଙ୍କୁ ଟ୍ୟାକଲ କରି ୧୦ମ ମିନିଟ୍ ବେଳକୁ ମ୍ୟାଚ୍‌କୁ ୯-୮ ସ୍ତରକୁ ନେଇ ଆସିଥିଲା। ଅଙ୍କୁଶ ଗୌଡ଼ା ଓ ଅଜିତଙ୍କ ଟ୍ୟାକଲ କରି ୧୫ତମ ମିନିଟ ଖେଳ ବେଳେକୁ ପାନ୍ଥର୍ସକୁ ୧୩-୧୦ରେ ଅଗ୍ରଣୀ କରାଇଥିଲେ। ପରେ ପାନ୍ଥର୍ସ ଏକ ଅଲଆଉଟ ଜରିଆରେ ଅଗ୍ରଣୀ ବ୍ୟବଧାନ ୧୮-୧୧କୁ ବୃଦ୍ଧି କରିଥିଲା।

# ରଣ୍‌ଜୀ ଟ୍ରଫି: ଉତ୍ତରାଖଣ୍ଡଠାରୁ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୧୨।୨**
**(ତପନ ସ୍ୱାଇଁ)**

ଚଳିତ ସିଜନରେ ପ୍ରଦର୍ଶନରେ ସ୍ଥିରତାର ଅଭାବ ଓଡ଼ିଶା ରଣ୍‌ଜୀ ଦଳ ପାଇଁ ମହଙ୍ଗା ପଡ଼ିଛି। କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ସୋମବାର ଶେଷ ହୋଇଥିବା ଗ୍ରୁପ୍ 'ଡି' ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ୧୬୨ ରନରେ ଉତ୍ତରାଖଣ୍ଡଠାରୁ ହାରିଯାଇଛି। ୩୭୭ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସରେ ୨୧୪ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ସିଜନର ତୃତୀୟ ପରାଜୟର ସ୍ୱାଦ ଚାଖିଛି ଘରୋଇ ଦଳ। ଭଦୋଦରାରେ ବରୋଦାଠାରୁ ୧୪୭ ରନରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଇନ୍ଦୋରରେ ଅନୁଷ୍ଠିତ ପରବର୍ତ୍ତୀ ମ୍ୟାଚକୁ ମଧ୍ୟପ୍ରଦେଶ ସହ ଡ୍ର ରଖିଥିଲା। ତେବେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ପାଇଥିଲା। ଡ୍ରିମ୍ସରେ ଅନୁଷ୍ଠିତ ତୃତୀୟ ମ୍ୟାଚରେ ଜମ୍ମୁ-କଶ୍ମୀରଠାରୁ ଦଳ ୨ ଉଇକେଟରେ ପରାଜିତ ହୋଇ ଶକ୍ତ ଝଟ୍‌କା ଖାଇଥିଲା। ମାତ୍ର ସେହି ଗ୍ରାଉଣ୍ଡରେ ଖେଳିଥିବା ୪ର୍ଥ ମ୍ୟାଚରେ ପ୍ରତିପକ୍ଷ ହିମାଚଳ ପ୍ରଦେଶକୁ ୨୩୮ ରନରେ ହରାଇ ସିଜନର ପ୍ରଥମ ବିଜୟ ସ୍ୱାଦ ଚାଖିଥିଲା ଓଡ଼ିଶା। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ପୁଡୁଚେରୀ ବିପକ୍ଷ ୫ମ ମ୍ୟାଚକୁ ଦଳ ଡ୍ର ରଖିଥିଲେ ହେଁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ପାଇଥିଲା। ଓଡ଼ିଶା ଦଳ ୬ ମ୍ୟାଚରୁ ୧ ବିଜୟ, ୩ ପରାଜୟ ଓ ୨ ଡ୍ର ସହ ୧୨ ପଏଣ୍ଟ ପାଇ ୮ ଦଳ ବିଶିଷ୍ଟ ଗ୍ରୁପ୍‌ରେ ୭ମ ସ୍ଥାନରେ ରହିଛି। ଓଡ଼ିଶା ଏହାର ଶେଷ ଲିଗ୍ ମ୍ୟାଚ ଦିଲ୍ଲୀ ବିପକ୍ଷରେ ଚଳିତ ମାସ ୧୬ ତାରିଖରୁ ଅରୁଣ ଜେଟଲି ଷ୍ଟାଡିୟମରେ ଖେଳିବ।

ତୃତୀୟ ଦିବସର ଅସମାପ୍ତ ସ୍କୋର ୧୭/୨ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସରେ ମୋଟ ୨୧୪ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଶୁଭ୍ରାଂଶୁ ସେନାପତି ସର୍ବାଧିକ ୬୧ ଓ ଦେବବ୍ରତ ପ୍ରଧାନ ୩୭ ରନ କରିଥିଲେ। ଅନ୍ୟ କୌଣସି ବ୍ୟାଟର ଉତ୍ତରାଖଣ୍ଡ ବୋଲରଙ୍କୁ ସଫଳ ମୁକାବିଲା କରିପାରି ନ ଥିଲେ। ବିପକ୍ଷ ବୋଲରଙ୍କ ମଧ୍ୟରେ ଦୀପକ ଧପୋଲା ଚମତ୍କାର ବୋଲିଂ କରି ୭୪ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ମୟଙ୍କ ମିଶ୍ର ଓ ସ୍ୱପ୍ନିଲ ସିଂ ୨ଟି ଲେଖାଏ ଏବଂ କୁନାଲ ଚାଣ୍ଡେଲା ଗୋଟିଏ ଉଇକେଟ ନେଇଥିଲେ। ଧପୋଲା ପ୍ରଥମ ଇନିଂସରେ ମଧ ୩ଟି ଉଇକେଟ ନେଇଥିଲେ। ତେଣୁ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।


ଦୀପକ ଧପୋଲାଙ୍କୁ ମ୍ୟାଚ ରେଫରି ଅଜୟ ନନ୍ଦଭର କୁଡୁଆ ପୁରସ୍କୃତ କରୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଉତ୍ତରାଖଣ୍ଡ ପ୍ରଥମ ଇନିଂସ: ୩୪୨। ଓଡ଼ିଶା ପ୍ରଥମ ଇନିଂସ: ୧୬୯। ଉତ୍ତରାଖଣ୍ଡ ଦ୍ୱିତୀୟ ଇନିଂସ: ୨୦୩/୮(ଘୋଷଣା)। ଓଡ଼ିଶା ଦ୍ୱିତୀୟ ଇନିଂସ: ୨୧୪/ଅଲ୍‌ଆଉଟ (ଶୁଭ୍ରାଂଶୁ ସେନାପତି-୬୧, ଦେବବ୍ରତ ପ୍ରଧାନ-୩୭, ଦୀପକ ଧପୋଲା-୩/୭୪, ମୟଙ୍କ ମିଶ୍ର-୨/୨୮, ସ୍ୱପ୍ନିଲ ସିଂ-୨/୨୮, କୁନାଲ ଚାଣ୍ଡେଲା-୧/୮)।

# ଓଡ଼ିଶାର ସିଥିଲ କୁମାର ଉପସଭାପତି

**ଟେନିସ୍ ବଲ୍ କ୍ରିକେଟ୍ ମହାସଂଘ କର୍ମକର୍ତ୍ତା ନିର୍ବାଚନ**

**ଭୁବନେଶ୍ୱର, ୧୨।୨ (ତପନ ସ୍ୱାଇଁ)**

ଉତ୍ତରପ୍ରଦେଶର ଗୋରଖପୁରରେ ଭାରତୀୟ ଟେନିସ୍ ବଲ୍ କ୍ରିକେଟ୍ ମହାସଂଘ (ଟିବିସିଏଫ୍‌ଆଇ)ର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନୂତନ କର୍ମକର୍ତ୍ତାମାନେ ୨୦୨୮ ପର୍ଯ୍ୟନ୍ତ ପଦପଦବୀରେ ରହିବେ। ଅଭିନବ ନାଥ ତିୱାରୀ ମହାସଂଘର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍ ଆସୋସିଏଶନର ମହାସଚିବ ସିଥିଲ କୁମାର ପଣ୍ଡାଙ୍କ ସମେତ ମହମ୍ମଦ ବାବର, ଦେଶରାଜ କର୍ଣ୍ଣୱାଲ, ଗଙ୍ଗାଧରିଆ ଓ ଆର.ଡି. ପ୍ରସାଦ ଉପସଭାପତି ହୋଇଛନ୍ତି। ସେହିପରି ଇମ୍ରାନ୍ ଅହମଦ୍ ଲାରି ସାଧାରଣ ସମ୍ପାଦକ ହୋଇଥିବା ବେଳେ ଚନ୍ଦ୍ରକାନ୍ତ ଝା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ମହାସଂଘରେ ୫ ଜଣ ଯୁଗ୍ମ ସମ୍ପାଦକ ଅଛନ୍ତି। ସେମାନେ ହେଲେ ପି. ଗନଭେଲ, ଲୋକେଶ ଶର୍ମା, ସନ୍ଧ୍ୟା ପାଳିକର, କମଲେଶ୍ୱର କଳିତା ଓ ଏନ୍.ରତିନା ପ୍ରଧାନ। ସଫିକ୍ ପି., ଲାଲସିନସାଙ୍ଗା ରଲ୍‌ତେ, ଅମିତା ଜି. ଥାପା, ଆର୍.ମୁନିରତ୍ନମ୍ ଓ ସୋଏବ୍ ଖାନ୍ ସଦସ୍ୟ ଅଛନ୍ତି। ଯଶବୀର ସିଂ ଓ ଜେ. ଅଖତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିର୍ବାଚନରେ ସମସ୍ତ ରାଜ୍ୟ ଓ ଅଂଶଗ୍ରହଣ କରୁଥିବା ସଂଘଙ୍କ ପ୍ରତିନିଧି ଉପସ୍ଥିତ ଥିଲେ। ଆଲୋକ ଦ୍ୱିବେଦୀ ରିଟର୍ନିଂ ଅଫିସର ଦାୟିତ୍ୱ ନିର୍ବାହ କରିଥିଲେ। 'ଟିବିସିଏଫ୍‌ଆଇ'ର ଉପସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ସିଥିଲଙ୍କୁ ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍ ସଂଘର କର୍ମକର୍ତ୍ତା ଓ ରାଜ୍ୟର ବହୁ ସଂଗଠନ ଶୁଭେଚ୍ଛା ଜଣାଇଛନ୍ତି।



ନିର୍ବାଚିତ ହେବାପରେ ସିଥିଲ କୁମାର ପଣ୍ଡାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

# ପରୀକ୍ଷା ଥିଲେ...

**ପିଲା ଯଦି ପରୀକ୍ଷା ପାଇଁ ଚାପରେ ରହୁଥାଏ ତେବେ ଅଭିଭାବକମାନେ ସେମାନଙ୍କୁ କିଭଳି ପସ୍ତ କରିବେ ଜାଣିରଖନ୍ତୁ।**



- ପିଲାଙ୍କ ପରୀକ୍ଷା ଚିନ୍ତାକୁ କମ୍ କରିବା ପାଇଁ ହେଲେ ସେମାନଙ୍କ ଲାଇଫଷ୍ଟାଇଲ୍ ଯେପରି ପ୍ରଭାବିତ ନ ହେବ ସେଥିପ୍ରତି ଦୃଷ୍ଟିଦିଅନ୍ତୁ। ଅର୍ଥାତ୍ ସେମାନଙ୍କ ଖିଆପିଆ ଓ ଶୋଇବା ଆଦି ବିଭିନ୍ନ ଦିଗ ପ୍ରତି ଅଭିଭାବକମାନେ ଯତ୍ନଶୀଳ ହେବା ଦରକାର। ପରୀକ୍ଷା ସମୟରେ ପିଲାଙ୍କୁ ଘର ଖାଦ୍ୟ ଦିଅନ୍ତୁ। ସେମାନଙ୍କ ଶରୀର ସୁସ୍ଥ ରହିବା ଫଳରେ ମନ ଉପରେ ପ୍ରଭାବ ପଡ଼େ।
- ପାଠପଢ଼ା ସହ ପିଲାଙ୍କୁ କିଛି ସମୟ ମେଡିଟେଶନ କରିବାକୁ କୁହନ୍ତୁ। ଅଳ୍ପ କିଛି ସମୟ ହେଲେ ବି ଏହାଦ୍ୱାରା ମନ ସ୍ଥିର ରହିଥାଏ। ତେଣୁ ପିଲା ଯାହା ପଢ଼ିଥିବେ ସେସବୁ ମନେ ରହିବ।
- ପରୀକ୍ଷା ସମୟରେ ପିଲାମାନେ ଭଲ ନିଦରେ ହିଁ ଶୋଇବା ଦରକାର। ନଚେତ୍ ବହୁ ସମସ୍ୟା ଦେଖା ଦେଇପାରେ। ଦୀର୍ଘଦିନ ଧରି କମ୍ ନିଦରେ ଶୋଇଲେ ପିଲାଙ୍କର ଏକାଗ୍ରତାରେ ସମସ୍ୟା ଦେଖାଦେବା ସହ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ହୋଇପାରେ। ତେଣୁ ପିଲାଙ୍କୁ ଟାଇମ୍ ମ୍ୟାନେଜମେଣ୍ଟ ବିଷୟରେ ଶିକ୍ଷାଦେବା ଦରକାର। ଫଳରେ ସେମାନେ ପାଠ ପଢ଼ିବା ସହ ଅନ୍ୟ ସବୁ ଦିଗକୁ ମଧ୍ୟ ଦୃଷ୍ଟି ଦେଇପାରିବେ।
- ସବୁଠୁ ବଡ଼ କଥା ହେଉଛି ପିଲାଙ୍କୁ ପରୀକ୍ଷାରେ ଭଲ ନମ୍ବର ରଖିବା ନିମନ୍ତେ ଅଭିଭାବକମାନେ ଆଦୌ ଚାପ ପକାନ୍ତୁ ନାହିଁ। ଏହା ବ୍ୟତୀତ ଅନ୍ୟ ପିଲାଙ୍କ ସହ ତୁଳନା କରି ପରୋକ୍ଷରେ ଚାପ ସୃଷ୍ଟି କରନ୍ତୁ ନାହିଁ।

# ରିଚାର୍ଜ.. ରିଷ୍ଟାର୍ଟ..



**ଏକ ମଧୁର ପ୍ରେମର ଡୋରିରେ ବନ୍ଧା ପତିପତ୍ନୀଙ୍କ ସମ୍ପର୍କ ହେଲେ ବେଳେବେଳେ କେଉଁ ମୁହୂର୍ତ୍ତରେ ହୁଏତ ଦୁର୍ବଳ ହେବାକୁ ଲାଗେ ଏହି ସମ୍ପର୍କ। କିନ୍ତୁ ଛିଡ଼ିଯିବା ପୂର୍ବରୁ ସମ୍ପର୍କର ଡୋରିକୁ ପୁଣି ଥରେ ଯୋଡ଼ିବାକୁ ହେଲେ ସମ୍ପର୍କକୁ କରିନେବାକୁ ହେବ ରିଚାର୍ଜ। ଆଉ ଏହି ମନ୍ତ୍ର ହିଁ ଦାମ୍ପତ୍ୟର ମଧୁରତାକୁ କରିବ ରିଷ୍ଟାର୍ଟ....**

ଅନେକଦିନର ସମ୍ପର୍କରେ ବେଳେବେଳେ ରାଗ ରୁଷା ମାନ ଅଭିମାନ ଏଭଳିଭାବେ ଘର କରି ନେଇଥାଏ ଯେ ଧୀରେ ଧୀରେ ତାହା ଏକ ଦୂରତା ସୃଷ୍ଟିକରି ଦେଇଥାଏ। ଏହି ଦୂରତାକୁ ନିବିଡ଼ତାରେ ପରିଣତ କରିବାକୁ ହେଲେ ପୁଣି ଥରେ ସମ୍ପର୍କକୁ ରିଚାର୍ଜ କରିବାକୁ ହେବ। ଆଉ ଏଇ ରିଚାର୍ଜ କରିବାର ଫର୍ମୁଲା ଜାଣିନେଲେ ପୁଣି ଥରେ ଜୀବନରେ ଭରିଯିବ ମଧୁରତା। ଦାମ୍ପତ୍ୟରେ ମନୋମାଳିନ୍ୟ କିମ୍ବା କଳିଝଗଡ଼ା କିଛି ନୂଆ କଥା ନୁହେଁ। ସମସ୍ତଙ୍କ ଜୀବନରେ ଏମିତି ଅନୁଭବ ତ ନିଶ୍ଚୟ ରହିଥିବ। କିନ୍ତୁ ଏହାର ଅର୍ଥ ନୁହେଁ ଯେ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ। ବରଂ ଏହା ବି ପୁଣି ଥରେ ସମ୍ପର୍କକୁ ନିବିଡ଼ କରିବା ପାଇଁ ରିଚାର୍ଜ ଭଳି କାମ କରିବ। ଜୀବନରେ ଏମିତି ଅନେକ କିଛି ପଦକ୍ଷେପ ଅଛି ଯାହା ସମ୍ପର୍କକୁ ରିଚାର୍ଜ କରିବାରେ ଢେର୍ ସହାୟକ ହୋଇଥାଏ।

**ପୁରୁଣା ଦିନକୁ ମନେପକାନ୍ତୁ:** ସମ୍ପର୍କ ଗଢ଼ାହେବାର ପ୍ରଥମ ଦିନଗୁଡ଼ିକୁ ମନେପକାଇବା ହିଁ ଏକ ରିଚାର୍ଜ କରିବା ଭଳି। ସେ ଦିନସବୁର ରୋମାଞ୍ଚ ଆଉ ମଧୁର ସ୍ମୃତି କେତେ ମଧୁର ତାହା ନିଶ୍ଚିତଭାବେ କେହି ବି ଭୁଲି ନ ଥିବେ। ତେଣୁ ପୁରୁଣା ଦିନର ମୁହୂର୍ତ୍ତ ଓ ସେତେବେଳର କିଛି କଥା ସବୁକୁ ନେଇ ସାଥୀଙ୍କ ସହ ଆଲୋଚନା କରନ୍ତୁ। ପରସ୍ପର ଏସବୁକୁ ମନେପକାଇବା ଫଳରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ମଧୁର ହୋଇପାରିବ।

**ମନ ବୁଝି କାମ:** ମନ ବୁଝି କେହି କିଛି କାମ କଲେ ତାହା ତ ସମସ୍ତଙ୍କୁ ଭଲ ଲାଗେ। ତେଣୁ ସାଥୀଙ୍କୁ ମଧ୍ୟ ଏମିତି କିଛି କାମ ନିଶ୍ଚୟ ଭଲ ଲାଗିବ। ସେ ଚାହିଁବା ଅନୁସାରେ ନିଜକୁ କିଛିଟା ସକାରାତ୍ମକ ପରିବର୍ତ୍ତନ କରିବା କିମ୍ବା ତାଙ୍କ ମନ ଅନୁସାରେ କିଛି କାମ କରିବା ପାଇଁ ପ୍ରତ୍ୟେକେ ଚେଷ୍ଟା କରିବା ଦରକାର। ଅବଶ୍ୟ ଭଲ ବୁଝାମଣା ଥିଲେ ଏମିତି ଅନେକ କିଛି କରିବା ପାଇଁ ପ୍ରେରଣା ଆସିବ, ଯାହା ଉଭୟଙ୍କୁ ଅଧିକ ନିବିଡ଼ କରିପାରିବ।

**ଏକାଠି କିଛି ସମୟ:** ବର୍ତ୍ତମାନର ବ୍ୟସ୍ତ ଲାଇଫଷ୍ଟାଇଲ୍ ଭିତରେ ସମୟ ବାହାରକରିବା ସମସ୍ତଙ୍କ ପାଇଁ ଅତ୍ୟନ୍ତ କଷ୍ଟକର। କିନ୍ତୁ ପତିପତ୍ନୀ ପରସ୍ପର ମଧ୍ୟରେ ଟାଇମ୍ ମ୍ୟାନେଜମେଣ୍ଟ କରିବା ଦରକାର। ଅର୍ଥାତ୍ ସମୟ ବାହାର ନ କରି କିଛି କାମ ପରସ୍ପର ଏକାଠି କରିଲେ ବହୁ ସମସ୍ୟା ସମାଧାନ ହୋଇଥାଏ। କୌଣସି କାମ ଅଟକି ନ ଥାଏ, କିନ୍ତୁ ପରସ୍ପର ସହ ସମୟ ବିତେଇବାର ବି ସୁଯୋଗ ମିଳିଯାଏ। ଏଥିପାଇଁ ନିଜେ ହିଁ ବିଭିନ୍ନ ଉପାୟ ଖୋଜି ବାହାର କରିପାରିବେ।

**ପରିବାର ଲୋକଙ୍କୁ ଗୁରୁତ୍ୱ :** ସାଂସାରିକ ଜୀବନରେ ପରିବାରର ଗୁରୁତ୍ୱ ବହୁତ। ତେଣୁ ପରିବାରର ସମସ୍ତଙ୍କ ପାଇଁ ନିଜ କର୍ତ୍ତବ୍ୟ କରିବାକୁ ଭୁଲନ୍ତୁ ନାହିଁ। ପରିବାର ଲୋକଙ୍କ ପାଇଁ ଭଲପାଇବା ଦେଖିଲେ ସାଥୀ ଜଣକ ଆପେ ଆପେ ହୃଦୟରୁ ଆପଣଙ୍କୁ ଗ୍ରହଣ କରିପାରିବେ। ଆଉ ଭଲପାଇବା ବି ବହୁ ଅଧିକ ହୋଇପାରିବ। ବେଳେବେଳେ ପରିବାର ଲୋକଙ୍କ ବିଷୟରେ ସାଥୀଙ୍କ ସହ କଥା ହୁଅନ୍ତୁ। ସେମାନଙ୍କ ପାଇଁ କିଛି ନୂଆ ଚିନ୍ତା କରି ସାଥୀଙ୍କ ପରାମର୍ଶ ନିଅନ୍ତୁ।

**ଥ୍ରି ସି ଫର୍ମୁଲା:** ଦାମ୍ପତ୍ୟର ପ୍ରେମକୁ ରିଚାର୍ଜ କରିବାକୁ ହେଲେ ତିନୋଟି କଥା ବା ଥ୍ରି ସି ଫର୍ମୁଲାକୁ ନିଶ୍ଚୟ ଗୁରୁତ୍ୱ ଦେବାକୁ ହେବ। ଏହା ହେଉଛି କମିଟ୍‌ମେଣ୍ଟ, କମ୍ପ୍ରୋମାଇଜ୍, କମ୍ୟୁନିକେଶନ। ଅର୍ଥାତ୍ ସାଥୀଙ୍କ ପ୍ରତି ସବୁବେଳେ ବିଶ୍ୱସ୍ତ ରହିବା ସହ କେତେକ କ୍ଷେତ୍ରରେ ନିଜକୁ ଆଡଜଷ୍ଟ କରି ଆଗେଇ ନେବା ଏବଂ ସବୁ ପରିସ୍ଥିତିରେ ଯୋଗାଯୋଗ ରଖିବାକୁ ହେବ। ବାସ୍ତବିକ ଜୀବନରେ ଏସବୁ ସୂତ୍ରକୁ କାର୍ଯ୍ୟରେ ଲଗାଇପାରିଲେ ଦାମ୍ପତ୍ୟର ମଧୁରତା ପ୍ରତ୍ୟେକଙ୍କ ଜୀବନରେ ଖୁସି ଭରିଦେବ।

**ସରପ୍ରାଇଜ୍ ଗିଫ୍ଟ:** ପରସ୍ପରର ଆବଶ୍ୟକତା ପୂରଣ ପାଇଁ ତ ପତିପତ୍ନୀ ସବୁବେଳେ ଚେଷ୍ଟା କରନ୍ତି, ମାତ୍ର କେବେକେବେ କୌଣସି ଜିନିଷ ଉପହାର ଦେବାକୁ ଚେଷ୍ଟା କରନ୍ତୁ। ହୁଏତ ଉପହାର ତାଙ୍କର ଏକ ଆବଶ୍ୟକତା ହୋଇପାରେ। ମାତ୍ର ତାହାକୁ ହଠାତ୍ ଉପହାର ଭଳି ଦେଲେ ସାଥୀଙ୍କୁ ବେଶ୍ ଖୁସି ଲାଗିବ। ଏହା ମଧ୍ୟ ଟିକେ ସ୍ୱତନ୍ତ୍ର ଅନୁଭବ ଆଣିପାରିବ ଆଉ ପରସ୍ପର ମଧ୍ୟରେ ଭଲପାଇବା ବଢ଼ିବ। ତେଣୁ କୌଣସି ଉତ୍ସବ ଥାଉ କି ନ ଥାଉ ସାଥୀଙ୍କୁ କିଛି ସରପ୍ରାଇଜ୍ ଗିଫ୍ଟ ଦେଇ ମନର ଭାବନାକୁ ତାଜା କରନ୍ତୁ।

**ଛୋଟ ନୁହେଁ :** ବେଳେବେଳେ ଜୀବନର ଅନେକ କିଛି ଛୋଟ ଛୋଟ କଥା ବି ବହୁ ଗୁରୁତ୍ୱ ରଖେ। ସମ୍ପର୍କକୁ ନିବିଡ଼ କରିବା ପାଇଁ ଏସବୁ ଦିଗକୁ ଦୃଷ୍ଟି ଦେବାକୁ ହେବ। କାହିଁକିନା ଛୋଟ କଥା ବା କାମଟିଏ ହୃଦୟର ଭାବନାକୁ ଆନ୍ଦୋଳିତ କରିଥାଏ। କେବେ କେବେ ସାଥୀଙ୍କ ପାଇଁ କିଛି ଭଲ ଖାଦ୍ୟ ରୋଷେଇ କରିଦେଲେ ତାଙ୍କୁ ବହୁତ ଭଲ ଲାଗିବ। ରୋଷେଇ ହୋଇଥିବା ଖାଦ୍ୟ ହୁଏତ ତାଙ୍କ ପାଇଁ ନୂଆ ହୋଇ ନ ଥାଇପାରେ। ମାତ୍ର ତାହା ତାଙ୍କୁ ଅଧିକ ଖୁସି ଦେଇପାରିବ। ଏଥିରେ ଆପଣଙ୍କ ସମର୍ପଣ ଭାବକୁ ମଧ୍ୟ ସେ ବୁଝିପାରିବେ। ଠିକ୍ ଏଇଭଳି କେବେକେବେ ଭଲ ପୋଷାକ ପିନ୍ଧିବା, ବିଭିନ୍ନ ଶୃଙ୍ଗାରରେ ନିଜକୁ ସଜେଇବା, ଭଲ ମନରେ କେବେ ପରିହାସପୂର୍ଣ୍ଣ ମଜା କଥା କହିବା, କେଉଁ ସ୍ଥାନକୁ ବୁଲେଇବାକୁ ନେବା, କବିତା ପଢ଼ିବା, ଗୀତ ଗାଇବା ଏମିତି କିଛି କାମ ବି ଦାମ୍ପତ୍ୟ ଜୀବନକୁ ପ୍ରେମଭରା କରିବା ପାଇଁ ରିଚାର୍ଜ ଭଳି କାମ ଦେଇଥାଏ। ଜୀବନରେ ଏମିତି କେଉଁ ସବୁ କଥାର ଅଧିକ ଭଲ ପ୍ରଭାବ ପଡ଼ିବ ସେକଥା ପ୍ରାୟ ସମସ୍ତେ ନିଶ୍ଚୟ ଅନୁଭବ କରିପାରିଥିବେ। ସେହି ଅନୁସାରେ ଟିକିଏ ପ୍ରୟାସ କଲେ ଦାମ୍ପତ୍ୟ ପ୍ରେମ ବେଶ୍ ତାଜା ହୋଇ ଉଠିବ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# କାର୍ ଦୁର୍ଘଟଣାରେ ମାରାଥନ ଧାବକଙ୍କ ମୃତ୍ୟୁ



କେଲଭିନ୍ କିପ୍‌ଟମ୍

**ନାଇରୋବି, ୧୨।୨ (ଏପି)**

ମାରାଥନ ବିଶ୍ୱ ରେକର୍ଡ ହାସଲକାରୀ କେଲଭିନ୍ କିପ୍‌ଟମ୍‌ଙ୍କର ଏକ କାର୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଚଳିତବର୍ଷ ହେବାକୁଥିବା ପ୍ୟାରିସ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ପାଇଁ ସେ ମୁଖ୍ୟ ଦାବିଦାର ଥିଲେ। ଅନେକେ ତାଙ୍କୁ ଭବିଷ୍ୟତର ଜଣେ ଲଙ୍ଗ ଡିଷ୍ଟାନ୍ସ ରନିଂ ସୁପରଷ୍ଟାର ବୋଲି କହିଥାନ୍ତି। ରବିବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। କିପଟମ୍ ନିଜେ ଗାଡ଼ି ଚଳାଉଥିଲେ। ଗାଡ଼ିଟି ସଡ଼କରୁ ଏକ ଗର୍ତ୍ତକୁ ଖସିପଡ଼ିବା ସହ ଏକ ଗଛରେ ଯାଇ ପିଟି ହୋଇଥିଲା ବୋଲି ପୋଲିସ କହିଛି। ୨୪ ବର୍ଷୀୟ କିପ୍‌ଟମ୍ ଏକ ଏଲିଟ ମାରାଥନରେ ତୃତୀୟ ପଦାର୍ପଣରେ ବିଶ୍ୱରେକର୍ଡ ଭାଙ୍ଗି ଦେଇଥିଲେ। ଗତ ବର୍ଷ ସିକାଗୋ ମାରାଥନରେ ସେ ଏହି କୀର୍ତ୍ତିମାନ ଅର୍ଜନ କରିଥିଲେ। କେନିଆରେ ଧାବକମାନଙ୍କୁ ସୁପରଷ୍ଟାର ବିବେଚନା କରାଯାଇଥାଏ। ତେଣୁ କିପ୍‌ଟମଙ୍କ ମୃତ୍ୟୁରେ ଦେଶରେ ଶୋକର ଛାୟା ଖେଳିଯାଇଛି। କେନିଆ ରାଷ୍ଟ୍ରପତି ୱିଲିୟମ ରୁଟୋ ଶୋକ ପ୍ରକାଶ କରିଛନ୍ତି। କିପ୍‌ଟମ ଆମର ଭବିଷ୍ୟତ ଥିଲେ ବୋଲି ସେ କହିଛନ୍ତି। କେନିଆ ପଶ୍ଚିମାଞ୍ଚଳ ସହର କାପ୍‌ସାବେଟ୍ ସହର ଉପକଣ୍ଠରେ ଏହି ଦୁର୍ଘଟଣା ଘଟିଥିଲା। ସମୁଦ୍ରପତ୍ତନଠାରୁ ବହୁ ଉଚ୍ଚରେ ଅବସ୍ଥିତ ଏହି ଅଞ୍ଚଳରେ କେନିଆ ଓ ସମଗ୍ର ବିଶ୍ୱର ଶ୍ରେଷ୍ଠ ମାରାଥନ ଧାବକମାନଙ୍କର ଅନ୍ୟତମ ଶ୍ରେଷ୍ଠ ତାଲିମ କେନ୍ଦ୍ର। କିପ୍‌ଟମ ଏହି ଅଞ୍ଚଳରେ ଜନ୍ମଗ୍ରହଣ କରିବାସହ ବାଲ୍ୟକାଳ ବିତାଇଛନ୍ତି। ଏହି ଦୁର୍ଘଟଣାରେ ତାଙ୍କ ବ୍ୟତୀତ ର୍ୱାଣ୍ଡାନ କୋଚ୍ ଜର୍ଭେସ ହାକିଜିମାନାଙ୍କ ମଧ୍ୟ ମୃତ୍ୟୁ ଘଟିଛି। ଦୁର୍ଘଟଣାଗ୍ରସ୍ତ କାର୍‌ରେ ରହିଥିବା ଅନ୍ୟ ଜଣେ ୨୪ ବର୍ଷୀୟା ମହିଳା ଗୁରୁତର ଭାବେ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। କିପଟମ୍ ପ୍ରଥମ ବ୍ୟକ୍ତି ଭାବେ ୨ଘଣ୍ଟା ୧ ମିନିଟ୍‌ରୁ କମ୍ ସମୟରେ ମାରାଥନ ରେସ୍ ଶେଷ କରିଛନ୍ତି। ଅକ୍ଟୋବରରେ ଚିକାଗୋରେ ୨:୦୦.୩୫ ଟାଇମିଂରେ ସେ ନିଜ ଦେଶ କେନିଆର ମହାନ ମାରାଥନ ଧାବକ ଏଲିଉଡ୍ କିପ୍‌ଚୋଗେଙ୍କ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ପ୍ୟାରିସ ମାରାଥନ ସ୍ୱର୍ଣ୍ଣ ପାଇଁ ମୁଖ୍ୟତଃ କିପ୍‌ଟମ ଓ କିପଚୋଗେଙ୍କ ମଧ୍ୟରେ ଲଢେଇ ହେବ ବୋଲି ଆଶା କରାଯାଉଥିଲା।


ଲୋକେଶ ରାହୁଲ

# ତୃତୀୟ ଟେଷ୍ଟରୁ ଓହରିଲେ ରାହୁଲ

**ରାଜକୋଟ,୧୨।୨(ପି.ଟି.)**

ଭାରତୀୟ ଦଳର ସିନିୟର ଖେଳାଳି ଲୋକେଶ ରାହୁଲ ତୃତୀୟ ଟେଷ୍ଟରୁ ଓହରି ଯାଇଛନ୍ତି। ବିଶାଖାପାଟଣାରେ ଆହତ ହୋଇଥିବା ରାହୁଲ ଫିଟ୍ ହେବାରେ ଅସମର୍ଥ ହେବାରୁ ସୋମବାର ଦେବଦତ୍ତ ପଡିକଲଙ୍କୁ ତାଙ୍କର ବଦଳ ଖେଳାଳି ଘୋଷଣା କରାଯାଇଛି। ରଣଜୀ ଟ୍ରଫିରେ ଚମତ୍କାର ପ୍ରଦର୍ଶନ ଆଧାରରେ ପଡିକଲଙ୍କୁ ଦଳରେ ସାମିଲ କରାଯାଇଛି। ତୃତୀୟ ଟେଷ୍ଟ ପାଇଁ ଉଭୟ ରବୀନ୍ଦ୍ର ଜାଡେଜା ଓ ଲୋକେଶ ରାହୁଲଙ୍କୁ ଦଳରେ ସାମିଲ କରାଯାଇଥିଲା। ତେବେ ଉଭୟ ଖେଳାଳିଙ୍କ ପାଇଁ ସବଜେକ୍ଟ ଟୁ ଫିଟନେସ ଟାର୍ଗେଟ ରହିଥିଲା। ଜାଡେଜା ଫିଟ୍ ହୋଇ ଦଳ ସହ ଯୋଗଦେଇଥିବା ବେଳେ ରାହୁଲ ଏଯାଏ ଫେରି ନାହାନ୍ତି। ଅନ୍ୟପକ୍ଷରେ ଚଳିତ ରଣଜୀ ସିଜନରେ ଚମତ୍କାର ଫର୍ମରେ ରହିଛନ୍ତି ଦେବଦତ୍ତ ପଡିକଲ। ୨୩ ବର୍ଷୀୟ ପଡିକଲ ରଣଜୀ ଟ୍ରଫିରେ ୧୫୧ ରନ୍ ସ୍କୋର କରିଥିଲେ। ଚୟନ କମିଟି ଅଧ୍ୟକ୍ଷ ଅଜିତ୍ ଅଗରକର ଏହି ମ୍ୟାଚ୍‌ରେ ଉପସ୍ଥିତ ଥିଲେ। ଏହା ବ୍ୟତୀତ ପଞ୍ଜାବ ବିପକ୍ଷରେ ୧୯୩ ଓ ଗୋଆ ବିପକ୍ଷରେ ୧୦୩ ରନ୍‌ର ଇନିଂସ ଖେଳିଥିଲେ। କେବଳ ରଣଜୀ ଟ୍ରଫି ନୁହେଁ ଇଂଲଣ୍ଡ ଲାୟନ୍ସ ବିପକ୍ଷ ମ୍ୟାଚ୍‌ରେ ୧୦୫, ୬୫ ଓ ୨୧ରନ୍ ସ୍କୋର କରିଥିଲେ। ତେବେ ରାହୁଲ ତୃତୀୟ ମ୍ୟାଚ୍‌ରୁ ବାଦ ପଡିଥିବା ବେଳେ ବିସିସିଆଇର ମେଡିକାଲ ଟିମ୍ କିପରି ତାଙ୍କୁ କ୍ଲିୟରାନ୍ସ ଦେଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।





